ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅକ୍ଟୋବର ୨୦୨୧ ସଂସ୍କରଣ



କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦଶହରା ପର୍ବ ଏବଂ ଲକ୍ଷ୍ମୀ ପୂଜା ଉପଲକ୍ଷେ ସମସ୍ତଙ୍କ ସୁସ୍ୱାସ୍ଥ୍ୟର କାମନା ସହ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୩ | ଅଶୋକ ବିଶ୍ୱାଳ | ୧୯ |
| କୁସୁମ | ବିଜୟ କୁମାର ପଣ୍ଡା | ୨୯ |
| ଖାସି ମାଂସ | ପ୍ରଶାନ୍ତ କୁମାର ବେହେରା | ୩୨ |
| କାକଜୋସ୍ନା | ଦୀପକ ଷଡ଼ଙ୍ଗୀ | ୪୨ |
| କ୍ଲାନ୍ତ ଅପରାହ୍ନ | ପ୍ରଶାନ୍ତ କୁମାର ନାଥ | ୪୮ |
| ଖାଲି ପେଟ ଓ ଖାଲି ବେଞ୍ଚ | ଜୀବନ ପ୍ରଦୀପ ପ୍ରଧାନ | ୫୨ |
| କହ୍ନେଇ | ସୁନନ୍ଦା ମହାନ୍ତି | ୫୮ |
| ଲୋଭ | କଲ୍ୟାଣୀ ଦାଶ | ୬୦ |
| ପରିସ୍ଥିତିର ଚାପ | ଇନ୍ଦିରା ଚରଣ | ୬୨ |
| ଅପେକ୍ଷାର ଫଳ ମିଠା | ଛବିରାଣୀ ପତି | ୬୫ |
| ସମୟର ଚକ ଯାଏ ଘୁରି ଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୦ |
| **କବିତା ବିଭାଗ** | | **୮୦** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୮୧ |
| ସାଗର ତୀରେ | ଶିବ ନାରାୟଣ ଦାଶ | ୮୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜଗଜ୍ଜନ ଦୁଃଖହାରୀ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୮୭ |
| ପ୍ରଥମ ଅକ୍ଷର | ଦୁଷ୍ମନ୍ତ ବେହେରା | ୮୮ |
| ବୋଉ | ଅମରେଶ ମହାପାତ୍ର | ୯୦ |
| ଗାଁର ସ୍ମୃତି | ସତ୍ୟବ୍ରତ ବାରିକ | ୯୧ |
| ତୁମପାଇଁ କାମ | ଦୀନବଂଧୁ ବେଜ | ୯୩ |
| ଅନ୍ତହୀନ ନାୟକ | ଅଶୋକ କୁମାର ପଧାନ | ୯୪ |
| ମୁନା ଡାକୁଛି ବେଙ୍ଗୁଲି କୁ | ଅମରନାଥ ବାରିକ | ୯୭ |
| କନ୍ୟାରତ୍ନ | ସରୋଜିନୀ ମିଶ୍ର | ୯୯ |
| ବିଦାୟ | ବୀରକିଶୋର ନାୟକ | ୧୦୨ |
| ହେ ପ୍ରିୟ ବାପୁଜୀ | ନୀଳମଣି ଚାନ୍ଦ | ୧୦୩ |
| ନୀଳ ପ୍ରେମିକ - ୨ | ସୁଧିରାଜ ରାଉତ | ୧୦୫ |
| ଜୟ ମାଁ ଭବାନୀ | କୁମରଲାଲ ରଣା | ୧୦୭ |
| ବିଦ୍ୟାଳୟ ଆଜି ନିଃସ୍ୱ | ଗୀତାଞ୍ଜଳି ସ୍ୱାଇଁ | ୧୦୯ |
| କାଶତଣ୍ଡୀ | ରାମଚନ୍ଦ୍ର ପ୍ରଧାନ | ୧୧୧ |
| ଅସହନଶୀଳ | ଅଲେଖ ମେହେର | ୧୧୨ |
| ଓଁ ଶ୍ରୀ ହନୁମତେ ନମଃ | ପ୍ରକାଶ ଚନ୍ଦ୍ର ପ୍ରଧାନ | ୧୧୪ |
| ଗୋଟେ ଅସଜଡ଼ା ସନ୍ଧ୍ୟାର ସ୍କେଚ୍ | ସୁବ୍ରତ କୁମାର ଜେନା | ୧୧୫ |
| ବିଧାତା | ନିରଞ୍ଜନ ସାହୁ | ୧୧୮ |
| ଶାରଦୀୟ ଶୁଭ ଆଗମନେ | ମନୋରଞ୍ଜନ ସୁରୁଜାଳ | ୧୧୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜଗତେ ରହିବ ଯଶ | ପ୍ରହ୍ଲାଦ ଦଣ୍ଡସେନା | ୧୨୦ |
| କୋଣାର୍କ | ରବି ନାରାୟଣ ସାହୁ | ୧୨୧ |
| ଅବ୍ୟକ୍ତ କୋହ | ସୁରେଶ ଚନ୍ଦ୍ର ପାଢ଼ୀ | ୧୨୪ |
| ପକ୍ଷୀ | ମଞ୍ଜୁଲତା ସିଂହ | ୧୨୬ |
| ଆଉ କିଛି ବାଟ ମାତ୍ର | ପଙ୍କଜ କୁମାର ମଙ୍ଗଳ | ୧୨୯ |
| ସେବକକୁ ଅବିଚାର | ମହେଶ୍ୱର ସାହୁ | ୧୩୨ |
| ମହାଳୟାର ମହତ୍ତ୍ୱ | ବାସନ୍ତୀ ଲତା ଜେନା | ୧୩୩ |
| ଜୀବନ | ନିତ୍ୟରଞ୍ଜନ ନନ୍ଦ | ୧୩୫ |
| ଫେକ୍ ଆଇଡ଼ି | ଶିଶିର କୁମାର ପଣ୍ଡା | ୧୩୭ |
| ମନର ଭ୍ରମ | ସରୋଜ କୁମାର ସାହୁ | ୧୩୮ |
| ଭୁଲ କରିଥିଲି | ରୁଦ୍ର ନାରାୟଣ ଦାଶ | ୧୩୯ |
| ହେ ଶୁଣୁଛ ! | ଲିଟନ କୁମାର ବେହେରା | ୧୪୦ |
| ପ୍ରୀତି ପସରା | ବୀଣା ସାହୁ | ୧୪୧ |
| ମୁଁ, ମତଟିଏ | ନାରାୟଣ ଚନ୍ଦ୍ର ସେନାପତି | ୧୪୩ |
| ତୁମ ଅବଦାନ | ଆଦରମଣି ପ୍ରଧାନ | ୧୪୫ |
| ବର୍ଷା | ଡଃ ମାଙ୍ଗଳିକା ମହାପାତ୍ର | ୧୪୬ |
| ଶରତରେ ମାଁ ଶାରଦା | ଦିନେଶ ମେହେର | ୧୪୭ |
| ପ୍ରେମ ଏକ ଅଲଗା ପ୍ରକାର | ରଶ୍ମୀବାଳା ଶତପଥୀ | ୧୪୯ |
| ପ୍ରଥମ ପାହାଚ | ଝରଣା ବାରିକ | ୧୫୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପଛକୁ ଦେଖିବା ମନା | ବିନୟ ମହାପାତ୍ର | ୧୫୩ |
| ବୋଉ କଥା ଆଜି ଭାବୁଛି ମୁହିଁ | ଜୟନ୍ତ କୁମାର ମଲ୍ଲିକ | ୧୫୫ |
| ହଜିଗଲା | ନିରଞ୍ଜନ ପାଣ୍ଡେ | ୧୫୬ |
| ଝରକା | ସନାତନ ମହାକୁଡ଼ | ୧୫୭ |
| ତୁମ ପାଇଁ | ବର୍ଷାରାଣୀ ଦାଶ | ୧୫୮ |
| ଭୁଲିନାହିଁ କେବେ ନ ଭୁଲିବି କେବେ | ପ୍ରତିମା ମେହେର | ୧୫୯ |
| ବର୍ଷା ସହ ପଦେ କଥା | ଡଃ ହିତେଶ ମହାପାତ୍ର | ୧୬୦ |
| ଯେବେ ଗୋବିନ୍ଦ କରେ ଭାବ | ଗୁପ୍ତେଶ୍ୱର ଚାନ୍ଦ | ୧୬୨ |
| ମାଟିଘର | ବାଲାଜୀ ସେଠୀ | ୧୬୩ |
| ପାର୍ବଣ କବିତା | ପୁଷ୍ପାଞ୍ଜଳୀ ପଣ୍ଡା | ୧୬୫ |
| ପାର୍ବଣ ଋତୁ ଆଶ୍ୱିନ | ଗୌରୀ ପଣ୍ଡା | ୧୬୬ |
| ଲୁଣିଆର ଗୁଳିକାଣ୍ଡ | ଯତିନ୍ଦ୍ର ସ୍ୱାଇଁ | ୧୬୭ |
| ରକ୍ଷା ବନ୍ଧନ | ସରୋଜ କୁମାର ଜେନା | ୧୬୯ |
| ସଞ୍ଜୟ | ସ୍ମୃତିରଞ୍ଜନ ବାରିକ | ୧୭୦ |
| ଚନ୍ଦ୍ରବଦନୀ | ରିଭୂ ଆଭୁଷଣ ପଣ୍ଡା | ୧୭୨ |
| ନା କହିବା ଉତ୍ତାରୁ | ରଞ୍ଜିତ ସାହୁ | ୧୭୩ |
| ନୀରବତା | ଡା ନୀଳମାଧବ କର | ୧୭୪ |
| ଫୁଲ ଫୁଟିବାର ଋତୁ | ମଞ୍ଜୁରାଣୀ ମିଶ୍ର | ୧୭୫ |
| ଭାଲେଣ୍ଟାଇନ୍ ଡେ... | ଶୁଭମ କୁମାର ସାହୁ | ୧୭୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆସ ମା' ମହାଶକ୍ତି... | ଅନସୂୟା ପଣ୍ଡା | ୧୭୯ |
| ଆସିବକି ଗାନ୍ଧୀ ଥରେ | ସୁସ୍ମିତା ମହାପାତ୍ର | ୧୮୧ |
| ଜଗନ୍ନାଥ ସଂସ୍କୃତି | ରାଧାମୋହନ ପୂଜାହାରୀ | ୧୮୩ |
| ଘର | ପ୍ରହ୍ଲାଦ ସାହୁ | ୧୮୫ |
| ପିତୃପକ୍ଷ | ଦଣ୍ଡାସି ପ୍ରଧାନ | ୧୮୬ |
| ମନେପଡ଼େ ଆଜି ସେଦିନ କଥା | ଅଭିଜିତ ସାହୁ | ୧୮୮ |
| ପ୍ରେମ | ଦୁଷ୍ମନ୍ତ ଖଟୁଆ | ୧୯୧ |
| ମୋହିତ ବଂଶୀ | ଦିଲ୍ଲିପ କୁମାର ଜେନା | ୧୯୨ |
| ବର୍ତ୍ତମାନକୁ ବିଗାଡ଼ି ଦେଇଥିବା କିଛିଲୋକ | ସୁଧର୍ମା ଡାଙ୍ଗୁଆ | ୧୯୪ |
| ପ୍ରଥମ ଦେଖା | କଲ୍ୟାଣୀ ଦାଶ | ୧୯୫ |
| ଜୟ ଶ୍ରୀ ଜଗନ୍ନାଥ | ପ୍ରଦୀପ କୁମାର ଜିଲିକାରା | ୧୯୬ |
| ଅନ୍ଧ ଆଇନ | ନିରୁପମା ପାଣି | ୧୯୭ |
| **ସଂବଲପୁରୀ ବିଭାଗ** | | **୧୯୯** |
| ଦୁଇଟା ଅକ୍ଷର | ସତ୍ୟନାରାୟଣ ମିଶ୍ର | ୨୦୦ |
| ମରନ୍ ଥି ମାହୋଲ୍ | ବିଶ୍ୱନାଥ ଭୁଏ | ୨୦୨ |
| ଜିଇଁ ଦେଖ ଦୁଇଘଡ଼ି | ମନୋରଞ୍ଜନ ସୁରୁଜାଳ | ୨୦୩ |
| ମୋର୍ ସୁନା ରାଏଜର୍ ପରୀ | ରାଧାମୋହନ ପୂଜାହାରୀ | ୨୦୪ |
| ଯଉତୁକ୍ | ସନ୍ତୋଷ କୁମାର ଅଦାବର | ୨୦୫ |


Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


| | | |
|---|---|---|
| ପଞ୍ଝେତ୍ | କେଶବ ନାଏକ | ୨୦୬ |
| **ପ୍ରବନ୍ଧ ବିଭାଗ** | | **୨୦୯** |
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୧୦ |
| ଭାଗବତ | ଶାନ୍ତିଲତା ସାହୁ | ୨୩୨ |
| ଅର୍ଥନୀତି ଉପରେ ଜଳବାୟୁର ପ୍ରଭାବ | ଅସିତ ମହାନ୍ତି | ୨୩୪ |
| ଓଡ଼ିଶା ରଙ୍ଗମଞ୍ଚର ବିକାଶ : ଏକ ଅଧ୍ୟୟନ | ସୁବାଷ ବାରିକ | ୨୩୮ |
| ସମାଜର ରୀତି | ମହେଶ୍ୱର ସାହୁ | ୨୪୭ |
| ସାମ୍ପ୍ରତିକ ଜୀବନବୋଧ | ଡଃ ମନୋରଞ୍ଜନ ବିଷୋୟୀ | ୨୫୬ |
| ଏକ ଦୁଃଖଦ ମୁହୂର୍ତ୍ତରୁ... | ପଙ୍କଜ କୁମାର ପାଣିଗ୍ରାହୀ | ୨୫୮ |
| ବାପା | ମାନସ ରଞ୍ଜନ ପାତ୍ର | ୨୬୩ |
| ଶିକ୍ଷା/ବିଦ୍ୟାଳୟରେ ମହାମାରୀ ପ୍ରଭାବ | ଶୈଳବାଳା ସିଂହ | ୨୬୫ |
| ଭାରତରତ୍ନ ଗୋବିନ୍ଦ ବଲ୍ଲଭ | ଅକ୍ଷୟ କୁମାର ରାଉତ | ୨୬୮ |
| ଗଡ଼ଜାତ | ଦେବେନ୍ଦ୍ର ସାମଲ | ୨୭୪ |
| ବିଶେଷ ସୂଚନା | | ୨୭୬ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୁଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇପତ୍ରିକାର ବର୍ଷ ୨୦୨୧ ମସିହାର ପୂଜା ବିଶେଷାଙ୍କ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ବର୍ଷର ସବୁଠାରୁ ଅଧିକ ଉତ୍ସବମୁଖର ସମୟ, ଯେତେବେଳେ ନିର୍ମଳ ଆକାଶ, ଧବଳ କାଶତଣ୍ଡୀର ସମ୍ଭାର ସମୁଦାୟ ପୃଥିବୀକୁ ସବୁଜ ଧାନ କ୍ଷେତରେ ଆଚ୍ଛାଦିତ କରି ରଖେ, ସେହି ସମୟରେ ଅନ୍ତତଃ ଓଡ଼ିଶାର ଜନମାନସରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଭରି ଦେଇଥାଏ । ଦୁର୍ଭାଗ୍ୟର ବିଷୟ, ବିଗତ ଦୁଇବର୍ଷ ଧରି କରୋନା ମହାମାରୀ ହେତୁ, ଏହି ସମୟ ଆଦୌ ଆନନ୍ଦ ଉଲ୍ଲାସର ଭଳି ମନେ ହେଉନାହିଁ । ଦେଶବ୍ୟାପୀ ଅନେକ ରାଜ୍ୟରେ ବର୍ତ୍ତମାନ ବି ଦଶହରା ପର୍ବକୁ ମହାଉଲ୍ଲାସ ସହ ପାଳନ କରାଯାଉଥିବା ସମୟରେ ଆମ ରାଜ୍ୟରେ କିନ୍ତୁ ଜଟିଳ କଟକଣା ଲାଗୁ କରାଯାଇଛି । ଯଦିଓ ଆମ ରାଜ୍ୟରେ କରୋନା ଜନିତ ସଂକ୍ରମଣ ହାର ଏତେ ବେଶି ନାହିଁ, ତଥାପି ସରକାରଙ୍କ ପଦକ୍ଷେପକୁ ଆମେ ସ୍ୱାଗତ କରିବା ଉଚିତ । ଦିନ ଖୁବ୍ ଶୀଘ୍ର ବଦଳିବ, ପୁଣି ଥରେ ସବୁକିଛି ସାମାନ୍ୟ ହୋଇଯିବ ଏବଂ ଅସ୍ତବ୍ୟସ୍ତ ହୋଇଯାଇଥିବା ଆମ ଜନଜୀବନ ପୁଣିଥରେ ନୂତନ ଉର୍ଜା ଓ ଉତ୍ସାହରେ ସହ ଜୀବନ ବଞ୍ଚିବାକୁ ଆରମ୍ଭ କରିବ । ବର୍ତ୍ତମାନର ଅନ୍ଧକାର ଆମକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗାମୀ ଔଜଲ୍ୟମୟ ଦିନର ଆଗମନକୁ ଆହୁରି ଆଶା ଓ ଆକାଂକ୍ଷାର ସହ ଅପେକ୍ଷା କରିବାକୁ ଶକ୍ତି ଓ ସାହାସ ଦେବ ।

ଚଳିତ ବର୍ଷ ଭାରତର ଅଭ୍ୟନ୍ତରୀଣ ବ୍ୟବସ୍ଥାରେ ଅନେକ ପ୍ରକାରର ଅବ୍ୟବସ୍ଥା ଓ ଅଘଟଣରେ ଭରପୂର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦିନକୁ ଦିନ ସମାଜରେ ଅସହିଷ୍ଣୁତା ଓ ଭେଦଭାବର ଚଳଣୀକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେବାଭଳି ଖବରକୁ ପ୍ରଚଳନ କରାଯାଉଛି । ଅନେକ ଗଣମାଧ୍ୟମ ଭାରତୀୟ ସମାଜକୁ ଅସହ୍ୟ ବୋଲି କହି ପ୍ରଚାର କରିବାକୁ ବିମୁଖ ହେଉନାହାନ୍ତି, ପ୍ରକାରାନ୍ତରେ ଏହା ଆମ ଦେଶକୁ ଏକ ଦୁର୍ନାମ ଆଣି ଦେଉଛି, ଏଥିରେ ସେମାନେ ବିଚଳିତ ନୁହନ୍ତି । ସର୍ବଧର୍ମ ସମଭାବପର୍ନ୍ନ ଆମ ଦେଶର ବ୍ୟବସ୍ଥାକୁ କଳୁଷିତ କରିବାର ଦୁର୍ବାର ପ୍ରଚେଷ୍ଟା ଦେଶର ସୀମାବାହାରୁ କରାଯାଉଛି । ବିଦେଶରେ ବସିଥିବା ଅନେକ କୁଚକ୍ରାନ୍ତକାରୀ ଗୋଷ୍ଠୀ ଭାରତୀୟ ଶାସନ ବ୍ୟବସ୍ଥା ତଥା ସମୁଦାୟ ଦେଶର ଶାନ୍ତିକୁ ଭଙ୍ଗ କରିବାକୁ କୌଣସି ପ୍ରଚେଷ୍ଟା ଛାଡୁନାହାନ୍ତି । ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ, ବିଗତ ଏକ ବର୍ଷରୁ ଅଧିକ ସମୟ ହେବ, ଭାରତର ରାଜଧାନୀ ଦିଲ୍ଲୀକୁ ବନ୍ଧକ ରଖିଛନ୍ତି, ମୁଷ୍ଟିମେୟ ରାଜନୈତିକ ବ୍ୟକ୍ତି । ନିଜକୁ କୃଷକଙ୍କ ହିତୈଶୀ ବୋଲି କୁହାଉଥିବା ଏହି ବ୍ୟକ୍ତି ବା ଗୋଷ୍ଠୀ ଦେଶକୁ ଯେ କେଉଁ ଦିଗକୁ ନେଉଛନ୍ତି ତାହା ସମଗ୍ର ଦେଶ ଜାଣି ସାରିଲାଣି । ଯେଉଁ କାରଣରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ସତ୍ତ୍ୱେ ଆନ୍ଦୋଳନ ଜାରୀ ରଖିବା ଏହାର ମନ୍ଦ ଉଦ୍ଦେଶ୍ୟକୁ ସର୍ବସମ୍ମୁଖରେ ପ୍ରକାଶ କରୁଛି । ଅର୍ଥାତ ଆନ୍ଦୋଳନ କରୁଥିବା ଗୋଷ୍ଠୀଙ୍କର ସର୍ବୋଚ୍ଚ ନ୍ୟାୟାଳୟ ଉପରେ ବି ଭରସା ନାହିଁ ।

ବିଗତ ଦିନରେ ଏହି ଗୋଷ୍ଠୀ ଦିଲ୍ଲୀ ମଧ୍ୟସ୍ଥଳରେ ଥିବା ଏକ ସ୍ଥାନରେ ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନ୍ଦୋଳନକୁ ଚଳାଇବା ପାଇଁ ଆବେଦନ କରିଥିଲେ ଯାହାକୁ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୋଲିସ୍ ମନା କରିଦେବାପରେ ସେମାନେ ଏହି ମାମଲାକୁ ନେଇ ଦିଲ୍ଲୀ ହାଇକୋର୍ଟ୍ ଯାଇଥିଲେ ଏବଂ ଏହି ସମୟରେ ବିଚାରପତିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କ ଉପରେ କଟାକ୍ଷ କରି କହିଥିଲେ ଯେ ଯେହେତୁ ଏହି ମାମଲା ବର୍ତ୍ତମାନ ବିଚାରାଧୀନ, ଆବେଦନ ପକ୍ଷ ଅନ୍ତତଃ ଏହାର ଶୁଣାଣି ନ ହେବାଯାଏଁ ଆନ୍ଦୋଳନ କରିବା ଉଚିତ ନଥିଲା ଏବଂ ଆହୁରି କଠୋର ଭାବରେ ମନ୍ତବ୍ୟ ଦେଇ କହିଥିଲେ ଯେ ଆନ୍ଦୋଳନ ନାଁରେ ଆପଣ ସହରରେ ସ୍ୱଚ୍ଛନ୍ଦ ଚଳାଚଳକୁ ବନ୍ଦ କରିଦେଇ ଅନ୍ୟ ଜନସାଧାରଣଙ୍କ ଅଧିକାରକୁ ଖଣ୍ଡନ କରୁଛନ୍ତି । ଏହା ଆଦୌ ଗ୍ରହଣୀୟ ନୁହେଁ । କୋର୍ଟ୍ ଏହି ମାମଲାରେ ଦେଇଥିବା ପ୍ରତ୍ୟେକ ନିର୍ଦ୍ଦେଶନାମା ବାସ୍ତବିକ ଏହି ଆନ୍ଦୋଳନର ମୁଖା ଖୋଲିଦେବା ପାଇଁ ଯଥେଷ୍ଟ ।

ଏହି ଆନ୍ଦୋଳନ ନାଁରେ ପ୍ରଥମେ ଏଥିରେ ଖାଲିସ୍ତାନୀ ଆନ୍ଦୋଳନକୁ ସାମିଲ କରାଯାଇଥିଲା, ଯାହା ପରେ ପ୍ରଚୁର ବାଧା ଏବଂ ହଟଗୋଳ ଏବଂ ସୋସିଆଲ୍ ମିଡ଼ିଆରେ ପ୍ରସାର ହେବାପରେ ସେମାନଙ୍କୁ ଏହି ଆନ୍ଦୋଳନରୁ ଦୂରେଇ ଦିଆଗଲା, କିମ୍ବା ଉହ୍ୟ କରି ରଖାଯାଇଛି ତାହା ଆନ୍ଦୋଳନ କରୁଥିବା ଗୋଷ୍ଠୀ ଜାଣିଥିବେ । କାରଣ ନିକଟ ଅତୀତରେ ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀରେ ହୋଇଥିବା ଏହି ଆନ୍ଦୋଳନର ଏକ ଘଟଣାରେ ପୁଣିଥରେ ଖାଲିସ୍ତାନୀ ପୋଷାକ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ଦେଖିବାକୁ ମିଳିଥିଲା । ଏହି ଆନ୍ଦୋଳନା ମାଧ୍ୟମରେ ଅତୀତରେ କାଶ୍ମୀରର ଧାରା ୩୭୦ ଉଚ୍ଛେଦକୁ ବିରୋଧ କରାଯାଇଥିଲା । କୃଷକଙ୍କ ନାଁ ନେଇ ଦେଶକୁ ଦୁର୍ବଳ କରୁଥିବା ବିଭିନ୍ନ ମନ୍ତବ୍ୟ ଦେବା ଏବଂ ଦେଶକୁ ବିଭାଜନ ଭଳି ପରିସ୍ଥିତି ସହ ସମ୍ମୁଖୀନ କରିବା କାର୍ଯ୍ୟ ଏହାଦ୍ୱାରା ହେଉଛି ଏଥିରେ ଦ୍ୱିମତ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଗତ ଦିନରେ ଗଣମାଧ୍ୟମରେ ସାକ୍ଷାତକାର ମାଧ୍ୟମରେ ଏହି ଆନ୍ଦୋଳନର ପୁରୋଧା ତଥା ମୁଖ୍ୟ କାରପଟଦାର୍ କୁହାଯାଉଥିବା ରାକେଶ ଟିକାଏତ୍ କହି ସାରିଛନ୍ତି ଯେ ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ କେନ୍ଦ୍ର ସରକାରଙ୍କୁ ଶାସନରୁ ହଟେଇବା ଏବଂ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବାର ନିର୍ବାଚନରେ ହରେଇବା । ଏହାପରେ ବି ଯଦି କୌଣସି ବ୍ୟକ୍ତି ଭାବୁଥାନ୍ତି ଯେ ଏହି ଆନ୍ଦୋଳନ ପ୍ରକୃତରେ କୃଷକମାନଙ୍କ ହିତରେ ହେଉଛି, ତାହେଲେ ତାଙ୍କୁ ବୁଝେଇବା ସମ୍ଭବ ନୁହେଁ । ଓଡ଼ିଆରେ କଥାଟିଏ ଅଛି, ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ?

ସେ ଯା ହେଉ, ତେଣେ କୃଷକ ଆନ୍ଦୋଳନ ନାଁରେ ଦେଶରେ ବିଭିନ୍ନ ବିଭ୍ରାନ୍ତିକର ତଥା ଅପ୍ରିୟ ପରିସ୍ଥିତି ସୃଷ୍ଟି କରାଯାଉଥିବା ବେଳେ, କାଶ୍ମୀର ଉପାତ୍ୟାକାରା ପୁଣିଥରେ ଆତଙ୍କବାଦର ଉପସ୍ଥିତି ଦୃଷ୍ଟିଗୋଚର ହେଲାଣି । ବିଗତ ସପ୍ତାହରେ କାଶ୍ମୀରର ଏକ ସ୍କୁଲରେ ପଶି ଆତଙ୍କବାଦୀମାନେ ଉପସ୍ଥିତ ଶିକ୍ଷକମାନଙ୍କ ଧର୍ମ ପଚାରିବା ପରେ ଅଣମୁସଲମାନ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କୁ ଗୁଳିକରି ହତ୍ୟା କରିଥିଲେ । ଅବଶ୍ୟ ଏହାପରେ ତ୍ୱରିତ କାର୍ଯ୍ୟାନ୍ୱୟନ କରାଯାଇ ସୁରକ୍ଷାବଳଙ୍କ ଦ୍ୱାରା ଆତଙ୍କବାଦୀଙ୍କୁ ନିପାତ କରାଯାଇଛି, କିନ୍ତୁ ଏହି ଘଟଣା ଯେ କାଶ୍ମୀର ଉପତ୍ୟକାକୁ ଅଶାନ୍ତ କରିବାର ଏକ ପ୍ରଚେଷ୍ଟା ଏବଂ ଏହିଭଳି ଘଟଣା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବ ତାହା ସ୍ପଷ୍ଟ ବୁଝି ହେଉଛି । ବିଗତ ଶତାବ୍ଦୀର ନବେ ଦଶକରେ ଯେଉଁଭଳି ଭାବରେ କାଶ୍ମୀରରେ ଗଣହତ୍ୟା ଏବଂ ଧର୍ଷଣର ଖବର ସବୁ ଆସିଥିଲା ଏବଂ ପରେ ପରେ ପ୍ରାୟ ପାଞ୍ଚଲକ୍ଷ ଅଣମୁସଲମାନ ସେଇ ଅଞ୍ଚଳକୁ ତ୍ୟାଗ କରିଦେଇ ଜମ୍ମୁ ଏବଂ ପରେ ଦିଲ୍ଲୀ ସମେତ ଦେଶର ଅନେକ ସହରରେ ଶରଣାର୍ଥୀ ଭାବରେ ବିଗତ ତିରିଶି ବର୍ଷ ଧରି ରହିଆସୁଛନ୍ତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ଆମ ମନରୁ ଲିଭିନଥିବା ବେଳେ, ବର୍ତ୍ତମାନ ସରକାର ପୁଣିଥରେ ସେହି ବିସ୍ଥାପିତଙ୍କୁ କାଶ୍ମୀରରେ ସ୍ଥାପିତ କରିବାପାଇଁ ଉଦ୍ୟମ କରିଛନ୍ତି । ଏଇ କ୍ରମରେ କାଶ୍ମୀରରେ ନଷ୍ଟ ହୋଇଥିବା ଅନେକ ମନ୍ଦିର ଓ ମଠର ପୁନରୋଦ୍ଧାର କରାଯାଉଛି । ବିସ୍ଥାପିତଙ୍କ ପାଇଁ ସ୍ଥାୟୀ ବାସସ୍ଥାନର ବ୍ୟବସ୍ଥା କରାଯାଉଛି ଏବଂ ସେମାନଙ୍କୁ ଜୀବିକାନିର୍ବାହ ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହିଭଳି ଘଟଣା ଏହି ସରକାରୀ ପଦକ୍ଷେପକୁ ଚ୍ୟାଲେଞ୍ଜ୍ ଦେବାଭଳି ମନେ ହେଉନାହିଁ କି ? ଆଶା କରୁଛୁ, କେନ୍ଦ୍ର ସରକାର ଏହା ବିରୁଦ୍ଧରେ କଡ଼ା ପଦକ୍ଷେପ ନେବେ ଏବଂ କାଶ୍ମୀର ଉପତ୍ୟାକାକୁ ଆତଙ୍କବାଦୀ ବିହୀନ କରି ଶାନ୍ତି ପ୍ରତିଷ୍ଠା କରିବାରେ ସକ୍ଷମ ହେବେ ।

ବିଗତ ସପ୍ତାହର ଆଉ ଏକ ଘଟଣାକ୍ରମରେ ଭାରତୀୟ ସିନେମା ଜଗତରେ କିଙ୍ଗ୍ ଖାନ କୁହାଯାଉଥିବା ଶାହରୁଖ୍ ଖାନଙ୍କ ପୁଅ, ଆର୍ଯ୍ୟନ୍ ଖାନ, ପ୍ରତିବନ୍ଧିତ ନିଶାଦ୍ରବ୍ୟକୁ ସେବନ ତଥା ପ୍ରୋତ୍ସାହନ ଦେଉଥିବା ମାମଲାରେ ଗିରଫ ହୋଇଛନ୍ତି । ମୁମ୍ବଇ ଠାରୁ ଗୋଆ ଯାଉଥିବା ଏକ ଦାମୀ ଜାହାଜରେ ଚାଲୁଥିବା ଏକ ନିଶିଦ୍ଧ ପାର୍ଟିରେ ପ୍ରତିବନ୍ଧିତ ନିଶା ଦ୍ରବ୍ୟ ବ୍ୟବହାର ହେଉଥିବା ଖବର ପାଇଁ ଭାରତୀୟ ନିଶାଦ୍ରବ୍ୟ ନିୟାମକ ପ୍ରାଧିକରଣ ଅଧିକାରୀମାନେ ଚଢ଼ଉ କରିଥିବା ସମୟରେ ଆର୍ଯ୍ୟନ ଖାନଙ୍କୁ ଗିରଫ କରିଛନ୍ତି । ତାଙ୍କ ସମେତ ଆହୁରି ଆଠଜଣ ମଧ୍ୟ ଗିରଫ ହୋଇଛନ୍ତି । ଶୁଣାଯାଉଛି ଏହି ଜାହାଜରେ ପ୍ରବେଶ ପାଇଁ ମୋଟା ଅଙ୍କର ଅର୍ଥ ଦେବାକୁ ପଡିଥାଏ । ଏବଂ ଖାନତଲାସି ସମୟରେ ଖାନଙ୍କ ପାଖରେ କୌଣସି ପ୍ରତିବନ୍ଧିତ ନିଶା ଔଷଧ ମିଳିନଥିବା ସତ୍ତ୍ୱେ ସେ ବିଦେଶରେ ରହିଥିବା କିଛି ନିଶା ଔଷଧ ବ୍ୟାପାରିଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରେ ଥିବାର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇ ତୁମୁଳ ପ୍ରଶ୍ନୋତ୍ତର କରାଯାଇଥିଲା ଏବଂ ତାଙ୍କୁ ବେଲ୍ ନ ମିଳିବାରୁ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁମ୍ବାଇର ଆର୍ଥର ରୋଡ୍ ଜେଲ ଯିବାକୁ ବାଧ୍ୟ ହୋଇଛନ୍ତି । ବାରମ୍ବାର ତାଙ୍କୁ ମୁକୁଳାଇବା ପାଇଁ ହେଉଥିବା ପ୍ରୟାସ ବିଫଳ ହେଉଥିବା ଶୁଣିବାକୁ ମିଳୁଛି । ପ୍ରଶ୍ନ ଉଠୁଛି, ସେ ଉକ୍ତ ଜାହାଜରେ ଏବଂ ଉକ୍ତ ପାର୍ଟିରେ କାହିଁକି ଥିଲେ ? ଏହା ସ୍ୱାଭାବିକ ପ୍ରଶ୍ନ, ଯେ କେହି ବି ପଚାରି ପାରନ୍ତି, କିନ୍ତୁ ତାଙ୍କର ବୟସରେ ଯେ କୌଣସି ବ୍ୟକ୍ତି ବନ୍ଧୁମାନଙ୍କ ସହ ସମୟ ବିତେଇବାକୁ ପସନ୍ଦ କରିବ । କିନ୍ତୁ ଏହି ପାର୍ଟିରେ ନିଶା ଔଷଧ ବ୍ୟବହାର ହେଉଥିବା କଥା ସେ ଜାଣିଥିଲେ ଏବଂ ସମ୍ଭବତଃ ସେ ଏହାକୁ ପ୍ରୋତ୍ସାହନ ଦେଉଥିଲେ ବୋଲି ମଧ୍ୟ ସୂଚନା ମିଳୁଛି । ବାପା ଜଣେ ମହାନ ତାରକା ହୋଇଥିବା ବେଳେ ନିଶ୍ଚୟ ଭାବରେ ଆର୍ଯ୍ୟନଙ୍କ ଉପରେ ଏହାର ପ୍ରଭାବ ପଡିଥିବ ଏବଂ ବାପାଙ୍କ ଭଳି ସେ ବି ନିଜକୁ ସ୍ପେଶାଲ ବୋଲି ପ୍ରମାଣିତ କରିବାପାଇଁ ଏହିଭଳି ଦାମୀ ପାର୍ଟି ଆଦିକୁ ଯାଉଥିବେ । ସେଠାରେ ବନ୍ଧୁମାନଙ୍କ ପ୍ରରୋଚନାରେ ନିଶାଦ୍ରବ୍ୟ ସେବନ କରୁଥିବେ । କାରଣ ଯାହା ବି ହେଉ, କିନ୍ତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ନିଜ ସନ୍ତାନମାନଙ୍କୁ ଉଚିତ ଏବଂ ଅନୁଚିତର ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ । ଏହା ସମସ୍ତ ପିତାମାତାଙ୍କ ପାଇଁ ଏକ ଶିକ୍ଷା ହେବା ଉଚିତ ।

ଆଜି ଦଶହରାର ପୂର୍ବ ଦିନ । ରାଜ୍ୟବ୍ୟାପୀ ଆନନ୍ଦଉଲ୍ଲାସର ପର୍ବ ଫିକା ଲାଗୁଥିଲେ ବି ଆମ ମନରେ ଆମେ ସମସ୍ତେ ଖୁସି । ମାଆ ଜଗତଜନନୀ ଶାରଦା, ମାଆ ଦୁର୍ଗା ଆମ ସମସ୍ତଙ୍କୁ ଆଶୀର୍ବାଦ କରିବେ । ଆମେ ସମସ୍ତେ ସୁଖରେ ଏହି ଦୁଃଖର ଦିନକୁ ବିତେଇ ଦେଇ ପୁଣିଥରେ ସ୍ୱାଭାବିକ ଜୀବନଯାପନ କରିବା । ଏହି ପ୍ରାର୍ଥନା କରୁଛି ଏବଂ ଆପଣଙ୍କୁ ଉପହାର ଦେଉଛି ଚଳିତ ସଂସ୍କରଣର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

### ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୪



ଅଶୋକ ବିଶ୍ୱାଳ

ଦୁଃଖେ ଏବେ ମୌଲୀଦାଦା ସହ ଜଙ୍ଗଲକୁ ଦଳ ସହ ବାହରିଲା । ଜଙ୍ଗଲରେ ବାଘ ବଡ଼ ଡର । ମୌଲୀଦାଦାର ନାଁ ଧୋନାଇ । ଅନେକ ଧୋନାଇକୁ ଏମିତିଆ ଜଙ୍ଗଲ ମହଲକୁ ଯିବାକୁ ମନା କଲେ । ଧୋନାଇର ଭାଇ ମୋନାଇ ଧୋନାଇକୁ ବୁଝାଇବାକୁ ବହୁତ ଚେଷ୍ଟା କଲା । ଧୋନାଇ କିନ୍ତୁ କାହା କଥା ଶୁଣିଲା ନାହିଁ ଆଉ ମହଲକୁ ଯିବା ପାଇଁ ପ୍ରସ୍ତୁତ ହେଲା । ସେମାନେ ଡଙ୍ଗାକୁ ବନ୍ଦେଇଲେ । ମାଟି ପାତ୍ରରେ ପାଣି ଭରି ରଖିନେଲେ । ସବୁ ସାଜ ସରଂଜାମ ରଖିଲା ପରେ ଡଙ୍ଗା ଚାଲିଲା । ଶଂଖ ଫୁଙ୍କା ହେଲା । ଏମିତି ଏମିତି ସାତଟା ଡଙ୍ଗା ଜଙ୍ଗଲ ମହଲକୁ ମହୁ ସଂଗ୍ରହ ପାଇଁ ବାହରିଲା । ଦୁଃଖେ ସେମାନଙ୍କ ଭିତରେ ଏକମାତ୍ର ବାଳକ ଥିଲା ।

ଅନ୍ୟ ଲୋକମାନେ ଦୁଃଖେକୁ ନେବା ପାଇଁ ପ୍ରସ୍ତୁତ ନଥିଲେ । ମଞ୍ଚ ଉପରେ ସେମାନେ ଆଲୋଚନା କଲେ । ଏତେ ଛୋଟ ଛୁଆ । କେମିତି ଏ ଜଙ୍ଗଲରେ ବଞ୍ଚିବ ? ଧୋନାଇ ଲୋକମାନଙ୍କୁ ବହୁତ କଷ୍ଟରେ ବୁଝାଇଲା । ଶେଷରେ ଆଲ୍ଲା ଆଲ୍ଲା ନାମ ନେଇ ଡଙ୍ଗା ଆଗକୁ ବଢିଲା ।

ଅଭିନେତାମାନେ ଡଙ୍ଗା ବାହିବାର ଅଭିନୟ କରୁଥିଲେ । ମଞ୍ଚ ଧରାଳୀ ଅସ୍ତିକ ଦରିଆ, ଗାଜି ଗଙ୍ଗା, ବଦର ବଦର ହୋଇ ଡାକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଉଥିଲା । ଅନ୍ୟମାନେ ସେଇ ଡାକ ସହ ଡଙ୍ଗା ବୋହିବା ଅଭିନୟ କରୁଥିଲେ । ସେମାନଙ୍କ ହାତ ଆଉ ଗୋଡ ହଲୁଥିଲା । ସେମାନେ ଏକ ବୃତ୍ତ ତିଆରି କରିନେଲେ । ହାତରେ ଖଣ୍ଡେ ଖଣ୍ଡେ ଛୋଟ ବାଡି ଧରି ଆହୁଲା ମାରିବାର ଅଭିନୟ କରୁଥିଲେ । ତାପରେ ଦୁଇଖୋଜ ବୃତ୍ତରେ ଆଗେଇ ଯାଇ ପୁଣି ଆହୁଲା ମାରିବାର ଅଭିନୟ କରୁଥିଲେ । ପଛରେ ହାରମୋନିୟମରେ ସାଧାରଣ ସୁର ଥିଲା ।

ସେମାନେ ଅନେକ ନଦୀର ନାମ ନେଲେ । ଏତେ ନଦୀ ଅତିକ୍ରମ କରି ସେମାନେ ଆସୁଛନ୍ତି । ରାସ୍ତାରେ ଅନେକ ସ୍ଥାନ ଅତିକ୍ରମ କରିଗଲେ । ରାସ୍ତା ଅନେକ ଦୂର । ଶେଷରେ ସେମାନେ ରାଇମଙ୍ଗଳ ନଦୀରେ ପହଁଚିଲେ । ସେଠି ନଦୀରେ ବହୁତ ସୁଅ ଆଉ ଲହଡି ବି ଅଧିକ । ଏତେ ବଡବଡ ଲହଡି ଦେଖି ସେମାନଙ୍କୁ ଡର ଲାଗୁଥିଲା । ଡଙ୍ଗାର ନାବିକମାନେ ଆଲ୍ଲା ଆଲ୍ଲା କରି ଉଠିଲେ । ଆଲ୍ଲା ମେହେରବାନ ।

ଅଭିନେତାଗଣ ଆଲ୍ଲା ଆଲ୍ଲା କହି କହି ଏକ ବୃତ୍ତରେ ବୁଲୁଥିଲେ ଆଉ ଆହୁଲା ମାରିବାର ଅଭିନୟ କରୁଥିଲେ । ଅନେକ ଦୂର ସେମାନେ ନଦୀରେ ଚାଲି ଯାଉଛନ୍ତି । ସେମାନେ ବଡବଡ ବିପଦ ଆଉ ଲହଡି ଅତିକ୍ରମ କରିବା ଅଭିନୟ କରୁଥିଲେ ।

ଶେଷରେ ସେମାନେ ମହୁ ମାରିବା ଜଙ୍ଗଲ କେଦୋଖାଲି ପହଁଚିଗଲେ । ଆଗରେ ଘନ ଘୋର ଅରଣ୍ୟ । ଝାଂଜ ବହୁତ ଜୋରରେ ବାଜି ଉଠିଲା ।

ଆଉ ଏକ ଅଭିନେତା ଜଙ୍ଗଲ ଆଉ ଦକ୍ଷିଣ ରାୟ ବିଷୟରେ ଗୀତ ଗାଇବା ଆରମ୍ଭ କଲା । ଦକ୍ଷିଣ ରାୟର ଭୟଙ୍କର ବର୍ଣନା ଶ୍ରୋତାମାନେ ଥରି ଯାଉଥିଲେ । ନିଜର କ୍ରୁରକର୍ମ ପାଇଁ ସେ ଅଭିଶପ୍ତ ହୋଇ ବାଘରେ ପରିବର୍ତ୍ତିତ ହୋଇଯାଇଛନ୍ତି । ପିଲାମାନଙ୍କ ଆଖିରେ ଭୟ ଥିଲା । ଦକ୍ଷିଣ ରାୟ ହେଉଛନ୍ତି ମହୁ ଲାଖ, ଆଉ ଝୁଣାର ମାଲିକ । ତାଙ୍କର ଜଙ୍ଗଲରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମାନେ ମହୁ ଆଦି ନେବାପାଇଁ ଆସିଛନ୍ତି ।

ମଝିରେ ସପନବାବୁ ଦକ୍ଷିଣ ରାୟଙ୍କର ବିଷୟରେ କହିଲେ । କଥା ହିସାବରେ ଦକ୍ଷିଣ ରାୟ ଜଣେ ବ୍ରାହ୍ମଣ ଆଉ ଜଙ୍ଗଲର ମାଲିକ । ମନ୍ତ୍ର ତନ୍ତ୍ରରେ ଅତି ନିପୁଣ । କିନ୍ତୁ ସେ ବାଘ ରୂପ ଧରି ନରଭକ୍ଷଣ କରୁଥିଲେ । ମନ୍ତ୍ର ବଳରେ ନିଜକୁ କେଉଁ ରୂପରେ ପରିବର୍ତ୍ତନ କରିପାରୁଥିଲେ । ସେ ଆଉ କେଉଁ ମଣିଷକୁ ଜଙ୍ଗଲର କେଉଁ ପଦାର୍ଥ ଦେବାକୁ ଚାହିଁଲେ ନାହିଁ । ଯଦି କିଏ ଅରଣ୍ୟରୁ କିଛି ଦ୍ରବ୍ୟ ନେଉଥିଲା ସେ କର ହିସାବରେ ସେ ଲୋକକୁ ବଧ କରୁଥିଲେ । ତାଙ୍କର ଅଧିକାର ସଂମ୍ପୂର୍ଣ ସୁନ୍ଦରବନ ଉପରେ ଥିଲା । ସେ ରାକ୍ଷସରେ ପରିଣତ ହୋଇଯାଇଥିଲେ । ସ୍ୱପ୍ନରେ ଦକ୍ଷିଣ ରାୟ ଧୋନାଇକୁ ଦେଖାଦେଲେ । ଧୋନାଇ ତାଙ୍କ ଅନୁମତି ବିନା ତାଙ୍କର ଅଞ୍ଚଳରେ ପ୍ରବେଶ କରିଛି । ତେଣୁ ସେମାନେ ଯେଉଁ ଫେଣାରେ ହାତ ଦେଉଛନ୍ତି ସେ ଫେଣା ଉଭେଇ ଯାଉଛି । ସେମାନେ କିଛି ନେଇପାରୁ ନାହାନ୍ତି ।

ଝାଞ୍ଜ ଆଉଥରେ ଖୁବ ଜୋରରେ ବାଜି ଉଠିଲା । ଦକ୍ଷିଣ ରାୟ ନାଚି ନାଚି ଧୋନାଇ ଆଗରେ ଉଭା ହେଲେ । ଦକ୍ଷିଣ ରାୟଙ୍କର ବିକଟାଳ ବ୍ୟାଘ୍ର ରୂପ ଦେଖି ଧୋନାଇ ଛାନିଆ ହୋଇଗଲା । ସେ ଧୋନାଇର ସାତ ଡଙ୍ଗା ଭରା ମଧୁ ଆଉ ଫେଣାକୁ ଛାଡିଦେବେ କେବଳ ଏକ ସର୍ତ୍ତରେ । ସେ ସର୍ତ୍ତଟା ହେଲା ଧୋନାଇ ଦୁଃଖେକୁ ଦକ୍ଷିଣ ରାୟକୁ ସମର୍ପଣ କରିବ । ଧୋନାଇ ବିକଳରେ ଆଣ୍ଠେଇ ପଡିଲା ଆଉ ଦୟା ଭିକ୍ଷା କଲା । ଦକ୍ଷିଣ ରାୟ ନରବଳୀ ମାଗିଲା ।

"ରାଜା ଠାକୁର ଆପଣ କଣ ମାଗୁଛନ୍ତ ? ନରବଳୀ । ଅସମ୍ଭବ । ଏ କାମ ମୁଁ କରି ପାରେନା ।" – ଧୋନାଇ ବିନତି କଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ଛୁଆଟା ମୋଟେ ଦଶ ବର୍ଷର । ମୁଁ କେମିତି ଆପଣଙ୍କୁ ସମର୍ପିବି ?"- ଧୋନାଇ କାନ୍ଦୁଣୁ ମାନ୍ଦୁଣୁ ହୋଇ ବିନତି କରୁଥିଲା ।

ମଞ୍ଜ ଦକ୍ଷିଣ ରାୟର ବିକଟାଳ ହସ ଆଉ ଧୋନାଇର କାନ୍ଦଣାରେ ଫାଟି ପଡୁଥିଲା । ଦକ୍ଷିଣ ରାୟ ପାଖରେ କିଛି ଦୟା ନାହିଁ । ଦୁଃଖେ ମଲା ଭଳି ତଳେ ପଡିଥିଲା ।

ଧୋନାଇ ବହୁତ କାନ୍ଦିଲା, ବହୁତ ବିନତି କଲା । କିନ୍ତୁ ଦକ୍ଷିଣ ରାୟରେ ବିକଟାଳ ହସ କମିଲା ନାହିଁ । ଦକ୍ଷିଣ ରାୟ ପାଖରେ କିଛି ଦୟା ମାୟା ନାହିଁ । ଦୁଃଖେକୁ ସେ ନିଶ୍ଚିତ ଭାବେ ଭକ୍ଷଣ କରିବ । ନରମାଂସ ତା' ପୁଣି ଶିଶୁର ନରମ ମାଂସ । ଦକ୍ଷିଣ ରାୟ ଏମିତି ସୁସ୍ୱାଦୁ ଭୋଜନ ଛାଡି ପାରିବ ନାହିଁ ।

ଧୋନାଇ ହାତ ଟେକିଲା । କିନ୍ତୁ କିଛି ଘଟିଲାନି । ଦକ୍ଷିଣ ରାୟର ବିକଟାଳ ହସ ଆଉ ଚାଲିରେ ମଞ୍ଜ ଦୁଲୁକୁଥିଲା । ଧୋନାଇ ପ୍ରଥମେ ନାରାଜ ଥିଲା । କିନ୍ତୁ ଦକ୍ଷିଣ ରାୟର ଧମକ ଆଉ କ୍ରୋଧ ଆଗରେ ସେ ନିଜର ମତ ପରିବର୍ତ୍ତନ କରିପାରୁ ନଥିଲା । ଦକ୍ଷିଣ ରାୟ ମାୟାରେ ତା' ଡଙ୍ଗାମାନଙ୍କରେ ମଧୁ ଆଉ ମହମ ଭରିଯିବ । ଏତେ ବେଳକୁ  ତା' ଡଙ୍ଗାରେ ମହୁ ଭରିଯାଇଥିଲା । ସେ ନିଜକୁ ବିଶ୍ୱାସ କରିପାରୁନଥିଲା । ତଥାପି ବି ସେ ଦୁଃଖେକୁ ଦକ୍ଷିଣ ରାୟର ବଳି ହିସାବରେ ଛାଡିପାରିବନି ।

ପୁଣି ଧୋନାଇ ବହୁତ କାନ୍ଦିଲା । ଦକ୍ଷିଣ ରାୟର ବିକଟାଳ ହସ ସବୁଆଡୁ ଆସୁଥିଲା । ଦକ୍ଷିଣ ରାୟ ଲୋଭ ଦେଖାଇଲା । ଧୋନାଇର ଡଙ୍ଗାରେ ମହମ ଭରିଯିବ । ମଧୁର ଦର କମ । ମହମର ଦର ତ ବହୁତ ଅଧିକ । ଯଦି ଧୋନାଇ ରାଜି ନହୁଏ ଦକ୍ଷିଣ ରାୟର କ୍ରୋଧର ଅଗ୍ନିରେ ସମସ୍ତେ ଦଗ୍ଧୀଭୂତ ହେବେ । ଡର ଆଉ ଲୋଭରେ ଧୋନାଇ ଦକ୍ଷିଣ ରାୟର ପ୍ରସ୍ତାବରେ ଦୁଃଖେକୁ କେଦୋ ଦ୍ୱୀପର ଚଡାରେ ଛାଡିଯିବାପାଇଁ ରାଜି ହେଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧୋନାଇ ଦୁଃଖେକୁ କେଦୋଖାଲି ଦ୍ୱୀପର କୂଳରେ ଛାଡି ଚାଲିଗଲା । ମହୁକୁ କେଦୋଦ୍ୱୀପର ପାଖରେ ଥିବା ମଧୁଖାଲିରେ ଢାଳିଦେଲା । ତା' ଡଙ୍ଗାରେ ମହମଭରି ଯାଇଥିଲା । କିନ୍ତୁ ଦୁଃଖେ ଦକ୍ଷିଣ ରାୟର ଭୋଜନ ପାଇଁ କେଦୋଦ୍ୱୀପର ଚଡ଼ାର ଜଙ୍ଗଲରେ ଏକାକୀ ଥିଲା । ଏ ସବୁ ଜଙ୍ଗଲରେ ଦକ୍ଷିଣ ରାୟର ସଂମ୍ପୂର୍ଣ ଆଧିପତ୍ୟ ଥିଲା ।

ପୁଣି ଏକ ସାମୟିକ ବିରତି । ପିଲାମାନେ କୋଳାହଳ କରିଉଠିଲେ । ଦୁନିଆରେ କିଛି ବିପଦ ଅଛି ବୋଲି ଭାବି ପାରି ନଥିଲେ । ସେମାନଙ୍କ ଦୁନିଆରେ ଖୁସି ଆଉ ଆନନ୍ଦ । ଏ ଭିତରେ ନରବଳୀ କାହିଁ? କାହିଁ ବିପଦର ଆଭାସ? କିଛିଙ୍କ ମୁହଁରେ ଆଶଙ୍କା ଥିଲା । ପାଓଲି ସେମାନଙ୍କୁ ଅନାଇଥିଲେ । ସେମାନଙ୍କ ମୁହଁରେ ଶଙ୍କାର ଛାଇ ତାଙ୍କୁ ଉଦାସ କରି ଦେଉଥିଲା । ସକାଳର ସେହି ପିଲାମାନଙ୍କ କଥା ମନେ ପଡି ଯାଉଥିଲା । ଏମାନେ ସେହି ପିଲାମାନେ । ସକାଳେ କେତେ ଖୁସି ଥିଲେ ।

ସକାଳର ବଡ଼ ପୁଅଟି ନଡିଆ ବାହୁଙ୍ଗାକୁ ସେପଟ କୂଳରୁ ଟାଣି ଆଣିଥିଲା । ତା' ଉପରେ ସାନ ଭାଇ ବସିଗଲା । ଅନ୍ୟପିଲାମାନେ ଏକ ଲଙ୍ଗଳା ପୁଅକୁ ଦେଖି ହସିଲେ । ତା'ର ପ୍ୟାଣ୍ଟ ଖସି ଯାଇଥିଲା । ସେ କିନ୍ତୁ କାହାକୁ ନ ଅନାଇ ନଡିଆ ବାହୁଙ୍ଗାକୁ ଜୋରରେ ମୁଠାଇ ଧରିଥିଲା । ବଡ଼ ପୁଅଟି ଜୋରରେ ବାହୁଙ୍ଗା ଟାଣିଲା । ତା'ର ହାତ ଖସିଗଲା । ସାନଭାଇ ପଛେଇ ହୋଇଗଲା । ସାନଭାଇ ସିଧା ହେବା ଆଗରୁ ସେ ଆଗର ପାଣିକୁ ଦେଖିଦେଲା ଓ ଖୁବ ଜୋରରେ ପାଣି ଭିତରକୁ ଡେଇଁ ପଡିଲା । ତା'ର ଦେଖାଦେଖି ଅନେକ ପିଲା ସେ ପାଣି ଭିତରକୁ ଡେଇଁ ପଡିଲେ ।

ସାନଭାଇ ଆଉ ଅଟକି ପାରିଲା ନାହିଁ । ସମସ୍ତେ ପାଣି ଭିତରକୁ ଡେଇଁ ପଡିଛନ୍ତି । ସେ କେମିତି ଅଟକିବ? ତା'କୁ ପାଣି ବହୁତ ଲାଗୁଥିଲା । କିନ୍ତୁ ଆଗରେ ବଡ଼ ଭାଇ ଅଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ବିପଦର ହେତୁ ହୋଇ ନଥିଲା । ସେ ଅତଡା ଧାରକୁ ନିଜର ଯେତେ ବଳ ଥାଇ ପାରେ ସେତେ ବଳ ଖଟାଇ ଜୋରରେ ଦୌଡି ଆସିଲା । ତାପରେ ତା'ର ଶରୀର ମନକୁ ମନ ଉପରକୁ ହୋଇଗଲା । ତା'ର ପାଦତଳୁ ମାଟି ଛାଡିଗଲା । ସେ ପବନରେ ଭାସିଗଲା ଆଉ ପାଣି ଭିତରେ ଭୁଷକରି ପଡିଲା । ପାଣି ଦୁଇଭାଗ ହୋଇଗଲା । ପାଣି ଛିଟିକା ସବୁ ପିଲାମାନଙ୍କ ଉପରେ ପଡିଲା । ସେ ଖୁସିରେ ହାତ ଗୋଡ ବାଡେଇ ପହଁରିଲା ।

ଏ ଭିତରେ ତା'ର ଭଉଣୀ ଛୋଟ ନାଳ ପାରିହୋଇ ଆସିଯାଇଥିଲା । ସେ ଭାଇମାନଙ୍କ ଦୁଃସାହସ ଦେଖୁଥିଲା । ଭାଇମାନେ ଆକାଶକୁ ଉଡି ଯାଉଛନ୍ତି ଆଉ ତା'ପରେ ସେମାନେ ପାଣି ଉପରେ କଚାଡି ପଡୁଛନ୍ତି । ପୁଣି ପିଲାମାନେ ପାଣିରୁ ବାହାରି ଆସିଥିଲେ । ମାଟିରେ ଦୌଡି ଖୁବ ଜୋରରେ ଲମ୍ଫ ଦେଉଥିଲେ । କିଏ କେତେଦୂର ଲମ୍ଫ ଦଉଛି । ପାଣିରେ ଖୁବ ଜୋରରେ ବାଡେଇ ହୋଇ ପଡୁଥିଲେ । ପାଣିର ଛିଟିକା ଆକାଶକୁ ଉଠିଯାଉଥିଲା । ସେମାନଙ୍କ ଦୁନିଆରେ କେତେ ଖୁସି ।

ପାଓଲି ସେମାନଙ୍କ ଦୁନିଆକୁ ମନେମନେ ପ୍ରଶଂସା କରୁଥିଲେ । ସେ ସାଧାରଣ ଜୀବନରେ କେତେ ଖୁସି । କେତେ ଆନନ୍ଦ । ସେଇ ପିଲାମାନଙ୍କ ମୁହଁରେ ଆଶଙ୍କା ତାଙ୍କୁ ଟିକେ ଦୁଃଖ ଦେଉଥିଲା । ପିଲାମାନଙ୍କ ମୁହଁରେ କାଳିଚିଆ ଛାଇ ନଆସୁ ଜମା ।

ପୁଣି ଜୋରରେ ଝାଞ୍ଜ ବାଜି ଉଠିଲା । ପାଲା ଆରମ୍ଭ ହୋଇଥିଲା ।

ଦୁଃଖେ ପାଇଁ କିଛି ଉପାୟ ନଥିଲା । ସମସ୍ତେ ଦକ୍ଷିଣ ରାୟ ଭୟରେ ପଳାୟନ କରିଛନ୍ତି । ଆଉ କିଛି ସମୟପରେ ସେ ନିଜେ ବାଘର ଭୋଜନ ହେବ । ତା'ର ମା କଥା ମନେ ପଡିଲା । ଜଙ୍ଗଲରେ ବିପଦରେ ମା ବନବିବିଙ୍କୁ ସୁମରଣା କରିବା ପାଇଁ ମା କହିଥିଲା । ମା'କେବଳ ବାଘ କବଳରୁ ରକ୍ଷା କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଆଖି ବନ୍ଦକରି ବନବିବିଙ୍କୁ ଡାକିଲା । ମା', ମାଗୋ ତୁମେ ମୋତେ ଜଙ୍ଗଲରେ ବାଘ କବଳରୁ ରକ୍ଷାକର ।

କେତେ ମହିମା ମା ତୋମାର

ତବ ମାୟା ବୋଝା ଭାର

କୋଥାଏ ଅଛ ଜନନୀ. . . . . .

ଦକ୍ଷିଣ ରାୟ ବିକଟାଳ ହସ ହସିଷ୍ଟେଜ ଉପରେ ଡୁଲୁକି ଚାଲୁଥାଏ । ଦୁଃଖେ ଆଖିରୁ ଲୁହ ବୋହି ଯାଉଥାଏ । ସେ ବିକଳରେ ବନବିବିଙ୍କୁ ଡାକୁଥାଏ । ଏଣେ ଗୀତିକାର ତା' ଭାଷାକୁ ନିଜ ସୁରରେ ଗାଉଥାନ୍ତି ।

କହେ ମା ବନବିବି କୋଥାଏ ରଇଲେ ଏ ସମୟେ

ଜଲଦି କରେ ଏସେ ଦେଖୋ ତୁମାର ଦୁଃଖେ ମାରା ଯାଏ

କାରର ଦିଆଛୋ ମାଗୋ ଯଦି ନା ପାରାବୋ

ଭକ୍ତିର ମଧ୍ୟେତୁମାର କଳଙ୍କ ରଏଯାବେ ।. . . . .

ତା' ଆଗରେ ବନବିବି ଉଭା ହୋଇଗଲେ । ସେ ତାଙ୍କ ଭାଇ ଶାହା ଜଙ୍ଗଲୀକୁ ଡାକିଲେ । ଛଦ୍ମ ରୂପରେ ଦକ୍ଷିଣ ରାୟ ମଣିଷ ମାରୁଛି । ଲୋକଙ୍କୁ ରକ୍ଷା କରିବାର ହେବ । ଶାହା ଜଙ୍ଗଲୀ ଗର୍ଜ୍ଜନ କଲା । ସେ ଛଦ୍ମବେଶୀ ବାଘକୁ ଉଚିତ ଶିକ୍ଷା ଦେବ ।

ଦୁଃଖେର ଦୁଖ ଦୂର ହେଲା । ବନବିବିଙ୍କ ଭାଇ ଶାହା ଜଙ୍ଗଲୀ ସହ ଯୁଦ୍ଧରେ ଦକ୍ଷିଣ ରାୟ ପରାଜିତ ହେଲା । ଦକ୍ଷିଣ ରାୟ ବଡା ଖାଁ ଗାଜିଙ୍କ ଶରଣ ନେଲା । ତା'ର ଜୀବନ ରକ୍ଷା ହେଲା ।

ଦୁଃଖେ ବନବିବିଙ୍କ କୃପାରୁ ମା ପାଖକୁ ଏତେ ବଡ଼ ବିପଦରୁ ଫେରି ଆସିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନବିବିଙ୍କ ଜୋହୁରାନାମା କାବ୍ୟରୁ ଗୀତିକାର ଗାନା ଗାଉଥିଲେ ।

ଆଠାରୋ ଭଟ୍ଟାର ମାଝେ ଆମି ସବାର ମା

ମା ବୋଲି ଡାକିଲେ କାରେ ବିପଦ ଥାକେନା

ବିପଦେ ପଡି ଯେବା ମା ବୋଲି ଡାକିବେ

କୋଉ ତାରେ କେଉ ହିଂସା ନା କରିବେ . . . .

ଅପରାହ୍ନ ଅନେକ ଗଡି ଯାଇଥିଲା । ଅନ୍ଧାର ହୋଇ ନଥିଲା । ଲୋକମାନେ, ଅଭିନତାଗଣ ନିଜ ନିଜ ଯାଗାକୁ ଦିନ ଥାଉ ଥାଉ ଫେରିଯିବେ ।

ସପନବାବୁ ଆଉ ପାଓଲି ସେମିତି ଷ୍ଟେଜ ଉପରେ କିଛି ସମୟ ବସି ରହିଲେ । ଅନ୍ୟମାନେ ପ୍ରାୟ ଯାଇ ସାରିଥିଲେ ।

ପାଓଲି ଫେରି ଯାଉଥିବା ପିଲାମାନଙ୍କ କଥା ଭାବୁଥିଲେ । ସେହି ସକାଳର ଡିଆଁଖେଳ ତାଙ୍କ ମନରେ ଆନନ୍ଦ ଭରି ଦେଇଥିଲା । ପିଲାମାନେ ଅନେକ ସମୟ ଧରି ସେମିତି ପାଣିରେ ଲମ୍ଫ ଦେଉଥିଲେ । ସାନଭାଇ ଖୁବ ଖୁସି ହୋଇଯାଇଥିଲା । ସେ ନାଳକୂଳରୁ କାଦୁଅ ଉଠାଇ ଆଣିଲା । ନିଜର ଦେହରେ ବୋଳିଲା । ଏକ ଲଙ୍ଗଳା ଦେହରେ ଫିକା କଳା ମାଟିର ପରସ୍ତ ବସି ଯାଇଥିଲା । ତା'କୁ ଦେଖା ଦେଖି ଅନ୍ୟପିଲାମାନେ ନିଜ ନିଜ ଦେହରେ କାଦୁଅ ବୋଳି ହେଲେ । ସମସ୍ତଙ୍କ ଦେହରେ ପାଣିଚିଆ କଳା କାଦୁଅ । ତାପରେ ସେମାନେ ଖୁବ ଜୋରରେ ଦୌଡି ପାଣି ଭିତରକୁ ଡେଇଁ ପଡିଲେ । ସେଇଠି ଖୁବ ବାଡେଇ ହେଲେ । ଦେହରୁ ସବୁ କାଦୁଅ ଛାଡିଗଲା । ଏମିତି ଅନେକ ସମୟ ବିତିଯାଇଥିଲା ।

ପାଓଲି ସେହି ପିଲାମାନଙ୍କୁ ଅନେକ ସମୟ ଧରି ଅନାଇ ରହିଥିଲେ । ଏତେ ସୁନ୍ଦର ଏହି ପିଲାମାନଙ୍କର ଦୁନିଆ । ବନବିବି ତା'ହେଲେ କଣ ଏକ ଆଶ୍ରୟ ? କଣ ଏକ ବିଶ୍ୱାସର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶ୍ରୟ ?

କିନ୍ତୁ ସେମାନଙ୍କ ଜୀବନରେ ଖୁସି ଫେରାଇ ଆଣିବାର ଉପାୟ ତ ରଖିଛି ନିଶ୍ଚୟ ।

"ପାଓଲି । ଏଇଟା କଣ ସୁନ୍ଦରବନର କାହାଣୀ ?"- ସପନବାବୁ ପଚାରିଲେ । ସେ ଭାବୁକ ହୋଇ ଯାଇଥିଲେ । ତାଙ୍କର ଆଖି ବୋହିଯାଉଥିବା ଗୋଳିଆ ପାଣିକୁ ଅନାଇ ରହିଥିଲା । ଗାଁରେ ଲୋକମାନଙ୍କ ସ୍ୱର ପ୍ରାୟ ଶୁଣା ଯାଉନଥିଲା । ମଝିରେ ମଝିରେ ପିଲାମାନେ ଦୌଡ଼ା ଦୌଡ଼ି ହେଉଥିଲେ ।

ପାଓଲି କିଛି ସମୟପାଇଁ କିଛି କହିଲେନି । ସେ ସପନବାବୁଙ୍କ ଭଳି ପାଣିକୁ ଅନାଇ ରହିଥିଲେ ।

"ସପନବାବୁ ଏଇଟା ହେଉଛି ଏକ କିଛି ଘଟିଯାଇଥିବା ସାଧାରଣ ବିଷୟର ଅସାଧାରଣ ବିବରଣୀ ।" – ସେ କହିଲେ । ସେଥିରେ କିଛି ବୁଝାଇବା ପାଇଁ ନୂଆ ତଥ୍ୟ ନଥିଲା । ତାଙ୍କର ସ୍ୱରରେ ଥରୁଥିବା ଉତ୍ତେଜନା ନଥିଲା । ସବୁକିଛି ଗୋଳିଆ ପାଣିରେ ବୋହିଯାଉଥିବା ଭାବନା ଭଳି ସତ୍ୟ ।

"ହଁ ପାଓଲି । ସତଟା ହେଉଛି ବିଶ୍ୱାସ । ତୁମେ ସେ ପିଲାମାନଙ୍କୁ ଦେଖିଲନି ।"- ସପନବାବୁ କହିଲେ ।

ପାଓଲି ଗାଁ ଦାଣ୍ଡକୁ ଅନାଇଲେ । ପିଲାମାନେ ମଝିରେ ମଝିରେ ବାହାରି ଆସି ଦୌଡୁଥିଲେ । ସେମାନଙ୍କ ଜୀବନ ଚଞ୍ଚଳ ଆଉ ମଧୁର ।

"ସପନବାବୁ, କାହାଣୀଟା ସତ । ନିଶ୍ଚିତ ଭାବରେ କିଛି ଏ ଦୁନିଆରେ ଘଟିଛି । ଗ୍ରାମ୍ୟ ଜୀବନର ପ୍ରତିଦିନର ସଂଘର୍ଷ ତ ସତ ।"- ପାଓଲି କହିଲେ । ସୂର୍ଯ୍ୟ ଅନେକ ତଳକୁ ଓହ୍ଲାଇ ଆସିଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଲୋକମାନେ ଜଙ୍ଗଲ ଯାଉଛନ୍ତି । ବାଘର ଭୟ ସେମାନଙ୍କୁ ଆବୋରି ବସିଛି । କେଉଁ ମୁହୁର୍ତ୍ତରେ ଜୀବନ ଛାଡିଯିବ ଜାଣି ନାହାନ୍ତି । ତେଣୁ ଏ ଅନ୍ଧାରର ଦୁନିଆରେ ବଞ୍ଚିବାପାଇଁ କିଛି ବିଶ୍ୱାସର ଆବଶ୍ୟକତା ଅଛି । ଲୋକଙ୍କର ଆବଶ୍ୟକତାକୁ ନେଇ କିଛି କାହାଣୀ ଗଢି ହୋଇଯାଏ ଆଉ ସମୟସହ ଆଗକୁ ବଢିଚାଲେ । ଯେଉଁଦିନ ପର୍ଯ୍ୟନ୍ତ ଡ଼ରର ସେ ସ୍ୱରୂପ ଥିବ, ଯେଉଁଦିନ ପର୍ଯ୍ୟନ୍ତ ଲୋକମାନେ ଜଙ୍ଗଲକୁ ଯାଉଥିବେ ସେମାନେ ଏକ ଚରିତ୍ରକୁ ବିଶ୍ୱାସ କରିବେ । ଏହା ତ ମନରେ ଶକ୍ତି ଦେବ ।"- ପାଓଲି କହୁଥିଲେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁସୁମ



ବିଜୟ କୁମାର ପଣ୍ଡା

ଦ୍ୱିତୀୟ ଭାଗ (୨)

*ଏହା "କୁସୁମ" ଧାରାବାହିକ କାହାଣୀର ଦ୍ୱିତୀୟ ଅଧ୍ୟାୟ । ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପୂର୍ବ ଏବଂ ପରବର୍ତ୍ତୀ ଭାଗ ସବୁ ପଢ଼ି ଆପଣଙ୍କ ଗଠନମୂଳକ ସୁଚିନ୍ତିତ ପାଠକୀୟ ମତାମତ ନିଶ୍ଚୟ ଦେବାକୁ ବିନୀତ ଅନୁରୋଧ ।

ପୂର୍ବ ଭାଗରେ ପଢ଼ିଥିଲେ..

କୁସୁମର ବାପା କିଏ ସେକଥା ତା ମା' ଠୁଁ କେତେ ଚେଷ୍ଟା କରିବି ଜାଣି ପାରିନି । ବହୁ କଷ୍ଟରେ ମା ତାକୁ ବଢ଼େଇଥିଲା । ତାକୁ ମଣିଷ କଲା । ତା ପାଇଁ ଅନେକ ସ୍ୱପ୍ନ ଦେଖିଥିଲା ହେଲେ ସମୟ ସବୁକିଛି ଛଡ଼େଇ ନେଲା ।

ତା ମା' ତା ପାଇଁ ବହୁତ ଲଢ଼ିଲା କିନ୍ତୁ ଶେଷରେ ସେମାନେ ତାକୁ ଜୀବନରୁ ମାରିଦେଲେ । ତା ମା'ର ହତ୍ୟାକାରୀଙ୍କୁ ସେ ଜାଣିବାକୁ ଚେଷ୍ଟା କରିଛି କିନ୍ତୁ ବିଫଳ ହୋଇଛି ।

ଦିନେ ମେଧାବୀ ଛାତ୍ରୀ ହିସାବରେ ଆଖପାଖ ଅଞ୍ଚଳରେ ଖ୍ୟାତି ଅର୍ଜିଥିଲା ହେଲେ ଆଜି ସମୟ ତାକୁ ଅନ୍ୟଘରେ ଚାକରାଣୀ ସଜେଇ ଦେଇଛି କିନ୍ତୁ ସେ ହାରିବନି ବୋଲି ମନକୁ ଦୃଢ଼ କରିଛି । ତା ଡାଏରିରେ ଲେଖିଛି ତାର ମନର କଥା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାପରେ ପଢ଼ନ୍ତୁ କାହାଣୀର ପରବର୍ତ୍ତୀ ଅଂଶ ଏହି ଦ୍ୱିତୀୟ ଭାଗରେ ।

ରାତି ଅଧିକ ହେଲାଣି । ବାହାରେ ନିଶା ଗରଜୁଛି । ହେଲେ କୁସମକୁ ନିଦ ନାହିଁ । ଡାଏରିଟା ଧରି କୁସୁମ ଲେଖିବାକୁ ଇଛା କଲା ।

"ସେ ନୂଆ ଏସ୍.ଆଇ. ବାବୁ.. ବହୁତ ଭଲ ଲୋକ ଜଣେ । କେଜାଣି କାହିଁକି ବହୁତ ଆପଣାର ଲାଗୁଥିଲେ ।"

ଦୁଇ ଧାଡ଼ି ଲେଖିଛି କି ନାହିଁ ମାଲିକିଆଣିଙ୍କ ପାଟି ଶୁଣାଗଲା ।

"କିଲୋ ଆହୁରି ଶୋଇନୁ କଣ ଯେ ? ସକାଳୁ ଉଠି କାମ ସବୁ ସାରି କୁନି କଲେଜ୍ ଯିବା ପୂର୍ବରୁ ତା ପାଇଁ ଟିଫିନ୍ ବି ରେଡ଼ି କରିବାର ଅଛି, ବାବୁଙ୍କ ପାଇଁ ବି ଟିଫିନ୍ ରେଡ଼ି କରିବାର ଅଛି । କଣ ଭୁଲିଯାଉଛୁ କି ? ଆଇ.ଏ.ଏସ୍, ଓ.ଏ.ଏସ୍ ପରୀକ୍ଷା ଦେଲା ଭଳି ଡାଏରି ଖୋଲି ବସିପଡ଼ିଲା ମହାରାଣୀ । ଲାଇଟ ବନ୍ଦ କରି ଜଲ୍ଦି ଶୋଇପଡ଼େ ।" ମାଲିକିଆଣି ପାଟି କରି ଭିତରକୁ ଗଲେ ।

ଗରିବକୁ ସ୍ୱପ୍ନ ଦେଖିବା ମନା । ନିଜ ମନଲାଖି କାମ କରିବା ବି ମନା ! ! ଡାଏରି ବନ୍ଦ କରି, ଲାଇଟ ବନ୍ଦ କରି ଶୋଇବାକୁ ବିଛଣାରେ ପଡ଼ିରହିଲା କୁସୁମ ।

ଆଖିକୁ ନିଦ ନାହିଁ ।

ସାରା ରାତି ପଡ଼ିଛି ହେଲେ ସ୍ୱପ୍ନ ସବୁ ଆଉ ଧରା ଦେଉ ନାହାନ୍ତି । ତା ପାଇଁ ସବୁ ପର ହୋଇ ଗଲେଣି କେବେଠୁଁ ।

ମାଲିକିଆଣିଙ୍କ କଥାଟା ତା ମନକୁ ଦୋହଲେଇ ଦେଲା ।

"ସତରେ ଆଇ.ଏ.ଏସ୍ କି ଓ.ଏ.ଏସ୍ ଭଳି ପରୀକ୍ଷା ସେ ଦେବାକୁ ସେ କଣ ଯୋଗ୍ୟ ! ! ସେ ବିଏ ପାସ୍ କରିଛି । ପଢୁଥିଲା ବେଳେ ସେ ଜାଣିଥିଲା କି ଗ୍ରାଜୁଏଟ ପିଲାମାନେ ସିଭିଲ ସର୍ଭିସ୍ ପାଇଁ ଯୋଗ୍ୟ । ଏବେବି ସେଇଆ ନିୟମ ଥିବ ତ ! ! ନା କିଛି ବଦଳି ଗଲାଣି ! !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାହାକୁ ପଚାରିବ ସେ ? ଏଠି ତ ଚାକରାଣୀଟିଏ ସେ.. ତା କଥା କିଏ ଶୁଣିବ ଯେ ?" ମନେ ମନେ ଚିନ୍ତା କଲା କୁସୁମ ।

"ମୋର ଏ ପୋଡ଼ା ମୁହଁକୁ ଦେଖି ଏ ଦୁନିଆରେ ସବୁ ଲୋକ ମୁହଁ ଫେରାଇ ନିଅନ୍ତି । ବାହାରକୁ ଯିବା ମୋ ପାଇଁ କାଠିକର । ଏସବୁ ଭିତରେ ମୁଁ ପୁଣି ଆଇ.ଏ ଏସ୍ , ଓ.ଏ.ଏସ୍ ପରୀକ୍ଷା ଦେବି । ତା ଛଡ଼ା ସବୁ ସାର୍ଟିଫିକେଟ ତ ପୋଡ଼ିଗଲା । ଏବେ କଣ ପ୍ରମାଣ ଅଛି ଯେ ମୁଁ ଗ୍ରାଜୁଏଟ ବୋଲି ? ନାହିଁ ଏ ସିଭିଲ ସର୍ଭିସ୍ ମୋ ପାଇଁ ସମ୍ଭବ ନୁହେଁ ।" ମନ ଉଣା କରୁଥିଲା କୁସୁମ ।

ଭାବିଲା "ବାବୁ ତ ଭଲ ଲୋକ ଭଳି ଜଣା ପଡୁଛନ୍ତି, ତାଙ୍କୁ ପଚାରି ପାରିବ । ଯଦି କିଛି ସୂଚନା ମିଳେ । ହେଲେ ଚାକରାଣୀ ହେଇ ଏସବୁ ପରୀକ୍ଷା ପତ୍ର ପାଇଁ କଣ ମାଳିକିଆଣି ମୋତେ ଅନୁମତି ଦେବେ ?" ନାହିଁ ଏସବୁ ସମ୍ଭବ ନୁହେଁ ବୋଲି ମନ କହୁଥିଲା ତାର ।

ମନ ମାରି ବସିଲା ।

ଏହା ଭିତରେ ନିଦ ଲାଗିଯାଇଛି ତା'ର ।

ସୁନ୍ଦର ସ୍ୱପ୍ନଟିଏ ।

ତା ମା କୁ ଦେଖୁଛି ସ୍ୱପ୍ନରେ ।

ମା ଆସି ତା' ପାଖରେ ବସିଛି । ମୁଣ୍ଡ ଆଉଁସି ଦେଉଛି । ଗେହ୍ଲା କରୁଛି ।

କାନ୍ଦି କାନ୍ଦି କଣ ସବୁ କହୁଛି । ହେଲେ, କଣ ଯେ କହୁଛି ଠିକ୍ ଭାବେ ବୁଝି ପାରୁନି । ସବୁ ଝାପ୍ସା ଝାପ୍ସା ଶୁଣାଯାଉଛି ।

(କ୍ରମଶଃ...)

ସମ୍ପାଦକ -କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ବର ।

ଯୋଗାଯୋଗ: ୯୭୩୩୯୫୯୦୧୮୧୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଖାସି ମାଂସ



ପ୍ରଶାନ୍ତ କୁମାର ବେହେରା

ବାବୁନା ଗୋଟେ ନିଶାଡି । ମଦ, ଗଂଜେଇ, ତମାଖୁ ଆଦି ବିଭିନ୍ନ କିସମର ନିଶାଦ୍ରବ୍ୟ ସେବନ କରୁଥିବା ନିଶାଖୋର୍ ଯୁବକଟିଏ । ବାପା ଅଜାଙ୍କ ଜମିଦାରୀ ଦିନେ ଥିଲା । ଏବେ ସେ ଜମିଦାରୀ ନଥିଲେ ବି ସମ୍ଭ୍ରାନ୍ତ ବଂଶୀୟ ରଙ୍ଗ ଢଙ୍ଗ ସହ ଘରର ଚଳଣି ଖୁବ୍ ଭଲଥିଲା । ନିଶାଖାଇ ଜୁଆ ଖେଳିବା ତାର ନିତି ଦିନିଆ କାମ । ଏ ବାବଦରେ ଘରର ବହୁ ପଇସା ବରବାଦ୍ କରିବା ହେତୁ ଘରେ ସମସ୍ତଙ୍କର ବିଶ୍ୱାସ ହରାଇ ସାରିଥିଲା ବାବୁନା । ସାହିପଡ଼ିଶା ସମସ୍ତଙ୍କ ଠାରୁ ଧାର କରଜ କରି ନିଶା ଆଉ ଜୁଆରେ ପଇସା ଉଡ଼େଇସାରିବା ପରେ ନ ଶୁଝିବାରୁ କିଛି ଲୋକ ତାଙ୍କ ଘରେ ଅଭିଯୋଗ କରି ପଇସା ଫେରି ପାଇଛନ୍ତି ।  ଏବେ ବାବୁନା ଏମିତି ଅବସ୍ଥାରେ ପହଞ୍ଚି ସାରିଥାଏ ଯେ ତାକୁ ଗାଁରେ କେହି ବି ଧାର ଦେବେନାହିଁ ।

ବାବୁନା ବିବାହ କରିସାରିଥାଏ । ଘରେ ତାର ବାପ, ମଆ, ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟେ ପୁଅ । କିନ୍ତୁ ଘରକଥା ବାବୁନା କିଛି ବୁଝେନା । ସବୁକଥା ତା' ବାପା ରମେଶବାବୁ ହିଁ ବୁଝନ୍ତି । ରମେଶବାବୁ ଉଚ୍ଚଶିକ୍ଷିତ ତଥା ଖୁବ୍ ନୀତିବାନ ଲୋକ । ଗାଁର ମାମଲତ୍କାର । ସମସ୍ତେ ତାଙ୍କୁ ମାନନ୍ତି । ବାବୁନା ନିଶା ଖାଇ ଚୁର୍ ହୋଇ ଗାଁ ରାସ୍ତାରେ ଟଳଟଳ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଲାବେଳେ କିଛି ଲୋକ କୁହାକୁହି ହୁଅନ୍ତି କି ରମେଶବାବୁଙ୍କ ପରି ଲୋକ ଔରସରୁ ଏମିତି କୁଳାଙ୍ଗାର କେମିତି ଜନ୍ମହେଲା ।

ରମେଶବାବୁଙ୍କର ବାବୁନା ଏକମାତ୍ର ପୁତ୍ର । ଉଚ୍ଚ ଶିକ୍ଷିତ । ହେଲେ ସାଙ୍ଗ ମେଳରେ ପଡି ନଷ୍ଟ ହୋଇଗଲା ତାଙ୍କ ଆଖି ଆଗରେ । ଏବେ ତ ସରକାର ସହରରେ ଆଉ ସବୁ ଗାଁରେ ମଦ ଦୋକାନ  ସଂଖ୍ୟା ବଢେଇବା ସହିତ ଦିନକୁ ଦିନ ଅଧିକରୁ ଅଧିକ ଯୁବକ ଓ ଛାତ୍ର ନିଶା ପାଲରେ ପଡିବା ସଂଗେ ସଂଗେ ଅପରାଧର ଦୁନିଆରେ ପାଦ ଦେଉଛନ୍ତି । କେବଳ ସହରର ଏ ଅବସ୍ଥା ନୁହେଁ, ଗାଁ ମାନଙ୍କର ମଧ୍ୟ ଅବସ୍ଥା ଆହୁରି ସଂଗୀନ । ଓଡିଶାରେ ପାଖା ପାଖି ୪୦ ପ୍ରତିଶତ ପୁରୁଷ ମଦ୍ୟପାନ କରୁଛନ୍ତି । ମଦ ସମେତ ଅନ୍ୟାନ୍ୟ ତମାଖୁ, ଗଂଜେଇ ଆଉ ବ୍ରାଉନ ସୁଗାର ଆଦି ସାଂଘାତିକ ନିଶା ସବୁକୁ ମିଶାଇଲେ ଏ ନିଶାଡିଙ୍କ ହାର ୭୦ % ରୁ ଅଧିକ ହେବ । ତେଣୁ ଓଡିଶାରେ ନିଶାଡିଙ୍କ ହାର ଜାତୀୟ ହାର ଠାରୁ ଢେର ଅଧିକ ।

ରମେଶବାବୁ ବାବୁନାକୁ ବହୁତ ବୁଝାନ୍ତି । ବାବୁନା ବି ସବୁ ବୁଝେ । ଏ ବୁଝିବାଟା ବାବୁନା ମୁଣ୍ଡରେ ଅତି ବେଶିରେ ଦୁଇ କି ତିନି ଦିନ ରହେ ତାପରେ ଯେଉଁକଥାକୁ ସେଇକଥା । ଶେଷକୁ ଚିନ୍ତାକଲେ ବାହା କରିଦେଲେ ବୋହୂ ଆସି ପିଲାଟାକୁ ବାଗେଇ ଦେବ । କିନ୍ତୁ ବାବୁନାର କିଛି ବି ପରିବର୍ତ୍ତନ ହେଲାନି । ତିନିଟି ପିଲାର ବାପ ହେଲା ପରେ ସେଇ ସମାନ ସ୍ଥିତି । ଅବଶ୍ୟ ବାବୁନା ମଦ ପିଇ କେଉଁଠି ଗଣ୍ଡଗୋଳ କରେନି । କାହାକୁ କେବେ ଦୋ ଅକ୍ଷରି ଭାଷାରେ ଗାଳି କରିନି । କେବଳ ଘରୁ ପଇସା ଚୋରିଚାରି କରି ନିଏ । ସେଥିପାଇଁ ତାକୁ ଘରେ ସମସ୍ତେ ଜଗିଥାନ୍ତି । ଆଜିକାଲି ଘରୁ ପଇସା ଚୋରି କରିବା ସୁଯୋଗ ତାକୁ ଖୁବ୍ କମ୍ ମିଳୁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଜପର୍ବ ଓଡିଶାର ଗାଁ ଗଣ୍ଡାରେ ପାଳନ କରାଯାଏ । ସେଇ ରଜରେ ଗାଁଆଁ ମୁଣ୍ଡରେ ଆମିଷବାର ଦିନ ଭଲ ଖାସି ମରାଯାଏ । ସେଦିନ ବୁଧବାର ଥାଏ । ବାବୁନା ଘରେ ଥାଏ ।

ରମେଶବାବୁ ତାକୁ ଡାକି କହିଲେ, "ନେ ଏ ୫୦୦ ଟଙ୍କା, ଗାଁଆଁ ମୁଣ୍ଡରେ ମରା ହେଉଥିବା ଖାସି ମାଂସ କିଲେ ଅଣିକି ଆସେ । ସିଧା ଯିବୁ ଆଉ ଆସିବୁ । ଆଉ କୁଆଡେ ଯିବୁନି । ମାଂସ ଅଣିଲେ ରୋଷେଇ ହେବ ।"

ବାବୁନା 'ହେଉ' ବାପା ବୋଲି କହି ଟଙ୍କାଧରି ଚାଲିଲା । ପଇସାପତ୍ର ଆଉ ସୁବିଧା ଅଭାବରୁ ସେ ପାଖା ପାଖି ୮ ଦିନ ହେବ ମଦ ପିଇ ନଥିଲା । ୫୦୦ ଟଙ୍କା ପାଇଛି ତ ତାକୁ ଖାଲି ମଦ ବୋତଲ ଦେଖାଗଲା । ଗାଁଆଁ ମୁଣ୍ଡରେ ଯେଉଁଠି ଖାସି ମାଂସ ମରା ଯାଇଥିଲା ସେଠି ଅସମ୍ଭବ ଭିଡ ହୋଇଥାଏ । ମାସଂ କିଣିବାକୁ ଯାଇଥିବା ଲୋକମାନେ ସେଠି ଠେଲା ପେଲା ହେଉଥାନ୍ତି । ମରାଯାଇଥିବା ଛେଳି କିମ୍ବା ମାଂସ ବିକାଳି କେହି ବି ଦୃଷ୍ୟମାନ ହେଉନଥାନ୍ତି । ସେ ମାଂସ ବିକାଳିର ଚାରିପଟେ ଲୋକ ଘେରିକି ସେମିତି ଠିଆ ହୋଇଥାନ୍ତି । କିଛି ଦୂରରେ ମଦ ଦୋକାନ । ବାବୁନା ସେ ମଦ ଦୋକାନ ଆଡକୁ ଅନାଇଁ କିଛି ଭାବିଲା । ସେଠି ପୁରା ଫାଙ୍କା ଫାଙ୍କା ଅବସ୍ଥା । ଦୁଇଜଣ ମଦୁଆ ଏପଟ ସେପଟ ହେଉଥାନ୍ତି ।

ହଠାତ୍ ବାବୁନା ସେ ମଦ ଦୋକାନ ଆଡକୁ ଦୃତ ଗତିରେ ଚାଲିଲା । ସେଠି ମଦ କାଉଁଣ୍ଟର୍ ପାଖରେ ଛିଡାହୋଇ ମାଂସ ପାଇଁ ଆଣିଥିବା ୫୦୦ ଟଙ୍କା ପକେଟରୁ ବାହାର କଲା ।

ସେ ମଦୁଆ ଦୁଇଜଣ ବାବୁନାକୁ ଦେଖିବା ମାତ୍ରେ ଏକ ସ୍ୱରରେ କହିଉଠିଲେ, "ଭାଇ ନମସ୍କାର ।"

ସେ ଟିକେ ହସିଦେଲା ଆଉ ୪୦୦ ଟଙ୍କାରେ ମଦ, ଗୋଟେ ପାଣି ବୋତଲ ଓ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡିସପୋଜେବୁଲ୍ ଗ୍ଲାସ୍ କିଣି ସେ ମଦୁଆ ଦୁଇଜଣଙ୍କ ପାଖକୁ ଚାଲିଲା । ବାବୁନା ଆଗରୁ ବହୁବାର ସେମାନଙ୍କ ସହୁତ ଏକାଠି ବସି ମଦ ପିଇଛି । ତାପରେ ମଦକୁ ଏକୁଟିଆ ପିଇବା ଠିକ୍ ଲେଗେନି । ମଦକୁ ଅବମାନନା ହେଲା ବୋଲି ଜାଣ ।

ସେ ଦୁଇଜଣଙ୍କ ଭିତରୁ ଅଭି ନାମଧାରୀ ମଦୁଆ ପୁରା ଖୁସି ହୋଇ କହିଲା, "ଆଜି ତାହେଲେ ଆମ ଭାଗ୍ୟ । ଏତେ ଦିନ ପରେ ଭାଇଙ୍କ ସହ ବସି ପିଇବାକୁ ସୁଯୋଗ ମିଳିଲା । ଆପଣ ଆଜ୍ଞା ଜମିଦାର, ଆମେ ହେଉଛୁ ପ୍ରଜା । ଆପଣଙ୍କ ଅଇଁଠା ପାଦୁକ ଟିକେ ପାଇଗଲେ ଆମେ ଧନ୍ୟ ହୋଇଯିବୁ ।"

ବାବୁନା ଆଗେ ଆଗେ ଆଉ ତା ପଛେ ପଛେ ସେ ଅଭି ସହ ଆର ମଦୁଆ ଜାହାର ନାମ କେଷ୍ଟା ଚାଲିଥାନ୍ତି । କିଛି ଦୂରରେ ଥିବା ଗୋଟେ ଗଛ ମୂଳରେ ସମସ୍ତେ ବସିଗଲେ । ଅଭି ଖୁବ୍ ସମ୍ମାନର ସହିତ ବାବୁନା ହାତରୁ ମଦ ବୋତଲ, ପାଣି ଓ ସେ ଗ୍ଲାସ୍ ନେବାକୁ ହାତ ବଢାଇ କହିଲା, "ବାବୁ ଦିଅନ୍ତୁ, ମୁଁ ପେଗ୍ ବନାଇଦେବି ଆପଣଙ୍କ ପାଇଁ ।"

ବାବୁନା ପୁରୁଣା ନିଶାଡି ହୋଇଥିବାରୁ ବିନା ଚାଖଣରେ ବି ମଦ ପିଇ ଯାଏ । କିନ୍ତୁ ଏ ଅଭି ଓ କେଷ୍ଟା ନୂଆ ନୂଆ ନିଶା ଖାଉଥିବାରୁ ବିନା ଚାଖଣରେ ମଦ ପିଇ ପାରନ୍ତି ନାହିଁ ।

ଅଭି ଗୋଟେ ଗ୍ଲାସରେ ମଦ ଓ ପାଣି ଭାଗମାପ ଅନୁଯାଇ ମିଶାଇ ବାବୁନା ହାତକୁ ବଢେଇ ଦେଇ କହିଲା, "ନିଅନ୍ତୁ ଆଜ୍ଞା ଆପଣ ଆଗ ତଣ୍ଟି ଓଦା କରି ନିଅନ୍ତୁ ।"

ଏମିତି ୩ ପେଗ୍ ବନାଇ ବାବୁନାକୁ ପିଆଇ ସାରିବା ପରେ ତା ନିଶା କିଛି ମାତ୍ରାରେ ଆସିଗଲା । ସେ ଏଥର କହିଲା, "ଆରେ ତମେ ଦୁଇଜଣ ବି ନିଅ ।"

ଅଭି କହିଲା, "ଏ କେଷ୍ଟା, ଶୀଘ୍ର ଯାଇକି କିଛି ଚାଖଣ ଆଉ ସିଗାରେଟ୍ ପ୍ୟାକେଟ୍ ନେଇଆସେ ।"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେମ୍ପା ଏଥର ବାବୁନା ଆଡକୁ ଚାହିଁ କହିଲା, "ଭାଇ ଟଙ୍କା ଦିଅନ୍ତୁ, ମୁଁ ସଙ୍ଗେ ସଙ୍ଗେ ନେଇକି ଆସୁଛି ।"

ବାବୁନା ପୁରା ମାଲିକ ଠାଣିରେ ପାଖରେ ବଳିଥିବା ୧୦୦ ଟଙ୍କା କେମ୍ପାକୁ ବଢାଇଦେଲା ।

କେମ୍ପା ଖୁବ୍ ଖୁସିରେ ଟଙ୍କାଧରି ପାଖରେ ଥିବା ଦୋକାନରୁ ସବୁ ଆନୁସାଙ୍ଗିକ ଜିନିଷ କିଣି ଆଣି ବଳିଥିବା ୨୦ ଟଙ୍କା ବାବୁନାକୁ ଫେରାଇବା ସମୟରେ ଅଭି ତାକୁ ତାଗିଦ୍ କରି କହିଲା, "ମୁର୍ଖ କେଉଁଠିକାର ! ତୁ କାହାକୁ ୨୦ ଟଙ୍କା ଫେରାଉଛୁ ? ବାବୁନାବାବୁ ପରା ରାଜାଧିରାଜ, ଥାନପତି । ରଖ ସେ ଟଙ୍କା ପାନ ଖାଇବା ।"

ଅଭି କଥାରେ ବାବୁନା ଟିକେ ଗମ୍ଭୀର ହୋଇ ଓଜନଦାର ଲୋକ ପରି ମୁହଁରେ ଭାବ ସୃଷ୍ଟିକରି କହିଲା, "ରଖ୍ ସେ ପଇସା ।"

କେମ୍ପା ବି "ଆଜ୍ଞା ହଜୁର" କହି ସେ ୨୦ ଟଙ୍କାକୁ ଖୁସିରେ ନିଜ ପକେଟ୍ ରେ ରଖିନେଲା ।

କିଛି ସମୟପରେ ସେ ମଦ, ଚାଖଣା ଓ ସିଗାରେଟ୍ ସବୁ ଶେଷ ହୋଇଗଲା । ଅଭି ଓ କେମ୍ପା ମଦ ସରିବା ଯାଏ ଧୁମ୍ ନିଶାରେ ବାବୁନାର ଗୁଣ କିର୍ତ୍ତନ କରିବାରେ ବ୍ୟସ୍ତ ଥାଆନ୍ତି । ଏ ଭିତରେ ସେ ଦୁହେଁ ବି ସେ ସ୍ଥାନ ପରିତ୍ୟାଗ କରି ସାରିଥାଆନ୍ତି । ବାବୁନାର ନିଶା ଖସି ଖସି ଆସୁଥାଏ ।

ମନେ ପଡିଗଲା ବାପା ୫୦୦ ଟଙ୍କାଦେଇ କହିଥିଲେ ଶୀଘ୍ର ମାଂସ ଆଣିବାକୁ । ଟଙ୍କା ତ ଆଉ ନାହିଁ । ସ୍ଥିରକଲା ସେ ମାଂସ ବିକାଳିକୁ ବାକିରେ ମାଂସ ମାଗିଲେ ସେ ନିଶ୍ଚେ ଦେବ । ସେଠି ପହଞ୍ଚି ଦେଖିଲା ପୂର୍ବର ସେ ଗହଳି ନାହିଁ କିମ୍ବା ସେ ମାଂସ ବିକାଳି ବି ନାହିଁ । ତା ମୁଣ୍ଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚକ୍କର ଖାଇଲା ପରି ଲାଗୁଥାଏ । ଏବେ କରିବ କଣ ? ବାପା ଏବେ ବି ତାକୁ ସମୟେ ସମୟେ ଖୁବ୍ ନିର୍ଦ୍ଦୟ ଭାବରେ ମାଡ ମାରନ୍ତି । ଆଜି ନିଶ୍ଚେ ତା ଭାଗ୍ୟରେ ଗୁଡେ ମାଡ ଖାଇବା ଲେଖା ହୋଇଛି ।

ଏମିତି ଚିନ୍ତା କରୁଥିବା ସମୟରେ ବାବୁନା ଦେଖିଲା ଗୋଟେ କେଳା ଦୁଇଟି ଗୋଧି ମାରି ହାତରେ ଧରି ଚାଲିଛି । ତା' ମୁଣ୍ଡରେ ଗୋଟେ ବୁଦ୍ଧି ଆସିଲା ଆଉ ସେଇ ଖୁସିରେ ତା ମୁହଁରେ ହସ ଫୁଟି ଉଠିଲା । ସେ ବଡ ପାଟିରେ କେଳାକୁ ଡାକ ପକାଇଲା । ସେତେବେଳେ ପଖରେ ଆଉ କେହି ନଥାନ୍ତି । କେଳା ତା ଡାକ ଶୁଣି ପାଖକୁ ଆସି ପଚାରିଲା, "ବାବୁ ମୋତେ ଡାକିଲେ କି ?"

ସେ କେଳା ତାକୁ ଚିହ୍ନିଥାଏ । ରମେଶବାବୁଙ୍କ ପୁଅ ବୋଲି ସେ ଜାଣିଥାଏ । ବାବୁନା ତା ହାତରେ ଥିବା ଗୋଧି ଦୁଇଟାକୁ ଲକ୍ଷ୍ୟକରି କହିଲା, "ଆରେ ଏ ଗୋଧି ଦୁଇଟା କଣ କରିବୁ ?"

କେଳା କହିଲା, "ଆଜ୍ଞା ତରକାରି କରି ଖାଇବୁ ।"

ବାବୁନା - "ଆଛା ସେ ଦୁଇଟାକୁ କେତେ ଟଙ୍କା ନେବୁ ।"

କେଳା ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଆପଣ ନେଇ କଣ କରିବେ ?"

ବାବୁନା ଚିନ୍ତା କରି କହିଲା, "ମୋ ପୁଅ ଆଉ ଝିଅଙ୍କୁ ସବୁବେଳେ ଥଣ୍ଡା ହେଉଛି । ଡାକ୍ତର କହିଛନ୍ତି ଗୋଧି ମାଂସ ଖାଇଲେ ଆଉ ଥଣ୍ଡା ହେବନି । ସେଥିପାଇଁ ପଚାରିଲି ।"

କେଳା କହିଲା, "ପିଲାଙ୍କ ପାଇଁ ଯଦି ଦରକାର ତାହେଲେ ନିଅନ୍ତୁ । ମୋତେ ୧୦୦ ଟଙ୍କା ଦେବେ ।"

ବାବୁନା କେଳାକୁ ମାଂସ କଟାଳିର କାଠ ଗଣ୍ଡି ଦେଖାଇ କହିଲା, "ଠିକ୍ ଅଛି ତାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠି ମାଂସ ପରି ଖଣ୍ଡ ଖଣ୍ଡ କରିଦେ । ଆମ ଘରେ କେହି କାଟିବେନି ।"

କେଳା "ହଉ ଆଜ୍ଞା" ବୋଲି କହି ସେ ଗୋଧି ଦୁଇଟାଙ୍କୁ ଖୁବ୍ ସୁନ୍ଦର ଭାବରେ ଚମଡା ଛେଲି ଅଳ୍ପ ସମୟ ଭିତରେ ମାଂସରେ ରୂପାନ୍ତରିତ କରିଦେଲା ।

ବାବୁନା ତା ହାତରୁ ମାଂସ ନେବାବେଳେ ପଚାରିଲା, "ଆରେ ଏ ମାଂସର ଓଜନ କେତେ ଖଣ୍ଡେ ହେବ ?"

କେଳା କହିଲା, "କିଲେରୁ କିଛି ଅଧିକ ହେବ । ଦେଖିଲେ ତ ବଡ ବଡ ଗୋଧି ଦୁଇଟା ।"

ବାବୁନା କହିଲା ଠିକ୍ ଅଛି, ତୁ ଦୁଇଦିନ ପରେ ଆସି ମୋ ପାଖରୁ ୧୦୦ ଟଙ୍କା ନେଇଯିବୁ । କେଳା "ଠିକ୍ ଅଛି ବାବୁ" ବୋଲି କହି ଚାଲିଗଲା ଆଉ ସେ ଗୋଧି ମାଂସକୁ ଧରି ବାବୁନା ଘରକୁ ଫେରିଲା ।

ସେଦିନ ମଧ୍ୟାହ୍ନ ଭୋଜନ ପ୍ରଥମେ ବାପ ପୁଅଙ୍କୁ ପରଶା ଗଲା । ବାବୁନା କାଳେ ଧରାପଡିଯିବ ସେ ଭୟରେ ଥାଏ । ରମେଶବାବୁ ମାଂସ କେତେଖଣ୍ଡ ଖାଇ ସାରିବା ପରେ କହିଲେ, "ଆରେ ବାବୁନା, ବହୁତ ସଫ୍ଟ ମାଂସ । ସେ ଛେଳିର କେଉଁ ଅଂଶ ଦେଲା ? ବଢିଆ ଲାଗୁଛି ।"

ବାବୁନା ଏଥର ଟିକେ ଖୁସି ହୋଇ କହିଲା, "କେଜାଣି କଣ ଦେଲା, ମୁଁ କେବଳ କହିଲି ବାପା ପଠାଇଛନ୍ତି, କିଲେ ମାଂସ ଦିଅ । ତାପରେ ସେ ବାଛିକି ଦେଲା ।"

ସେଦିନ ଘରେ ସମସ୍ତେ ଖୁସିରେ ବହୁତ ଭଲ ଖାସି ମାଂସ ବୋଲି ଭାବି ଖାଇଲେ । ଦୁଇ ଦିନ ପରେ ସକାଳ ଜଳଖିଆ ଖାଇସାରି ରମେଶବାବୁ ତାଙ୍କ ଜମିଦାରୀଆ ଘରର ଉଚ୍ଚା ପିଣ୍ଡାରେ ଥିବା ଚେୟାରରେ ବସି ସେଦିନର ଖବର କାଗଜ ପଢୁଥିଲେ । ଗାଁ ଦାଣ୍ଡ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁମାନେ ଯାଆନ୍ତି ସମସ୍ତେ ତାଙ୍କୁ ନମସ୍କାର କରି ଯାଉଥାନ୍ତି । ପାଖ ଆଖ ଗାଁର ଲୋକମାନେ ବି ତାଙ୍କୁ ଖୁବ୍ ମାନନ୍ତି । ତାଙ୍କୁ ସେ କେଳା ଆସି ନମସ୍କାର କଲା । ରମେଶବାବୁ ତାକୁ ପ୍ରତିନମସ୍କାର କରି ପଚାରିଲେ, "ଆରେ ତୋର ସବୁ ଭଲ ତ ? ପିଲାଛୁଆ କେମିତି ଅଛନ୍ତି ?"

କେଳା ଉତ୍ତରରେ କହିଲା, "ହଁ ବାବୁ ସବୁ ଆପଣଙ୍କ ଦୟାରୁ ଭଲରେ ଚାଲିଛି ।"

କେଳା ଏତିକି କଥାବାର୍ତ୍ତା ପରେ ବି ସେ ଜାଗାରୁ ନ ଯିବାରୁ ରମେଶବାବୁ ପଚାରିଲେ, "କଣ କହିବୁ ନା କିଛି କାମ ଅଛି ?"

କେଳା କହିଲା, "ଆଜ୍ଞା ସାନ ବାବୁଙ୍କ ପାଖରେ ଟିକେ କାମ ଥିଲା ।"

ରମେଶବାବୁ ବଡପାଟି କରି ବାବୁନା ବାବୁନା ବୋଲି ଡାକିଲେ । କିନ୍ତୁ ବାବୁନା ଘରେ ନଥିବାରୁ ତା ପୁଅ ଅର୍ଥାତ୍ ରମେଶବାବୁଙ୍କ ନାତି ଦେବୁ ଆସି କହିଲା, "ବାପା ଘରେ ନାହାନ୍ତି, ବାହାରକୁ କୁଆଡେ ଯାଇଛନ୍ତି ।"

ରମେଶବାବୁ ଏଥର କେଳାକୁ ପଚାରିଲେ, "ତୋର କି କାମ ତା ପାଖରେ କିରେ ?"

କେଳା କହିଲା, "ସାନ ବାବୁ ଦୁଇ ଦିନ ତଳେ ମୋ ଠାରୁ ଦୁଇଟି ଗୋଧିର ମାଂସ କରିକି ଆଣିଥିଲେ । ସେ ବାବଦକୁ ୧୦୦ ଟଙ୍କା ଆଜି ଆସି ନେବାକୁ କହିଥିଲେ ।"

ରମେଶବାବୁଙ୍କର କେଳା କଥାରେ ମୁଣ୍ଡ ପୁରା ଝାଇଁଝାଇଁ ହୋଇଗଲା । ତଥାପି ଧୈର୍ଯ୍ୟଧରି ପଚାରିଲେ, "ଦୁଇଦିନ ତଳେ ମାନେ ଏ ବୁଧବାର ଦିନ ସେ ତୋ ଠାରୁ ଗୋଧି ମାଂସ ଆଣିଥିଲା ?"

କେଳା କହିଲା, "ହଁ ଆଜ୍ଞା, ଛୁଆଙ୍କର ସବୁବେଳେ ଥଣ୍ଡା ହେଉଛି ବୋଲି ଡାକ୍ତର କହିଥିଲେ ଗୋଧି ମାଂସ ଖୁଆଇବାକୁ । ସେଥିପାଇଁ ସାନ ବାବୁ ମୋ ଠାରୁ ଦୁଇଟି ଗୋଧିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଂସ ଆଣିଥିଲେ ।"

କେଳା କଥା ସରିଛି କି ନାହିଁ ରମେଶବାବୁଙ୍କ ଘୃଣାରେ ପେଟ ଭିତରୁ ଯେମିତି କିଛି ଆଉଣ୍ଡି ପକାଇଲା ଆଉ ସେ ଅଅଁ ଅଅ କରି ସକାଳ ଜଳିଖିଆରେ ଯାହା ସବୁ ଖାଇଥିଲେ ଭକ୍ ଭକ୍ କରି ବାନ୍ତି କରି ପକାଇଲେ ।

କେଳା ରମେଶବାବୁଙ୍କର ଏ ଅବସ୍ଥା ଦେଖି ସେଠୁ ତା ଟଙ୍କା ନନେଇ ଦୌଡି ଦୌଡି ପଳାଇଲା ।

ରମେଶବାବୁଙ୍କ ସ୍ତ୍ରୀ ବାନ୍ତିହେବା ଦେଖି ପାଣି ଆଣି ଦେଲେ । ରମେଶବାବୁ ସେ ଗୋଧି ମାଂସ କଥା ଘରେ ଆଉ କାହାକୁ କହିବା ଠିକ୍ ହେବନି ଚିନ୍ତା କଲେ । ଯଦି ପୁରୁଷ ଲୋକ ହୋଇ ଗୋଧି ମାଂସ କଥା ଶୁଣି ତାଙ୍କର ଏ ଅବସ୍ଥା ତାହେଲେ ଘରର ସ୍ତ୍ରୀଲୋକ ସେକଥା ଜାଣିଲେ ସେମାନଙ୍କର କି ଅବସ୍ଥା ନହେବ !

କିଛି ସମୟ ପରେ ରମେଶବାବୁ ଧିରସ୍ଥିର ହୋଇ ବସି ପଡ଼ିଲେ । ନିଶାଡି ପୁଅ ବାବୁନା ଉପରେ ପ୍ରବଳ ରାଗ ହେଉଥିଲା । ନିଶା ସତରେ ମଣିଷକୁ କେଉଁ ସ୍ତରକୁ ନେଇଯାଇ ପାରେ ! ନିଶା ମଣିଷକୁ ସଇତାନ୍ କରିଦିଏ । ଯେତେସବୁ ଲୋମହର୍ଷକାରୀ ହତ୍ୟାକାଣ୍ଡ ଏ ସମାଜରେ ଘଟୁଛି ସେଥିରୁ ଅଧିକାଂଶରେ ନିଶାଡିମାନେ ହିଁ ଜଡିତ ଥାନ୍ତି ।

ସତରେ ମଦ ନିଶାରେ ଅମଣିଷ ପାଲଟିଯାଏ ମଣିଷ । କେଉଁଠି ନିରାପତ୍ତାରକ୍ଷୀ ନିଶାପାନ ପରେ ମାଲିକାଣୀକୁ ହତ୍ୟା କଲାଣି ତ ଆଉ କେଉଁଠି ବଳାତ୍କାର ଭଳି ଦୁଃଖଦ ଘଟଣା ବି ଘଟୁଛି ସେଇ ନିଶାପାଇଁ । ବହୁତ ଯାଗାରେ ଗୃହକର୍ତ୍ତା ସବୁଦିନେ ମଦପିଇ ଆସି ସ୍ତ୍ରୀ, ପୁଅ, ଝିଅଙ୍କୁ ମାରଧର କରୁଛି । ଦିନ୍ ଘଟୁଥିବା ସଡକ ଦୁର୍ଘଟଣା, ଛିନତାଇ, ଚୋରି, ଡକାୟତି ସହ ମହିଳା ମାନଙ୍କ ପ୍ରତି ଅସୌଜନ୍ୟ ଆଚରଣ ଆଦି ବିଭିନ୍ନ କିସମର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅପରାଧର ଅପରାଧିଙ୍କ ଭିତରୁ ସଂଖ୍ୟାଧିକ ହେଉଛନ୍ତି ମଦୁଆ । ପୋଲିସ୍ ନିଶାଖୋର୍ ଅପରାଧିଙ୍କ ପଛରେ ଗୋଡେଇ ଗୋଡେଇ ହାଲିଆ ହୋଇପଡୁଛି । ଆଜିକାଲି ଅପରାଧ ବୃଦ୍ଧିର ମୂଳକାରଣ ହେଉଛି ଏଇ ନିଶାର ପ୍ରସାର । ଛାତ୍ର ଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ସମସ୍ତେ ଏବେ ନିଶାର କବଳରେ ।

ଏଇ ନିକଟରେ ରମେଶବାବୁ ଖବରକାଗଜରେ ଗୋଟେ ନିଉଜ୍ ପଢି ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏକଦମ୍ ନିଶାରେ ମସଗୁଲ୍ ହୋଇ ରାତିରେ ଡ୍ୟୁଟି କରିବାକୁ ଆସୁଥିବା ରେଳ ବିଭାଗର ଏହି ମଦୁଆ ସୂଚନା ପ୍ରଦାନକାରୀଙ୍କ ପାଇଁ ଯାତ୍ରୀମାନଙ୍କୁ ନାନା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡେ । ଯେମିତିକି ଜଣେ ଯାତ୍ରୀ ହାଓ୍ୱାଡା ଟ୍ରେନ୍ ବିଷୟରେ ପଚାରିଲେ ସେ ଅଫିସର୍ ତାଙ୍କୁ ବିଳାସପୁର ଟ୍ରେନ୍ ସୂଚନା ଦେଉଥିଲେ । ଆଉ ଜଣେ ଯାତ୍ରୀ ପଚାରିଲେ ଅହମଦାବାଦ- ହାଓ୍ୱାଡା ଟ୍ରେନର ସମୟ ବିଷୟରେ । ନିଶାଡି ବାବୁ ଉତ୍ତରରେ କହିଲେ ଏମିତି ନାମରେ କୌଣସି ଟ୍ରେନ ହିଁ ନାହିଁ ବୋଲି ।

କେବଳ ସହରରେ ଏ ଅବସ୍ଥା ନୁହେଁ, ଗାଁ ମାନଙ୍କରେ ମଧ୍ୟ ଅବସ୍ଥା ଅହୁରି ସଂଗୀନ । ରମେଶବାବୁ ଭାବୁଥିଲେ କେବେ ଏସବୁ ନିଶା ଦ୍ରବ୍ୟ ଦେଶରେ ବ୍ୟାନ୍ ହେବ ଆଉ ତାଙ୍କ ପୁଅ ପରି ବହୁ ଯୁବକ ଠିକ୍ ରାସ୍ତାକୁ ଆସିବେ । ସତରେ କଣ ସେଦିନ ତାଙ୍କ ଜୀବଦ୍ଦଶା ଭିତରେ ସମ୍ଭବ ହେବ ???

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର ।, ଦୂରଭାଷ - ୯୪୩୭୧୩୪୯୦୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାକଜ୍ୟୋତ୍ସ୍ନା



ଦୀପକ ଷଡ଼ଙ୍ଗୀ

କଳା ରଙ୍ଗର ସୁନାମ ବଖାଣିବାକୁ ଯାଇ ଜଗନ୍ନାଥ, କଳାକହ୍ନେଇ, କୋଇଲି, କଳାମେଘ, କୋଇଲା ଆଦିର ଯେତେ ଉଦାହରଣ ଦେଲେ ବି ମନ ମାନେନା । ଝିଅମାନଙ୍କ କ୍ଷେତ୍ରରେ ଝିଅର ଦେହର ରଙ୍ଗ ଯଦି କଳା ହେଲା ତେବେ ତ କଥା ସରିଲା । ସବୁ ପ୍ରକାର କୁତ୍ସାରଟନା, ଅପମାନ ଓ ହୀନମନ୍ୟତାର ଶିକାର ହୁଏ ସେ । ଏଇ ଯେମିତି ଆମ ଗାଁ ଦୀନା ମଉସାଙ୍କ ଝିଅ, ଭଞ୍ଜ ସାହିତ୍ୟର ଉପମା ଦେବାକୁ ଯାଇ ଦୀନା ମଉସା ଝିଅର ନା ରଖିଥିଲେ ଲାବଣ୍ୟବତୀ, କିନ୍ତୁ ବିଧିର ବିଧାନ ଥିଲା ତା'ର ଠିକ୍ ଓଲଟା । ଝିଅ ଯେତେବେଳେ ଜନ୍ମହେଲା ସେତେବେଳେ ଟିକେ ସାବନା ରଙ୍ଗ ହୋଇଥିଲା ସମସ୍ତେ ଝିଅକୁ ଦେଖି କହିଲେ "ବଡ ହେଲେ ରଙ୍ଗ ଫିଟି ଯିବନି, ତୁ ଜମା ମନ ଦୁଃଖ କରନି ସନାବୋଉ ।" ଲାବଣ୍ୟବତୀ ଉପରେ ତା'ର ଗୋଟେ ପାଞ୍ଚ ବର୍ଷର ବଡଭାଇ ସନାତନ ଥିଲା । ସନାତନ ଦେଖିବାକୁ ଠିକ ଦୀନାମଉସାଙ୍କ ଭଳି ହୋଇଥିବା ବେଳେ ଲାବଣ୍ୟବତୀ ହୋଇଥିଲା ରେବୀ ମାଉସୀଙ୍କ ଭଳି । "ପିତା ଗୁଣେ ପୁତ୍ର ଓ ମାତା ଗୁଣେ କନ୍ୟା ନ୍ୟାୟ"ରେ ଲାବଣ୍ୟବତୀ ହୋଇଥିଲା ମାଉସୀଙ୍କ ଭଳି କଳା କିନ୍ତୁ ଗୁଣ, ପାଠ ଓ ଚାଲିଚଳନରେ ତା ଭଳି ଝିଅ ମିଳିବା କଷ୍ଟକର ବ୍ୟାପାର । ବୟସ ବଢିବାରୁ ଲାବଣ୍ୟବତୀର ଦେହର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଙ୍ଗ ଧୀରେ ଧୀରେ ଆହୁରି କଳା ହେବାରେ ଲାଗିଲା । ସ୍କୁଲରେ ପଢ଼ିବାବେଳେ ତାକୁ ତା ନା ଧରି କେହି ବି ଡାକୁ ନଥିଲେ । ସମସ୍ତେ ତାକୁ କାଳୀ ବୋଲି ହିଁ ଡାକନ୍ତି । ଧୀରେ ଧୀରେ ସାର୍ ମାନେ ବି ସେଇ କାଳୀ ନାଁକୁ ହିଁ ଆପଣେଇ ନେଇ ତାକୁ ସେଇ ନାଁରେ ଡାକିବାକୁ ଲାଗିଲେ । ସ୍କୁଲରେ ତା ସହିତ କେହି ବେଶି ମିଳାମିଶା କରୁ ନଥିଲେ । ଖାଇବା ଛୁଟି ସମୟରେ ବି କେହି ପିଲା ତା ସହ ମିଶି କି ଖାଇବା କିମ୍ବା ଖେଳାଖେଳି ବି କରୁ ନଥିଲେ । ସେ ଗୋଟେ ହୀନମନ୍ୟତାର ଶୀକାର ହେଉଥିଲା । ସେ ନିଜେ ବି ତା ମନକୁ ବୁଝେଇ ସାରିଥିଲା ଯେ ତା'ର ରଙ୍ଗ କଳା ବୋଲି କେହି ବି ତା'ର ପାଖ ମାଡୁ ନାହାନ୍ତି ବୋଲି । ସ୍କୁଲ ପାଠପଢା ସରିଲା । ବହୁତ ଭଲ ନମ୍ବର ରଖି ସେ ଦଶମ ଶ୍ରେଣୀ ପାସ୍ କଲା ।  ଦୀନା ମଉସା ତାକୁ ସହରର ଭଲ କଲେଜରେ ନାଁ ଲେଖେଇଦେଲେ । କଲେଜରେ ବି ତା'ର ସେଇ କଳା ରଙ୍ଗକୁ ନେଇ ସହପାଠୀମାନଙ୍କ ଠାରୁ ଶୁଣିବାକୁ ପଡୁଥିଲା । ବ୍ଲାକ୍ ୱିଡୋ, କାଳି ନାଗିନ୍, ପେଚିକି ଇତ୍ୟାଦି ନାମରେ ସେ ପୁରା କଲେଜରେ ପ୍ରସିଦ୍ଧ ଥିଲା । ଯୌବନର କୋଡିଏ ଟି ପାହାଚ ଚଢି ସାରିଲା ପରେ ବି କୌଣସି ପିଲା ତା ଆଡକୁ ଅନାଉ ନ ଥିଲେ । ସେ ଦେଖି ପାରୁଥିଲା ଯେ ପ୍ରାୟ ସବୁ ଝିଅମାନଙ୍କୁ କେହି ନା କେହି ଜଣେ ପ୍ରେମିକ ଜୁଟି ଯାଉଥିବାର ହାତରେ ହାତ ଛନ୍ଦି ବୁଲିବା, ବାଇକ୍ ପଛରେ ବସି ସିନେମା ଦେଖିବାକୁ ଯିବା, ପାର୍କରେ ଦେହକୁ ଦେହ ଲଗେଇ ବସିବା ଏ ସବୁକୁ ଦେଖି ତା'ର ବି ବହୁତ ମନ କରେ ତାକୁ ବି କେହି ଜଣେ ଭଲ ପାଉ ତା ମନର କଥାକୁ ବୁଝୁ; କିନ୍ତୁ ଏ ସବୁ ଥିଲା ତା ପାଇଁ ଦିବାସ୍ୱପ୍ନ । ଧୀରେଧୀରେ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ନେବାକୁ ଚେଷ୍ଟା କଲା । ମନକୁ ଦୃଢ଼ କରି ସେ ବିଭିନ୍ନ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲା ଓ ଶେଷରେ ଗୋଟେ ଭଲ ସରକାରୀ ଚାକିରି ମଧ୍ୟ ମିଳିଗଲା । ଘରେ ଚାକିରି ହେବା କଥା ଶୁଣି ସମସ୍ତେ ଖୁସି ହେଲେ । ଦୀନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଉସା ଓ ରେବୀ ମାଉସୀ ଝିଅର ବାହାଘର ଖୋଜିବା ପାଇଁ ଲାଗିପଡିଲେ । ତା ବଡ ଭାଇ ସନାତନ ଏମବିଏ କରି ଦିଲ୍ଲୀରେ ନିଜ ସ୍ତ୍ରୀ ପିଲାଛୁଆ ଧରି ରହୁଥାଏ । ତେଣୁ ବୁଢା ବାପ'ମାଙ୍କ ସବୁ ଦାୟିତ୍ୱ ଲାବଣ୍ୟବତୀ ଉପରେ ହିଁ ଥିଲା । ଯେତେ ବି ଭଲ ପ୍ରସ୍ତାବ ଆସୁଥାଏ ତା'ର ରଙ୍ଗ ଯୋଗୁଁ ହିଁ ସବୁ ପ୍ରସ୍ତାବ ଭାଙ୍ଗି ଯାଉଥାଏ । ଏମିତି କିଛିଦିନ ଗଲାପରେ ଦୀନା ମଉସାଙ୍କୁ ପାରାଲିସିସ୍ ଧରିଲା । ହାତ ଗୋଡ ସବୁ ବଙ୍କା ହୋଇ କି ସେ ଶଯ୍ୟାଶାୟୀ ହୋଇ ପଡିରହିଲେ । ଯାହା ବି ଟିକେ ତା ପାଇଁ ଖୋଜାଖୋଜି ଚାଲିଥିଲା ସେତିକି ବି ପୁରାପୁରି ବନ୍ଦ ହୋଇଗଲା । ଏବେ ଲାବଣ୍ୟବତୀ ମନେମନେ ସ୍ଥିର କରିନେଲା ଯେ ସେ ଆଉ ଜୀବନରେ କେବେ ବି ବାହା ହେବନି ବୋଲି । ବାପ' ମା ଯେତେଦିନ ବଞ୍ଚିଥିବେ ସେମାନଙ୍କ ସେବା କରିବ ତାପରେ ସେ କେଉଁ ଆଶ୍ରମରେ ରହି ଦରିଦ୍ର ଜନ ଓ ଭଗବତ୍ ସେବାରେ ନିଜକୁ ହଜେଇ ଦେବ । ଲାବଣ୍ୟବତୀ ନିଜକୁ ଅଫିସ୍ କାମ ଓ ମା ବାପାଙ୍କ ସେବାରେ ଲଗେଇ ଦେଇଥାଏ । ଠିକ୍ ଏଇ ସମୟରେ ଦିନେ ସେ ରାତିରେ ଅଫିସ୍ ରୁ ଘରକୁ ଫେରୁଥାଏ । ସେଦିନ ଘରକୁ ଫେରିବାରେ ଟିକେ ଡେରି ହୋଇ ଯାଇଥାଏ । ରାତି ପ୍ରାୟ ଦଶଟା ବାଜି ଯାଇଥାଏ । ଅଟୋବାଲା ଆଣି ଛକ ପାଖରେ ଛାଡି ଦେଇଗଲା ତାକୁ । ସେଠୁ ଘର ପ୍ରାୟ ଅଧ କିଲୋମିଟର ହେବ । ଚାଲିଚାଲି ଯାଉଥାଏ, ସେ ଦେଖିଲା କିଏ ଜଣେ ଲୋକ ଯନ୍ତ୍ରଣାରେ ଚିତ୍କାର କରିବାର । ପାଖକୁ ଯାଇ ମୋବାଇଲ୍ ଲାଇଟ୍ ମାରିକି ଦେଖିଲା ଜଣେ ମଧ୍ୟ ବୟସ୍କ ଲୋକଟେ ରାସ୍ତା ଉପରେ ପଡି ରହିଛି କିଛି ଦୂରରେ ପଡିଛି ତା'ର କୃତ୍ରିମ ଗୋଡ । ଜୋରରେ ମାଡ ହେଇ କି ସେଇ କଟା ଗୋଡରୁ ରକ୍ତ ବାହାରୁଥାଏ । ଲାବଣ୍ୟବତୀ ସଙ୍ଗେସଙ୍ଗେ ଆମ୍ବୁଲେନ୍ସକୁ ଫୋନ୍ କଲା । ତାକୁ ନେଇ ସେ ଡାକ୍ତରଖାନା ଗଲା । ସାରା ରାତି ସେ ଡାକ୍ତରଖାନାର ବାହାରେ ଜଗିକି ବସି ରହିଲା । ମଝିରେ ମଝିରେ ଯାଇ ଡାକ୍ତରଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଚାରୁଥାଏ ଯେ କଣ ହୋଇଛି ବୋଲି । ଡାକ୍ତର କହିଲେ "ସେ ଗୋଡରେ ଆଗରୁ କ୍ଷତ ଥିଲା ଦୁର୍ଘଟଣାରେ ଜୋରରେ ମାଡ ହୋଇ ଯିବାରୁ ରକ୍ତସ୍ରାବ ହୋଇ କି ସେ ଚେତାଶୂନ୍ୟ ହୋଇ ପଡିଛନ୍ତି କିନ୍ତୁ ବ୍ୟସ୍ତ ହେବାର କିଛି ନାହିଁ । ତାଙ୍କୁ ଆମେ ରକ୍ତ ଦେଇ ଦେଇଛୁ ଆପଣ ଯଦି ତାଙ୍କୁ ଆଣିବାରେ ଆଉ ଟିକେ ଡେରି କରିଥାଆନ୍ତେ ହୁଏ ତ ତାଙ୍କୁ ବଞ୍ଚେଇବା ବି ସମ୍ଭବ ପର ହୋଇ ପାରି ନ ଥାଆନ୍ତା ।" ଏତିକି କହି ଡାକ୍ତର ସେଠୁ ଚାଲିଗଲେ ଲାବଣ୍ୟବତୀ ଘରକୁ ଫୋନ୍ କରି ସବୁ ରେବୀ ମାଉସୀଙ୍କୁ କହି ଦେଇଥାଏ । ରାତି ପାହି ସକାଳ ହେଲା । ସେ ରାତି ସାରା ସେମିତି ଡାକ୍ତରଖାନାର ରିସେପ୍ସନରେ ବସିବସି ରାତି କଟେଇ ଦେଇଥାଏ । ଡାକ୍ତର ଆସି ତାକୁ କହିଲେ "ଆପଣଙ୍କ ପେସେଣ୍ଟର ଚେତା ଆସି ଯାଇଛି ଯାଆନ୍ତୁ ଦେଖା କରି ଆସିବେ ।" ଲାବଣ୍ୟବତୀ ଭିତରକୁ ଗଲା । ଦେଖିଲା ଲୋକଟି ସେମିତି ସ୍ଥାଣୁ ହୋଇ ପଡି ରହିଛି, ସାଲାଇନ ଓ ରକ୍ତ ଲଗାଯାଇଛି । ଡାହାଣ ଗୋଡର ଆଣ୍ଠୁ ପାଖରେ ଗଜ୍ କନା ଗୁଡା ହୋଇଛି । ଲାବଣ୍ୟବତୀକୁ ପାଖକୁ ଆସୁଥିବାର ଦେଖି ସେ ଉଠିବାକୁ ଚେଷ୍ଟା କଲା କିନ୍ତୁ ଲାବଣ୍ୟବତୀ ତାଙ୍କୁ ଶୋଇ ରହିବା ପାଇଁ କହିବାକୁ ଯାଇ ମୁଣ୍ଡକୁ ଧରି ଧୀରେ ନେଇ ଶୁଆଇ ଦେଲା । ନିଜେ ପାଖରେ ଥିବା ଗୋଟେ ଚେୟାର ଆଣି ବସିଲା । ଲୋକଟି ଧୀର କଣ୍ଠରେ କହିଲା "ଆପଣ ମୋତେ ଏଠିକି ଆଣିଥବାରୁ ଧନ୍ୟବାଦ ।" ସେ ଗୋଟେ ନମ୍ବର ଦେଇ କି କହିଲା "ଏଇ ନମ୍ବରରେ ଫୋନ୍ କରି କି ମୋ ଝିଅକୁ ଡକାନ୍ତୁ ସେ ଘରେ ଧାଇ ସଙ୍ଗେ ଏକା ଥିବ ।" ଲାବଣ୍ୟବତୀ ସେଇ ନମ୍ବରରେ ଫୋନ୍ କରିବାରୁ ସେପଟୁ ଧାଇ ଫୋନ୍ ଉଠେଇଲା । ଲାବଣ୍ୟବତୀ ତାକୁ ଡାକ୍ତରଖାନାର ଠିକଣା ଦେଇ ଝିଅକୁ ଧରି ଶୀଘ୍ର ଆସିବାକୁ କହିଲା । ଲାବଣ୍ୟବତୀ ତାଙ୍କୁ ପଚାରିଲା "କିଏ ଆପଣ ? ଆଉ ଆପଣଙ୍କ ଏମିତି ଅବସ୍ଥା କେମିତି ହେଲା ?" ଧୀର ଗଳାରେ ସେ କହିଲେ "ମୁଁ ହେଉଛି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମେଜର୍ ଅବିନାଶ ମହାନ୍ତି ।” କାଶ୍ମୀରରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ସମୟରେ ଗୋଟେ ଗୁଳି ଆସି ମୋ ଡାହାଣ ଗୋଡରେ ବାଜିଲା ମୁଁ ସେଇଠି ଚେତା ହରେଇ କି ପଡିରହିଲି । ସାଥି ଯବାନମାନେ ମୋତେ ଆଣି ସେନା ହସ୍ପିଟାଲ୍ ରେ ଭର୍ତ୍ତି କରେଇ ଦେଲେ ।  ଗୁଳି ବାଜିଥିବା ସ୍ଥାନରେ ସଂକ୍ରମଣ ବଢିଯିବାରୁ ଡାକ୍ତର ବାଧ୍ୟ ହୋଇ ମୋର ଗୋଡକୁ  ଆଣ୍ଠୁ ତଳୁ କାଟି ଦେଲେ । ସେତେବେଳକୁ ମୋ ସ୍ତ୍ରୀ ସୀମା ଆସନ୍ନ ପ୍ରସବା । ମୋର ଏ ଖବର ଶୁଣିବା ପରେ ସେ ବ୍ୟସ୍ତ ହୋଇପଡିଲା । ଘରେ ଯେତେ ବୁଝେଇଲେ ବି ସେ କାହା କଥା ଶୁଣିଲାନି କାନ୍ଦିକାନ୍ଦି ଅଥୟ ହୋଇପଡିଲାବେଳେ ପାହାଚରୁ ତା ଗୋଡ ଖସିଗଲା । ପେଟରେ ଜୋରରେ ମାଡ ହେବାରୁ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଗଲା । ତାକୁ ନେଇ ଘର ଲୋକେ ଡାକ୍ତରଖାନା ଗଲେ । ସେଇଠି  ସୀମା ମୋର ଏଇ ଝିଅକୁ ଜନ୍ମ ଦେଇ ଆରପାରିକୁ ଚାଲିଗଲା । ମୋର ଡାହାଣଗୋଡ କଟାହେଇ ସାରିଥିଲା ସେଥିପାଇଁ ସେନା ବାହିନୀ ତରଫରୁ ମୋତେ ଓଡିଶା ପଠେଇ ଦିଆଗଲା ଏବଂ ଏଇଠି ଗୋଟେ ବ୍ୟାଙ୍କରେ ମୋତେ ନିଯୁକ୍ତି ମିଳିଲା । ମୋ ମା ସବୁବେଳେ ମୋ ଝିଅ ପାଖରେ ଥାଏ; କିନ୍ତୁ ଗାଁରେ ବାପାଙ୍କ ଦେହ ଭଲ ନାହିଁ ବୋଲି ସେ କିଛିଦିନ ହେବ ଗାଁକୁ ଯାଇଛି । ଗତ କାଲି ରାତିରେ ମୁଁ ବ୍ୟାଙ୍କରୁ ଫେରୁଥିବା ବେଳେ ପଛରୁ ଗୋଟେ କାର୍ ଆସି ମୋତେ ଧକ୍କା ଦେଇ ପଳେଇ ଗଲା । ମୁଁ ସେଠି ପଡିରହି ବହୁତ ଚିତ୍କାର କରୁଥିଲି କିନ୍ତୁ କେହି ମୋତେ ଆସି ଉଠାଉ ନ ଥିଲେ । ତୁମ ଭଳି ଦେବୀ ଯଦି ମୋତେ କାଲି ସାହାଯ୍ୟ ନ କରି ଥାଆନ୍ତେ ହୁଏତ ମୋ ଝିଅ ସବୁ ଦିନ ପାଇଁ ବାପା ମା ଛେଉଣ୍ଡ ହୋଇ ପଡିଥାଆନ୍ତା ।” ଏତିକି କହି ସେ ଆଖିରୁ ଲୁହ ପୋଛିଲେ । ଧାଇଁ ଅବିନାଶର ପାଞ୍ଚ ବର୍ଷର ଝିଅ ମିନୁକୁ ଆଣି ପହଞ୍ଚିଗଲା । ଅବିନାଶର ଏମିତି ଅବସ୍ଥା ଦେଖି ମିନୁ ବହୁତ କାନ୍ଦିଲା । ମିନୁକୁ କୋଳକୁ ନେଇ ଲାବଣ୍ୟବତୀ ବୁଝେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲା "ତୁମ ପାପାଙ୍କର କିଛି ହୋଇନି । ମୁଁ ଅଛି ପରା । ଆମେ ସମସ୍ତେ ମିଶି ତାଙ୍କୁ ଭଲ କରି ଶୀଘ୍ର ଘରକୁ ନେଇଯିବା ।" ଲାବଣ୍ୟବତୀ ଅବିନାଶଙ୍କର ଖୁବ ସେବା ଯତ୍ନ କଲା । ମିନୁକୁ ନେଇ ନିଜ ଘରେ ରଖିଲା । ଧୀରେ ଧୀରେ ଅବିନାଶ ମଧ୍ୟ ଲାବଣ୍ୟବତୀ ପ୍ରତି ଢଳିବାକୁ ଲାଗିଲେ ହସ୍ପିଟାଲ୍ ରୁ ଡିସ୍‌ଚାର୍ଜ ହେବାଦିନ ଅବିନାଶ ଲାବଣ୍ୟବତୀକୁ କହିଲେ "ମୁଁ ଚାହେଁ ତୁମେ ସବୁଦିନ ପାଇଁ ଆସି ମୋ ପାଖରେ ରୁହ ମିନୁର ମା ହୋଇ ।" ଲାବଣ୍ୟବତୀ କହିଲା ଅବିନାଶ ବାବୁ "ଆପଣ ଦେଖୁଛନ୍ତି ମୋର ଦେହର ରଙ୍ଗ କେତେ କଳା କେହି ବି ମୋ ସହିତ ଠିକ୍ ସେ କଥା ବି ହୁଅନ୍ତି ନାହିଁ ଆଉ ଆପଣ ଏମିତିଆ ଗୋଟେ କାଳୀ ଝିଅକୁ ମିନୁର ମା ବନେଇବାକୁ ଚାହୁଁଛନ୍ତି ?" ଠିକ୍ ସେତିକି ବେଳେ ମିନୁ ପଛରୁ ଆସି ମା ମା ବୋଲି କହି ଲାବଣ୍ୟବତୀକୁ କୁଣ୍ଢେଇ ପକେଇଲା । ଅବିନାଶ କହିଲା "ମୁଁ କିଏ ତୁମକୁ ମିନୁର ମା ହେବା ପାଇଁ କହିବାକୁ ମିନୁ ତ ତା'ର ମା ସେ ନିଜେ ହିଁ ଠିକ୍ କରିଛି ।"

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଳାନ୍ତ ଅପରାହ୍ନ



ପ୍ରଶାନ୍ତ କୁମାର ନାଥ

ସବୁଦିନ ଖଣ୍ଡେ ସାଇକେଲ ଧରି ଏ ଗଳିରୁ ସେ ଗଳି ଏ ଛକରୁ ସେ ଛକ ଆଉ ଏ ଦୋକାନରୁ ସେ ଦୋକାନ ବୁଲି ବୁଲି ପେପର ଦେଉଥିଲେ ପେପରୱାଲା ରାଧୁ ମଉସା । ସମସ୍ତେ ତାଙ୍କୁ ପେପରୱାଲା ଡାକନ୍ତି କିନ୍ତୁ ଅସୀମା ସବୁବେଳେ ତାଙ୍କୁ ମଉସା ମଉସା ବୋଲି ଡାକେ । ଖରାରେ ବୁଲି ବୁଲି କ୍ଳାନ୍ତ ହୋଇ ପଡୁଥିବା ଦେହରେ ଟିକେ ଶକ୍ତି ଭରିବାକୁ ତାଙ୍କ ହାତକୁ ବଢ଼େଇ ଦିଏ ଗୋଟେ ଗ୍ଲାସ ଲେମ୍ବୁ ସର୍ବତ । ଇଚ୍ଛା ନଥିଲେ ବି ସେ ପିଅନ୍ତି । କିନ୍ତୁ ତାଙ୍କୁ ଖରାପ ଲାଗେ ଯେ ସେ ସବୁବେଳେ ଅସୀମାକୁ ଖର୍ଚ୍ଚାନ୍ତ କରନ୍ତି ବୋଲି । ସତରେ ଯେମିତି ସେ କେଉଁ ଜନମରେ ବାପା ଝିଅ ଥିଲେ । ଅସୀମା ମଧ୍ୟ ସବୁବେଳେ ତାଙ୍କର ଆସିବା ବାଟକୁ ଚାହିଁ ରହିଥାଏ । ରାଧୁ ମଉସା ସବୁଦିନ ତାଙ୍କ ଘର ପିଣ୍ଡାରେ ଟିକେ ବସି ପଡନ୍ତି । ସେ ଯେତେ ସମୟ ବସନ୍ତି ଅସୀମା ମଧ୍ୟ ସେତେ ସମୟ ତାଙ୍କ ପାଖରେ ସେମିତି ଠିଆ ହୋଇ ରହିଥାଏ । ଅନେକ ସୁଖ ଦୁଃଖର କାହାଣୀ କହି ବସନ୍ତି ରାଧୁ ମଉସା । ବେଳେ ବେଳେ ଅସୀମାଙ୍କ ସ୍ୱାମୀ ମଧ୍ୟ ବସି ପଡନ୍ତି ମଉସାଙ୍କ ପାଖରେ । ତାଙ୍କୁ ବହୁତ ସମ୍ମାନ କରନ୍ତି, ଦେଖାହେଲେ ପାଦ ଛୁଇଁ ନମସ୍କାର କରନ୍ତି । ଗଲାବେଳେ ଅସୀମା ଆଡକୁ ହାତ ଉଠେଇ କହି ଯାଆନ୍ତି "ଅହ୍ୟ ସୁଲକ୍ଷଣି ହୋଇଥା ଲୋ ମା ।"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଉସା ଖୋଲି ବସନ୍ତି ତାଙ୍କ ଦୁଃଖ ଭରା କାହାଣୀ । ଆଜିକାଲି ଡିଜିଟାଲ ଦୁନିଆଁରେ ଲୋକମାନେ ଅନଲାଇନରେ ପେପର ପଢି ପକାଉଛନ୍ତି ଆଉ ପେପର ମଗାଉ ନାହାନ୍ତି ତା'ପରେ ଏ ମହାମାରୀ କରୋନା ଆସିଲା ପରେ ଲୋକମାନେ ଆହୁରି ଭୟଭୀତ ହୋଇ ପଡୁଛନ୍ତି । ଭାବୁଛନ୍ତି ପେପରୱାଲା ଅନେକ ଆଡେ ବୁଲି ବୁଲି ଆସୁଛି ତେଣୁ ଅନେକ ଲୋକ ପେପର ମଗେଇବା ମଧ୍ୟ ବନ୍ଦ କରି ସାରିଲେଣି । ଆଗରୁ ପାଖରେ ପାଖରେ ପେପର ଦେଇ ଶୀଘ୍ର ଘରକୁ ଚାଲି ଯାଉଥିଲେ । ଏବେ କିନ୍ତୁ ଅନେକ ଦୂର ଦୂର ଯିବାକୁ ପଡୁଛି । ଅନେକ ଲୋକ ଡେରିରେ ପେପର ପାଇବା ଯୋଗୁଁ ମଧ୍ୟ ମଗେଇବା ବନ୍ଦ କରି ଦେଉଛନ୍ତି ହେଲେ ସିଏ ବା କଣ କରିବେ ?

ସେଦିନ ଅସୀମାଙ୍କ ଘର ପାଖରେ ପହଞ୍ଚିଲା ବେଳକୁ ଦେଖିଲେ ତାଙ୍କ ଦାଣ୍ଡରୁ ଗୋଟେ ଆମ୍ବୁଲାନ୍ସ ବାହାରିଗଲା । ତରତର ହୋଇ ମଉସା ଯାଇ ଦେଖିଲେ ଅସୀମା ମୁହଁରେ ଆଉ ସେ ହସ ନଥିଲା । ଖନେଇ ଖନେଇ ପଚାରିଲେ "କଣ ହେଇଛି କି ଲୋ ମା ?" ଆମ୍ବୁଲାନ୍ସ କାହିଁକି ଆସିଥିଲା ? ଅସୀମା କାନ୍ଦି କାନ୍ଦି କହିଲା "ମଉସା ୟାଙ୍କୁ କରୋନା ପଜିଟିଭ ବାହାରିଛି । ସେଥିପାଇଁ ତାଙ୍କୁ କୋଭିଡ କେୟାରକୁ ନେଇଗଲେ ।" ମଉସା ମୁଣ୍ଡରେ ହାତ ଦେଇ ଘଡ଼ିଏ ବସି ପଡିଲେ । ପାଟିରୁ ଆଉ କଥା ବାହାରିଲାନି । କିଛି ସମୟ ଗୁମ ମାରି ବସି ପଡିଲେ ରାଧୁ ମଉସା ।

କହିଲେ ମା'ଲୋ ମୁଁ କାଲି ଠାରୁ କିଛିଦିନ ଆସିବିନି । ମୋ ଝିଅ ବାହାଘର ଅନ୍ୟ ପିଲାଟିଏ ଠିକ କରିଛି କିଛି ଦିନ ସିଏ ପେପର ଦେଉଥିବ, ପରେ ମୁଁ ଆସିବି । ଭାବୁଥିଲି ତୋତେ ଆମ ଘରକୁ ନେଇ ଯାଇଥାନ୍ତି କିନ୍ତୁ ତୋତେ ଏ ସମୟରେ କେମିତି ଡାକିବି ଲୋ ମା' । କିନ୍ତୁ ଭଗବାନ ଏତେ ନିଷ୍ଠୁର ନୁହନ୍ତି ତୋ ସ୍ୱାମୀ ଖୁବ ଶୀଘ୍ର ଭଲ ହୋଇ ଫେରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିବେ । କିଛି ସମୟ ନିରବ ରହିବା ପରେ ସେମିତି ଚାଲି ଯାଉଥିଲେ, ଅସୀମା ପଚାରିଲା ମଉସା ଆପଣ କିଛି ଭୁଲି ଯାଇଛନ୍ତି କି ? ଟିକେ ପଛକୁ ବୁଲି ଚାହିଁଲେ, ଆଉ କହିଲେ "ଅହ୍ୟ ସୁଲକ୍ଷଣି ହୋଇଥା ଲୋ ମା" । ଏହି ଆଶୀର୍ବାଦ ଟିକେ ପାଇବାପାଇଁ ଅସୀମା ଚାହିଁ ରହିଥାଏ ।

ତାଙ୍କ ଝିଅ ବାହାଘର ଥିବାରୁ କିଛିଦିନ ସିଏ ଆଉ ପେପର ଦେବାକୁ ଆସିଲେ ନାହିଁ । କିଛି ଦିନ ପରେ ଆସିଲେ ଦାଣ୍ଡ ଦୁଆରୁ ଡାକ ଛାଡି ଛାଡି ଆସିଲେ ମା'ଲୋ ମା' ପାଣି ମୁନ୍ଦେ ଆଣିଲୁ । ଏ ନିଆଁ ଲଗା ଖରା ଏତେ ପ୍ରଖର ହେଲାଣି ଯେ ଆଉ ଯାଇ ଆସି ହେଉନି । ଘର ଭିତରୁ ଅସୀମା କାନ୍ଦି କାନ୍ଦି ବାହାରି ଆସିଲା । ମଉସା ତାକୁ ଦେଖି ଚମକି ପଡିଲେ । ଅସୀମା ତାଙ୍କୁ ଦେଖି ଭୋ ଭୋ ହୋଇ କାନ୍ଦି ଉଠିଲା, ତା ହାତରେ ଶଙ୍ଖା କି ମଥାରେ ସିନ୍ଦୁର ନଥିଲା ।

ମଉସା ବୋଧ କରାଇଲେ ଆଉ ଜାଣିଲେ ଯେ କରୋନାରେ ତା' ସ୍ୱାମୀ ତାକୁ ଏକା କରି ଚାଲି ଯାଇଛନ୍ତି । ସତରେ କେତେ ନିଷ୍ଠୁର ଏହି ମହାମାରୀ କରୋନା । ଦୁନିଆଁରେ ଥିବା ଭଲ ଲୋକମାନଙ୍କୁ ହିଁ ସେ ମାରି ଦେଉଛି । କେତେ ସଂସାର ଉଜାଡ଼ି ଦେଉଛି । ଅସୀମା କହିଲା ମଉସା ସବୁ ଠିକ୍ ଠାକ୍ ଥିଲା ହେଲେ କେମିତି ଏମିତି ଘଟିଲା ଜାଣି ହେଉନି । ସେହିଦିନ ହିଁ ମୁଁ ତାଙ୍କ ସହିତ ତିନିଥର କଥା ହୋଇଛି । ସେମାନେ ଗୋଟେ ହସ୍ପିଟାଲରୁ ଆଉ ଗୋଟେ ହସ୍ପିଟାଲକୁ ସ୍ଥାନାନ୍ତର କରୁଥିଲେ । ତାର ଠିକ ଅଧଘଣ୍ଟା ପୂର୍ବରୁ ହିଁ ସେ ମୋ ସହିତ କଥା ହୋଇଥିଲେ ଆଉ କହୁଥିଲେ ମୋର ଭଲ ହୋଇଗଲାଣି ଆଉ ଦୁଇ ଦିନ ପରେ ମୁଁ ଘରକୁ ପଳେଇବି । ଆଉ ଏକଥା ମଧ୍ୟ କହୁଥିଲେ ଯେ ମୋତେ ଅନ୍ୟ ଯାଗାକୁ ରିଫର କରୁଛନ୍ତି । ମୁଁ ଯିବିନି ମୋତେ ବାଧ୍ୟ କଲେ ମୁଁ ଘରକୁ ପଳେଇବି । କିନ୍ତୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ତା'ର ଠିକ ଘଣ୍ଟାଏ ପରେ ଖବର ଆସିଲା ସିଏ ଆଉ ନାହାନ୍ତି ।

ମଉସା ସ୍ତବ୍ଧ ହୋଇଗଲେ । କାହିଁକିନା ସେ ପୂର୍ବରୁ କୌଣସି ରୋଗରେ ଆକ୍ରାନ୍ତ ନଥିଲେ ଆଉ ଦୁର୍ବଳ ମଧ୍ୟ ନଥିଲେ କିନ୍ତୁ କେମିତି ଏମିତି ଘଟିଗଲା ତାଙ୍କ ସହିତ । ମଉସା ଆଉ ଚାହିଁ ପାରୁନଥିଲେ ଅସୀମାର ମୁହଁକୁ । ସେ ନିଜକୁ ସମ୍ଭାଳି ପାରୁନଥିଲେ । ଅସୀମା ଉପରକୁ ହାତ ଉଠେଇ କହି ଉଠୁଥିଲେ "ଅହ୍ୟ ସୁଲକ୍ଷଣି ହୋଇଥା", ହଠାତ ରହିଗଲେ ପାଟି ଖନେଇ ଆସିଲା ନିଜ ଆଖିର ଲୁହକୁ ଆଉ ରୋକି ପାରିଲେନି । ପାଦ ତାଙ୍କର ଟଳମଳ ହେଉଥାଏ । ସେହି କ୍ଳାନ୍ତ ଅପରାହ୍ନ ତାଙ୍କୁ ଆହୁରି ଅବଶ କରି ପକାଉଥାଏ..... ।

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ପ୍ରୀତିପୁର, ଯାଜପୁର
ମୋ-୮୮୯୭୩୦୧୧୪୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖାଲି ପେଟ ଓ ଖାଲି ବେଞ୍ଚ୍



ଜୀବନ ପ୍ରଦୀପ ପ୍ରଧାନ

ସବୁଦିନ ପରି ସେଦିନ ମଧ୍ୟ ମୁଁ ପ୍ରାତଃ ଭ୍ରମଣରେ ଯାଉଥାଏ । ପ୍ରତ୍ୟୁଷରେ ସପ୍ତଦ୍ୱୀପା ଅଧିକ ସୁନ୍ଦର ଲାଗୁଥାଏ ସତେ ଯେମିତି ସ୍ନାନ କରି ଏବେ ହିଁ ଆସିଛି । ପକ୍ଷୀମାନଙ୍କ କଳରବରେ ଧରଣୀ ଗୁଞ୍ଜରିତ ହେଉଥାଏ । କୁହୁଡିରେ ରାସ୍ତା ଅର୍ଦ୍ଧାଧିକ ଦିଶୁ ନଥାଏ ତଥାପି ରାସ୍ତା କଡର ବୃକ୍ଷସବୁ ଅତି ସୁନ୍ଦର ଭାବେ ଦୃଷ୍ଟିଗୋଚର ହେଉଥିଲେ । ଲାଗୁଥିଲା ଯେମିତି କୌଣସି ମହାନ୍ ବ୍ୟକ୍ତିଙ୍କ ଆଗମନ ପାଇଁ ପଲ୍ଲବରୂପୀ ଉପହାର ଧରି ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଛିଡ଼ା ହୋଇଛନ୍ତି ବୃକ୍ଷ ସବୁ । ସବୁ ପତ୍ରରେ କିଛି ନୂତନ ସତେଜତା ଶିହରୀ ଉଠୁଥିଲା ।

ସବୁଦିନ ପ୍ରାତଃ ଭ୍ରମଣରେ ଯିବା ମୋର ଅଭ୍ୟାସ କିମ୍ବା ରୁଚିଗତ ଆବେଗ ମଧ୍ୟ କୁହା ଯାଇପାରେ । ଅଳସ ଭାଙ୍ଗି ଉଠିଥିବା ଧରିତ୍ରୀ ଉପରେ ଭଲ କି ଆଖି ନ ବୁଲାଇଲେ ଦିନଟି ଅସମ୍ପୂର୍ଣ୍ଣ ଲାଗେ । ଦୀର୍ଘ ୬ ବର୍ଷ ହେବ ସବୁଦିନ ଏହି ପୋଲିସ୍ ଟ୍ରେନିଂ ସ୍କୁଲ୍ ଦେଇ ମୁଁ ଯାଏ । ବାଟରେ ଗଲାବେଳେ ସବୁଦିନ ଦେଖେ ଗୋଟିଏ ବୁଢା ବର ଗଛକୁ । ତାକୁ ଦେଖିଲେ ଲାଗୁଥିଲା ଧୈର୍ଯ୍ୟର ପାହାଡଟିଏ କାହିଁ କେଉଁ ଅନାଦି କାଳରୁ କେତେ ସୁଖ ଦୁଃଖର ବାତ୍ୟାକୁ ସାମ୍ନା କରି ଛିଡ଼ା ହୋଇଛି । ଯେତେବେଳେ ବି ମୁଁ ସକାଳୁ ସେ ରାସ୍ତା ଦେଇଯାଏ, ସେ ବରଗଛକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖି ମୋ ଆତ୍ମ ବିଶ୍ୱାସ ବଢିଯାଏ । ମୋ ଜୀବନର ଆଦର୍ଶ ଭାବେ ସେ ବରଗଛ ମୋତେ ଧୈର୍ଯ୍ୟର ଶିକ୍ଷା ଦେଇଛି । କେତେ ଝଡ଼ ବର୍ଷା ସହି ମଧ୍ୟ ନିଜର କର୍ମକୁ ନ ଭୁଲିବା ପାଇଁ ପ୍ରେରଣା ଦେଇଛି ସେ ବର ଗଛ ।

ମୁଁ ଯେତେବେଳ କଲେଜରେ ପଢୁଥିଲି ସେତେବେଳେ ମଧ୍ୟ ଏହି ରାସ୍ତା ଦେଇ ଅଧିକାଂଶ ଯିବା ଆସିବା କରୁଥିଲି । ଅତି ପରିଚିତ ରାସ୍ତାଟି, ଏ ରାସ୍ତା ବି ମୋତେ ଚିହ୍ନିଛି । ମୁଁ ଯେତେବେଳ ସେ ରାସ୍ତା ଦେଇଯାଏ ସେତେବେଳେ ରାସ୍ତା କଡରେ ଥିବା ବିମଳ ପାନ ଦୋକାନରେ ଗୋଟାଏ କପ୍ ଚା ପିଇ ଆଗକୁ ବଢେ । ଚା ସହ ଯେତିକି ସଂପର୍କ, ବିମଳ ଭାଇଙ୍କ ସହ ମଧ୍ୟ ସେତିକି ଆନ୍ତରିକତା । ସବୁଦିନ ସମାନ ଯାଗାରେ ସମାନ ସମୟରେ ମୁଁ ଯାଏ ସେ ଚା ଦୋକାନ ନିକଟକୁ । ଏମିତି କିଛି ଦିନର ଯିବା ଆସିବା ପରେ ମୋ ସହ ପରିଚିତ ହୋଇଥିଲେ ପ୍ରଦୀପ୍ତ ବାବୁ । ଆମ ଭିତରେ ନା ଥିଲା ରକ୍ତ ସଂପର୍କ ନା ଥିଲା କର୍ମ ସଂପର୍କ କେବଳ ଥିଲା ଦୁଇ କପ୍ ଚା ର ସମ୍ପର୍କ ।

ପ୍ରଦୀପ୍ତ ବାବୁ, ସ୍ଥାନୀୟ ପୋଲିସ ଟ୍ରେନିଂ ସ୍କୁଲ୍ ରେ ହିସାବ ରକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଚାକିରୀ ଜୀବନରେ ୧୪ ବର୍ଷ ଗୋଟାଏ ଟ୍ରେନିଂ ସ୍କୁଲରେ ବିତେଇ ସାରିଛନ୍ତି ସେ । ନିଜର କାର୍ଯ୍ୟଦକ୍ଷତା ଓ ସଚ୍ଚୋଟ ଦାୟିତ୍ୱବୋଧ ଯୋଗୁଁ ତାଙ୍କର ବାରମ୍ବାର ପଦୋନ୍ନତି ହୋଇଥିଲେ ମଧ୍ୟ ସେ ଏହି ସହର ଛାଡ଼ି ଯିବା ପାଇଁ କେବେ ରାଜି ହୋଇନଥିଲେ । ସ୍ଥାନୀୟ ଅଞ୍ଚଳରେ ସହୃଦୟତା ପାଇଁ ପ୍ରଦୀପ୍ତ ବାବୁଙ୍କର ଏକ ସୁନାମ ଥିଲା ।

ବହୁତ କମ ଦିନ ମଧ୍ୟରେ ଆମ୍ଭେ ପରସ୍ପର ସହିତ ଅତି ନିକଟତର ହୋଇଗଲୁ । ବେଳେ ବେଳେ ଆମ ଜୀବନରେ କିଛି ଏମିତି ଲୋକଙ୍କ ସହ ଘନିଷ୍ଠତା ବଢିଯାଏ ଯୋଉ ମାନେ ଆମ ସମ୍ପର୍କରେ କିଛି ନୁହଁ ମାତ୍ର ସେମାନଙ୍କ ଆଗମନ ପରେ ଜୀବନରେ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂତନ ଶିକ୍ଷା ମିଳିଥାଏ ।

ଏଥର ପ୍ରଦୀପ୍ତ ବାବୁ ଏବଂ ମୁଁ ଏକା ସହ ପ୍ରାତଃ ଭ୍ରମଣ କରୁ । କିଛି କିଛି ବାର୍ତ୍ତାଳାପ ସହ ଆଗକୁ ବଢୁ । ଦୁଇ କିଲୋ ମିଟର ଗଲା ପରେ ରାସ୍ତା କଡ଼ରେ ତିଆରି ହୋଇଥିବା ଏକ ସିମେଣ୍ଟ ବେଞ୍ଚ ଉପରେ କିଛି ସମୟ ବିଶ୍ରାମ ନେଉ ।

ଦିନେ ଆମେ ବସୁଥିବା ବେଞ୍ଚ ଉପରେ ନୁଖୁରା କେଶଧାରୀ ଝିଅଟିଏ ଶୋଇଥିଲା । ଦେହରେ ଚିରଫଟା ପୋଷାକ, ପାଦରେ ଚପଲ ନାହିଁ । ତା ନିରୀହପଣିଆ ବନ୍ଦ ଥିବା ଆଖିରୁ ମଧ୍ୟ ପଢ଼ି ହେଉଥିଲା ।

ତାକୁ ନ ଉଠାଇ ବେଞ୍ଚ ପାଖରେ ତଳେ ହିଁ ବସି ପଡ଼ିଲେ ପ୍ରଦୀପ୍ତ ବାବୁ ଆଉ ମୁଁ ମଧ୍ୟ ବାଧ୍ୟ ହୋଇ ତଳେ ବସିଲି ।

୧୦ ମିନିଟ୍ ପରେ ନିଦ ଭାଙ୍ଗି ଉଠିଲା ଝିଅଟି । ପ୍ରଦୀପ୍ତ ବାବୁ ଝିଅଟିକୁ ସବୁ ପଚାରି ଜାଣିବାକୁ ପାଇଲେ ଝିଅଟି ଅନାଥ । କାଲି ରାତିରେ ଭୋକରେ ଏଠି ଶୋଇପଡିଥିଲା । ଏହା ଜାଣିବା ପରେ ପକେଟରୁ କିଛି ଟଙ୍କା କାଢ଼ି ସେ ଝିଅଟିକୁ ଦେଲେ ପ୍ରଦୀପ୍ତ ବାବୁ । ଆଉ ଝିଅଟିକୁ କହିଲେ, "ପ୍ରତିଦିନ ତୁମେ ସକାଳୁ ଏଠାକୁ ଆସିବ ।"

ଝିଅଟି ମଧ୍ୟ ହଁରେ ହଁ ଯୋଡ଼ିଲା ଏବଂ ସେ ଟଙ୍କାରେ କିଛି ଖାଇବା ପାଇଁ ପାଖ ଦୋକାନକୁ ଚାଲିଗଲା । ପରଦିନ ପ୍ରଦୀପ୍ତ ବାବୁ ପ୍ରାତଃ ଭ୍ରମଣ ସମୟରେ ହାତରେ ଗୋଟିଏ ବ୍ୟାଗ୍ ଧରି ବାହାରିଲେ । ସେହି ବେଞ୍ଚ ନିକଟକୁ ଆମେ ପହଞ୍ଚିଲା ବେଳକୁ ବେଞ୍ଚ ତଳେ ବସିଥିଲା ସେ ଝିଅଟି ।

ପ୍ରଦୀପ୍ତ ବାବୁ ବ୍ୟାଗ୍‌ଟିକୁ ଝିଅଟି ହାତକୁ ବଢାଇ ଦେଲେ, ଝିଅଟି ବ୍ୟାଗ୍ ଖୋଲି ଦେଖେ ତ ନୂଆ ପୋଷାକ କିଛି ବିସ୍କୁଟ ଆଉ ଗୋଟିଏ କମ୍ବଳ । ଏହା ଦେଖି ଖୁସି ହୋଇଗଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଝିଅଟି । ମୋତେ ମଧ୍ୟ ଦେଖି ଖୁସି ଲାଗିଲା । ଝିଅଟି ତଳେ ବସିଥାଏ ମୁଁ ଆଉ ପ୍ରଦୀପ୍ତ ବାବୁ ବେଞ୍ଚ ଉପରେ ବସିଥାଉ । ପ୍ରଦୀପ୍ତ ବାବୁ ଝିଅଟିର ନାମ ପଚାରିବାରୁ ଝିଅଟି ଉତ୍ତର ଦେଲା 'ପୂଜା' । ସବୁ ଦିନ ଏହି ସମୟରେ ଏହି ବେଞ୍ଚ ପାଖକୁ ଆସିବାକୁ ପୂଜାକୁ କହିଲେ ପ୍ରଦୀପ୍ତ ବାବୁ ।

ସବୁଦିନ ପ୍ରଦୀପ୍ତ ବାବୁ ସକାଳୁ କିଛି ରୁଟି ତିଆରି କରି ପୂଜା ପାଇଁ ନେଇକି ଯାଉଥିଲେ । ସେହି ବେଞ୍ଚ ପାଖରେ ହିଁ ବସି ପୂଜା ମୁଁ ଆଉ ପ୍ରଦୀପ୍ତ ବାବୁ କିଛି ସମୟ ବାର୍ତ୍ତାଳାପ ପରେ ଫେରି ଆସୁ ଥିଲୁ ।

ପ୍ରଦୀପ୍ତ ବାବୁଙ୍କ କେହି ପରିବାର ନଥିଲେ, ସେ ଅବିବାହିତ ଥିଲେ । ଆଉ ସାରା ଜୀବନ ମଧ୍ୟ ଅବିବାହିତ ରହିବାର ପ୍ରତିଜ୍ଞା କରିଥିଲେ । ମାଆବାପା କେତେ ବର୍ଷ ତଳୁ ଇହଧାମ ତ୍ୟାଗ କଲେଣି । ଏତେ ବଡ଼ ଦୁନିଆରେ ଏକା ହିଁ ଅଛନ୍ତି ତେଣୁ ପାରିବାରିକ ଜଞ୍ଜାଳ ମୁକ୍ତ ସେ  । ସେ ଏବମ୍ଭୂତ ସହୃଦୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା । ସମସ୍ତଙ୍କ ଦୁଃଖରେ ସହଭାଗୀ ହୁଅନ୍ତି ପ୍ରଦୀପ୍ତ ବାବୁ । ତାଙ୍କ ସହ ପ୍ରାତଃ ଭ୍ରମଣରେ ଯାଇ ମୁଁ ବହୁତ କଥା ଶିଖିବାକୁ ପାଉଥିଲି ।

ହଠାତ୍ ଦିନେ ରାତିରେ ଖବର ପାଇଲି ପୋଲିସ୍ ଟ୍ରେନିଂ ସ୍କୁଲ୍ ଉପରେ ମାଓ ଆକ୍ରମଣ ଚାଲିଛି । ଦୀର୍ଘ ତିନି ଘଣ୍ଟା ସମୟ ଆଖିବୁଜା ଗୁଳି ବର୍ଷା ପରେ ସକାଳୁ ପରିସ୍ଥିତି ଅସ୍ୱାଭାବିକ ଥିଲା । ସେହି ଅଂଚଳର ସୁରକ୍ଷା ବ୍ୟବସ୍ଥା କଡାକଡି କରା ଯାଇଥିବାରୁ ସେ ଅଞ୍ଚଳ ଦେଇ ପ୍ରାତଃ ଭ୍ରମଣରେ ଯିବା ସମ୍ଭବ ହେଲା ନାହିଁ । ସେହି ଦିନ ମୁଁ ପ୍ରାତଃ ଭ୍ରମଣ ପାଇଁ ଗଲି ନାହିଁ ।

ସେଦିନ ଦିପ୍ରହରେ ମୁଁ ଦୂରଦର୍ଶନରେ ସମ୍ବାଦ ଦେଖୁଥିଲି, ଗୁଳି ବିନିମୟରେ ୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଓବାଦୀ ଓ ୭ ଜଣ ପୁଲିସ୍ ନିହତ ହୋଇଥିବା ସମ୍ବାଦ ଦେଖିଲି । ମୋ ଆଖିରୁ ଦୁଇ ଟୋପା ଲୁହ ଗଡ଼ିଗଲା ଯେତେବେଳେ ଦୂରଦର୍ଶନରେ ମୁଁ ମୃତ ପୋଲିସ୍ ଅଧିକାରୀଙ୍କ ଫୋଟୋ ଭିତରେ ପ୍ରଦୀପ୍ତ ବାବୁଙ୍କ ଫୋଟୋ ଦେଖିବାକୁ ପାଇଲି । ମୁଁ ବିଶ୍ୱାସ କରି ପାରୁ ନଥିଲି ବାସ୍ତବତାକୁ ।

ଆଉ ପ୍ରାତଃ ଭ୍ରମଣରେ ଯିବା ପାଇଁ ମୋର ମାନସିକ ସାହସ ହେଉନଥିଲା । ୨ - ୩ ଦିନ ନ ଯିବା ପରେ ମୋର ମନେ ପଡିଲା ପୂଜା କଥା । ତେଣୁ ବାଧ୍ୟ ହୋଇ ସକାଳୁ ଗଲି ଦେଖିବା ପାଇଁ ପୂଜାକୁ । ଯେତେବେଳେ ମୁଁ ସେହି ଟ୍ରେନିଂ ସ୍କୁଲ୍ ରାସ୍ତା ଦେଇ ଯାଉଥାଏ ସେତେବେଳେ ମୋତେ କେବଳ ପ୍ରଦୀପ୍ତ ବାବୁଙ୍କ ବ୍ୟକ୍ତିତ୍ୱ କଥା ମନେ ପଡୁଥିଲା । ଯେତେବେଳେ ମୁଁ ବିମଳ ଚା ଦୋକାନରେ ପହଞ୍ଚିଲି ହାତକୁ ଚା କପେ ବଢେଇ ଦେଲା ବିମଳ ଭାଇ । ମୁଁ ଏକା ବସିଥିଲି, ଖାଲି ଥିଲା ମୋ ପାଖ ବେଞ୍ଚ ।

ଚା ପିଇ ସାରିବା ବେଳକୁ ମୁଁ ସମ୍ଭବତଃ ଅଧିକ ଅବେଗପ୍ରବଣ ହୋଇ ସାରିଥିଲି । ଭିଜା ଆଖି ନେଇ ଆଗକୁ ବଢିଲା ବେଳେ ଦେଖିଲି ସେ ବରଗଛକୁ, ମୋଠୁ କେତେ ଅଧିକ ଦୁଃଖକୁ ଦେଖି ସାରି ମଧ୍ୟ ସେ ଛିଡା ହୋଇଛି ନିଃଶବ୍ଦରେ । ଲାଗୁଥିଲା ସତେ ଯେମିତି ସେ ବରଗଛ କହୁଛି, "ଏ କିଛି ନୁହେଁ ତୁ ଆଗକୁ ବଢ଼ ଆଉ ତୋ ଦାୟିତ୍ୱ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କର ।"

କିଛି କ୍ଷଣ ଚାଲିବା ପରେ ମୁଁ ପହଞ୍ଚିଲି ସେ ବେଞ୍ଚ ପାଖରେ । ଆଜି ବି ସେ ବେଞ୍ଚ ତଳେ ଅପେକ୍ଷା କରି ବସିଛି ପୂଜା । ମୋତେ ଦେଖି ପ୍ରଶ୍ନବାଚୀର ହସଟିଏ ହସିଦେଲା ସେ । ମୁଁ ଯାଇ ପୂଜାକୁ କିଛି ଟଙ୍କା ଦେଇ ଖାଇବାକୁ ପଠେଇଦେଲି । ଏବେ ଆଉ ସାହସ ନଥିଲା ସେ ବେଞ୍ଚ ଉପରେ ବସିବାକୁ । ମୁଁ ନିରବରେ ଛିଡା ହୋଇଥିଲି ସେ ବେଞ୍ଚ ପାଖରେ । କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୟ ପରେ ମୋତେ ଲାଗିଲା ସେ ଖାଲି ବେଞ୍ଚ ଯେମିତି ମୋତେ କହୁଥିଲା, "ଆଜିଠୁ ଏ ତୁମର ଜାଗା, ତୁମେ ଏ ବେଞ୍ଚରେ ବସିବା ପାଇଁ ପ୍ରସ୍ତୁତ ହୁଅ ।"

ମୁଁ ପ୍ରତିଦିନ ସେ ଖାଲି ବେଞ୍ଚ ପାଖକୁ ଯାଇ ଆଉ ପୂଜା ସହ ଦୁଇ ପଦ ମନଖୋଲି କଥା ହୋଇ ଆସେ । ଯେତେବେଳେ ମୁଁ ସେଇ ବେଞ୍ଚ ଉପରେ ବସେ ସେତେବେଳେ ମୋତେ ଶୂନ୍ୟତା ଭିତରେ ବି ପୂର୍ଣ୍ଣତାର ଅନୁଭବ ମିଳେ । ସେ ଖାଲି ବେଞ୍ଚ ମୋତେ ମାନବିକ ଦାୟିତ୍ୱର ହୃଦବୋଧ କରାଏ ।

ଦଶପଲ୍ଲା, ନୟାଗଡ଼


୭୫୨୦୯୧

ଦୂରଭାସ- ୬୩୭୦୨୭୨୯୯୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କହ୍ନେଇ



ସୁନନ୍ଦା ମହାନ୍ତି

କହ୍ନେଇ ପାଖରୁ ଆସି କହ୍ନେଇକି ଛାଡି କହ୍ନେଇଙ୍କ ବିଗ୍ରହ ପାଖରେ ସାଷ୍ଟାଙ୍ଗ ପ୍ରଣିପାତ କଲି, ଲୁହ ଗୁଡା କିଏ ଦେଖିନେବ କାଳେ ବୋଲି ଓଢଣାଟା ମୁହଁ ଯାଏ ଘୋଡାଇ ଦେଇଥିଲି ଆଉ କେତେ କଣ କହି ଯାଉଥିଲି କହ୍ନେଇଙ୍କୁ ଅଭିମାନରେ, ଅରମାନ ମେଣ୍ଟିଗଲା ଯାଏଁ, ହେଲେ ସେତ ପଥର, ଆଉ ମୁଁ କୋଉ ଭକ୍ତରେ ବା ଗଣା  !

କହ୍ନେଇ ପରି ଜୋଇଁ ଦେଇଛ ହେ ପ୍ରଭୁ, ହେଲେ ଓଡିଶା ଭିତରେ ଥାଇ ବି କେତେ ଦୂର, ନାତୁଣୀ ଜନ୍ମଦିନ ପାଇଁ ମୋ କହ୍ନେଇ ଆସି ନେଇ ଯାଇଥିଲେ ଯେ ରହିପାରିଲି ନାହିଁ, ଖବର ପହଁଚିଲା, କହ୍ନେଇ ପରା ପୁଅ ମୋର ବିଦେଶ ଯିବ, କେତେ କଷ୍ଟରେ କହ୍ନେଇଙ୍କୁ ଡାକି ଡାକି ମୋ କୋଳର କହ୍ନେଇ ଏଇ ଏଇ ବିଦେଶରୁ ଆସିଥିଲା ରାଜଧାନୀ ଯେ ଟିକେ ଭଲମନ୍ଦ ବୁଝୁଥିଲା ମୋର, ଦେଖି ପାରୁଥିଲି କହ୍ନେଇକି ମୋର, ପୁଣି ଯିବ ବିଦେଶ, ତାକୁ ଷ୍ଟେସନରେ ଛାଡି ସିଧା କହ୍ନେଇଙ୍କ ମନ୍ଦିରରେ ପଶି କହ୍ନେଇଙ୍କ କଳା କମନୀୟ ମୁଗୁନି ପଥର ମୂର୍ତ୍ତୀଙ୍କ ଗୋଡ଼  ତଳେ ପଡିଛନ୍ତି ଯେ ଉଠିବାର ନାମ ଧରୁନାହାନ୍ତି, କଣ ଭାବିଲେ ନନା, ମାଆ ତୁଳସୀ ନିଅ କହି ଡାକିଦେଲେ, କଲବଲରେ ଓଢଣା ଭିତରେ ଲୁହ ପୋଛି ଠିଆ ହେଲି ହେଲେ ନନାଙ୍କ ଆଖିକୁ ଫାଙ୍କି ପାରୁଛି କୁଆଡୁ ? କହିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନଦୁଃଖ କରନାହିଁ ମାଆ, କହ୍ନେଇଙ୍କୁ ଭରସା କରିଛ ଯେତେବେଳେ ସେ ହିଁ ସବୁ ଠିକଠାକ କରିଦେବେ, ଅବଶ ପାଦ ଘୋସାରୀ ଘରେ ପହଂଚୁ ପହଂଚୁ ମୋ କହ୍ନେଇର ଫୋନ, କେମିତି ପହଂଚିଲୁ ମାଆ, ପଚାରୁଥିଲା ତ, ତୋ ବିନା ମୁଁ ଆଉ ତୋ ବାପା କେମିତି ରହିବୁରେ କହ୍ନେଇ କହିବାରେ, ହସୁଥିଲା, କହୁଥିଲା ବ୍ୟସ୍ତ କାହିଁ ହେଉଛୁ ଚେଷ୍ଟା କରି ବର୍ଷେ ଭିତରେ ପୁଣି ଫେରିଆସିବିନି ରାଜଧାନୀ, ତୁ ଆଉ ଲେଖା ଲେଖି କରୁନୁ କି ମାଆ, ଆରେ ଛାଡ଼ ସେ ଲେଖାଲେଖି, ଖତ ଖାଉଛି ସବୁ, କୋଉ ପ୍ରକାଶିତ ହୋଇପାରୁଛି ନା କଣ, ତଥାପି ତୁ ଲେଖିଚାଲେ ମାଆ କହୁଥିଲା ମୋ କହ୍ନେଇ ତ କାମଦାମ ରେ ମନଲଗାଇ, ସଞ୍ଜ ହେଳାଣି ଜଣା ନାହିଁ ଫୋନ ବାଜୁଛି କହ୍ନେଇ ମୋର ଫୋନ କରୁଛି ବୋଧେ ଭାବି ଦଉଡିଯାଇ ଫୋନ ରିସିଭ କଲି ।


ସେପଟରୁ ଏକ ପତ୍ରିକାର ସମ୍ପାଦକ ମୋ ଲିଖିତ ଗଳ୍ପଟିଏର ତାରିଫ କରି ଆଉ ଲେଖା ମାଗୁଥିଲେ ତ ମୁଁ ଆଜ୍ଞା କହିବାରେ, ବିଚଳିତ ହୋଇ ଅନୁରୋଧ କରି କହିଲେ ମୁଁ ଆପଣଙ୍କ ପୁଅ ପରି ଆଜ୍ଞା ମତେ, ଆଜ୍ଞା ଆପଣ କୁହନ୍ତୁ ନାହିଁ, ଜୀବନରେ ପ୍ରଥମ ଥର ଖୁସିରେ ବିହ୍ୱଳିତ ହୋଇ କହୁ କହୁ କହିଦେଲି ହଁ ହଁ କାହିଁକି ନୁହଁ, ତୁମେ ତ ମୋ କହ୍ନେଇ, ସେ ସେପଟୁ ପ୍ରଶ୍ନବାଚି ସୂଚକ ଅଜ୍ଞା ? କହୁଥିଲେ ତ ମୁଁ କହୁଥିଲି ନା ନା ପୁଅ ତୁମ ନାମ ଜାଣିନି ତ କହ୍ନେଇ ବୋଲି କହିଦେଲି, ଖରାପ ଭାବିବନି, ସେପଟୁ ସେଇ କହ୍ନେଇ କହୁଥିଲେ ନାଇଁ ନାଇଁ ମୋର କି ଭାଗ୍ୟ, ଆଉ ସେ ତାଙ୍କ ନାମ ଜଣାଉଥିଲେ ତ ମୁଁ କହ୍ନେଇଙ୍କ ପାଖେ ଦୀପ ଲଗାଇବାକୁ ଦୌଡୁଥିଲି ରୀତିମତ ।

ସାକ୍ଷୀଗୋପାଳ, ପୁରୀ ୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋଭ



କଲ୍ୟାଣୀ ଦାଶ

ମଫସଲିଆ ଗାଁ ଟିଏ । ନାଁ ତାର ଚାନ୍ଦପଲ୍ଲୀ । ଗାଁରେ ରହୁଥାଏ ଗୋଟିଏ କେଉଟ । ନାଁ ତାର ହରିଆ । ସ୍ତ୍ରୀ ଓ ଦୁଇ ପୁଅକୁ ନେଇ ତାର ଛୋଟିଆ ସଂସାର । ହରିଆ ସବୁ ଦିନ ନଦୀକୁ ମାଛ ଧରିବାକୁ ଯାଏ । ସେଇ ମାଛକୁ ହାଟରେ ବିକି ଦି ପଇସା ରୋଜଗାର କରେ । କେବେ ମାଛ ପଡେ ତ କେବେ ନାଇଁ । ଥରେ ଚାରି ପାଞ୍ଚ ଦିନ ଲାଗି ଲାଗି ତା ଜାଲରେ ମାଛ ପଡିଲା ନାହିଁ ହାଟକୁ ନଯିବାରୁ ପଇସା ବି କିଛି ହେଲା ନାହିଁ । ପରିବାର ଭୋକରେ ବିକଳ । ପରଦିନ ସକାଳେ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରି ହାତରେ ଜାଲ ଧରି ବାହାରିଲା । ସକାଳ ଯାଇ ଖରାବେଳ ହେଲା ଗୋଟେ ବି ମାଛ ପଡିଲାନି । ମନେ ମନେ ଭାବିଲା ଏଇ ଥରକ ଶେଷ ଚେଷ୍ଟା ପ୍ରଭୁ ଦୟା କର । ଜାଲ ପକାଇଲା ଉପରକୁ ଉଠାଇଲା ବେଳକୁ ବହୁତ ଓଜନ । ଦେଖିଲା ବହୁତ ବଡ ମାଛ, କେଉଟକୁ କହିଲା ମୁଁ ତମ କଷ୍ଟ ଜାଣିଛି ତୁମେ ମୋ ଭିତରକୁ ଆସ ମୋ ଭିତରେ ବହୁତ ସୁନା ରୂପା ଟଙ୍କା ପଇସା ଅଛି ନେଇଯାଅ । ହରିଆ ପ୍ରଥମେ ରାଜି ହେଉନଥିଲା କିନ୍ତୁ ପରେ ତା ଭିତରକୁ ଗଲା । ଦେଖିଲା ସେ ମାଛ ପେଟ ଭିତରେ ବହୁତ ସୁନା ଗହଣା ଆଉ ପଇସା । ହରିଆ ଭଲରେ ରହିବା ପାଇଁ ଯେତିକି ଦରକାର ସେତିକି ନେଇ ଆସିଲା । ମାଛକୁ ଧନ୍ୟବାଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଲା । ଘରକୁ ଆସିଲା । ସ୍ତ୍ରୀ ଏସବୁ ଦେଖି ଅବାକ ହେଇଯାଇ ୟାର ରହସ୍ୟ ପଚାରିଲା ହରିଆ ତାକୁ ସବୁ କଥା କହିଲା । ହରିଆ କହିଲା ବେଳେ ସୁଦାମ ବୋଲି ଜଣେ କେଉଟ ଝରକା ପାଖରେ ରହି ଏସବୁ ଶୁଣିଲା । ପରଦିନ ସେ ବି ଜାଲ ପକାଇଲା ସେଇ ମାଛକୁ ଅପେକ୍ଷା କଲା । ସେଇ ବଡ ମାଛ ଆସି କହିଲା ମୋ ଭିତରେ ବହୁତ ଟଙ୍କା ପଇସା ସୁନା ଗହଣା ଅଛି ନେଇଯାଅ । ସୁଦାମ ଭିତରକୁ ଗଲା । ଭିତରେ ଏତେ ସୁନା ପଇସା ଦେଖି ତାର ବହୁତ ଲୋଭ ହେଲା । ସେ ଦରକାରଠୁ ଅଧିକ ସୁନା ଗହଣା ଆଉ ପଇସା ନେଲା । ଠିକ ସେତିକିବେଳେ ମାଛର ପେଟ ଫାଟିଗଲା ଓ ସୁଦାମର ମୃତ୍ୟୁ ହେଲା । ଏପଟେ ହରିଆ ଲୋଭ ନା କରି ଦରକାର ତୁଳନାରେ ନେଇଥିବାରୁ ବହୁତ ଖୁସିରେ ରହିଲା ଓ ସୁଦାମ ଅତି ଲୋଭ କାରଣରୁ ମୃତ୍ୟୁବରଣ କଲା । ଅତି ଲୋଭ ମୃତ୍ୟୁର କାରଣ ହେଇଥାଏ ।

ଭ୍ରାମ୍ୟଭାଷ : ୭୩୭୧୦୨୧୭୨୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିସ୍ଥିତିର ଚାପ



ଇନ୍ଦିରା ଚରଣ

ପରିସ୍ଥିତିର ଚାପ ମଣିଷ ଜୀବନରେ ଛାପ ଛାଡି ଦେଇ ଚାଲିଯାଏ । ନିଜକୁ ଦୁଃଖ ଓ ଦାରିଦ୍ର୍ୟର ସବଳ ପାଦତଳେ ଚାପି ହେଇ ବେଶ ଗୋଟେ ହସ ହସ ମୁହଁରେ ସହିବା ପାଇଁ ନିଜକୁ ପ୍ରସ୍ତୁତ କରୁଥାଏ ପ୍ରଜ୍ଞା......... ନାଁଟା ଗୋଟେ ଅନାବିଳ ପ୍ରେମ ସଂପର୍କ ସହିତ ମୁଷ୍ଟିମେୟ ଲୋକ ଯୋଡି ଦିଅନ୍ତି, ଅବଶ୍ୟ ଅର୍ବାଚିନ ସଭ୍ୟତାର ପତନ ହେଲା ଭଳି ପ୍ରେମ ସମ୍ପର୍କରେ ବି ଗୋଟେ ପୂର୍ଣ୍ଣଚ୍ଛେଦ ପଡି ଯାଇଛି । କାରଣ ଗୋଟେ ଝିଅ ନୁହେଁ ବରଂ ଗୋଟେ ଅହଂକାର, ନିଜକୁ ନିଜେ ସ୍ୱାଧୀନ କରିବାର ପ୍ରଚେଷ୍ଟା କାରଣ ବାବୁ ଆମର କାହା ଭିକ ଦିଆ ପଇସାରେ ଚଳିବାକୁ ଚାହାଁନ୍ତିନି । ତାଙ୍କର ନାରୀବନ୍ଧୁ ଜଣେ ତାଙ୍କୁ ଥଟ୍ଟାରେ ତାଙ୍କ ବେରୋଜଗାରୀ ଉପରେ ଥରେ କହିଦେଲେ ସେଇୟା କୁ ମନେ କରି ସେ ତାଙ୍କ ସହିତ କଥା ହେବାକୁ ନାରାଜ ତାଛଡା ସେ କଥାଟା ବି ଏତେ କଡା ଥିଲା ଯେ ଯେକୌଣସି ରକ୍ତମାଂସ ପୂର୍ଣ୍ଣ ଦେହରୁ ରକ୍ତ ନିଗାଡି ଦେଇ ପାରିବ କଥାଟା ସ୍ୱଭାବିକ କିନ୍ତୁ ତାର କୌଣସି ପ୍ରତିକାର ଏଇ ଭଳି ଶବ୍ଦ ପ୍ରଯୁଜ୍ୟ ନୁହେଁ । ବାବୁ ବି ଆମର କଥା କଟା କଟି ହେଇ ଭଲ କି ଗୋଟେ ଶୁଣେଇ ଦେଇ ଚାଲି ଆସିଲେ ଯାହାକୁ ଇଂରାଜୀରେ କୁହାଯାଏ break up... କଥାଟା ଠିକ ଏମିତି ଥିଲା - ଭସା ମେଘ ପରି ଇତସ୍ତତଃ ଘୁରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଲୁଥିବା ମଣିଷଟିଏ ମୁଁ ତୁମ ସେଇ ବିଳାସପ୍ରିୟ ସ୍ୱର୍ଣ୍ଣ ପଞ୍ଜୁରୀରେ ରହିବାର ମୋର କୌଣସି ଅଭିପ୍ରାୟ ନାହିଁ... । ସମୟ ସହିତ ମୁଁ ବୃଦ୍ଧ ହେଇ ଯାଇପାରେ କିନ୍ତୁ ପାରିବାରିକ ବନ୍ଧନର ସେ ପୀଡ଼ାରେ ସବୁଦିନ ତୁମ ସହିତ ତିଳ ତିଳ ହୋଇ ନିଜକୁ ଜାଳିବାଠୁ ବହୁ ଊର୍ଦ୍ଧ୍ୱ ସୋପାନରେ ନିଜକୁ ପ୍ରତିଷ୍ଠିତ କରିବାକୁ ଚାହେଁ..... ବନ୍ଧନର ସେଇ ବେଡିକୁ ମୁଁ ନଷ୍ଟ କରିବାକୁ ଚାହେଁ, ଗୋଟେ ପକ୍ଷୀଭଳି ମୁକ୍ତ ଆକାଶରେ ଡେଣା ମେଲେଇ ଉଡିବାକୁ ଚାହେଁ ବହୁ ଦୂରକୁ ଆଉ ଦୂରକୁ....... ସେଇ ବେଳଠୁ ବାବୁ ଆମର ଗୋଟେ ଦାର୍ଶନିକ ମନୋଭାବ ଆପଣେଇଛନ୍ତି । ଗାଁକୁ ଆସିଛନ୍ତି, ଗାଁର ପରିବେଶ କଥା ବୁଝିଛନ୍ତି । କୋଉ ଗୋଟେ ପ୍ରାଚୀନ ବରଗଛରେ ଆଉଜେଇ ହେଇ ଗାଁକୁ ଦେଖନ୍ତି, ଗାଁକୁ ଦେଖି ସହରକୁ କଳ୍ପନା କରନ୍ତି, ଆରେ କାଳକ୍ରମେ ସହର ଏମିତି ହେଇଯାଇଥିବ ଭାବି ସେଇ ବରଗଛ ଓହଳକୁ ଟାଣି ଆଣି ଆଲିଙ୍ଗନ କରନ୍ତି ସତେକି ଯେମିତି ତା ବାଲ୍ୟକାଳର ବନ୍ଧୁ । ଏତେ ନିବିଡ଼ ସମ୍ପର୍କ ଯେ ବରଗଛ ବି ଯେମିତି ପବନ ରେ ନିଜ ଓହଳକୁ ହଲେଇ ହାତ ଠାରି ଡାକେ । ପ୍ରଜ୍ଞା ପୁଣି "ମୋ ଗାଁ ଆଜି ସହର ସହର ବାସୁଛି" ବୋଲି ଭାବେ, ହୋକା ଭାଇର ସଙ୍ଗୀତରେ ମସଗୁଲ ହେଇଯାଏ ।

ଏମିତି ବହୁତ ସ୍ୱପ୍ନ ଦେଖେ, ଇତିହାସର ପୃଷ୍ଠା ଓଲଟାଏ ମଣିଷର ସେଇ ପ୍ରସ୍ତର ଯୁଗରୁ ଏଇ ଏକବିଂଶ ଶତାବ୍ଦୀ କଥା ଚିନ୍ତା କରେ, ବାଇବେଲର ସେଇ ଆଦମ ଆଉ ଇଭ କଥା ଚିନ୍ତା କରେ ଯାହା ପାଇଁ ମଣିଷ ସୃଷ୍ଟି  ହେଇଥିଲା, ମଣିଷକୁ ପୁଣି ରାଗେ କାରଣ ଯାହା ପାଇଁ ଏ ସାରା ସଂସାର  କେତେ ବେଳେ ହୁ ହୁ ହେଇ ଜଳୁଛି ତ କେତେ ବେଳେ ଓଜନ ସ୍ତର ରେ ଗାତ ସୃଷ୍ଟି  ହେଉଛି ।

କାଁଭାଁ କୋଉ ଗୋଟେ ଖବର କାଗଜଟେ ଉଠେଇ ଆଣି ମଣିଷ ଜୀବନକୁ ଧିକ୍କାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରେ, ଖବର କାଗଜର ପ୍ରତିଟି ଖବର ପାଇଁ ସେ ନିଜ ହିସାବରେ କିଛି ଗୋଟେ କହେ । ପ୍ରତିଟି ଖବର ଯେମିତି କୌଣସି ଗୋଟେ ଯାତ୍ରା ଠାରୁ ତାକୁ କମ ଲାଗେନି । ଆକାଶର ସେଇ ସନ୍ଧ୍ୟା ସମୟରେ ପାଉଁଷିଆ ରଙ୍ଗକୁ ଦେଖି କଣ ଗୋଟେ ଆଜେବାଜେ ଗପେ, ପୁଣି ଏ ଦୁନିଆକୁ ଚାଲିଆସେ ବିକାଶର ପ୍ରହସନ କରିଥିବା ଏ ସମାଜ, ସରକାର ଉପରେ ଖୁବ ପାଟି କରେ । ଗଳା ବସିଗଲା ପରେ ଆସି ନିଜ ସମସ୍ୟା ଉପରେ କାନ୍ଦି ବୋବାଏ, ଅହେତୁକ କ୍ଳାନ୍ତି ଅନୁଭବ କରେ, କାଗଜ କଲମ ରେ ସାଧା ଫର୍ଦ୍ ଦେଖି କିଛି ଗୋଟେ ଗାରେଇ ପକାଏ, ଲୋକଙ୍କୁ ଡାକି ପଢାଏ, ଏ ସମାଜ, ଏ ମାନସିକତା କୁ ଘୃଣା କରେ ।

ନିଜେ ବାହା ହେଉନପାରିଥିବା ତା ପ୍ରେମିକା କଥା ଥରେ ଚିନ୍ତା କରେ, ମଣିଷ ଜୀବନର ସେଇ ନିରାଟ ସତ୍ୟକୁ ସେ ଭାବେ । ଆପେ ଆପେ ସେ ନିଜ ଲୁହର ବଢିରେ ଡେଇଁପଡେ । ପୃଥିବୀ ସାରା ତାକୁ ଗୋଟେ ରଙ୍ଗ ଦେଖାଯାଏ ତାହା ଯାହା ତା ଜୀବନ ହେଇ ସାରିଛି.........

ଇରିଗେସନ କଲୋନୀ, ଲେନ୍: ୧୨, ଭବାନୀପାଟଣା,
୭୦୭୭୫୭୭୯୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷାର ଫଳ ମିଠା



ଛବିରାଣୀ ପତି

ଧୈର୍ଯ୍ୟ, ନମ୍ର, ବିଶ୍ୱାସ ଓ ଭକ୍ତି
ରଖିଥିଲେ କର୍ମ ନିଷ୍ଠା....
ସତ ଷଡ଼ଯନ୍ତ୍ର ଝଡଝଞ୍ଜା ସତ୍ତ୍ୱେ
ଅପେକ୍ଷାର ଫଳ ମିଠା ।।

ସମୟର ଅତିକ୍ରାନ୍ତେ....... ବେଳେ ବେଳେ ସବୁକିଛି ଭାରାକ୍ରାନ୍ତ ହୋଇଯାଏ ମଣିଷଟେ ପାଇଁ । କିନ୍ତୁ ନିଜ ଉପରେ ତଥା ଅବିନେଶ୍ୱର ଐଶ୍ୱରୀୟ ସତ୍ତା ଉପରେ ଆସ୍ଥା ଭାଜନ ହୋଇ, ସୁଚାରୁରୂପେ ନିଜ କର୍ମ ସମ୍ପାଦନ କରିଚାଲୁଥିଲେ, ଶେଷରେ ସଫଳତା ନିଶ୍ଚିନ୍ତ ଆମ ପାଦ ଚୁମିଥାଏ । ଗୋଟିଏ ଛାତ, ଗୋଟିଏ ଭାତ ଆଉ ଦୁଇଖଣ୍ଡ ହୋଇଥିବା ଗୋଟିଏ ନାହି, ଥିଲେ ଲକି ଆଉ ଲିକି ଜାଆଁଳା ବା ଯମଜ ଭଉଣୀ ଦୁଇଜଣ । ରୂପ, ରଙ୍ଗ ସାଙ୍ଗକୁ ସବୁ ଯେପରି ଥିଲା ଏକ ଓ ଅଭିନ୍ନ । ମାତ୍ର, ସଂପୂର୍ଣ୍ଣ ଅଲଗା ପଡ଼ିଯାଇଥିଲା ଦୁଇଜଣଙ୍କର ସ୍ୱଭାବରେ । ତେଣୁ, କାହାରି ମନ ମିଶୁ ନଥିଲା କାହା ସାଥୀରେ । ଜନ୍ମରୁ ଅଦ୍ୟାବଧି.... ଦୁହିଁଙ୍କ ଭିତରେ ମନାନ୍ତର ଏବଂ ମତାନ୍ତର ନିରନ୍ତର ଲାଗି ରହିଥିଲା । ବଡ଼ ଭଉଣୀ ଲକି, ଥିଲା ପ୍ରଚଣ୍ଡ ଅବାଧ୍ୟ, ବଦରାଗି ଓ ଅହଙ୍କାରୀ । ତାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପୂର୍ଣ୍ଣ ବିପରୀତ ଥିଲା ତାର ସାନ ଭଉଣୀ । ସରଳ, ଶାନ୍ତ, ସ୍ୱାଭିମାନୀ ଓ ସଂସ୍କାରୀ । ଖାଲି ବାପାମାଆଙ୍କ କଡା ତାଗିଦ୍, ଶୃଙ୍ଖଳିତ ଶାସନରେ ସୁରୁଖୁରୁରେ ବିତିଗଲା ବାଲ୍ୟ, କୈଶୋର । ଏବେ ଯୌବନର ଉପନିତେ ଦୁଇଜଣଙ୍କର ମନ...... ଭାରି ଆନମନା ।

ଦୁଇ ଭଉଣୀ ପଢନ୍ତି, ଯୋଗକୁ ଗୋଟିଏ କଲେଜ୍ ରେ । ସମୟ ଏପରି ଖେଳ ଦେଖାଏ ଯେ' ନିଜ ଅଜ୍ଞତାବଶତଃ ଦୁଇ ଜଣଯାକ ଭଲ ପାଇ ବସନ୍ତି ଗୋଟିଏ ପୁଅକୁ । ଅନ୍ତର ଏତିକି, ଲିକି ଭଲ ପାଉଥିଲା ଶାନ୍ତ, ସରଳ, ଭଦ୍ର ଓ ନମ୍ର ତଥା ମେଧାବୀ ଯୁବକକୁ । ଆଉ ଲକି..... ଭଲ ପାଉଥିଲା ବିତ୍ତଶାଳି ଓ ସବୁ ଝିଅଙ୍କୁ ଆକୃଷ୍ଟ କରିପାରୁଥିବା ସୁନ୍ଦର ଯୁବସୁଲଭ ଆଚରଣ ଓ ଗତିବିଧିର ପୁଅକୁ । ଯୁବକ କିନ୍ତୁ ଜଣେ । ନାଆଁ ତାଙ୍କର ଅଭିନନ୍ଦନ । ଲକି ଓ ଲିକି... କଲେଜର ହତା ଭିତରେ ପଶିଲା କ୍ଷଣି ହିଁ, ଖୋଜି ବୁଲେ ତାଙ୍କ ଚାରି ଆଖି କେବଳ ଅଭିନନ୍ଦନଙ୍କୁ । ଅଭିନନ୍ଦନ ମଧ୍ୟ କ୍ରମଶଃ ଗ୍ରହଣ କରିନେଇଛନ୍ତି ଦୁଇ ଭଉଣୀଙ୍କୁ ନିଜର ପ୍ରିୟ ସାଙ୍ଗ ଭାବରେ । କିନ୍ତୁ, ତାଙ୍କ ମନରେ ଯେ' କାହାପ୍ରତି ଅଧିକ ଦୁର୍ବଳତା... ନା ସେ ଆଜିଯାଏ ଜାଣି ପାରିଛନ୍ତି ! ! ନା କାହାକୁ ଏ ବାବଦରେ କେବେ କିଛି କହିଛନ୍ତି । ହଁ, ଏତିକି କରନ୍ତି..... ଅତ୍ୟଧିକ ତ୍ୟାଗ ଓ ସମର୍ପଣ ଭାବକୁ ସମ୍ମାନ ଦେଉଥିଲେ ହେଁ, ପ୍ରଶଂସା କରିଥିଲେ ବି, ତାଗିଦ୍ କରନ୍ତି ଆଜିର ସ୍ୱାର୍ଥବାଦୀ ଦୁନିଆଁ ଠୁଁ ସତର୍କ ଓ ସଚେତ ରହିବା ପାଇଁ ଲିକିକୁ ।

ଆଜି ଅଭିନ୍ଦନର ଜନ୍ମଦିନ । ମଧ୍ୟବିତ୍ତ ପରିବାରର ଲକି ଓ ଲିକି । ସପରିବାର ଆଜି ଅତିଥି... ସମ୍ଭ୍ରାନ୍ତ ଶିକ୍ଷିତ ସଭ୍ୟ ସମାଜର ଅଭିନନ୍ଦନଙ୍କ ଘରେ । ଧନର ପ୍ରାଚୂର୍ଯ୍ୟ ଉପରେ ଛିଡା ହୋଇ ମଧ୍ୟ, ଅଭିନନ୍ଦନଙ୍କ ପରିବାର ଲୋକେ ଠିକ୍ ଅଭିନନ୍ଦନ ପରି ଶିଷ୍ଟ ଆଉ ଭାରି ଭଦ୍ର । ଆର୍ଯ୍ୟବର୍ତ୍ତ ହିନ୍ଦୁଧର୍ମର ପାରମ୍ପରିକ ରୀତିନୀତି ଢଙ୍ଗରେ ପାଳୁଥାଆନ୍ତି ଅଭିର ଜନ୍ମ ଦିବସକୁ । ଗୋଟେ ପଟେ ପ୍ରଭୁ ସତ୍ୟନାରାୟଣଙ୍କ ପୂଜା ସମ୍ପାଦନ ହେଉଥାଏ । ଆରପଟେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେକ୍ କଟାର ମଧ୍ୟ ବ୍ୟବସ୍ଥା ରହିଥାଏ । ତେଣୁ, ନିଜ ନିଜ ସ୍ୱାଭବକୁ ନେଇ ଲକି କେକେ କଟା ପାଖରେ ପାର୍ଟି ସେଲିବ୍ରେଟ୍ ରେ ନାଚି କୁଦି ନିଜକୁ ହଜାଇ ଦେଉଥିଲା ବେଳେ, ଲିକି କିନ୍ତୁ ଗୁରୁଜନମାନଙ୍କ ସାଙ୍ଗରେ ବସି ହୋଇଯାଇଥାଏ ବିଭୁ ପାଦରେ ଲୀନ । ବାପା ଓ ମା'ଙ୍କୁ ଅନୁରୋଧ କରେ ଘରକୁ ଶୀଘ୍ର ଫେରିଯିବା ଲାଗି । କାରଣ ଘରେ ଥାଆନ୍ତି ମୂକ, ଅସହାୟ ଭୋକିଲା ଜୀବନ ଦୁଇଟି, କୁକୁର ଆଉ ବିରାଡ଼ି ।

କିଛିଦିନ ଅନ୍ତେ କଲେଜ୍ ସରିଯାଏ । ରୋଜଗାର ଚିନ୍ତାରେ ଥାଆନ୍ତି ସମସ୍ତେ । ଏତିକି ବେଳେ ବାପା ଓ ମାଆ ଚିନ୍ତା କରନ୍ତି, ଯାହାର ହେଲେ ଜଣଙ୍କର ବିଭାଘର କରିଦେବାକୁ । ଜାଆଁଳା ହେଲେ ବୋଲି ଏକା ସାଙ୍ଗରେ ଦୁଇ ଦୁଇଟା ବାହାଘର ଦାୟିତ୍ୱ ତ' ସେ ଏକା ଲୋକ ତୁଟାଇ ପାରିବେନି ନା । ପଚାରିଲେ ପିଲା ମାନଙ୍କୁ । ସବୁବେଳ ପରି ଚୁପ୍ ରହିଯାଏ ଲିକି । ଲକି କହେ... ମୁଁ ଯଦି ବହାହେବି କେବଳ ଅଭିନନ୍ଦନଙ୍କୁ । ବଡ଼ ଝିଅର ଏପରି ଯୁଲମ୍ ଦେଖି ପରିବାର ଲୋକେ ରାଜି ହୋଇଯାନ୍ତି । ସଂସ୍କାରି ମନୋଭାବ ଯୋଗୁଁ ପାଟି ଖୋଲି ପାରିନଥିଲା ଲିକି । ଆଜିଯାଏଁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ଜିନିଷରେ ତାହା ହିଁ ତ' ହୁଏ । ବାପାମାଆଙ୍କ ହସ୍ତକ୍ଷେପରେ ଆଉ ଧୈର୍ଯ୍ୟପୂର୍ଣ୍ଣ ଶାଳୀନତା ଯୋଗୁଁ ତାର ଅଭାବ ନଥାଏ କେଉଁଥିରେ । ଭାବୁଥାଏ ଲିକି... !! କଣ୍ ୟା ପରେ ବି' ମୁଁ ଅଭିଙ୍କୁ ଭଲପାଏ ବୋଲି କହିବାଟା ଠିକ୍ ହେବ... !! ତାପରେ, ଖାଲି ମୁଁ ଭଲ ପାଇଲେ ତ' ଚଳିବନି !! ସେ ଯେ' କାହାକୁ ଭଲ ପାଆନ୍ତି, ସେକଥା ତ' ଆମେ କେହିବି ଜାଣୁନା । ସତରେ କଣ୍ ତା'ହେଲେ, ଅଭି ଲକିକୁ ଭଲ ପାଆନ୍ତି ... !!!! ସବୁକିଛି ଅସ୍ପଷ୍ଟ ଥିଲା ଲିକି ପାଇଁ । ଅପେକ୍ଷା ଥିଲା ଅଭିନନ୍ଦନଙ୍କର ମତାମତ ଉପରେ । ପୁଣି ଅପେକ୍ଷା, ଖାଲି ଅପେକ୍ଷା ଆଉ ଅପେକ୍ଷା । ସତେ ଯେପରି... ନିଜକୁ ହଜାଇ ଖୋଜୁଥିଲା ତା' ଅଭିକୁ ଲିକି । ଭୋକ ନାହିଁ କି, ଶୋଷ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ବି' ସେ ଅମାନିଆ ଅବିଶ୍ରାନ୍ତ ଆଖିକୁ ଟିକିଏ ବୋଲି ନିଦ । ବେଶ୍ କିଛିଦିନ ଅପେକ୍ଷା ପରେ, ଦିନେ ହଠାତ୍ ଫୋନ୍ ଆସେ ଦୁଇ ଝିଅଙ୍କର ବାପାଙ୍କୁ । ସମସ୍ତେ କାନ ଡେରି ଶୁଣୁଥାଆନ୍ତି । ବାପା ଜବାବ୍ ଦେଲେ କାଲି ଯିବେ ବୋଲି । ସମ୍ଭବ, ବାପା କାଲି ଲକିର ବାହାଘର ଠିକ୍ କରିଦେଇ ଆସିବେ । ତଥାପି ଥିଲା ନୀରବ ଲିକି । ଆଉ ଏକ ଜିତାପଟର ଖୁସି ନେଇ ଉଛୁଳୁଥିଲା ଲକି ।

ଆଜି ଅଭିନନ୍ଦନଙ୍କ ଘରେ ବସିଛି ବୈଠକ । ଅଭିନନ୍ଦନଙ୍କ ଆଗରେ ଏକ ବିରାଟ ପ୍ରଶ୍ନ । ସେ ଏତେଦିନ ଧରି ପାଉନାହାନ୍ତି ତାର ସଠିକ ଉତ୍ତର । ତେଣୁ, ସେହି ଅସମ୍ଭବ୍ୟ ପ୍ରଶ୍ନ ନେଇ ଚାହିଁ ରୁହନ୍ତି ନିଜ ବାପା ଆଉ ମାଆଙ୍କ ଉତ୍ତର ଆଶାର୍ଥୀ ମୁହଁକୁ । ନିରୂତ୍ତର ପୁଅର ଅସ୍ୱାଭାବିକ ପରିସ୍ଥିତିକୁ ଲକ୍ଷ୍ୟକରି ଶେଷରେ ସବୁ ଦୋଷକୁ ନିଜ ମୁଣ୍ଡକୁ ନେଇ ଶୁଣାନ୍ତି ଗୋଟେ ଚୂଡାନ୍ତ ନିଷ୍ପତି । ପୁଅ ତାଙ୍କର । ସେ ଜାଣନ୍ତି ତାର ପସନ୍ଦ ଆଉ ନାପସନ୍ଦ । ବୁଝନ୍ତି ଅଭିର ମନସ୍ତତ୍ୱକୁ । ତେଣୁ, ପୁଅର ଅବଦମିତ ମନର ଆଶା ଅଭିଳାଷାକୁ ଚରିତାର୍ଥ କରିବାକୁ ଯାଇ ଲକି ବଦଳରେ ଲିକିର ହାତ ମାଗି ବସନ୍ତି ତା'ର ବାପାଙ୍କୁ । କାରଣଟା ସେତିକି ବି' ନୁହେଁ ... ! ! ଅଭି ଜନ୍ମଦିନ ସ୍ମୃତିରେ ..... ଲିକି ନିଜ ଆଚାର, ବିଚାରକୁ ନେଇ ଏଇ ପରିବାରର ସଦସ୍ୟମାନଙ୍କ ମନରେ ସେବେଠୁଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରି ଯାଇଥିଲା ନିଜପାଇଁ । ସେଦିନ ଲିକି ନିଜକୁ ସଜାଇ ଦେଇଥିଲା ଆକର୍ଷଣର ମୁଖ୍ୟ କେନ୍ଦ୍ର ବିନ୍ଦୁଟିଏ । ହଠାତ୍... ସ୍ତବ୍ଧ ହୋଇଯାଇଥିବା ମାହୋଲଟି ପୁଣି ନାଚି ଉଠିଥିଲା ହର୍ଷ ଉଲ୍ଲାସରେ । ଆଜି ଲିକିର ବାପା ମଧ୍ୟ ଖୁବ୍ ଖୁସି । ତାଙ୍କର ଉଦ୍ଦେଶ୍ୟ ଥିଲା ବନ୍ଧୁ ବାନ୍ଧିବାରେ, ଗୋଟିଏ ଝିଅ ବାହା କରିବାରେ । ଗୋଟିଏ ମିନିଟର ବ୍ୟବଧାନ ଉଭୟଙ୍କ ମଧ୍ୟରେ । ବଡ଼ ସାନ ଆଉ କଣ ଯେ... ! ! ତେବେ ଯାହାହେଉ ଲକି ପରି ମୋ' ଲିକି ଟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ବି ମୁହଁ ଖୋଲିପାରି ନ'ଥାନ୍ତା ନିଜପାଇଁ । ଅବଶ୍ୟ ସେମାନେ ବୁଝିପାରିଥିଲେ ନିଜ ଝିଅର ନିରବତାର କାହାଣୀ । କିନ୍ତୁ ଲକିର ଆଗ୍ରହ ପାଖରେ ଚୁପ୍ ରହିବାକୁ ହୋଇ ଯାଇଥିଲେ ଯେପରି ବାଧ୍ୟ । ପ୍ରଫୁଲ୍ଲିତ ମନରେ ଘରକୁ ଫେରି ସମସ୍ତଙ୍କୁ ଶୁଣାଇଦେଲେ ଶେଷ ନିଷ୍ପତ୍ତି । ତାପରେ, ଧୁମ୍ ଧାମରେ ଲାଗିପଡିଲେ ବାହାଘର ପ୍ରସ୍ତୁତି ଲାଗି ସମସ୍ତେ ଯେପରି । ଏହିଥିରୁ ସ୍ପଷ୍ଟ ଅନୁମେୟ ଯେ "ପ୍ରକୃତରେ ଅପେକ୍ଷାର ଫଳ ସତରେ ମିଠା ।"

ଛବି ରାଣୀ ପତି, ମଧ୍ୟ ଶାସନ

ବିରିଡ଼ି ,ଜଗତସିଂହପୁର ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରି ଘୁରିକା



ସୁଧାଂଶୁ ଶେଖର
ଦ୍ୱିବେଦୀ

ନାଟକ:- (୩ୟ ଭାଗ)

। । ୯ମ ଦୃଶ୍ୟ । ।

(ଗୀତା ଡିଶୋଜାର ଫୋଟକୁ ଏକ ଧ୍ୟାନରେ ଚାହିଁରହି ମନକୁ ମନ କହିହେଉଥାଏ ।)

ଗୀତା- ମୁଁ ଜାଣେନା ଡିଶୋଜା ତୁମେ ଏବେ କୋଉଠି ? ଜାଣେନା ତୁମେ ଏବେ କୋଉ ଅକ୍ଷ ଚାରିପାଖେ କକ୍ଷ ହୋଇ ଘୁରିବୁଲୁଛ ? ହେଲେ ମୁଁ... ବଣମଲ୍ଲି ଭଳି ବଣରେ ଫୁଟି ମଉଳି ଯାଉଛି । ସେଇ ପୁରୁଣା ଇତିହାସର ଅନାରକଲି ସାଜି ଆକବର ତାନସେନମାନଙ୍କର ଖର ନିଃଶ୍ୱାସର ଇଟା ମୋ ଚାରିପାଖେ ଖଞ୍ଜା ହେଉଛି । ମଝିରେ ରହି ମୁଁ କେବଳ ରୋଦନ କରୁଛି, ଚିତ୍କାର କରୁଛି । ହେଲେ ମୋ କାନ୍ଦ କାହାକୁ ଶୁଭୁନାହିଁ, କେହି ଶୁଣିପାରୁ ନାହାନ୍ତି । ଆଜି ସମସ୍ତେ ମୋ ପାଇଁ ଅନ୍ଧ, ମୂକ, ବଧିର ।

ଅସିତ- (ଦ୍ୱାର ପାଖେ) ଆଇନ କିନ୍ତୁ ଅନ୍ଧ, ମୂକ, ବଧିର ନୁହେଁ । ଭିତରକୁ ଆସିପାରେ.. ?

ଗୀତ- ଆପଣ.. ?

ଅସିତ- (ଆଇ କାର୍ଡ ଦେଖାଏ)

ଗୀତା- ଓଃ ପୋଲିସ ବାବୁ ! ଆସନ୍ତୁ ଆସନ୍ତୁ । (ଅସିତ ଭିତରକୁ ଆସେ) କୁହନ୍ତୁ ମୋ ପାଖେ କି କାମ ଥିଲା ଯେ ଏମିତି ଆସେଇବେ ଚାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲେ ?

ଅସିତ- ଆଇନ ପାଖେ ବେଳ ଆବେଳ ସବୁ ସମାନ ।

ଗୀତ- ହଁ ତାହାତ ମୁଁ ବହୁପୂର୍ବରୁ ଜାଣେ ।

ଅସିତ- କଣ ଜାଣିଛନ୍ତି ଆପଣ ?

ଗୀତା- ଆଇନ ଚୋର ଚୋରି କରିସାରିବା ପରେ ପହଞ୍ଚିଯାଏ । ଆଇନ ନାରୀଟିଏ ବଳାତ୍କାର ହୋଇସାରିବା ପରେ ପହଞ୍ଚିଯାଏ । ଆଇନ ହତ୍ୟାକାରୀ ହତ୍ୟା କରିସାରିବା ପରେ ପହଞ୍ଚିଯାଏ ।

ଅସିତ-ସମସ୍ତଙ୍କୁ ସମାନ ନିକିତିରେ ତଉଲା ଯାଏନା ମିସେସ ଗୀତା ।

ଗୀତା- ଗୀତା ? ଗୀତା କିଏ ? ହୁ ଇଜ ଗୀତା ?

ଅସିତ- ଚମକି ପଡ଼ନ୍ତନି । ସତ୍ୟତା ଉପରେ ଯେତେ ମିଥ୍ୟାର ଆବରଣ ଢାଙ୍କିଲେବି ସତ୍ୟ ଡାଇମଣ୍ଡ ଭଳି ଚିକ ଚିକ କରିବ ।

ଗୀତା- ଆପଣ ଭୁଲ କହୁଛନ୍ତି ମୁଁ ଗୀତା ନୁହେଁ ହେଲେନା ।

ଅସିତ- ପୁଣିଥରେ ସତ୍ୟକୁ ଢାଙ୍କିବାର ପ୍ରୟାସ ।

ଗୀତା- ଯାହାକୁ ଆପଣ ସତ୍ୟ କହୁଛନ୍ତି ତାହା ଆଇନ ଦୃଷ୍ଟିରେ ହୋଇପାରେ କିନ୍ତୁ ହେଲେନା କେବେ ଗୀତା ହୋଇପାରିବନି ।

ଅସିତ- ଠିକଅଛି ଆପଣ ଯଦି ଗୀତା ନୁହଁନ୍ତି ତାହେଲେ କହି ପାରିବେ ଏଇ ଫୋଟଟି କାହାର ?(ପକେଟରୁ ଫୋଟ କାଢି ଦେଖାଏ)

ଗୀତା- ଉଁ..(ଚିହ୍ନିବାର ଛଳନା)ନା ଜାଣେନି ।

ଅସିତ- ଏ ବ୍ୟକ୍ତିଙ୍କ ସହିତ ଆପଣଙ୍କର ସମ୍ପର୍କ ?

ଗୀତା- ସମସ୍ତଙ୍କ ସହିତ ଯେମିତି ସମ୍ପର୍କ ଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ଦେଖନ୍ତୁ–ଆପଣ ବେଶୀ ଚତୁରୀ ହେବାକୁ ଚେଷ୍ଟା କରନ୍ତୁନି । ଠିକ ଠିକ ଜବାବ ଦିଅନ୍ତୁ ।

ଗୀତା-ତେବେ ଏପର୍ଯ୍ୟନ୍ତ ମୁଁ ଯାହାସବୁ କହିଛି ସେସବୁ କଣ ଭୁଲ ?

ଅସିତ- ଇଏସ, ହଣ୍ଡ୍ରେଡ଼ ପରସେଣ୍ଟ ଭୁଲ । ଠିକ କଣ ମୁଁ କହିବି ?

ଗୀତା- କୁହନ୍ତୁ ।

ଅସିତ- ଡିଶୋଜା କଣ ଆପଣଙ୍କ ସ୍ୱାମୀ ନୁହଁନ୍ତି ?

ଗୀତା- ଡିଶୋଜା ମୋ ସ୍ୱାମୀ ? ଆପଣ କଣ କହିବାକୁ ଚାହାନ୍ତି ଇନ୍‌ସପେକ୍ଟର ?

ଅସିତ- ମୋର ସନ୍ଦେହୀ ଆଖିକୁ ଆପଣ ଧୋକା ଦେଇ ପାରିବେନି । ମୁଁ ଆପଣଙ୍କୁ ଠିକ ମାର୍କ କରିଛି ଏଇ ଫୋଟଟି ଦେଖିବାବେଳେ ଆପଣ ବ୍ୟତିବ୍ୟସ୍ତ ହୋଇ ପଡୁଥିଲେ ।

ଗୀତା- ହୋଇପାରିଥାଏ...,ତେବେ ଆପଣ କହିବେ କି ଇନ୍‌ସପେକ୍ଟର ଜଣେ ନାରୀର ନାମକୁ ଏତେ ଗୁରୁତ୍ୱ ଦେଉଛନ୍ତି କାହିଁକି ?

ଅସିତ- ଏଥିରୁ ସ୍ପଷ୍ଟ ଅନୁମେୟ ଆପଣ ଗୀତା ଓରଫ ହେଲେନା ।

ଗୀତା-ନା ନା ନା ମୁଁ କେବଳ ହେଲେନା ।

ଅସିତ-ହେଲେନା ହେଲେନା ହେଲେନା ? ତା'ହେଲେ ଗୀତା କିଏ ?

ଗୀତା- ଇନକ୍ୱାରୀ କରନ୍ତୁ ବଳେ ଜାଣିଯିବେ ।

ଅସିତ- ଆପଣ ସିନା ମୋତେ ମିଛ କହି ଠକି ଦେଉଛନ୍ତି । ହେଲେ ଆଇନକୁ କେବେ ଫାଙ୍କି ପାରିବେନି । ଆଇନର ହାତ ବହୁତ ଲମ୍ବା । ଦିନେ ଆପେ ଆପେ ସବୁ ସତ ଓଗାଳିବେ ।

ଗୀତା-ହଁ ମୁଁ ମାନୁଛି ଆଇନର କର୍ମଚାରୀ ବୋଲି ଆପଣ ତାର ବଡେଇ କରିବେ । କିନ୍ତୁ ଯେଉଁମାନେ ଆଇନକୁ ପୋଷା ପାରା ବନେଇ ଆକାଶକୁ ଉଡେଇ ତଳେ ଥାଇ ତାଳି ମାରି ଚମକ ପୂର୍ଣ୍ଣ ଯାଦୁବିଦ୍ୟା ଦେଖାନ୍ତି । ଯେଉଁମାନେ ଗରୀବର ବକ୍ଷରକ୍ତ ପିଇ ମହାତ୍ମା ସାଜନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନଙ୍କୁ କେବେ ଆପଣ ଆଇନର ଧମକ ଶୁଣେଇଛନ୍ତି ? ମୋ ମତ୍ତରେ ଆପଣ ସେଇମାନଙ୍କ ନିକଟକୁ ଯାଆନ୍ତୁ ସମ୍ଭବତଃ ଗୀତାର ସନ୍ଧାନ ମିଳିଯିବ ।

ଅସିତ- ଗୀତା ଦେବୀ !

ଗୀତା- ବାରମ୍ବାର କହିବା ପରେ ଆପଣ କାହିଁକି ଭୁଲି ଯାଉଛନ୍ତି ମୁଁ ଗୀତା ନୁହେଁ ହେଲେନା ।

ଅସିତ- ମୁଁ ଯଦି ସେଇ ଏକାପ୍ରକାର ପ୍ରଶ୍ନ ପଚାରେ ହେଲେନା କିଏ ? ହେଲେନାର ପେଶା କଣ ?

ଗୀତା- ଜଣେ ସାଧାରଣ ନାରିପ୍ରତି ଏତେଗୁଡିଏ ପ୍ରଶ୍ନ ପଚାରିବାର ତାତ୍ପର୍ଯ୍ୟ କଣ ଥାଇପାରେ ?

ଅସିତ- ଯାହାକୁ ଆପଣ ସାଧାରଣ ଭାବୁଛନ୍ତି ତାହା ମୋ ପାଇଁ ଆସାଧାରଣ ।

ଗୀତା- ହ୍ୱାଟ୍ ଡୁ ଇଉ ମିନ ?

ଅସିତ- ଆଇ ମିନ ଟୁ ସେ ଆପଣ ଏ ସମାଜର ଅନ୍ତରାଳେ ଯାହା ସବୁ କରନ୍ତି ମୁଁ ଭଲଭାବେ ଜାଣେ ।

ଗୀତା-ତାହେଲେ ଆପଣ କୁହନ୍ତୁ କିଏ ସଜେଇଛି ମୋତେ ଏହି ପରି ନଷ୍ଟଚରିତ୍ରା ? ମୁଁ କଣ ସ୍ୱପ୍ନ ଦେଖିନଥିଲି ଜଣେ ସୁଗୃହିଣୀ ହୋଇ ଘର ସଂସାର ଗଢିବା ଲାଗି ? ମୁଁ କଣ ଭାବି ନଥିଲି ଗୋଟେ ବଂଶର କୂଳବଧୂ ହେବାପାଇଁ ? କିନ୍ତୁ ସବୁ ସ୍ୱପ୍ନ ସବୁ ଭାବନା ଭାଙ୍ଗି ରୁଜି ଛାର ଖାର ହୋଇଯାଇଛି ।

ଅସିତ- କିନ୍ତୁ କେମିତି ? କିଏ ଆପଣଙ୍କ ଘର ସଂସାରକୁ ଭାଙ୍ଗିଦେଲା ?

ଗୀତା- କେଉଁ ଏକ ଅଜଣା ପୁଲକରେ ଦୁହେଁ ଦୁହିଁଙ୍କୁ ଅତି ନିବିଡ଼ ଭାବେ ଭଲ ପାଉଥିଲୁ । ପାର୍ଥକ୍ୟ ଏତକି ଥିଲା ମୁଁ ହିନ୍ଦୁ ଘରର ଝିଅ ଆଉ ଡିଶୋଜା ଖ୍ରୀଷ୍ଟିଆନ । ତଥାପି ଆମ ଭଲପାଇବା ଥିଲା ପବିତ୍ର, ନିର୍ମଳ, ନିବିଡ଼ । କିନ୍ତୁ ହାୟ ! ଆମ କଳ୍ପନାର ବାସ୍ଥବସା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଢିଉଠିବା ପୂର୍ବରୁ ମାୟାବୀ ଡି ଭି ଡି ଏନ ସବୁ ଓଲଟ ପାଲଟ କରିଦେଲେ ।

ଅସିତ- ଡି ଭି ଡି ଏନ ?

ଗୀତା- ଯେଉଁମାନଙ୍କ ପାଇଁ ଡିଶୋଜା ପାଗଳ । ଆଉ ମୁଁ ଗୀତାରୁ ହୋଇଗଲି ହେଲେନା.... ।

(ମଞ୍ଚ ଅନ୍ଧାର)

।।୧୦ମ ଦୃଶ୍ୟ ।।

(ଦ୍ୱିତୀୟ ମଞ୍ଚ ।ଚର୍ଚ୍ଚରେ ବିବାହ ଉତ୍ସବ । ଫାଦରଙ୍କ ଦ୍ୱାରା ଡିଶୋଜା ଓ ଗୀତାକୁ ବୈବାହିକ ସତ୍ୟପାଠ କରନ୍ତି । ଉପସ୍ଥିତ ଲୋକମାନେ ଅଭିବାଦନ ଜଣନ୍ତି ।)(ପରେ ପରେ ଡିଶୋଜା ଆନନ୍ଦ ବିଭୋରିତ ଭାବେ ଗୀତାର ହାତ ଧରି ପ୍ରଥମ ମଞ୍ଚକୁ ଆସେ ।)

ଡିଶୋଜା- ଆଜି ଆମର ହନିମୁନ ଡେ ଗୀତା । ଆମେ ଆଜି ଆମର ସମସ୍ତ ପୁଞ୍ଜିଭୁତ ଭଲପାଇବାକୁ ଏଇ ରାତିର ଅନ୍ଧାରରେ ହଜେଇଦେବା ।

ଗୀତା- ସତରେ !

ଡିଶୋଜା- ତୁମରିପାଇଁ ମୁଁ ଜଣେ ପାପୀରୁ ପୁଣ୍ୟାତ୍ମା ହୋଇ ପାରିଛି । ତୁମେ ମୋ ଭଲପାଇବାକୁ ଏଭଳି ମୂଲ୍ୟାଙ୍କନ କଲ ଯେ ଶେଷରେ ତୁମକୁ ହିନ୍ଦୁରୁ ଖ୍ରୀଷ୍ଟିଆନ ହେବାକୁ ପଡିଲା ।

ଗୀତା- ପ୍ରେମ ପାଖେ ଜାତି ଧର୍ମ ବର୍ଣ୍ଣ ର କିଛି ମାନେ ନଥାଏ ।

ପ୍ରେମ ତ ପରମ ପବିତ୍ର ।

ଡିଶୋଜା- ସତ କହୁଛି ଗୀତା ମୁଁ ପିଲାଟି ଦିନରୁ ମା' ବାପାଙ୍କୁ ହରେଇଛି । ଦୁଃଖ ଦୈନ୍ୟରେ ଦିନ ବିତାଇଛି । ଶେଷରେ ଡି ଭି ଡି ଏନଙ୍କ କମ୍ପାନୀରେ କାମ କରିବାକୁ ବାଧ୍ୟ ହୋଇଛି । କିନ୍ତୁ ସେମାନେ ଯେ ଏତେ ନୃଶଂସ ତାହା ମୁଁ କେବେ କଳ୍ପନା କରି ନଥିଲି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଗୀତା- ଛାଡ଼ ସେସବୁ ଗଲା କଥା । ତାକୁ ମନେ ପକାଇ ଆଜିର ଦିନକୁ କଣ ପାଇଁ କଷ୍ଟ ଦେଉଛ ।

ଡିଶୋଜା- ତାହେଲେ ତୁମପାଇଁ ମୁଁ କଣ କରିପାରେ ?

ଗୀତା- କିଛିନାଇଁ..

ଡିଶୋଜା- ଉଁ ହୁଁ ସେମିତି କିଛିନାଇଁ କହିଲେ ହେବ ।

ଗୀତା- ତେବେ... ?

ଡିଶୋଜା- (ଗୀତାକୁ ନିଜ ବାହୁ ଫାଶରେ ଭିଡ଼ିଧରେ)

(ମିଳନର ଗୀତ:--)

(ଗୀତପରେ ଦୁହେଁ ଆଲିଙ୍ଗନ ଅବସ୍ଥାରେ ଡି ଭି ଡି ଏନ ଚାରି ପଟରେ ଠିଆହୋଇ ତାଳି ମାରି "ହେପ୍ପି ମେରେଜ ଡେ"କହି ଅଭିବାଦନ କରୁଥାନ୍ତି ।)

(ଡିଶୋଜା ଓ ଗୀତା ଭୟପାଇ)- କିଏ ?କିଏ ତୁମେମାନେ ?

ଦେବ- ଡି

ବିଶ୍ୱ- ଭି (ଏକସଙ୍ଗେ)

ଦିନ- ଡି

ନାଥୁ - ଏନ

ଦେବ- ମନି ଇଜ ହନି

ବିଶ୍ୱ- ଆଲକୋହଲ ଶରୀର ପାଇଁ ହାନିକାରକ । ତଥାପି ମୋତେ ଦରକାର ମଦ ।

ଦିନ- ମିଟ ଚାହନେୱାଲା ଦିନ ଦୟାଲ ଶର୍ମା । ମାରୱାଡି ହୋ କେ ଭି ମିଟ ଖାତା ହୁଁ ।

ନାଥୁ- ମୁଁ କନ ଚାହେ ଟୁମେଟ ଜାନିଠିବ । ବିଉଟି(ଗୀତା ପ୍ରତି) ଭେଡି ଭେଡି ବିଉଟିଫୁଲ । ତୋଉ ଲାଇଫ ବଡ଼ ସୁନ୍ଦଡ଼ ଅଚି । ନାଠୁରାମ ଲାଇଫରେ ବହୁଟ ବଟରଫ୍ଲାଇ ଦେଖିଚି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଟ ତୋଡ ଜ୍ୱାଇଫ ଫେଣ୍ଟାଷ୍ଟିକ ।(ଧରିବାକୁ ହାତ ବଢ଼ାଇ)

ଗୀତା- ଛି ଥୁ (ଛେପ ପକାଏ)

ଦେବ-

ବିଶ୍ୱ- (ଏକସଙ୍ଗେ) ଇଉ ରାସକେଲ ।

ଦିନ-

ନାଥୁ- ରିଲାକ୍ସ ଫ୍ରେଣ୍ଡସ ! ରିଲାକ୍ସ । (ଗୀତାକୁ)ଠୁମେ ଆପନକୁ ଥୁକ ପକାଇଲା ।

ଗୀତା- କେବଳ ଛେପ ପକାଇନାହିଁ ନାଲିମୁହାଁ ମାଙ୍କଡ଼ ଆଉ

ଥରେ ଏମିତି ଅଭଦ୍ରାମି କଲେ ତୋ ଉପରେ ଗରମ ପାଣି ଛାଟିବି ।

ଦିନ- ଇତନା ଘମଣ୍ଡ ! ଆରେ ନାଥୁରାମ ମାଗ ରହା ହେ ତୋ ଏକବାର ଇଜତ ଦେ ଦେନେ ସେ ତେରା ନୁକସାନ କିଆ ହେ ?

ଗୀତା- ତୁ କୋଉଠି ଜାଣିବୁ ଜଣେ ନାରୀର ଇଜ୍ଜତ ଗଲେ ତାର ଲାଭ କେତେ ନୁକସାନ କେତେ ହୁଏ ? ଯିଏ ନିଜର ମା' ଭଉଣୀକୁ ନିଲାମ ଲଗେଇ ବଡ଼ ହୋଇଛି ସେ କି ଜାଣିବ ନାରୀର ଇଜତ କେତେ ମୂଲ୍ୟବାନ ?

ନାଥୁ- ନାଠୁରାମ ବହୁଟ ଛୁଣିଲା ।(ଗୀତାକୁ ଧରିବାକୁ ଆଗାଏ)

ଡିଶୋଜା- ଖବରଦାର ଆଉ ପାଦେ ଯେମିତି ଆଗେଇବାକୁ ଚେଷ୍ଟା ନକରୁ ନହେଲେ ମୁଁ ତୁମ୍ଭମାନଙ୍କୁ ପୋଲିସରେ ଦେବି ।(ପକେଟରୁ ମୋବାଇଲ ବାହାର କରି କଲ କରେ ।)

ଦେବ-(ଡିଶୋଜା ହାତରୁ ମୋବାଇଲ ଛଡେଇ ନେଇ)ଆରେ ଏଇଟା କାହିଁକି ଆବେଳରେ ବାହାର କଲୁ ?

ଡିଶୋଜା- ଦେବ କୁମାର ମୁଁ ତୋତେ- (ଭିଡି ଆସିବା ବେଳେ ବିଶ୍ୱନାଥ ଓ ଦିନଦୟାଲ ଧରି ନିଅନ୍ତି ।)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱ- ଏତେ ବେଶୀ ଫଡ ଫଡ ହଅନାରେ ତେଣା ଭାଙ୍ଗିଯିବ ।

ଦିନ- ଦେଖ ମରା ବାତ ମାନ ଲେ ମେ ଜୋ ବୋଲତା ହୁଁ ସଚ ବୋଲତା ହୁଁ । ଖାଲି ଏକବାର ନାଥୁରାମ କା ପାଶ ତେରା ବିବି କୋ ସୌଂପ ଦେ ଔର ଫିର ଦେଖ ସବ କୁଛ ମାଫ ହୋ ଯାଏଗା ।

ଡିଶୋଜା- ଇଉ ସ୍କାଉଣ୍ଡ୍ରାଲ ।

ଦେବ- ଆମ କମ୍ପାନୀରେ କାମ କରିବା ପୂର୍ବରୁ ତୁ କହିଥିଲୁନା କମ୍ପାନୀ ସହିତ ବେଇମାନି କଲେ ପରିସ୍ଥିତି ବଡ଼ ଭୟଙ୍କର ହେବ ।

ଡିଶୋଜା- ତୁମେମାନେ ଯେ ଜଣେ ଜଣେ ବିଷାକ୍ତ ଭୁଜଙ୍ଗ ଏକଥା କଣ ମୁଁ ପୂର୍ବରୁ ଜାଣିଥିଲି ?

ନାଥୁ- ନାଠୁରାମ ବହୁଟ ଛୁନିଲା । ଆଉ ନୁହେଁ...(ଗୀତାକୁ ଧରି ବାକୁ ଗୋଡ଼ାଏ)

ଗୀତା- ନା ପ୍ଲିଜ ମୋତେ ଧରିବାକୁ ଚେଷ୍ଟା କରନା । ପ୍ଲିଜ ପ୍ଲିଜ

ନାଥୁ- (ହସ ମଧ୍ୟରେ ଗୀତାକୁ ଧରିନିଏ)

ଡିଶୋଜା- ନାଥୁରାମ ଗୀତାକୁ ଛାଡ଼ିଦେ । ତା ନହେଲେ

ବିଶ୍ୱ- ଆମ ହାତରୁ ଖସିଲେ ତ ଯାହା କରିବୁ ।

ନାଥୁ- (ଗୀତାର ଶାଢି ଟାଣେ ପରେ ପରେ ରଫ)

(ମଞ୍ଚ ଅନ୍ଧାର)

।।୧୧ଶ ଦୃଶ୍ୟ ।।

(ପୂର୍ବର ଗୀତାର ଘର ।ଇନ୍‌ସପେକ୍ଟର ଅସିତ ଓ ନିଜେ ଗୀତା)

ଗୀତା- ତାପରଠୁ ଗୀତା ହୋଇଗଲା ବେଶ୍ୟା ହେଲେନା । ଆଉ ଡିଶୋଜା ହୋଇଗଲା ପାଗଳ । ସେଦିନ ଆମ ଡାକ କେହି ଶୁଣିଲେନି । ନାଥୁରାମର ଶାଣଦିଆ ଦାନ୍ତରେ କ୍ଷତ ବିକ୍ଷତ ହୋଇ ଗଲି ମୁଁ । ମୋହରି ସାମ୍ନାରେ ସେମାନେ ଡିଶୋଜାକୁ ବିଷାକ୍ତ ଇଞ୍ଜେକ୍ସନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇ ପାଗଳ କରିଦେଲେ ।

ଅସିତ- ଗୀତା ଦେବୀ !

ଗୀତା- ନା ଗୀତା ନୁହେଁ ହେଲେନା କୁହନ୍ତୁ । ଗୀତା ମରିଯାଇଛି, ତା ହଜି ଯାଇଛି, ଗୀତା ଶ୍ମଶାନର ସମାଧି ହୋଇସାରିଛି ।

ଅସିତ- ଏତେଗୁଡିଏ ଘଟଣାପରେ ଆପଣଙ୍କର କଣ ସେମାନଙ୍କ ପ୍ରତି ପ୍ରତିଶୋଧ ନେବାପାଇଁ ଇଛା ହୁଏନି ?

ଗୀତା- ପ୍ରତିଶୋଧ ? ହୁଁ- ଡି ଭି ଡି ଏନ ଚାରି ମୁଣ୍ଡ । ଗୋଟେ ମୁଣ୍ଡ କଟିଲେ ଆହୁରି ୩ ମୁଣ୍ଡ ଅବଶିଷ୍ଟ ।

ଅସିତ- ମୋତେ କଣ କିଛି ପ୍ରମାଣ ଯୋଗାଇ ପାରିବେନି ଯାହା

ଦ୍ୱାରା ମୁଁ ସେମାନଙ୍କର ଅସଲ ମୁଖା ପଦାରେ ପକେଇ ପାରିବି

ଗୀତା- କଣପାଇଁ ମୁଁ ଆପଣଙ୍କୁ ସାହାଯ୍ୟ କରିବି ? କେଉଁ ଉଦ୍ଦେଶ୍ୟ ନେଇ ସାହାଯ୍ୟ କରିବି ? ଯେତେବେଳେ ବନସ୍ତ ମଧ୍ୟରେ ଗୋଟେ ମୃଗୁଣୀ ସାହାଯ୍ୟ ପାଇଁ ଚିତ୍କାର କରୁଥିଲା ସେତେବେଳେ କୋଉଠି ଥିଲେ ଭଗବାନ ନାମଧାରୀ ବୁଦ୍ଧ, ଯୀଶୁ, ମହମ୍ମଦ ? ଭାରି କୁରୁସଭା ତଳେ ଯିଏ ଦ୍ରୌପଦୀକୁ ବସ୍ତ୍ର ଦେଇ ଲଜା ନିବାରଣ କରିପାରେ ସେଇ ଭଗବାନ ସେତେ ବେଳେ କୋଉ ଦେଉଳରେ ନିଘୋଡ଼ ନିଦରେ ଶୋଇଥିଲେ ? ମୁଁ କଣ ସୀତା ସାବିତ୍ରୀ ଦେଶର ନାରୀ ନୁହେଁ ? ମୁଁ କଣ ଦ୍ରୌପଦୀ ଭଳି ଭଗବାନଙ୍କୁ ପ୍ରାର୍ଥନା କରି ନଥିଲି ? ଆଉ ସେତେବେଳେ କୋଉଠି ଥିଲା ଆପଣଙ୍କ ଏ ଅନ୍ଧ ଆଇନ ?

ଅସିତ- ଗୀତା ଦେବୀ !

ଗୀତା- ଗୀତା(୩ ଥର)ହେଲେନା କେବେ ଗୀତା ହୋଇ ପାରେନା । ସମାଜ ଅରଣ୍ୟରେ ମଣିଷ ରୂପୀ ବାଘ ସାଜିଥିବା ଡି ଭି ଡି ଏନ ପବିତ୍ର ଗୀତାକୁ ବେଶ୍ୟାରେ ପରିବର୍ତ୍ତିତ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇଛନ୍ତି । ଗୀତାର ନାଁ ଆଜି ଅଲୋଡା, ଅଖୋଜା, ଅନାବଶ୍ୟକ ଅସିତ- ସବୁ ମଣିଷ ବାଘ ନୁହଁନ୍ତି କି ସବୁ ବାଘ ମଣିଷ ଖାଆନ୍ତି ନାହିଁ । ଆଜି ଯେଉଁଥିପାଇଁ ଆପଣ ଜଣେ ବେଶ୍ୟାର ପରିଚୟ ଦେଉଛନ୍ତି ଆପଣ କଣ ଚାହାନ୍ତି ଏ ଦେଶର ପ୍ରତ୍ୟକ ମା' ଭଉଣୀମାନେ ଆପଣଙ୍କ ପରି ହୋଇଯାଆନ୍ତୁ ? ନିଜର ପବିତ୍ରତାକୁ ମଣିଷ ରୂପୀ ବାଘଙ୍କ ନିକଟରେ ସମର୍ପି ଦିଅନ୍ତୁ ? ଯଦି ସେଇୟା ଚାହୁଁ ଥାଆନ୍ତି ତେବେ ଆପଣଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ମୋତେ କ୍ଷମା ଦେବେ ।(ପ୍ରସ୍ଥାନ ସମୟେ)

ଗୀତା- ଅପେକ୍ଷା କରନ୍ତୁ । ଆପଣ ଆଜି ମୋ ଆଖି ଖୋଲି ଦେଇଛନ୍ତି ଇନ୍‌ସପେକ୍ଟର । ମୋ ପାଇଁ ଦେଶର ଶହ ଶହ ମା' ଭଉଣୀଙ୍କ ପବିତ୍ରତା ନଷ୍ଟ ହୋଇଯାଉ ଏହା କେବେ ଜଣେ ନାରୀ ସହ୍ୟ କରିପାରିବ ନାହିଁ । ଯେଉଁ ଗୀତା ଆଜି ପର୍ଯ୍ୟନ୍ତ ହେଲେନା ସାଜିଥିଲା ସେଇ ହେଲେନା ପୁଣି ଆଜି ଗୀତା ସାଜି ଡି ଭି ଡି ଏନଙ୍କର ଅସଲ ମୁଖାକୁ ଖୋଲିବ ।

(ମଞ୍ଚ ଅନ୍ଧାର)

କ୍ରମଶଃ......

email-dwibedysudhansu@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ ଅଧ୍ୟାୟ (ଭାଗ "୪")

ଅସନାରେ ଅଙ୍ଗ ପୁରି ପରୀ ରଙ୍ଗ
ହଜିଛି ବସନ ନାହିଁ,
ଅଳିଆ ମଧ୍ୟରେ କାହିଁ ଛିଡ଼ା ଦୂରେ
ପାଖକୁ ଆସିବେ ଧାଇଁ ।"
ଅନିଳ ଅନୀଳ କାହିଁକି ପ୍ରବଳ
ବେଗରେ ବହିଲା ଏବେ,
ଅଳିକ ମୁଖରେ ନାଶିକା ଅଧର
ସଂପୂର୍ଣ୍ଣ ଏ ଦେଖାଦେବେ ।
ଅଦୂରରେ ରହି ତାକୁ ଚିହ୍ନି ପାରି
ଲୋତକ ନୟନେ ରଖି,
ଅଚାନକ ସିଏ ଯିବା ପାଇଁ ଚାହେଁ
ପାଖକୁ ତାହାକୁ ଦେଖି ।
ଅଦୂରରେ ଯିଏ ତାଙ୍କ କନ୍ୟା ହୁଏ
ଯାହାଙ୍କ ପାଇଁ ଆସିଛି,
ଅଶ୍ରୁଳ ଲୋଚନ ପୁରି ବହେ ଜାଣ
ସେମିତି ପାଖ ଦୌଡ଼ିଛି ।
ଅଧରେ ତାଙ୍କର ଖାଲି ଥାଏ ସ୍ୱର
ଝିଅ ଦେଖବାଳା କହି,
ଅନୁନାଦ ପୁଣି ଗୁଞ୍ଜରିତ ଶୁଣି
ପ୍ରକମ୍ପିତ ଏହି ମହୀ ।
ଅଧିର ପୟର ଏହି କବିଙ୍କର
ଯାଉଥିଲେ କନ୍ୟା ପାଖ,
ଅନୁନୟେ ପୁଣି ବାଳା କହେ ଜାଣି
"ନ ଆସ ଆମ୍ଭର ପାଖ ।
ଅନୁଗ୍ରହ କର ହେ କନ୍ୟା ପିଅର
ଅଙ୍ଗର ଚର୍ମ ଗଳିତ,
ଅନୁତପ୍ତ ଜାଣି ବହୁ ଖୁସି ଏଣି
ଛୁଇଁଲେ ଯିବ ଗଳି ତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଶ୍ରୁ ପାଇଁ ଜାଣି ନୟନକୁ ଟାଣି
ଦାନ କରିଲି କାହାକୁ,
ଅହୋରାତ୍ର ପୁଣି ଦିଶୁଛି ରଜନୀ
ନ ଚିହ୍ନି ପାରେ କାହାକୁ ।
ଅଙ୍ଗରୁ କେବଳ ନୟନ ପାଗଳ
ହୋଇ ଦାନ କରିଥିଲି,
ଅନୁଦ୍ଧତ ନିଏ ବୃକକ୍, ହୃଦୟ
ଦୁଇ ଦୁଇ ହରେଇଲି ।
ଅଳୀକ ବି କହି ପାଖେଇବ ନାହିଁ
ନହେଲେ ଦୂରେଇ ଯିବି,
ଅନୁମାନ କରି ଜାଣୁନି କିପରି
ବାପା କେମିତି ମଣିବି ?"
ଅଗତ୍ୟା ଏ କବି କହନ୍ତି ଚାହିଁକ
"ତୁମ୍ଭର ଜନକ କବି,
ଅପ୍ରକାଶ୍ୟ ତୁମ୍ଭ ଆଖି ପାଇଁ କ୍ଷମା
କରିବ ନିର୍ଦ୍ଦୟ ହେବି ।
ଅଦୃଶ୍ୟ ଅନେକ ସନ୍ତାନ ସନ୍ତକ
ପାଇଁ ଏ ପାଷାଣ ହେଲି,
ଅତଃ ନିଜ କନ୍ୟା ଚକ୍ଷୁ ଦୁଇ ଦାନ
କରି କି ପାପ କଲି ଯେ ।
ଅନୁଦାର କିଏ ଅନ୍ୟକୁ ଚୋରାଏ
ମୃତ ଶରୀରକୁ ଚାହିଁ,
ଅମାନୁସିକ ଏ କରମ କରିଛି
ତେଣୁ ଆମ୍ଭେ ଦୋଷୀ କହି ।"
ଅଶ୍ରୁ ମିଶା ଦୁଇ ବାକ୍ୟ ଶୁଣି ଦେଇ
ବାଳା ତ କହିଲା, "ନାହିଁ,
ଅନୁତାପ କାହିଁ କରୁଛନ୍ତି ଚାହିଁ
ଅତିତକୁ ଦୋହରାଇ ।
ଅଶ୍ରୁ ପାଇଁ ଆଖି ନୁହେଁ ବାପା ଦେଖି
ପରଖିବାକୁ ଯେ ସେହି,
ଅନ୍ତରୁ କେବଳ ଦୁଃଖ ଛଳଛଳ
ଦିଶିଲେ ସେ ଦୁଃଖୀ କହି ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଗର ତୀରେ



ଶିବ ନାରାୟଣ ଦାଶ

ଅସୀମ ସାଗରଟିଏ ଦେଖୁଥିଲେ ଆଖି ପାଏ ନାହିଁ ,
ଆଖିର ଆଲୁଅ ସତେ କେତେଦୂରେ କାହିଁ ହଜିଯାଏ ।
ତଥାପି ସେ ସାଗରର ଥଳକୂଳ ମାପି ହୁଏ ନାହିଁ,
ସବୁ ମାପ, ସବୁ ରୂପ, ସେମିତି ସେମିତି ଖାଲି ଅଧା ରହି ଯାଏ ।

ଏ ସାଗର କୂଳେ କେବେ ସୂର୍ଯ୍ୟ ଉଁଏ -
ପକ୍ଷୀର କାକଳି ଶୁଭେ,
ମଛୁଆରା ମାନଙ୍କର ଛୋଟ ଛୋଟ ହୁଲି ଡ଼ଙ୍ଗା ମାନ
ସାଗରର କୂଳ ଛୁଇଁ ସାଗରେ ମିଳାଇ ଯାଏ ।
ରାତିର ଅନ୍ଧାର କାଟି ନୂଆ ସକାଳରେ
ଦିବସ ଆରମ୍ଭ ହୁଏ
କର୍ମମୟ ଜୀବନର ଜୀବିକା ସଂଧାନେ ।

ବେଳାଭୂମି ବାଲୁକା ଶେଯରେ ଜୀବନର ଯାତ୍ରା ହୁଏ ଦ୍ରୁତ,
ମାଛରଙ୍କା ପକ୍ଷୀମାନେ ବୁଡ ଦେଇ ଦେଇ ସୂର୍ଯ୍ୟସ୍ନାତ ସାଗର ବକ୍ଷରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରଘୋଷନ୍ତି ଜୀବନର ଆବାହ ସଂଗୀତ ।

ଥାଉ ପଛେ ଯେତେ ଦୁଃଖ ବ୍ୟଥା

ଏ ଜୀବନ କେତେ ପ୍ରିୟ ସତେ,

ଆଶାର ରୋଷଣୀ ଜାଳି ଏ ଜୀବନ ଖୋଜୁଥାଏ ସାଗରର ବ୍ୟାପ୍ତ ଅସୀମତା ।

ଜୀବନ ବିପଣି ବସେ ଏ ସାଗର କୂଳେ କେତେ

ଦୁଃଖ ସୁଖ ହାଟ ସଉଦାରେ,

କେତେ ଆଶା କେତେ ସ୍ୱପ୍ନ ନେଇ

ବଂଚିବାର ଭେଳା କେବେ ନାଚି ନାଚି ଭାସି ଭାସି ସାଗରର ପରିଧିକୁ ଯାଏ ସତେ ଛୁଇଁ ।

ଜୀବନରେ ଥାଉ ପଛେ ଅୟୁତ ବିକ୍ଷୋଭ ସାଗରର ଉଦବେଳିତ ଉର୍ମିମାଳା ପରି,

ଏ ଜୀବନ ଶାନ୍ତ ସମାହିତ ସାଗରର ଗଭୀର ଗରଭେ -

ଆବୋରିଛି ମଣି ମୁକ୍ତା କେତେ

ରତନର ସୁପ୍ତ ଗନ୍ତାଘର ।

ଚିକି ମିକି ମାଛ କାତି ପରି ଝିଲି ମିଲି ସାଗରର ପାଣି,

ସେ ପାଣିରେ ବହିଯାଏ ଜୀବନର ଅୟୁତ ରାଗିଣୀ -

ଛଳ ଛଳ ଶୈଶବର ବାଲ୍ୟ ପ୍ରଗଲଭତା

ଆଉ ପୁଣି ଯୌବନର ପ୍ରେମାଶକ୍ତ ପ୍ରଣୟ କାହାଣୀ,

ବାର୍ଦ୍ଧକ୍ୟର ଅସ୍ତରାଗେ ଭରା ଅପରାହ୍ନ ଦଗ୍ଧ ମର୍ମାହତ -

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆସନ୍ନ ମୃତ୍ୟୁକୁ ଚାହିଁ କରୁଥାଏ ପଶ୍ଚାତପେ ବିଳାପ ରୋଦନ ।

ଏ ସାଗର କୂଳେ ପୁଣି ସୂର୍ଯ୍ୟ ବୁଡେ ଦିଗନ୍ତର ଦୂର ଚକ୍ରବାଳେ,
ସଞ୍ଜ ନଏଁ ଦିନାନ୍ତରେ ବେଳାଭୂମି ଘଂଚ ଝାଉଁ ବଣେ,
ଅଂଧାରଟା ଡେଣା ଝାଡ଼ି ଉଡ଼ିବୁଲେ ସୁନୀଳ ଆକାଶେ,
ହଜିଯାଏ ହସ ଅଶ୍ରୁ କର୍ମକ୍ଳାନ୍ତ ଦିବସର ଶେଷେ ।
ଘୁମନ୍ତ ଆଖିରୁ ହଜେ ନିଦର ବହଳ, ଥରିଉଠେ ମଣିଷଙ୍କ ଛାତି,
ଜୀବନେ ସଞ୍ଚାରି ପୁଣି ଭୀତିର ଫୁଆରା -
ପ୍ରକମ୍ପିତ କରୁଥାଏ  ତମିସ୍ରର କାକକୃଷ୍ଣ ରାତି ।

ଜୀବନର ଦୋଛକିରେ ଠିଆ ଜର୍ଜରିତ ନିଷ୍ପେସିତ ବିକଳ ପ୍ରାଣଙ୍କୁ
ଏ ସାଗର ଦିଏ ପୁଣି ଆଶାର ସଂକେତ -
ରାତିର ଅନ୍ଧାର କାଟି ହେବ ଦିନେ ନବ ସୂର୍ଯ୍ୟୋଦୟ,
ଝଲସାଇ ଅଭ୍ରଙ୍କଶ ସ୍ୱର୍ଣ୍ଣ ଅରୁଣିମା ।
ପ୍ରଜ୍ଞାମୟ ସୂର୍ଯ୍ୟ ଏକ ହେବ ଉଦ୍ଭାସିତ,
ଦୀପ୍ତ କରି ମଣିଷର ତିମିରିତ ଅଜ୍ଞାନ ଚେତନା ।

ଦିନାନ୍ତରେ ନୁହେଁ କେବେ ଜୀବନର ଶେଷ,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ୍ନୁ ଜୀବନ ଛୁଇଁ ଜୀବନ ଯେ କରୁଥାଏ ଆପଣାର ପୂର୍ଣ୍ଣାଙ୍ଗ ପ୍ରକାଶ -

ଏ ସାଗର ଦିଏ ସେହି ଗଭୀର ଆଶ୍ୱାସ ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)

ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍, ନୂଆ ଦିଲ୍ଲୀ

ସାଇକୃପା,  ନଂ : ୮୦, ମାରିଆମାନ୍ କୋଇଲ୍ ଷ୍ଟ୍ରିଟ୍

ବୈଠିକୁପମ୍, ପଣ୍ଡିଚେରୀ : ୬୦୫୦୦୧


ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗଜ୍ଜନ ଦୁଃଖହାରୀ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଜଗନ୍ନାଥ ହେ ! ଜଗଜ୍ଜନ ଦୁଃଖହାରି,
ମୋ' ଜ୍ଞାନ-ମାନସେ ଧ୍ୟାନବିହାରୀ ।

ଅଖଣ୍ଡ-ମଣ୍ଡଳାକାର ନେତ୍ରାମ୍ବୁଜ ଅପଲକ ଅଂତଃଚାରୀ,
ବଳିଆରଭୁଜ ବିସ୍ତାର କରିଛ ବିଶ୍ୱେ ଆଲିଙ୍ଗନ କରି ।

ଅରୂପରୁ ରୂପ ଧରି ଅଭିବ୍ୟକ୍ତ ଅକ୍ଷରୁ ଯାଇଛି କ୍ଷରି,
ଅନନ୍ତରୁ ସାନ୍ତ ତୁମେ ମୂର୍ତ୍ତିମନ୍ତ ଚରାଚରେ ଅଛ ପୂରି ।

ଅବ୍ୟକ୍ତରୁ ବ୍ୟକ୍ତ ପ୍ରଭୁ ଜଗନ୍ନାଥ ନର-କଳେବରଧାରୀ,
ଅଲୋକର ନାଥ ଗୋଲକବିହାରୀ ଭୂଲୋକରେ ଅବତରି ।

ଅବିଦ୍ୟା ଅଜ୍ଞାନେ ପଥ ହାରିଛି ମୁଁ ପ୍ରପଞ୍ଚ ମାୟା ଆଦରି,
ଜଗତର ପଥେ ଜୀବନର ରଥେ ମମତାର ବୋଝ ଭାରି !

ଦୀନ ଦୁଃଖୀଜନ ବନ୍ଧନରେ ମନ ତୁମେ ଯେ ବନ୍ଧୁ ମୋହରି,
ବାନ୍ଧି ଭାବ-ନାବ ଭାବଗ୍ରାହୀ ଭବ-ସାଗରରୁ କର ପାରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ଅକ୍ଷର



ଦୁଷ୍ମନ୍ତ ବେହେରା

ଲୁହରେ ଲେଖିଛି ପ୍ରଥମ ଅକ୍ଷର
ଲହୁରେ ଲେଖୁଛି ଶେଷ
ଅକ୍ଷର ଦିନ ସରି ରାତି ଅଳପ ବାକି
ତଥାପି ପାରୁନି ଲେଖି ଇତି !!

ଅତିର ଇତି ସୁନିଶ୍ଚିତ ହୁଏ
ତୁମ ଇତିରୁ ନୂଆ ପ୍ରେମ
ଆରମ୍ଭର ସମ୍ଭାବନା ଥାଏ ସବୁ
ଭାବନା ବଳିନ ହୁଏ !!

ଇତିରେ ଆରମ୍ଭ ଇତିରେ ଶେଷ
ଇତି ଥିଲା ତୁମ ଛଳନା କଥା
ଇତିରେ ମିଛ ଇତିରେ ଲେଛ
ଇତି ତମ ଶେଷ ଠିକଣା !!

କଳଙ୍କେ ଲେଖିଦେଲ ମୋ ନାଁ
ଛଡେଇଲା ବେଳକୁ
ସମୟ କାହିଁ
ତୁମେ ନଈ ଠାରୁ ବେଶୀ ମିଛେଇ
ସଜେଇ ଦେଲ ମୋତେ
ଭଣ୍ଡେଇ ଦେଇ !!

ଭାବିଲନି ମୋ ଚେହେରା ଛବି
ଲକ୍ଷ୍ୟ ସହନରେ ପହଞ୍ଚିବା
ଆଗରୁ ହାତ ଛାଡି ଦେଇ ଗଲ
ଦେହ ସହ ମୁହଁ ମୁଡି ଦେଇ !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତିରେ ଝରୁଛି ସକାଳେ ସୁଖୁଛି
ଦିନରେ ହସୁଛି ମୋ ମନ
ଏ ଲୁହ ଆଶା ଛଳନା ନେଇ ହସନ୍ତି
ମୋତେ ଦେଖି ଦେଖି !!

ଥିଲ ଛାଇ ଠାରୁ ବେଶୀ ଆପଣା
ହେଲ ଭାଗ୍ୟ ଠାରୁ ବେଶୀ
ଯାତନା ଭୁଲି ଯାଉଛ ମୋ ପ୍ରେମ
ପ୍ରଥମ ଅକ୍ଷର ପ୍ରଥମ ଇତି !!

ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ଅମରେଶ
ମହାପାତ୍ର

ବୋଉ, ମୁଁ ଭାରୀ ଭୀତତ୍ରସ୍ତ,
କାହିଁ ତୋ' ପଣତକାନି ?
ଲୁଚିଯାଆନ୍ତି ତା'ର ଆଢୁଆଳେ,
ସମ୍ମୋହିତ ହୁଅନ୍ତି ତା'ର ବାସ୍ନାରେ ।

ବୋଉ, ମୁଁ ଯେତେବେଳେ ଛୋଟ ଥିଲି,
ଶୋଉଥିଲି ତୋ' କୋଳରେ,
କୌଣସି ଶଙ୍କା ନଥିଲା,
ଚନ୍ଦ୍ର ଓ ତାରା, କେତେ
ପାଖରେ ଥିଲାପରି ମନେହେଉଥିଲା !

ଭ୍ରାମ୍ୟଭାଷ: ୯୭୭୨୧୧୧୧୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁର ସ୍ମୃତି



ସତ୍ୟବ୍ରତ ବାରିକ

ପ୍ରକୃତିର କୋଳରେ ଗାଁ ଦିଶେ ସୁନ୍ଦର ।
ମାଟିର ବାସ୍ନାରେ ଲାଗେ ଅତି ଆପଣାର ।

ଅଙ୍କା ବଙ୍କା ରାସ୍ତାରେ ଦିଶେ କେତେ ପଦଚିହ୍ନ
ଚାନ୍ଦିନୀ ରାତିରେ ଖିଲି ଖିଲି ହସେ ରୂପେଲି ଜହ୍ନ ।

ପହିଲି ବରଷାରେ  ଭିଜେ ଧରଣୀ ରାଣୀ
ସବୁଜ କ୍ଷେତରେ ଲେଖେ ନୂଆ କାହାଣୀ ।

ରଙ୍ଗ ବୁଣେ ଇନ୍ଦ୍ରଧନୁ ଆକାଶ ଛାତିରେ
ଦୋଳି ଖେଳେ ପ୍ରକୃତି ପବନର ସ୍ପର୍ଶରେ

ଶୀତ ସକାଳର କୁହୁଡିରେ ହୁଏ ଧାନ କଟା
ଭାରି ମିଠା ଲାଗେ ଆରିଶା କାକରା ପିଠା

କୁଆଁରୀ ଝିଅଙ୍କ ଭେଟ ଗାଁ ଚାନ୍ଦିନୀରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୋବା ଲୁଗା ସଫାକରେ ଗାଧୁଆ ତୁଠରେ

ଗାଁ ଦାଣ୍ଡ ଧୂଳି ଖେଳ ଓ ମା' ର ଆକଟ
ବରଷାରେ ଡଙ୍ଗା ଭସା ଆଉ ଚାଟଶାଳୀ ପାଠ

ଭାଗବତ ଟୁଙ୍ଗି ରେ କୁହାଯାଏ ନୀତିଶିକ୍ଷା କଥା
କାଳଜୟୀ ଗ୍ରନ୍ଥ ରାମାୟଣ ମହାଭାରତ ଗାଥା ।

ଖରାଦିନ ହେଲେ ଆମ୍ବ ତୋଟା ରେ ଲୁଚକାଳି ଖେଳ
ଦଶହରା ଛୁଟିରେ ସାଥୀ ହୋଇ ବୁଲିବାର ବେଳ ।

ପବିତ୍ର ଜନ୍ମ ଭୂମିକୁ ଆମେ ଭୁଲିବା ନାହିଁ
ହୃଦୟରେ ରହିଥିବ  ଆମର ସାଥୀ ହୋଇ ।

ଭ୍ରାମ୍ୟଭାଷ : ୯୮୭୧୭୨୦୯୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମପାଇଁ କାମ



ଦୀନବଂଧୁ ବେଜ

ଖୋଜି ନିଅ ତୁମ ପାଇଁ କାମ
ସବୁ ଶିଳା ଏବେ ତୁଳା ପରି,
ଏବେ କାମ କରିବାର ବେଳ
ଦୁର୍ବଳ ଉପରେ ଭାର ପ୍ରବଳ
ଦେଖ ଆଖି ଛଳଛଳ କିପରି ।

ପୁତି ଗନ୍ଧମୟ ପରିବେଶ ସବୁ
ଶତକଡ଼ାର ଭାଗବଣ୍ଟୁରା ପାଇଁ ,
ବହୁଛି ଅନୁକୂଳ ଦକ୍ଷିଣା ବାୟୁ
ସର୍ବସ୍ୱାନ୍ତ ମନ ଭିତରର ଆୟୁ
ଭିକ୍ଷୁ ଫେରୁଛି ଶୁନ୍ୟହସ୍ତ ହୋଇ ।

କାଲି କାମ ଆଜି ଆଜିର ଏବେ
କାମ ସହିତରରେ ବାନ୍ଧି ରହିଲେ,
ନିଶ୍ଚିତ ଇଶ୍ୱରଙ୍କ ଆଶିଷ ମିଳିବ
କାହିଁ ପାଇଁ ଦୂର ଦୁରାନ୍ତକୁ ଯିବ
ମଥାରେ ବିଭୂ ଆଶିଷ ରହିଲେ ।

ଛଳନା ଅନୁରାଗ ଏକ ଖିଆଲ
ହୋମ ନିଆଁପରି କରେ ହବନ,
ଲଟକି ରହି ଆତ୍ମବିଶ୍ୱାସ ପାଶେ
ସମୟ ପାଞ୍ଜିରୁ ବୟସ ଖସେ
ସେଇଟି ଅଟକେ ମାନ ସମ୍ମାନ ।

ଏଣୁ ତୁମ ପାଇଁ କାମ ଆସିଛି
ଭାବନା ନିଜର ଭାବନାହିଁ ପର,
ଖରସ୍ରୋତ ମୁହେଁ ନହୁଅ ଚଞ୍ଚଳ
କର୍ମ କରି ଗଲେ ହେବ ସବଳ
ଗୁଣଗାନ କରିବ ସାରା ସଂସାର ।

ମାଲକାନଗିରି , ଓଡ଼ିଶା
ସେଲ:-୭୭୮୩୯୨୦୨୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତହୀନ ନାୟକ



ଅଶୋକ କୁମାର ପଧାନ

ମୁଁ ନୁହେଁ ବନ୍ଧା ଏକ ପିଞ୍ଜରେ
ଅବା ଶାନ୍ତି ଗୋଟେ ପାଖୁଡ଼ାରେ
ସମସ୍ତ ଫୁଲ ଏଠି ମୋର
ଯିଏ ମୋତେ ବାସ୍ନା ଦିଏ, ଖୁସୀ ଦିଏ ଏବଂ ପ୍ରେମ
ଯାହା ପାଇଁ ମୋର ମନେ ଜାଗୃତ ହୁଏ ଶୃଙ୍ଗାର
ମୁଁ ତାର ।
ନୁହେଁ ମୁଁ ନାୟକ
ଗୋଟିଏ ଛୋଟିଆ କବିତାର
ଅବା ଖୁଦ୍ରଗଳ୍ପର କି ଖଣ୍ଡିଏ ନାଟକର
ମୁଁ ନାୟକ ପ୍ରତିଟି କାବ୍ୟର, କବିତାର
ଉପନ୍ୟାସ ଓ ନାଟକର
ଯଉଠି ପ୍ରତିକ୍ଷଣେ ଚୁମ୍ବିଛି ନାୟିକାଙ୍କ ଓଠ
ଯୁଗରୁ ଯୁଗ, କାବ୍ୟରୁ କାବ୍ୟ
ପାନ କରିଛି ପ୍ରତିଟି ନାୟିକାର ଯୌବନ ଜଳ
ସଭିଙ୍କୁ ଦେଇଛି ମୋର ପୁରୁଷତ୍ୱର ପରିଚୟ ।
ନା ମୁଁ ଲମ୍ପଟ ନା କାହାକୁ କହିବି ବେଶ୍ୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ କେବଳ ଜଣେ ପିପାସୁ

ଠିକ ଗୋଟେ ଚାତକ ପରି

ପିଇଛି ଦଶ ଦିଗର ବର୍ଷା ଯୌବନ ଜଳ

ମେଣ୍ଟାଇବାକୁ ମୋ ଅମେଟା ତୃଷା ।

ମେଘକୁ କିଏ କହିବ ବେଶ୍ୟା ବୋଲି

ସିଏ କି ଆପେ ଯାଉଛି ବର୍ଷି

ବୟସ କରୁଛି ସୃଷ୍ଟି ଅଦିନିଆ ମେଘ

ବାଧ୍ୟକରୁଛି ତାକୁ ବର୍ଷିବା ପାଇଁ

ତାକୁ କି ଜଣା ପ୍ରକୃତି ନିୟମ

ଚଷା କର୍ତ୍ତବ୍ୟ ସିନା ରଖିବା ସାଇତି ମେଘକୁ

ଆପଣା ବିଲ ଭରିବା ପାଇଁ

ଅପରୁଆ ଚଷାର ମେଘ ସିନା ବର୍ଷେ ମୋ ବକ୍ଷେ

ଲଭିବାକୁ ଟିକିଏ ତୃପ୍ତି ।

ହଁ, ମୁଁ ଦେଇଛି ଶାନ୍ତି କରିଛି ତୃପ୍ତି

ଦେଖିଛି ବିଚାରି ମେଘକୁ

ମର୍ମେମର୍ମେ ଆଘ୍ରାଣ କରିଛି ତା କଷଣ

ଛୁଇଛି ଯୌବନ ଜରର ତାତି

ଚୁମ୍ବିଛି କ୍ଷଣେ ପ୍ରତିକ୍ଷଣେ ଜଳି ମରୁଥିବା ତା ବକ୍ଷକୁ

ଦେଇଛି ତା ଓଠେ ବିଶଲ୍ୟକାରଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେବାକୁ ଟିକିଏ ଶାନ୍ତି

ଦେଖିଛି ତା ସତିତ୍ୱକୁ ତା ପବିତ୍ରତାକୁ

ଚଷା ପ୍ରତି ତା ତ୍ୟାଗ ଓ  ପ୍ରେମକୁ

ଯିଏ ପକ୍ଷପକ୍ଷ ଧରି ସହିଛି ନିସ୍ତବ୍ଧ ରାତିର ଦୁଃଖକୁ

ସିଏ ତ ପବିତ୍ର ସାରୁ ପତ୍ରଟିଏ ପରି

ଯାଉଠି କଲଙ୍କ ବୁନ୍ଦାଏ ର ସ୍ଥାନ ନାହିଁ ।

ନାୟକ ମୁଁ ସେଇ ବ୍ରହ୍ମାଣ୍ଡର

ଗ୍ରହ ଯେଉଁଠି ଘୁରୁଛି ଅନ୍ଧକାରେ ଦିଗହରା ହୋଇ

ସୂର୍ଯ୍ୟ ଗୋଟାକର ଆକାଂକ୍ଷାରେ

ମୋ ବ୍ୟତୀତ ଯହିଁ ନାହିଁ ଅସ୍ତିତ୍ୱ

ସାଉଁଟିବାକୁ ତାଙ୍କ ଦୁଃଖ

ସେଇଥିପାଇଁ ମୋ ନାହିଁ ପୂର୍ଣ୍ଣଚ୍ଛେଦ

ମୁଁ ଚିର ଅମର ଅନ୍ତହୀନ ନାୟକ  ।

ଗିଧମାଲ, ଡୁଙ୍ଗୁରିପାଲି, ସୋନପୁର, ୭୬୭୦୨୩

ଦୂରଭାଷ : ୯୧୭୮୪୪୦୬୮୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୁନା ଡାକୁଛି ବେଙ୍ଗୁଲିକୁ



ଅମରନାଥ ବାରିକ

ବେଙ୍ଗୁଲି ରାଣୀ ଛାଡ଼ି ଯାଇଅଛି ବରଷା ପାଣି
ସାରୁ ଗଛ ମୂଳେ ବସିଛ କିଆଁ ?
ଆସ ବାହାରି ଯିବା ଆମେ ବୁଲି ସରଗପୁରି
ଆଉ ରାବ ନାହିଁ "କଟର କୁଆଁ" ।

ଡୋଳା ବୁଲେଇ ଭାବୁଛ କଅଣ ଜିହ୍ୱା ହଲେଇ
କର ନାହିଁ ଆଉ ମନକୁ ଉଣା ।
ଡରନି ମତେ ମୁଁ ତୁମ ସଙ୍ଗାତ କହୁଛି ସତେ
ବୁଲିବାକୁ ଯିବା ଆମ ଅଗଣା ।।

ଯେତେ ଖୋଜିଲେ ଭାଡ଼ି ତଳେ ପୁଣି ଗହନ ବିଲେ
ମିଳୁନାହିଁ ପରା ତୁମରି ଦେଖା ।
ବରଷା ହେଲେ ଫକଫକ କରି ଡ଼େଉଁଥା ଭଲେ
ସଙ୍ଗେ ସହଚରି ଧରିଣ ସଖା ।।

ଆଜି ଏଠାରେ ବସିଅଛ କାହିଁ ନଈ ପଠାରେ
ମଉନ ବରତ ପାଳନ କରି ?
ଚାଲ ପଳାଇ ଆମ ଘର ଆଡ଼େ ମନ ବଳାଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମାଆ ଖୋଜୁଛନ୍ତି ତୁମକୁ ଭାରି ।।

ଆମରି ଘର ଘର ନୁହେଁ ସେ'ତ ସରଗପୁର
ଯେଉଁଠି ଅଛନ୍ତି ମୋ ବାପା ମାଆ ।
ଆମେ କାନ୍ଦିଲେ ଗେଲ କରୁଥାନ୍ତି ଆମକୁ ଭଲେ
ତୁମକୁ ଦେଖାଇ କୋଳରେ ମାଆ ।।

କୁହନ୍ତି ମତେ ବାଇଆ ମାରିବ କାନ୍ଦୁଛୁ କେତେ
ବୁଝିଯାଆ ବାବୁ ନକରି ଅଳି ।
ଚୁଚୁମା ଦେବି ବୁଝିଗଲେ ପୁଣି ଦେଖେଇ ନେବି
ବେଙ୍ଗ ସାଥେ କରେ ବେଙ୍ଗୁଲି କଳି ।।

ସେ କଥା ଭାବି ହୋଇଅଛ ବୋଧେ ତୁମେ ଅରାଜି
ସେଇଥିପାଇଁ କି ଲୁଚିଛ ଏଠି ।
କୁହ ଲୋ କଥା ଆଉ ବସନାହିଁ ନୁଆଁଇ ମଥା
ବେଙ୍ଗ ରଜା କ'ଣ ମାରିଛି ଲାଠି !

କଯାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କନ୍ୟାରତ୍ନ



ସରୋଜିନୀ ମିଶ୍ର

ପ୍ରକୃତି ସ୍ୱରୂପିଣୀ
ମଙ୍ଗଳ କାରିଣୀ
ପ୍ରେମ ନିର୍ଝରିଣୀ
ଶାନ୍ତି ପ୍ରଦାୟିନୀ
କନ୍ୟା ରତ୍ନଟିଏ ମୁଁ
ତଥାପି
ସୁକ୍ଷ୍ମ ବୀଜଟିଏ ହୋଇ
ସ୍ଥାନ ନିଏ ଯେବେ
ଜନନୀ ଜଠରେ
ଖୁସିର ଆଲୋକ
ହୁଅଇ ମଳିନ
ପୁତ୍ର ପ୍ରାପ୍ତିର ପ୍ରବଳ ଉତ୍କଣ୍ଠା
ଅଟକାଇ ପାରେ ନାହିଁ
ଭ୍ରୁଣହତ୍ୟା ପରି
ଜଘନ୍ୟ ପାପକୁ ।

ବର୍ତ୍ତିଗଲେ
ଆସଇ ଦୁର୍ଦ୍ଦିନ
ସଦ୍ୟଜାତ
କନ୍ୟାଯାଏ
ଅଳିଆ ଗଦାକୁ
ହୋଇଥାଏ କୁକୁରର ଖାଦ୍ୟ ।

ସେଥିରୁ ସେ
ପାଇଗଲେ ରକ୍ଷା
ହୁଅଇ କିଶୋରୀ
ହୋଇଯାଏ
ଲମ୍ପଟର ଲାଳାୟିତ
ଚକ୍ଷୁର ଶିକାର
ଲାଗିଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଜ୍ଜତରେ ଦାଗ
କିବା
ପାଏ ମୃତ୍ୟୁର ଯନ୍ତ୍ରଣା ।

କିଶୋରୀରୁ ଯୁବତୀକୁ
ହେଲେ ପଦୋନ୍ନତି
ବୈବାହିକ ସମ୍ବନ୍ଧରେ
ହୋଇଯାଏ ଛନ୍ଦି
ଯୌତୁକ ରାକ୍ଷସ
ଗଳା ଚିପିକରେ ଶେଷ
ମୃତ୍ୟୁ ଲଭେ
ସ୍ତ୍ରୀର ବିଶ୍ୱାସ ।

ସୌଭାଗ୍ୟ ତା
ହୋଇଲେ ଉଦୟ
ସ୍ୱାମୀ ହାତ ଧରି ସିଏ
ହୋଇଯାଏ ପତ୍ନୀ
ପୁତ୍ର ପରିବର୍ତ୍ତେ ଯଦି
ପାଏ କନ୍ୟାରତ୍ନ

ନୟନର ନୀରେ ତାର
ଆସିଥାଏ ବନ୍ୟା
ଗଞ୍ଜଣାର କୋଠାଘରେ
କଟିଯାଏ ଦିନ
ଚୁଲିର ପାଉଁଶ ହୁଏ
ନାରୀର ସମ୍ମାନ ।

ସୁପ୍ତ ମାନବ
କେବେ ହୋଇବ ଜାଗ୍ରତ
ବୁଝିବ ସେ
କନ୍ୟାର ମହତ୍ତ୍ୱ
ଭଗିନୀ, ଜନନୀ ,ଜାୟା
ଦୁହିତାର ମୂଲ୍ୟ
ସୃଷ୍ଟିର କାରଣ ଯାର
ମୂଳଟି ଅମୂଲ୍ୟ ।

ଅନ୍ଧ ସମାଜ
ଚକ୍ଷୁ ଫେଡ଼ିବାରେ ଦେଖ
ନଗ୍ନ ମାନସିକତାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୁଅ ହେ ବିମୁଖ

ଅନ୍ଧ ବିଶ୍ୱାସ,

କୁସଂସ୍କାର କୁ ଦୁରେଇ

କନ୍ୟାରତ୍ନେ ସୁସାଦରେ

ନିଅ ଆପଣେଇ ।

ପୁତ୍ର କନ୍ୟା ମଧ୍ୟେ

ଭେଦ ଭାବର ପ୍ରାଚୀର

ଦୃଢ ହସ୍ତେ କର ହେ ଦମନ

ଲମ୍ପଟତାର ସୀମାକୁ

କର ସଂକୁଚିତ

କନ୍ୟା ନୁହେଁ କ୍ରୀଡ଼ନକ

ସେ ଯେ ଅଟେ କନ୍ୟାରତ୍ନ ।

ଆଲୋକ ନଗର, ଆମ୍ବପୁଆ

ବ୍ରହ୍ମପୁର , ଗଞ୍ଜାମ

୯୯୩୮୪୬୫୨୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଦାୟ



ବୀରକିଶୋର ନାୟକ

ଦୁନିଆ ବୁକୁରୁ ବିଦାୟ ପୂର୍ବରୁ
ଶେଷ ଅଳି ଶ୍ରୀଛାମୁରେ,
ତୁମ ପାଦପଦ୍ମେ ରହିଥିବି ଭାବେ
ଝୁରୁଥିବି ମୋ ଅନ୍ତରେ ।
ଆଖି ଦୁଇ ମୋର ଯେବେ ହେବ ପର
ତୁମ ଛବି ଭାସୁଥିବ,
ମୋ ଚର୍ମ ଆଖିରେ ନଦିଶୁ ଦୁନିଆ
ଦୁଃଖ ମୋ ଲାଘବ ହେବ ।
ବିଦାୟ ବେଳାରେ ପାଟି ନଖୋଲିଲେ
ମନେ ତୁମ ନାମ ନେବି,
ହୃଦୟେ ଆଙ୍କି ମୁଁ ତୁମ ଛବି ଛାମୁ
ପରଶ ଯେ ପାଉଥିବି ।

ଜୀବ ଗଲାପରେ ଛଖଣ୍ଡ କାଠରେ
ଯେବେ ମୋର ଶବ ଯିବ,
ତୁମ ଛଡା ଫୁଲ କୋକେଇ ଉପରେ
ଗୋଟିଏ ହେଲେ ବି ଦେବ ।
ସ୍ୱର୍ଗଦ୍ୱାରେ ଯେବେ ଜୁଇ ମୋ ଜଳିବ
ସମୁଦ୍ରେ ପବନ ଦେବ,
ପବନରେ ଭାସି ଜୁଇ ଧୂଆଁ କିଛି
ଶ୍ରୀମନ୍ଦିର ଛୁଇଁଯିବ ।
ଜୀବନ ମୋହର ହୁଅନ୍ତା ସାର୍ଥକ
ଏତିକି କରୁଣା ହେଲେ,
ବିଦାୟ ବେଳାର ପ୍ରଣତି ବାଢୁଛି
ପ୍ରଭୁ ତୁମ ପାଦତଳେ ।

ଖଣ୍ଡବନ୍ଧ, ଢେଙ୍କାନାଳ ।
ଫୋନ : ୮୮୪୭୮୪୨୨୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ହେ ପ୍ରିୟ ବାପୁଜୀ



ନୀଳମଣି ଚାନ୍ଦ

କଇଁଚି କାକୁଡ଼ି ନଳିତା ପିତା

ସେ ମହାମାନବ ଜଗତଜିତା

ଯା'ର ବାଣୀ ଆମ ପାଇଁଟି ଗୀତା

କହିଲା ନୀତା

ସେ ମୋହନ ଦାସ ଜାତିର ପିତା ।

ଶାନ୍ତିର ପରା ଦୂତଟି ଯିଏ

ଚାଲୁଥିଲେ ସତ୍ୟପଥେ ଯେ ସିଏ

ସାବରମତୀର ସନ୍ଥଟିଏ

ଜାଣେନି କିଏ

ସଚ୍ଚା ସତ୍ୟାଗ୍ରହୀ ମୁଁ ଭାବି ନିଏ ।

କରୁଥିଲେ ପରା ମଉନ ବ୍ରତ

"କୁଟି ଖାଅ କାଟି ପିନ୍ଧ" ଯା ମତ

ଅରଟ କାମରେ ଥିଲେ ସେ ରତ

ଭୋଗିଲେ କାରା

ପଦଯାତ୍ରା କଲେ ସେ ଦେଶ ସାରା ।

ରାମଧୂନଟିକୁ ସେ ସଦା ଗାଇ

କହୁଥିଲେ" ଆମେ ଭଉଣୀ ଭାଇ

ପରାଧୀନ, ନିଜ ଦେଶରେ ଥାଇ

ମିଶି ଲଢ଼ିବା

ରାମ ରାଇଜଟି ଆସ ଗଢ଼ିବା ।

ଜାଣୁ ଅହିଁସାର ପୂଜାରୀ ସିନା

ଲଢ଼ିଥିଲେ ଗୋଳା, ବନ୍ଧୁକ ବିନା

ତାଙ୍କପାଇଁ ଦେଶ ବିଶ୍ୱରେ ଚିହ୍ନା

କହିଲା ମୀନା

ମୋହନରୁ ଗାନ୍ଧୀ ହେଲେ ସେ ସିନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂଗ୍ରାମ କରିଲେ ସ୍ୱରାଜ ପାଇଁ
ତାଙ୍କ ପରି ଜଣେ ମିଳଇ  ନାହିଁ
ସେହି ସତ୍ୟାଗ୍ରହୀ ରହିଲେ କାହିଁ
        ଆସରେ ଧାଇଁ
ଯା' "ତିନିମାଙ୍କଡ଼" ଦେଖିବାପାଇଁ  ।

ଅକ୍ଟୋବର ଦୁଇ ପକାଏ ମନେ
ଭୂମିଷ୍ଠ ସେ ହୋଇଥିଲେ ଏ ଦିନେ
ମହାନାୟକ ତ ମୁଁ ତାଙ୍କୁ ମଣେ
        ସମାଧି ସ୍ଥଳ
ରାଜଘାଟ ସଦା ଚଳଚଞ୍ଚଳ ।

କଇଁଚି କାକୁଡ଼ି ନଳିତା ପିତା
ଖଦଡ଼ ମଣିଷ,ପ୍ରିୟ ଯା ଗୀତା
କରୁଥିଲେ ଜନ୍ମଭୁଇଁର ଚିନ୍ତା
        କହିଲା ମିତା
ସେ ପ୍ରିୟ ବାପୁଜୀ ଜାତିର ପିତା ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ପ୍ରେମିକ - ୨



ସୁଧିରାଜ ରାଉତ

ଆସ ବଂଶୀ ଶୁଣିବା

ସେଇ ସେଇ ଶବ୍ଦନେଇ

କେତେ ଖେଳିବା, କେତେ ଲଢ଼ିବା ...

ଫିଙ୍ଗିଦେବା ଆସ ସବୁଶବ୍ଦ

ଶରତ ଆକାଶ ପ୍ରାୟେ ହୋଇବା

ସେଇଠୁ

ଯମୁନା ମୋଟେ ବେଶୀ ଦୂର ନୁହଁ ।

ଯମୁନା କୂଳେ ବସି

କେହି କଣ

ଶବ୍ଦ ସବୁରେ ସଜହୁଏ ?

ନିଖୁଣେ

ଆସ ନୀରବତାରେ ଢ଼ାଙ୍କି ହୋଇଯିବା

ସର୍ବାଙ୍ଗ

ବଂଶୀ ଶୁଭୁଛି ?

ଶୁଣି ଚାଲ !

ବାହାର ଅବା ଭିତର

କୁଆଡ଼େ ଯାଅନାହିଁ

ଅତୀତ ଅବା ଭବିଷ୍ୟତ

କୁଆଡ଼େ ଯାଅନାହିଁ

ବର୍ତ୍ତମାନ ମୁହୂର୍ତ୍ତ ସବୁରୁ

ମୁକ୍ତ ରୁହ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## ମୋଟେ ସାଉଁଟ ନାହିଁ ଶବ୍ଦ ...

ଶବ୍ଦଟିଏ ସାଉଁଟିବା ତ
ଶୁଭିବନାହିଁ ଆଉ ବଂଶୀ

ପୁଣି ଫେରିଆସିବା
ଛାଡ଼ି ଯାଇଥିବା
ସେଇ କୋଳାହଳ ପୃଥିବୀକୁ

ଚାଲିଥିବା ପାଦଚିହ୍ନରେ ପୁଣି ଚାଲିବାକୁ ।

ଜନ୍ମ ପରେ ଜନ୍ମ
ଏଇମିତି ଚାଲିଛେ

ଭୋକର ଭୂଗୋଳ ଶେଷ ହେଉନାହିଁ
ଶବ୍ଦର ଶବଯାତ୍ରା ଶେଷ ହେଉନାହିଁ

କେବେ ବୁଝିବା !
ଶବ୍ଦ ସବୁ ହତ୍ୟାକାରୀ
ଆତ୍ମାର,ଆଲୋକର,ଆନନ୍ଦର ହତ୍ୟାକାରୀ ।

ଆସ ବଂଶୀ ଶୁଣିବା

ଆସ !
ନୀତି ନିଷ୍ଠୁର ଭାବେ
ନୀତି ନିଷ୍ଠା ଭାବେ
ମାଗିନେବା ସମୟଠୁ ନୀରବତା

ସେଇଠୁ
ଯମୁନା ମୋଟେ ବେଶୀଦୂର ନୁହଁ

ସେଇଠି ଠିଆହେଲେ ବଂଶୀ ଶୁଭିବ
ସେଇଠି ଠିଆହେଲେ ଛୁଇଁହେବ ନୀଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ମା ଭବାନୀ



କୁମରଲାଲ ରଣା

ଜୟ ମା ଭବାନୀ ମାତ ଜୟ ଲଙ୍କେଶ୍ୱରୀ
କଳାହାଣ୍ଡି ଗଡ଼େ ବାସ ଭବନ ତୋହରି ।
ଗିରିରୁ  ସମ୍ଭୁତ ମାଗୋ  ହୋଇ ଥିଲୁ ଜାତ
ଗିରି ନନ୍ଦିନୀ ନାମରେ ବିଖ୍ୟାତ ଜଗତ ।
ଗିରୀନନ୍ଦିନୀ ତୁ ମାଗୋ ଗୁଣ ବତୀ ନାରୀ ।
ଗଳାରେ ରହିଛି ମାଗୋ ମୁକୁତାର ମାଳି ।
ଗଜ ଗମନି ଗୋ ମାତ ବଦନୀ ଚନ୍ଦ୍ରମା ।
କହି ନ ପାରନ୍ତି ମାଗୋ ତୋର ଗୁଣ ସୀମା ।
ହସ୍ତରେ ଶୋଭିତ ମାଗୋ ଖଣ୍ଡା ଧନୁ ଫରି ।
ରକ୍ତ ଧାର ଧାର ବହେ ମୁହଁରୁ ଉତକରି ।
ବାହୁରେ ବାହୁଟି ଲମ୍ବି ମୁକୁତା ଗଳାରେ
ଦନ୍ତ ରଟମଟ ଜିହ୍ୱା ଲହ ଲହ କରେ ।
ଆଶ୍ୱିନ ମାସରେ ମାଗୋ ଅଷ୍ଟମୀର ଦିନେ
ନିଶି ପୂଜା ପାଉ ମାତ  ଆନନ୍ଦିତ ମନେ ।
ତ୍ରେତୟା ଯୁଗରେ ମାଗୋ କଲୁ ଲୀଳା ଖେଳା
ଲଙ୍କା ରକ୍ଷା କରୁ ଥିଲୁ ତୁଇ ମା ଚଂଚଳା ।
ଲଙ୍କା ଗଡ଼ ସୀମା ଦ୍ୱାରେ ସୁରକ୍ଷା କାରିଣୀ ।
ଜଗି ବସିଥିଲୁ ମାଗୋ ଶତ୍ରୁ ଗୁଣ ଜାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୀର ହନୁମାନ ଲଙ୍କା ଗଡ଼ରେ ଭେଟିଲେ ।
ବର ଦେଲୁ ତାକୁ ମାତ ଛାଡି ଦେଇ ଦ୍ୱାରେ ।
ସୀତା ଠାବ କର ବୋଲି  କହିଦେଲୁ ଗିର
ସେ ଦିନୁ ଛାଡିଲୁ ମାତ ସ୍ୱର୍ଣ୍ଣ ଲଙ୍କା ପୁର ।
ଯାଅ ହନୁମାନ ବୋଲି ଆଜ୍ଞା  କଲୁ ମୁଖେ
ମାର ଲଙ୍କା ପୁର ବୋଲି  କହିଲୁ ସମ୍ମୁଖେ ।
ବର ଦେଲୁ ତାକୁ ମାଗୋ ପ୍ରସନ ହୋଇଣ ।
ଗୋ ମା କେ କହି ପାରିବ ତୋର ସୀମା ଗୁଣ
ଦ୍ୱାପର ଯୁଗରେ ମାଗୋ ତୋର ବହୁଳିଲା ।
ବାଳ ବୃଦ୍ଧ ରୂପ ହୋଇ କରୁ ମାତ ଖେଳା ।
କ୍ଷଣେ କ୍ଷଣକରେ ନାନା ରୂପ ଧରି ତୁଇ
ଭାରତ ଯୁଧେ ମାଗୋ ତୁ  ଭୈରବୀ ବୋଲାଇ ।
ସେତୁ ବନ୍ଧେ  ଭେଟିଲେକ ଯାଇ ସୈନ୍ୟ ବଳ ।
ତୋତେ ସେବା କରିଥିଲେ ବିଶ୍ୱାସର ଦଳ ।
ବେଳ ପତ୍ରେ  ପୁଜ୍ଜି ପାରି  ତୋର ଗୁଣ ସ୍ମରି ।
ଜୟ ଶବଦରେ   ମା ଗୋ ସ୍ତୁତି ଗାନ ପୁରି ।
ଜୟ ଲଙ୍କେସ୍ୱରୀ ମାଗୋ ଜୟ ମା ଚଣ୍ଡୀକା
ଜୟ ରକ୍ଷଣୀ ଭକ୍ଷଣୀ  ଶ୍ରୀପୁର ନାୟିକା ।
ତୋର ପାଦ ତଳେ ମାଗୋ ଶ୍ରୀ କୁମର ମଣି
ପଶୁଛି ଶରଣ ରକ୍ଷା କର ଗୋ ଭବାନୀ ।

ମହୁଆ ଭଟ୍ଟା ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦ୍ୟାଳୟ ଆଜି ନିଃସ୍ୱ



ଗୀତାଞ୍ଜଳୀ ସ୍ୱାଇଁ

ଏକୁଟିଆ ଆଜି ଠିଆ ମୁଁ ହୋଇଛି
ନିଃସ୍ୱ ପରାୟେ ହୋଇ
ଆଠ ମାସ ହେଲା ନିରବି ଯାଇଛି
କୋଳାହଳ ଶୁଭେ ନାହିଁ ।

କେତେ ଛାତ୍ର ଛାତ୍ରୀ ପଢୁଥିଲେ ପାଠ
ମୋ ଘରେ ବସି ନି ଇତି
ଦିନ ସାରା ଏଠି ପାଠପଢା ଚାଲେ
କେତେ ଲୋକ ଆସିଯାନ୍ତି ।

ସେବକ ଭାଇ ମୋ ପରିଷ୍କାର କରେ
ଶ୍ରେଣୀଗୃହ ଦାଣ୍ଡ ଦ୍ୱାର
ଗଣି ଗଣି ଘଣ୍ଟା ବଜାଇ ଦିଏ ସେ
ପ୍ରତିଦିନ ଆଠ ଥର ।

ଦଶଟା ବେଳକୁ ପ୍ରାର୍ଥନା ଆରମ୍ଭେ
ଧାଡି ହୋଇ ପିଲାମାନେ
ବନ୍ଦନା କରନ୍ତି ସ୍ତୁତି ଗାଇଥାନ୍ତି
ସଭିଏଁ ଭକତି ମନେ ।

ଖେଳଛୁଟି ବେଳେ ଜଳପାନ କରି
ଖେଳନ୍ତି ମୋ ପଡିଆରେ
କବାଡି ବାଗୁଡି ଫୁଟ୍ ବଲ୍ ଖେଳ
ଲୁଚା ଲୁଚି କିଏ ଖେଳେ ।

ଘୋ ଘୋ ନାଦରେ ଉତ୍‌ଫୁଲିତ ହୋଇ
ମନମୋର ପୁରିଯାଏ
ଅଗଷ୍ଟ ପନ୍ଦର ଜନରାଜ୍ୟଦିବସେ
ପଡିଆଟା ଭର୍ତ୍ତି ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତିଥି ଆସିଲେ କୁହନ୍ତି ପିଲାଙ୍କୁ

ନା ନା ଉପାଦେୟ ବାଣୀ

ସେ ବାଣୀକୁ ପିଲେ ପାଥେୟ କରିଲେ

ହୁଅନ୍ତି ଦେଶର ମଣି ।

ଶ୍ରୀ ଗଣେଶ ପୂଜା ସରସ୍ୱତୀ ମାତା

ପୂଜା ହେଲେ ବିଦ୍ୟାଳୟେ

ନୂଆ ଡ୍ରେସ୍ ପିନ୍ଧି ପୂଜା କଲେ ମାତା

ଆଶିଷ ଅଜାଡି ଦିଏ ।

ଖେଳ କସରତ ପୂଜା ମହୋତ୍ସବ

ଆଠମାସ ହେଲା ମନା

ମୁହେଁ ମାସ୍କ ବାନ୍ଧ କାହାକୁ ଛୁଅଁନା

ମାଡିଯିବ ଯେ କରୋନା ।

ଗୁରୁଜୀ ଗୁରୁମା ପଢାଉ ଅଛନ୍ତି

ମୋବାଇଲି ଟିପି ପାଠ

ମୁରୁଖ ହୁଅନ୍ତି ପିଲାମାନେ ମୋର

ସେଥିପାଇଁ ମନ ଦୁଃଖ ।

ସାନିଟାଇଜର୍ରେ ହାତ ଧୋଇ ଧୋଇ

ଧଳା ପଡିଲାଣି ହାତ

ତଥାପି କରୋନା ଛାଡୁନି ଦେଶକୁ

ସରକାର ଅଣାୟତ୍ତ ।

କିପରି ବିଚାର କରେ ସରକାର

ଖୋଲିବାକୁ ବିଦ୍ୟାଳୟ

ନାହିଁ ପ୍ରତିଷେଧ ନାହିଁ ଓଉଷଧ

ପିଲା ଯିବା ପାଇଁ ଭୟ ।

ମୁରୁଖ ହୋଇବେ ଆମ ଭବିଷ୍ୟତ

ଛାତ୍ର ଛାତ୍ରୀ ଯେତେଛନ୍ତି

ପ୍ରଭୁ ଜଗନ୍ନାଥ ସାରା ସଂସାରକୁ

କରୋନାରୁ କର ମୁକ୍ତି ।

କାନନବିହାର ଫେଜ୍-୨

ଭୁବନେଶ୍ୱର .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଶତଣ୍ଡୀ



ରାମଚନ୍ଦ୍ର ପ୍ରଧାନ

ଶରତ ମରତେ କାଶତଣ୍ଡୀ ହସେ
ଚଉଦିଗ ଚମକାଇ
ଶରତ ଆସିଛି ମାଆ ଦୁର୍ଗାଙ୍କର
ଆଗମନୀ ବାର୍ତ୍ତା ନେଇ ।
ନଇପଠା ଧାରେ  ପବନ ଗାଉଛି
କାଶତଣ୍ଡୀ ପାଇଁ ଗୀତ
ନିର୍ମଳ ଆକାଶେ ଧଳା ମେଘ ଭାସେ
ଯେସନ ଜଳରେ ପୋତ ।
ନେତ୍ର ଭରିଯାଏ ଧବଳ ବର୍ଣ୍ଣରେ
ଦେଖି କାଶତଣ୍ଡୀ ମାଳ
ସତରେ ଅନନ୍ୟ ପୁଷ୍କରିଣୀ ଜଳେ
କଞ୍ଜି କୁମୁଦଙ୍କ ମେଳ ।

ନବ ବସନରେ ରମଣୀ ଯେମିତି
ଦିଶେ ଭାରି ରମଣୀୟ
କାଶତଣ୍ଡୀ ଫୁଲେ ଶରତ ସେମିତି
ଲାଗଇ ସୌନ୍ଦର୍ଯ୍ୟମୟ ।
କାଶତଣ୍ଡୀ ଫୁଲ ଚାମର ସ୍ପର୍ଶରେ
ଝଲସେ ଶରତ ଭୂଇଁ
ପାର୍ବଣ ମହକେ  ମନ ନାଚି ଉଠେ
ହୃଦୟକୁ ପୁରା ଛୁଇଁ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହନଶୀଳ



ଅଲେଖ ମେହେର

ସହନଶୀଳତା ବଇଶାଖି ଝଡ
ଅତର୍କିତେ ନେଲା ହରି ,
ହିଂସା ଦ୍ୱେଷ ଘୃଣା ହେଲାଣି ପୁରୁଣା
ବକ୍ଷରେ ଉଟଜ କରି ।

ଜାତି ସଂପ୍ରଦାୟ ଉତ୍କଟ ଭୁଜଙ୍ଗ
ମଥାଟେକେ ବିରବରେ,
ମନର ଗୁମ୍ଫାରେ ଶୋଇଥିବା ବ୍ୟାଘ୍ର
ଅଶନୀର ନାଦ କରେ ।

ସ୍ୱାର୍ଥରେ ମାତାଳ କୁଚକ୍ରରେ ଭୋଳ
ଲଭେ ଉଚ୍ଚ ପଦାଶନ,
ସତ୍ୟର ପାଣ୍ଡବ ଦୁଃଖ ଭାର ବୋହି
ଭ୍ରମୁଛନ୍ତି ଘୋର ବନ ।

ଦୂଷଣ ଆଚାର ଅମ୍ବରରେ ଘନ
ବରଷେ ମୁଷଳ ଧାରା,
ରୁଦ୍ରରୂପ ଧରି ଧାଏ ପୟସ୍ୱିନୀ
ଅଧର୍ମରେ ବୁଡେ ଧରା ।

ଧୈର୍ଯ୍ୟ ହିମାଳୟ ସାଜେ ବାଲି ବନ୍ଧ
ଭାଙ୍ଗିଯାଏ ପିଲାଖେଳେ,
ପ୍ରଳୟ ବତାସ ଅର୍ଣ୍ଣବରୁ ଆସି
ଜ୍ଞାନର ପାଦପ ଢାଳେ ।

ଦ୍ୱିପର ଦଶନ ବିକ୍ଷଣ ଭୋଜନ
ଅଲଗ ଜାଣେ ଶୟଳ,
ଆଜିର ମାନବ ଗଢିଛି ଚରିତ୍ର
ତେସନେକ କୁଟ ଛଳ ।

ଯେଉଁ ଦେଶ ପାଣି ଅନିଳରେ ଗଢା
ପୂଣ୍ୟ ପୀୟୁସ ଶରୀର ,
ପରପ୍ରରୋଚନା ପୂରାଇ କର୍ଣ୍ଣରେ
ଗୁପତେ କରେ ସମର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦଶନପତ୍ରରେ ହସ ମଧୁଝରା
ଅନ୍ତରରେ ଭରା ବିଷ,
ଦୁକୁଳିଆ ପିନ୍ଧି ପ୍ରେମ ରଜ୍ଜୁ ଛନ୍ଦି
କ୍ରମେ କରେ ସର୍ବନାଶ ।
ନିଳକନ୍ଦରରେ ବସିଛ ମୁରାରି
ଚକାନୟନ ମେଳାଇ,
ସରଳ ନିରୀହ ମାନବ ମରନ୍ତି
ଦେବାରୀଙ୍କ ତ୍ରାସ ପାଇ ।
ଓହ୍ଲାଇ ଆସହେ ଭରତ ଭୂମିକୁ
ଧର୍ମର କର ସ୍ଥାପନ,
ଶରଣ ରକ୍ଷଣ ପତିତପାବନ
ଟେକି ରଖ ଦିନହୀନ ।

ଟୀକା-ଉଟଜ-କୁଟୀର, ଭୁଜଙ୍ଗ-ସାପ,ଅଶନୀ-ବଜ୍ର, ଦୂଷଣ ଆଚାର- ଖରାପ ବ୍ୟବହାର, ଅର୍ଣ୍ଣବ-ସମୁଦ୍ର,ପାଦପ- ବୃକ୍ଷ, ଦ୍ୱିପ- ହାତୀ,ଦଶନ- ଦାନ୍ତ, ଅନିଳ- ପବନ,ଦଶନପତ୍ର- ଓଠ,ଦୁକୁଳିଆ- ପଟ୍ଟବସ୍ତ୍ରପରିଧାନ କରିଥିବା ବ୍ୟକ୍ତି ,ଦେବାରୀ- ଅସୁର,ଭରତ ଭୂମି- ସମ୍ରାଟ ଭରତଙ୍କ ଭୂମି,

ଅଲେଖ ମେହେର (ଯାଯାବର)
ସୋହେଲା ବରଗଡ଼
ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଁ ଶ୍ରୀ ହନୁମତେ ନମଃ



ପ୍ରକାଶ ଚନ୍ଦ୍ର ପ୍ରଧାନ

ହରି ନିଅ ମୋ ମନରୁ କଳୁଷ ବିଚାର
ଭରି ଦିଅ ମନେ ମୋର ଭାବ ଭକତିର ।।

ରାମ ପ୍ରେମ ଭକ୍ତି ଭାବ ଥାଉ ମୋ ମନରେ
ରାମ ରୂପ ରହିଥାଉ ନିତ୍ୟ ମୋ ଅନ୍ତରେ ।।

ତୁମ୍ଭାଶୀଷେ ଲଭିବି ମୁଁ ରାମ ସୁଧା ରସ
ରାମଭକ୍ତ ରାମଦୂତ ଦିଅ ହେ ଆଶୀଷ ।।

ରାମ ନାମ ମନ୍ତ୍ର ସଦା ତୁଣ୍ଡେ ଥାଉ ମୋର
ରାମେ ଆସ୍ଥା କଦାପି ମୋ ନ ହେଉ ଅନ୍ତର ।।

ଆହେ ପ୍ରଭୁ ହନୁମନ୍ତ ତୁମେ ଆଞ୍ଜନେୟ
ତୁମ୍ଭ ଶ୍ରୀପୟରେ ଥାଉ ସଦା ମୋର ଲୟ ।।

ଅନୁଗ୍ରହ କର ପ୍ରଭୁ ଆହେ କପିସୁତ
ରାମାଶୀଷ ରାମାମୃତ ହେଉ ପରାପତ ।।

ନ ଜାଣଇ ମନ୍ତ୍ର ଜପ ପୂଜା ପାଠ ଧ୍ୟାନ
ଅନ୍ତରୁ ଡାକୁଛି ପ୍ରଭୁ ଘେନ ନିବେଦନ ।।

ତୁଷୁରା, ବଲାଙ୍ଗୀର
ମୋ : ୯୮୫୩୭୨୮୧୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଟେ ଅସଜଡ଼ା ସନ୍ଧ୍ୟାର ସ୍କେଚ୍



ସୁବ୍ରତ କୁମାର ଜେନା

ତାରାମାନେ କେବେଠୁ ଆସିଲେଣି,
ଝିକମିକ ଆଲୁଅରେ ଭରିଲାଣି
ଏ ସାରା ଆକାଶ,
ହେଲେ ସେ ଜହ୍ନଟାର ଦେଖାନାହିଁ,
ବୋଧେ ହୁଏ ହଜିଯାଇଛି ,
ଦୂର କେଉଁ ଏକ ମେଘର ଖଣ୍ଡରେ ।

ଏ ପାଖେ ନୂଆ ବୋହୁ ଅପେକ୍ଷାରେ,
କେତେବେଳେ ଆସିବଯେ ସେ,
ପ୍ରିୟତମ ନାହାନ୍ତି ପାଖରେ,
କାହିଁ ଆକାଶରୁ ଝରୁନିତ ମେଘର ଧାରା,
ଏମିତି କେମିତି ଭୁଲିଲା ସେ ବାଟ,
ସମୟ ଯେ ଗଡ଼ିବା ଗଡ଼ିବା ଉପରେ,
ତାହେଲେ ଚାନ୍ଦ ପୂଜା !

ଘରର ମୁଖ୍ୟ କବାଟରେ ଆଘାତ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧଡ଼ ଧଡ଼ ଧଡ଼ ....

ଓଃ ହୋ ଟିକିଏ ରଖାଇ ଦେବେନି,

ଆସୁଛି ଆସୁଛି ବୋଲି,

ନୂଆବୋହୂର ଛାତଉପରୁ ଉଚ୍ଚସ୍ୱରରେ ବାର୍ତ୍ତା

ବଦଳି ଯାଇଛି ଘରର ସମଗ୍ର ଚିତ୍ର,

ଖୁସିବାସୀର ମାହୋଲରେ ପଶି ଆସିଛି ଅଦିନିଆ ଝଡ଼,

ଆଶା ସବୁ ଶବ ପାଲଟିଛି ଜୀବନ ରାସ୍ତାରେ,

ବାପା-ବୋଉ,ଦିଅର-ନଣନ୍ଦ ସମସ୍ତେ ନିର୍ବାକ,

ବାରମ୍ବାର ଚେତା ହରାଉଛି ନୂଆ ବୋହୂ,

ଏମିତି କଣ ହେବାରେ ଥିଲା !

ଖବର ଆସିଛି ସୀମାନ୍ତରୁ,

ସୀମାନ୍ତିନିର ସୀମାନ୍ତରୁ ସିନ୍ଦୁର ପୋଛିଦେବାକୁ,

ସୀମାରେ ସହିଦ ନୂଆ ବୋହୂର ସିନ୍ଦୁର ।

ଅଚାନକ ତାରା ମାନେ ଲୁଚିଗଲେ,

ଚାହୁଁ ଚାହୁଁ ମାଡ଼ିଆସିଲା ତମଶା ରଜନୀ,

ଚାରିଆଡେ ଭରିଛି ଶୂନ୍ୟତା,

ବୋଧେ ଏଥିଲାଗି ଚାନ୍ଦ ବି ଲୁଚିଥିଲା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେମିତିରେ ସେ ଦେଇଥାନ୍ତା ମିଛ ଅଭୟ ବାଣୀ,

ଯିଏ ଯେମିତି ଗାଁ, ସହର, ରାଜ୍ୟ, ଦେଶରେ ଶୋଇଲେଣି,

କିନ୍ତୁ ନୂଆ ବୋହୁ ସେମିତି ଗୁମୁରି କାନ୍ଦି ଚାଲିଛି,

ଭାଇର ଅଫେରା ପଥକୁ ବାହୁନି ବାହୁନି......

ସୁବ୍ରତ କୁମାର ଜେନା

ଶୂରଡିହ, ନନ୍ଦିପୁର, ଯାଜପୁର

ଦୂରଭାଷ -୮୨୪୯୨୨୦୮୩୦ ..

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଧାତା



ନିରଞ୍ଜନ ସାହୁ

କିଏ କହିପାରେ ଆଗତ ଭବିଷ୍ୟ
ଘଟଣା ଘଟିବ ଯାହା
ଯିଏ କହୁଅଛି ସବୁ ଜାଣିଅଛି
ତାହା ମିଛ ଅଟେ ତାହା ।

ଯଦି ସଂସାରରେ ଭଗବାନ ବୋଲି
କେହି ଜଣେ ରହିଥାନ୍ତି
ହୁଏତ ସେ ଏକା ଜାଣିଥିବେ ଯଦି
ସବୁ ସିଏ କରିଥାନ୍ତି
ମଣିଷ ବୁଝେ କି ଦଇବର କୂଟ
ହୋଇବ ଆମରି ସାହା ।

କେହି ଜାଣିନାହିଁ କେହି ବୁଝିନାହିଁ
କେହି ପାରେନାହିଁ ଦେଖି
ବିଧିର ବିଧାନ ବିଧାତା ବୁଝଇ
କପାଳ ପାରିଛି ଲେଖି
ରଖିଲେ ରଖିବ ମାରିଲେ ମାରିବ
ସେ ଏକା କରିବ ଆହା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ – ୯୯୩୮୭୪୧୬୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାରଦୀୟ "ଶୁଭ ଆଗମନେ"



ମନୋରଞ୍ଜନ
ସୁରୁଜାଳ

କିଏ ସେ ଧରିତ୍ରୀ ରାଣୀ କାନେ କହିଗଲା
ଘଣ୍ଟ ଶଂଖ ହୁଳହୁଳି କାନେ ବାଜିଗଲା
ଏ ମର୍ତ୍ତ୍ୟ ଭୁବନେ ଯେ,
ଶାରଦୀୟ ଶୁଭ ଆଗମନେ ସେ ।

ବରଷାରେ ବର୍ଣ୍ଣୋତ୍ସବ ସବୁଜ ଧରଣୀ
ଧନ ଧାନ୍ୟେ ଅର୍ଣ୍ଣପୂର୍ଣ୍ଣା କେଦାର କାମିନୀ
ବର୍ଣ୍ଣୋମୟ ଶୋଭା ଯେ,
ବିଗଳିତ ଅନ୍ତରର ଆଭା ସେ ।

ଶରତର ଶୋଭା ଘେନି କାଶତଣ୍ଡୀ ହସେ
ସବୁଜିମା ମଧ୍ୟେ ଯେହ୍ନେ ଶୁଭ୍ରାଜ୍ୟୋତି ଖସେ
ଆଗମନୀ ବାର୍ତ୍ତା ଯେ,
ମଧୁ ବାଣ୍ଟି ଭୁବନ କରତା ସେ ।

ଅସୁର ବଳ ନାଶିନୀ ଭୋ ଦେବୀ ଶିବାନୀ
ଖଣ୍ଡା ଖର୍ପର ଧାରିଣୀ ସ୍ୱୟଂଭୁ ଭାବାନୀ
ବାରେ କର କୃପା ଯେ,
ଜଗତ ମୋହିନୀ ମାତୃ ରୂପା ସେ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗତେ ରହିବ ଯଶ



ପ୍ରହ୍ଲାଦ ଦଣ୍ଡସେନା

ଲକ୍ଷ୍ୟ ପଥେ ଭ୍ରମି  ଚିନ୍ତା କର ନାହିଁ
କର୍ମେ କର୍ମ ବୀର  ହୁଅ,
ଆଗତ  ଭବିଷ୍ୟେ  କଷ୍ଟ ନ ଭୋଗିବ
ମନ ପ୍ରତି ଧ୍ୟାନ ଦିଅ  ।
ଜଗତ ହିତରେ  ପୁଣ୍ୟାତ୍ମା ହୋଇଣ
କର ଜଗତ କଲ୍ୟାଣ,
ହିଂସା ଦ୍ୱେଷ ଛାଡ଼ି  ଆନନ୍ଦ ଉଲ୍ଲାସେ
ପୁଷ୍ପତୁଲ୍ୟ ବିତରଣ  ।
ମହତ ଆକାଂକ୍ଷୀ  ବାକପଟୁ ହୋଇ
କଟୁକ୍ତି ତ୍ୟାଗ ସକଳେ,
ଶାନ୍ତି ମୈତ୍ରୀ ପ୍ରୀତି  ବାନା ଉଡାଇକି
ଖୁସି ବାଣ୍ଟ ଦୁନିଆରେ  ।
ପର ଉପକାରୀ  ମହାତ୍ମା ଅଟନ୍ତି
ଫଳନ୍ତି ବୃକ୍ଷ  ସଦୃଶ,
ସୁକର୍ମ କରିଲେ  ଅମର ଲଭିବ
ଜଗତେ ରହିବ ଯଶ  ।

କବି ଶ୍ରୀଯୁକ୍ତ ପ୍ରହଲ୍ଲାଦ ଦଣ୍ଡସେନା
ସହକାରୀ ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ
ବିଦ୍ୟାଳୟ ଘୁନା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କୋଣାର୍କ



ରବି ନାରାୟଣ ସାହୁ

ରାଗ- ରାମକେରୀ

ବିଶ୍ୱେ ଅଦ୍ୱିତୀୟ ସାଜିଛି ଯାର ନାମ କୋଣାର୍କ ।
ଶ୍ରେଷ୍ଠ ଶିଳ୍ପୀ ସୁତ ଦାନ ସେ ସମଙ୍କା କ୍ଷେତ୍ର ଅର୍କ ।।

ଯାର ପ୍ରାଣ ପ୍ରତି ବଦଳେ ଗଲା ବାଳକ ପ୍ରାଣ ।
ବିଶୁମହାରଣା ଆତ୍ମଜ ଧର୍ମପଦ ତା ନାମ ।।

ବାରଶ ବଢେଇ ପ୍ରାଣ ଯେ ସେହି ଧରମା ପ୍ରାଣେ ।
ଯାହା ପାଇଁ ଅଛି କୋଣାର୍କ ବିଶ୍ୱେ ପ୍ରସିଦ୍ଧି ନାମେ ।।

ନିର୍ଜିବ ପ୍ରକୃତି ସମ୍ଭାର ସତେ ଅଛି ପୂରିତ ।
ପ୍ରତିଟି ଖୋଦିତ ମୂରତି ନେତ୍ରେ ଦିଶେ ଜୀବିତ ।।

ସେ କାଳ ନୃପତି ଲାଙ୍ଗୁଳା ନରସିଂହଦେବ ଯେ ।
ମନ୍ତ୍ରୀ ଶିବେଇକୁ କୋଣାର୍କ ଭାର ଦେଇଥିଲେ ଯେ ।।

ରବିରଥ ସମ କୋଣାର୍କ ଆଜି ସେହି ମୂରତି ।
ସତେ ସପ୍ତଅଶ୍ୱ ରଥରେ ବିଜେ ସଙ୍କାଙ୍କ ପତି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦ୍ରଭାଗା ଗର୍ଭ ଦେଶରେ ପଦ୍ମ ତୋଳାର ଗଣ୍ଡେ ।
ପଥରରେ ପ୍ରାଣ ସ୍ଥାପିତ ସ୍ୱତନ୍ତ୍ରତାକୁ ମଣ୍ଡେ ।।

ପ୍ରେମକଳାର ଗନ୍ଥାଘର ଯେ କୋଣାର୍କେ ଖୋଦିତ ।
ସତେ ନିଷ୍କାମ ର ମନରେ କରେ ପ୍ରଣୟ ଜାତ ।।

ନିହଣର ମୁନେ ଅଙ୍କିତ ଚାରୁକଳା ର ଛବି ।
ଉପମା ର ଯେ ଗନ୍ଥାଘର କିବା ଉପମା ଦେବି ।।

ସ୍ୱର୍ଣ୍ଣ ତ୍ରିକୋଣରେ ଯାହାର ନାମ ଅଛି ଉଲ୍ଲେଖ୍ୟ ।
ବିଶୁମହାରଣା ଶିଳ୍ପୀର ଯାହା ଥିଲାଟି ଲକ୍ଷ୍ୟ ।।

ସତେ ବିଶ୍ୱର ସର୍ବ ଚିତ୍ର ହୋଇଅଛି ଚିତ୍ରିତ ।
ସେ ଦୃଶ୍ୟକୁ ଦେଖି କିଏବା ନ ହୋଇବ ତୃପତ ।।

କେତନ ବିହୀନ ରଥର ପ୍ରାୟ ଆଜି ଶୋଭିତ ।
ତଥାପି ପଡିନି ନାମ ତା ମଳିନ ର ବଶତ ।।

ପୋତିଅଛି ବାଲି ମନ୍ଦିର ସିନ୍ଧୁ ଯାଇଛି ଘୁଞ୍ଚି ।
ସେବେ ର ପ୍ରାକୃତିକ ଶୋଭା କିଏ ଦେବଟି ସଞ୍ଚି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇତିହାସ ଯାର ଗାଉଛି ସଦା ଅମର ଗାଥା ।
ଶ୍ରେଷ୍ଠନର ପ୍ରତି ଆଜିର ଭାବ ସମାନ ପ୍ରଥା ।।

ସତେ କିବା ସ୍ୱର୍ଗୁ ଦୈଶିଳ୍ପୀ କୋଣାର୍କ ତୋଳିଥିଲେ ।
ଯେତେ ଦେଖିଲେ ବି ମୋ ମନ ସେହି ପରିକା ବୋଲେ ।।

ଭୁଷଣ୍ଡପୁର, ଖୋର୍ଦ୍ଧା
୭୭୮୯୯୨୪୨୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବ୍ୟକ୍ତ କୋହ



ସୁରେଶ ଚନ୍ଦ୍ର
ପାଢ଼ୀ

ଦୁଃଖ ଆସିଲେ ଝରେ ଆଖିରୁ ଲୁହ
କିନ୍ତୁ ଯାହା ସହି ହୁଏ ନି କହି ହୁଏ ନି
ସେଇ ତ ଅବ୍ୟକ୍ତ କୋହ
ସଂସାର ଭିତରେ କେତେ କଥା ମନେ
ମନେ ରହିଯାଏ
କେତେ ଦୁଃଖ ସାଥେ କେତେ ଯାତନା  ଅସହାୟ ହୋଇ ଯାଏ
ଝରି ଯାଏ ଆଖିରୁ ଲୁହ
ସେଇ ତ ଅବ୍ୟକ୍ତ କୋହ
ନିଜ ଲୋକ କେବେ ନିଜ ଶତ୍ରୁ ହୋଇ ଯାଏ
ଅକଥନୀୟ ଦୁଃଖ ସଦା ଦେଇଯାଏ
ଝରିଯାଏ ଆଖିରୁ ଲୁହ
ସେଇ ତ ଅବ୍ୟକ୍ତ କୋହ
ମନ ଯାହା ଖୋଜୁଥାଏ ପାଏ ନାହିଁ ସବୁ ବେଳେ
ଆଶା ନିରଶା ହୋଇ ଯାଏ ବୁଡ଼ାଇ ଦିଏ ଭାବନାରେ ବେଳେ ବେଳେ
ଝରି ଯାଏ ଆଖିରୁ ଲୁହ
ସେଇ ତ  ଅବ୍ୟକ୍ତ କୋହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ଆସେ ପୁଣି ଚାଲି ଯାଏ ବୟସ ବି ଗଡି ଯାଏ

ଅନେକ ସ୍ୱପ୍ନ ସବୁ ଭାଙ୍ଗି ଯାଏ ଚୁର୍ ମାର ହୋଇ ଯାଏ

ଝରିଯାଏ ଆଖିରୁ ଲୁହ

ସେଇ ତ ଅବ୍ୟକ୍ତ କୋହ

କେତେ ରୋଗ ଆସି ଦେହ କୁ ଦୁର୍ବଳ କରି ଦିଏ

କେତେ ଝଡ଼ ବତାସ ଜୀବନେ ଆସି

ଛାର୍ ଖାର କରି ଦିଏ

ଝରି ଯାଏ ଆଖିରୁ ଲୁହ

ସେଇତ ଅବ୍ୟକ୍ତ କୋହ

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପକ୍ଷୀ



ମଞ୍ଜୁଲତା ସିଂହ

ଡେଣାରେ ପର ଲାଗିଲେ

ପକ୍ଷୀକୁ କିଏ ସମ୍ଭାଳେ ଯେ... ?

ରଖିପାରେ ନିଜ ଅକ୍ତିଆରରେ.. ? ?

ଦେଖାଇ ପାରେ ତାକୁ ନିଜ ଇଚ୍ଛାମତେ ସ୍ୱପ୍ନ.. ? ?

ଖୁଣ୍ଟିଖାଣ୍ଟି ଆଣୁଥିବା ମାଆର ଚଂଚୁଏ ଆହାର

କଣ ମିଟାଇ ପାରେ ତମାମ ଜୀବନର

ଭୋକ ଆଉ ସ୍ୱପ୍ନ.. ? ?

ପକ୍ଷୀଟିଏ ସବୁବେଳେ ଉଡାଣଖୋର ।

ଖୋଲା ଆକାଶ ଛାତିକୁ ଉଡିଯିବାର

ଅଦମ୍ୟ ଲିପ୍ସାର ବିଭୋରତାରେ ଅଥୟ.. ।

ପ୍ରତି ମୁହୂର୍ତ୍ତରେ ଲହୁଲୁହାଣ ହୁଏ

ମାଆ ପକ୍ଷୀର ଭୀତତ୍ରସ୍ତ ଚେନାଏ ବିଶ୍ୱାସ.. ।

ବିଶ୍ୱାସ ଟିକକ ଜାବୁଡି ଧରି ତ

ଜୀବନ ଚାଲିଥାଏ ତା ବାଟରେ.. ।

ଆକାଶରୁ... ମାଟି

ନଈରୁ.. ସମୁଦ୍ର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନରୁ... ଜୁଇ

ସବୁଠି ଧାରେ ବିଶ୍ୱାସର ମୋହ

ଅବୋରିଥାଏ ଜୀବନର ଚୌହଦୀକୁ.. ।

ଯୋଡୁଥାଏ ଭଙ୍ଗା ତୁଟାର ଅଶାର ମହଲ ।

କେଜାଣି... ପକ୍ଷୀଟିଏ କେତେ ବୁଝେ

ଏ ଆବେଗ ପଣକୁ.. ? ?

କଅଁଳ ଡେଣାରେ ଖଣ୍ଡିଉଡା ଦେଉଥିବା ପକ୍ଷୀ

ଖୁବ ଫଡଫଡ ଉଡେ ଡେଣା ଶକ୍ତ ହେଲେ ।

ଆଗରେ ପରିବ୍ୟାପ୍ତ ଆକାଶର

ଆଦିଗନ୍ତ ଖୋଲାମେଲା ଛାତି ।

ତାରା ଭର୍ତ୍ତି ଆକାଶ..

ରାତି ଶେଷରେ ଶାଗୁଆ ସକାଳର

ମଧୁର ଆମନ୍ତ୍ରଣ,..

ସ୍ୱପିଳ.. ଫୁଲଫୁଟା ଋତୁର ସବୁଜ ପୃଥିବୀ..

ଯା.. ଉଡିଯା.. ପକ୍ଷୀ.. ଯେତେଦୂର ପାରୁ..

ହେଲେ.. ମନେରଖ..

ଏଠି ବି ଅଛି ଜହ୍ନ ତାରାର ପୃଥିବୀ

କୁଟାକାଠିର ନୀଡ଼ ଆରପାରେ

ଗହଳ ମାଣ୍ଡିଆ କିଆରୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏଇଠି ଖାଲି ଶୁଭେ ଜୀବନର

ଧୋ ବାୟା ଗୀତ... ।

ଏଇଠି ଖୁବ ମୁଲାୟମ ମାଆର କୋଳ..

ଆକାଶ ତ ଖାଲି ଶୁନ୍ୟ.. ମହାଶୂନ୍ୟ..

ଶୁନ୍ୟତାର ତାତିରେ ତରଳୁଥାଏ

ବଞ୍ଚିବାର ମୋହ..

ଆବେଗ ଓ ବିଶ୍ୱାସର ମହମ ଦୁର୍ଗ..

ଯା.. ଉଡିଯା.. ତୋ ଫେରିବା ଠିକଣା ନେଇ

ଭୁଲି ନ ଯା.. ତୋ ଫେରିବାର ବାଟ.. ।

ମନେରଖ.. ସ୍ୱପ୍ନ ପଛେ ଭାଙ୍ଗୁ

ହେଲେ... ବିଶ୍ୱାସ ନ ଭାଙ୍ଗୁ

ଶୈଳଶ୍ରୀ ବିହାର

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ କିଛି ବାଟ ମାତ୍ର



ପଙ୍କଜ କୁମାର
ମଙ୍ଗଳ

ଜୀବନର ବାଟ ସଳଖ ନୁହଇଁ ପ୍ରତି ମୂହୂର୍ତ୍ତ ସଙ୍ଘର୍ଷପୂର୍ଣ୍ଣ,
ସୁଖଦୁଃଖର ଚକା ଭଉଁରୀଟିଏ ବୁଲୁଛି ନିରବଚ୍ଛିନ୍ନ ।
ଆଜି ସୁଖ ହେଲେ କାଲିକି ଯେ କଷ୍ଟ ଏହି ଯେ ସଂସାର ନୀତି,
ତୁ ଛାର ମଣିଷ ଏ ନିରାଟ ସତ୍ୟରୁ କେମିତି ପାରିବୁ ବର୍ତ୍ତି ।
ଜୀବନ ହାଟରେ କର୍ମର ସଉଦା କରିବାକୁ ହେବ ସର୍ବତ୍ର,
ବିଶ୍ୱାସ ତୁଟାନି ଭରସା ହରାନି ଚାଲ ଆଉ କିଛି ବାଟ ମାତ୍ର ।

ଜୀବନ ଯେତିକି ସଙ୍ଘର୍ଷରେ ଭରା ସେତିକି ଯାଜ୍ଜ୍ୱଲ୍ୟମାନ,
ପଛଘୁଞ୍ଚା ଦେଲେ ତିମିରେ ହଜିବୁ ସତ ହେବନାହିଁ ସ୍ୱପ୍ନ ।
ସ୍ୱର୍ଣ୍ଣ ଯଦି ଡରେ ଅନଳ ଜ୍ୱାଳାକୁ ସେ କି ଶ୍ରେଷ୍ଠତା ପାଇବ,
ହାତୁଡ଼ି ପ୍ରହାର ଶୀଳା ନ ସହିଲେ ମୂର୍ତ୍ତି କେମିତି ହୋଇବ ।
ତୁ ଜୀବନ ଯୁଦ୍ଧରେ ଏକା ମହାରଥୀ ପ୍ରୟାସ ହିଁ ଶ୍ରେଷ୍ଠ ଅସ୍ତ୍ର,
ସେ ଅସ୍ତ୍ରକୁ ଧରି ଆଗେଇଯା ବୀର ଆଉ କିଛି ବାଟ ମାତ୍ର ।

ବିଜୟ ରହିଲେ ପରାଜୟ ଅଛି ପତନର ଅଛି ଉତଥାନ,
ବିଫଳତା ସ୍ୱାଦ ନ ଚାଖି କେହି ପାଇନି ସଫଳ ସ୍ଥାନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ଆସୁଛି କି ତୋର ଭାଗ୍ୟରେ ବିଧାତା ଲେଖିଛି କଷ୍ଟ,

ବିଧାତା ଜାଣିଛି ତୋରି ଭିତରେ ଲୁକ୍କାୟିତ ଅଛି ଶ୍ରେଷ୍ଠ ।

କର୍ମଯୋଗୀ ହୋଇ ଆଗକୁ ଜୀବନେ ହେଉଥା ଅଗ୍ରସର,

ପାହି ଆସିଲାନି ତ ଭାଗ୍ୟ ରଜନୀ ଆଉ କିଛି ବାଟ ମାତ୍ର ।

ରାଜାଠାରୁ ପ୍ରଜା କିମ୍ବା ବିଜ୍ଞାନୀ ଡାକ୍ତର ଯେତେ ପ୍ରେରଣା ଧରାରେ ଅଛି,

କେହି ଜନନୀ ଗର୍ଭରୁ ଧରିକି ଆସିନି ସବୁ କର୍ମ ଫଳରୁ ଲଭିଛି ।

କାହିଁକି ଭାବୁଛୁ ନିଜକୁ ଦୁର୍ବଳ ତୁ ଯେ ଶ୍ରେଷ୍ଠ ବୀର ହବୁ,

ମାନ ସମ୍ମାନ ପ୍ରତିଷ୍ଠା ମିଳିବ ଯେବେ ନିରନ୍ତର କର୍ମ କରୁଥିବୁ ।

କର୍ମଫଳ ଭଗିବାକୁ ଦିବ୍ୟାତ୍ମା ପୁରୁଷ ଆସନ୍ତି ଧରାକୁ ଅନବରତ,

ତୋରି କର୍ମକୁ ତୋତେ ଭଗିବାକୁ ହେବ ଆଉକିଛି ବାଟ ମାତ୍ର ।

ମେଘାଛନ୍ନ ଅମ୍ବରେ କିରଣ ଦିଶୁନି ହେଲେ ସୂର୍ଯ୍ୟ ଉଦୟ ହୋଇଛି,

ଅପେକ୍ଷା କର ଆଶା ନ ହରେଇ ଅନତି ଦୂରରେ କର୍ମଫଳ ତୋର ଅପେକ୍ଷାରେ ରହିଛି ।

ବିଫଳ ବଉଦ ହଟିଲେ ଜୀବନରୁ ସଫଳ ସୁରୁଯ ପାଇବୁ,

ଆଜି ସିନା ତୁ ଲୁପ୍ତ ପ୍ରାୟ ମଣି ହେଲେ ନିଶ୍ଚିତ ଦିନେ ଚମକିବା ।

ପ୍ରାରବ୍ଧ ଅପେକ୍ଷାରେ ବସ ନାହିଁ ବୀର କର୍ମ କରିଚାଲ ତୋହୋର,

କ୍ରିୟମାଣ କର୍ମ ଫଳ ମିଳିବ ନିଶ୍ଚୟ ଆଉ କିଛି ବାଟ ମାତ୍ର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆକୁ ଡରି ପଛଘୁଞ୍ଚା ଦେଲେ ବିଜୟୀ କେମିତି ହୋଇବୁ,

ନିଜ କର୍ମ ଯୁଦ୍ଧରେ ବନିଜା ସାରଥି ଯଦି ଲକ୍ଷ୍ୟରେ ଆଗକୁ ବଢିବୁ ।

ହଜି ଯିବୁ ଦିନେ କାଳର ଗର୍ଭରେ ଛାଡିବାକୁ ହେବ ଶରୀର,

ଶ୍ରେଷ୍ଠ କର୍ମ କରିଥିଲେ ମନେ ପଡିବୁ ତୁ ଯଦି ଆଜି ହେବୁ କର୍ମବୀର ।

ସୁନେଲୀ ଭବିଷ୍ୟ ପାଇବାକୁ ହେଲେ ଆଜି ଯନ୍ତ୍ରଣାରେ ବି କର୍ମକର,

ବାଟ ଅଗାଳିବନି ନିୟତୀ ତୋହୋର ଆଉ କିଛି ବାଟ ମାତ୍ର ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର

ଦୂରଭାଷ-୭୨୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେବକଙ୍କୁ ଅବିଚାର



ମହେଶ୍ୱର ସାହୁ

ଚାଳକଟି ଭାରି, ଯତ୍ନ ସଞ୍ଜମରେ,
ଚଳାଏ ମାଲିକ ଗାଡି ।
ଦାମୀ ଗାଡି ସିନା, କର୍ମ କ୍ଷେତ୍ର ତାର,
ପେଟରେ ଭୋକର ରଡି ।।

ସାରା ବରଷକ, କାମ କରି ଚଷା,
ନପାଏ ପେଟକୁ ଦାନା ।
ଋଣ ପରିଶୋଧ, ମହାଜନ ଚାପ,
ଚାଷୀକୁ ଦଣ୍ଡଇ ସିନା ।।

ପୁତ୍ର ଜନ୍ମଦେଇ, ପିତା ସୁଖ ପାଇ,
ଖୁସିରେ ବିଭୋର ହୋଇ ।
ସ୍ନେହ ସରଧାରେ, ବଢ଼ାଇ ପୁତ୍ରକୁ,
ବୃଦ୍ଧାଶ୍ରମ ଲୋଡ଼େ ଯାଇ ।।

କନ୍ୟା ରତ୍ନ ବୋଲି, ଅତି ଯତନରେ,
ଅଭାବ ନରଖି କିଛି ।
କନ୍ୟାଦାନ ପୂର୍ବେ, ପ୍ରେମିକର ସାଥେ,
ବନ୍ଧନକୁ ଯାଏ ପୋଛି ।।

ଭାରତୀୟ ଆମେ, ଆମେ ନାଗରିକ,
ଏହି ଭାରତ ମାଟିର ।
ନେତା ନିର୍ବାଚନେ, ନାହିଁ ଭଲ ମନ୍ଦ,
ଅର୍ଥ ପାଇଁ ବିକ ଶିର ।।

ଆମେ ରହିଛନ୍ତି, ନିଜ ବାସସ୍ଥାନେ,
ସୁରକ୍ଷିତ ରାତ୍ର ଦିନ ।
ଶତ୍ରୁ ସହ ଲଢ଼େ, ବିର ସଇନିକ,
ଜୟ ଜୟ ହେ ଯବାନ ।।

ସବୁରି କ୍ଷେତ୍ରରେ, ବଡ଼ଲୋକ ପାଇଁ,
ନିମ୍ନ ସ୍ଥାନର କୋହ ।
ସୁଖ ଶାନ୍ତି ଦେଇ, ଭୋକା ପେଟ ରହେ,
ପିଏ ନିଜ ଆଖି ଲୁହ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାଳୟାର ମହତ୍ତ୍ୱ



ବାସନ୍ତୀ ଲତା ଜେନା

ହିନ୍ଦୁ ମାନଙ୍କର ମହାଳୟା ପର୍ବ
ହିନ୍ଦୁ ଧର୍ମ ଶାସ୍ତ୍ର କହେ
ପାର୍ବଣରେ ଆସେ ମହାଳୟା ତିଥି
ପିଣ୍ଡ ଦାନ କରା ଯାଏ ।୧।

ଶରଧାରେ ଯାହା ଅର୍ପଣ କରନ୍ତି
କୁହା ଯାଏ ତାକୁ ଶ୍ରାଦ୍ଧ
ପିତୃ ପୁରୁଷଙ୍କ ସନ୍ତୁଷ୍ଟି ପାଇଁକି
ଅପର ପକ୍ଷଟି ସିଦ୍ଧ ।୨।

ମହାଳୟା ଶ୍ରାଦ୍ଧ ମଉଳା ଶ୍ରାଦ୍ଧରେ
ହୋଇ ଥାଏ ତ ବର୍ଣ୍ଣନା
ଅଶ୍ୱିନ ମାସର ପ୍ରଥମ ପକ୍ଷକୁ
ପିତୃ ପକ୍ଷ ହୁଏ ଗଣା ।୩।

ନାମ ଗୋତ୍ର ଜପ ମନ୍ତ୍ର ବଳେ ହୁଏ
ପିତୃ ପୁରୁଷ ତର୍ପଣ
ମହାଳୟା ଆଉ ପୟାଶ୍ରାଦ୍ଧ ଦିନ
ହୋଇ ଥାଏ ପିଣ୍ଡ ଦାନ ।୪।

ସୂର୍ଯ୍ୟ ଦେବ କନ୍ୟା ରଶି ମଧ୍ୟେ ଥିଲେ
ମହାଳୟା ହୋଇ ଥାଏ
ପିତୃ ପୁରୁଷଙ୍କୁ ଶ୍ରଦ୍ଧାର ସୁମନ
ଏହି ପକ୍ଷେ ଦିଆ ଯାଏ ।୫।

ପିତୃ ତର୍ପଣରେ ପିତା ରୁଦ୍ର ଦେବ
ପିତାମହ ବାସୁ ରୂପ
ପ୍ରପିତାମହଙ୍କୁ ଶ୍ରାଦ୍ଧ ବଢ଼ା ଯାଏ
ସେତ ଆଦିତ୍ୟ ସ୍ୱରୂପ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଳୟା ପିଣ୍ଡେ ସର୍ବ ଦେବ ଋଷି
ପିତୃଲୋକ ଉପସ୍ଥିତି
ତିଳ କୁଶ ମନ୍ତ୍ର ଆବଶ୍ୟକ ହୁଏ
ବ୍ରାହ୍ମଣ କରନ୍ତି ଶାନ୍ତି ।୭।

ନାମ ଗୋତ୍ର ସବୁ ଉଚ୍ଚାରିତ ହୁଏ
ସଂସ୍କୃତି ଆମ ଚଳଣି
ଅନ୍ନ ଦାନ କଲେ ପୁଣ୍ୟ ଫଳ ମିଳେ
ହିନ୍ଦୁ ଧର୍ମ ପ୍ରିୟ ବାଣୀ ।୮।

ସନାତନ ଧର୍ମ ଭଗବାନ ସୃଷ୍ଟି
ସେତ ପିଣ୍ଡ ଦାନ ଦ୍ୟନ୍ତି
ପିତା ବସୁଦେବ ଜନନୀ ଦେବକୀ
ନନ୍ଦ ରାଜା ଯଶୋମତି ।୯।

ଦଶରଥ ପିତା କଉଶଲ୍ୟା ମାତା
ଆଜ ଦିନେ ପିଣ୍ଡ ପାନ୍ତି
ନର ରୂପେ ପ୍ରଭୁ ମର୍ତ୍ତ୍ୟରେ ଜନମି
ରଖି ଯାଇଛନ୍ତି କିର୍ତ୍ତି ।୧୦।

ଶ୍ରାଦ୍ଧ ଦେଉଥିଲେ ପିତୃ ପୁରୁଷଙ୍କୁ
ବୁଦ୍ଧି ଆୟୁ ଯଶ ଖ୍ୟାତି
ପୁଣ୍ୟ ଲାଭ ହେବ ନୂତନ ପିଢ଼ିର
ପାଇବା ଅମାପ ଶାନ୍ତି ।୧୧।

ଶ୍ରାଦ୍ଧ ଦିବସରେ ଏକ ବେଳା ଅନ୍ନ
ଭୋଜନରେ ତୃପ୍ତି ହେବ
ନଦୀ ପାର ହୋଇ କେବେ ଯିବ ନାହିଁ
ଅନ୍ୟ ଘରେ ନ ରହିବ ।୧୨।

ନିଶ ଦାଢ଼ି କଟା ଅପର ପକ୍ଷ ରେ
ହୋଇ ଥାଏ ତ ବାରଣ
ନୀତି ନିୟମକୁ ପାଳନ କରିଲେ
ସୁଖ ରେ କାଟିବ ଦିନ ।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ନିତ୍ୟରଞ୍ଜନ ନନ୍ଦ

ବିଚିତ୍ର ଏ ଜୀବନ,
ଯେତେ ଦେଖିଲେ ବି ନୂଆ
ଯେତେ ପଢିଲେ ପଢା ସରେନା
ଯେତେ ବୁଝିଲେ ଅବୁଝା
ଜୀବନ ଗଣିତକୁ ଯେତେ କଷିଲେ ଛିଣ୍ଡେନା
ସ୍ନେହ ପ୍ରେମର ଲୁଚକାଳି ଖେଳ ଏଠି
ଲୋଭ ମୋହ ହିଂସାବାଦର ପ୍ରକୋପ ସବୁଠି ।

ଜୀବନ ମାନେ ଏଠି ଯନ୍ତ୍ରଣାରେ ଜଳିବା
ସୁଖ ଟିକେ ପାଇବାକୁ ମରୀଚିକା ପଛେ ଧାଇଁବା
ଆଗକୁ ଚାହିଁଲେ ଶୂନ୍ୟତା
ପଛକୁ ଅନାଇଲେ ନିର୍ଜନତା
ଦୁଇକଡେ ନୀରବତା ଆଉ ନିଃସଙ୍ଗତା ।

ହେ ପ୍ରଭୁ,
ଯଦି ମତେ ଦେଇଛ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର ମତେ ପୃଥିବୀ ପରି ସହନଶୀଳା

ଆକାଶ ପରି ଅସୀମା

ସମୁଦ୍ର ପରି ସ୍ନେହଶୀଳା

ଶ୍ୱାସ ପ୍ରଶ୍ୱାସରେ ଭରିଦିଅ ଶକ୍ତି ଓ ସାହସ

ଧୈର୍ଯ୍ୟ ଦିଅ ପିଇବାକୁ ସବୁ ଦୁଃଖ ନୀଳକଣ୍ଠ ସାଜି ।

ଡି.ଏଲ.ଏ-୧୨

ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର-୭୫୧୦୧୦

ଦୂରଭାଷ- ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେକ୍ ଆଇଡ଼ି



ଶିଶିର କୁମାର ପଣ୍ଡା

ବାଙ୍କଚୂଳ ବାବୁ ନୂଆ ନୂଆ ଏବେ
ଖୋଲିଛନ୍ତି ଫେସ ବୁଉକୁ
ବୟସ ଛପନ, ହେଲେ ଟୋକାଭଳି
ବଦଳି ଗଲାଣି ଲୁଉକୁ  ।
ଘଡ଼ି ଘଡ଼ି ଏବେ ମୁହଁ ଦେଖାହୁଏ
ହାତରେ ଧରିକି ଆଇନା
ବନ୍ଧୁ ହୋଇଛନ୍ତି ଏବେ ଯାହାସଙ୍ଗେ
ସିଏ କାଳେ ମିସ୍ ଡାଇନା  ।
ମୁନାବୋଉ ଆଉ ଭଲ ଲାଗୁନାହିଁ
ଦିଶିଲାଣି ବୁଢ଼ୀ ଭଳିଆ
ଡାଇନା ପାଖରେ ଯ୍ଧା ମୁହଁ ସତେ
ଯେମିତିକା ଗଦା ଅଳିଆ  ।

ମେସେଞ୍ଜର୍ ଖୋଲି କେତେ ଖୁସି ଗପ
ହଉଛନ୍ତି ସିଏ ରାତିରେ
ଭୋକଶୋଷ ବୁଲି ଉଲୁସି ଉଠନ୍ତି
କୁତୁକୁତୁ ଭାବ ଛାତିରେ  ।
ସେଦିନ ଦେଖିଲି ବାଙ୍କଚୂଳ ବାବୁ
ବସିଛନ୍ତି ମୁହଁ ଓଳେଇ
ପୁଛା କରିବାରୁ କାରଣ ତାହାର
କଥାଟିକୁ ଦେଲେ ଗୋଳେଇ  ।
କହୁକହୁ ସିଏ ଗୁମର ଖୋଲିଲେ ,
ଡାଇନା କୁଆଡ଼େ ପୁଅଟେ
ଫେକ୍ ଆଇଡିରେ ଲଗେଇ ଦେଇଛି
ସୁନ୍ଦରୀ ଝିଅର ମୁହଁଟେ  ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର ଭ୍ରମ



ସରୋଜ କୁମାର ସାହୁ

କିଛିକିଛି କଥା କହି ମୁଁ ପାରେନା
ତଥାପି ମନରେ ଲଗାଏ ଦାଗ
ନିଇତି ଆଖିର ପଲକେ ଭାସଇ
ଛୁଇଁଗଲା ମୋତେ ଏ କି ରୋଗ ।

ଓଠତଳେ ଖେଳେ ଲୁଚାଛପା ହସ
ଚାଲିଯାଏ ପାଦ ଦୂରରୁ ଦେଖି
ସବୁ ତ ଦିଶଇ ତମେତମେ ବୋଲି
ଆସୁଅଛ ବୋଧେ ଅଳତା ମାଖି ।

ଚିହ୍ନାଁଜଣା ପରି ଲାଗ ମୋତେ ଭାରି
ପଚାରି ପାରେନା ଠିକଣା ନାମ
କାହାକୁ କହିବି ସପନର କଥା
ସତ ଅବା ଇଏ ମନର ଭ୍ରମ ।

ଖୁଣ୍ଟୁଣୀ, ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭୁଲ କରିଥିଲି



ରୁଦ୍ର ନାରାୟଣ ଦାଶ

ମୁଁ ତୋତେ ଭଲପାଇ ଭୁଲ କରିଥିଲି
ସତେ ଯେପରି କୁମୁଦ ଶଶୀକୁ ଦେଖି
ମନ ଦେଇଦେଲା ପରି
ଶରତ ଶିଶିର କାଶତଣ୍ଡୀକୁ
ବାହୁ ରେ ଧରି ରଖିବା ପରି
ସେପରି ମୁଁ ବି କେତେ କ'ଣ ଭାବିଥିଲି
ସତେ ତୁ ତ ସେ ଦୂର ପାହାଡ଼ର ଅପ୍ସରୀ ।।

ମାତ୍ର; ଏମାନେ ବା କ'ଣ ଜାଣନ୍ତି
ମନ ଚଗଲା ହେଇ ଧାଇଁଯିବ କେତେବେଳେ
ପୁଣି ଖସିଯିବ ଯୌବନ ପାହାଚ଼ରେ
ଲାଗିଥିବା ଶିଉଳିରେ ଚଟ୍ କିନା

ଉଠାଇବେ ଆସି ପୁଣି କେତେ କେତେ ଜହ୍ନ,
ଶରତ ଶିଶିର ଧରିନେବେ
ସେଇ ଗୋଟେ ରାତିର ଉଦବେଳିତ ମନକୁ
ପଲଙ୍କରେ ରଙ୍ଗାୟିତ କରିବା ପାଇଁ ।।

ଏପରି ବି କରିଥିଲୁ ତୁ ମୋ ସହ
ସେହି ପୂର୍ଣ୍ଣିମୀର ଦ୍ୱିତୀୟ ପ୍ରହରରେ
ଛାଡ଼ିଗଲୁ ଆଉ କାହା ପାଶେ
ଏଇ ଯେମିତି ଶଶୀ ଆଉ ଶିଶିର ପରି... ।।

ଠିକଣା- ଭୁବନେଶ୍ୱର
ମୋ- ୯୮୬୧୭୦୧୭୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଶୁଣୁଛ



ଲିଟନ୍ କୁମାର ବେହେରା

ତମେ କୁହୁଡି ହେଇ ଯିବକି ?
ମୁଁ ଲୁଚିବାକୁ ଚାହେଁ ..
ପାରିବତ ଅନ୍ଧାରବି ହେଇଯାଅ
ମୁଁ ହଜିଯିବାକୁ ଚାହେଁ ।

ହେଇଟି ଶୁଣୁଚ !
ଶ୍ରାବଣ ଆସିଚି ପରା
ବର୍ଷାବି ହେଇଯାଅନା,
ମୁଁ ଟିକେ ଭିଜିବାକୁ ଚାହେଁ ।

ଆଉ ମେଘ ଆକାଶରେ
ଇନ୍ଦ୍ରଧନୁ ହେବାକୁ ଭୁଲିବନି,
ମୁଁ ସେ ରଙ୍ଗରେ
ନିଜକୁ ରଙ୍ଗେଇବାକୁ ଚାହେଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରୀତି ପସରା



ବୀଣା ସାହୁ

ପ୍ରାଣ ପକ୍ଷୀ ଆଜି ଝୁରୁଛି ଝୁରିବ
ହୃଦୟ ରେ ପ୍ରେମ ସରାଗ ଭରା
ପ୍ରୀତି କାଦମ୍ବିନୀ ଝରିପଡେ ଖୋଜି
ପାଇବାକୁ ଟିକେ ପ୍ରୀତି ପସରା ।

ତୁମ  ଅନୁରାଗ ସାଇତି ରଖିଛି
ରଖିଥିବି ମୁହିଁ ଜୀବନ ସାରା,
ହୃଦୟ ମନ୍ଦିରେ ଜାଗା ଦେଇ ମତେ
ପ୍ରେମ କୁ ଦେଇଛ ତୁମେ ସାହାରା ।

ହୋଇଛ ତୁମେ ମୋ ଦେହର ଛାଇଟେ
ଅନାବିଳ ସ୍ନେହ ଶରଧା ଦେଇ
ବିଶ୍ୱାସର ବେଗ ବାସ ଚନ୍ଦନରେ
ହସୁଥାଉ ସଦା ପ୍ରୀତି ବୁହାଇ ।

ବିଶାଳ ହୃଦୟ ପାଇଛ ତୁମେ ତ
ରଖିଥିବ ମୋତେ ଛାତିରେ ଚାପି
ନିତି ଶୁଣୁଥିବି ତୁମ ସ୍ପନ୍ଦନ ମୁଁ
ପ୍ରୀତିର ଗୁମ୍ଫାରେ  କୁଶଳେ ଛାପି ।

ପ୍ରାଣ ପ୍ରିୟ ତୁମେ ପ୍ରେରଣା ଆଦର୍ଶ
ମୋ ପାଇଁ ବିଶ୍ୱାସ ବୋଲା ପୀୟୂଷ
ପୁଜୁଥିବି ମୁହିଁ ଦିବସ ରଜନୀ
ପ୍ରୀତି ପସରାରେ ମାରି ନିଃଶ୍ୱାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତିଭା ଓ ଜ୍ୟୋତି ସୌନ୍ଦର୍ଯ୍ୟର ପ୍ରୀତି
ତୁମ ସ୍ନେହ ଶ୍ରଦ୍ଧା ବୋଳା ଆଦର
ମୋ ପାଇଁ ତ ସବୁ ପିରତୀ ପସରା
ତୁମେ ମୋ ପ୍ରେମର ଉନ୍ମୁକ୍ତ ଦ୍ୱାର ।

ତୁମ ମଧୁ ଗୁଞ୍ଜନର ଛାଇ ତଳେ
ମନ ମୋ ଝୁରୁଛି ପ୍ରତି ମହୁର୍ତ୍ତ
ତୁମ  ସ୍ୱଚ୍ଛ ନିରିମଳ ମହକରେ
ନାଚି ଉଠୁ ପୂର୍ଣ୍ଣ କଳସୀ ସ୍ୱତଃ ।

ବୁକୁତଳ ତୁମ ସାଇତା ସ୍ନେହର
ପାଇଛି ମୁଁ ଅଫୁଟା ଶିହରଣ
ପ୍ରୀତି ପସରାର ଫୁଲଟିଏ ହୋଇ
ମହକାଇଦେବି ପ୍ରଣୟ ବନ ।

ଟାଟାଷ୍ଟିଲ, କେନ୍ଦୁଝର*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ମତଟିଏ



ନାରାୟଣ ଚନ୍ଦ୍ର ସେନାପତି

ହୃଦୟର କୁଞ୍ଜବନରେ ଦୋଳି ଖେଳୁଥିବା ପାରିଜାତଟିଏ ମୁଁ
ଯେଉଁଠି ଦେଖେ ସ୍ରଷ୍ଟାଙ୍କ ପ୍ରେମମୟ ଭାଷା
ଆଦରରେ ବିତରେ ଟିକେ ମୋ ମନରେ ବାସ
ସଭିଙ୍କୁ ଖୁସି ଦେଇ ହସ ଦେଖିବା ମୋ ଲକ୍ଷ୍ୟ
କେବେ ଚାହେଁନା କରିବାକୁ କା ମନ ହୃଦୟ କ୍ଷତ
ବରଂ କ୍ଷତକୁ ଯେବେ ଚୁମେ ମୋ ଭାଷା
ପ୍ରେରଣାରେ ଉତ୍‌ଫୁଲ୍ଲିତ ପ୍ରତିଭା ଖୁସିରେ ମାରେ
ଆନନ୍ଦର ଦୀର୍ଘଶ୍ୱାସ ।

କେବେ ମୁଁ ସାଜେ ଜଳନ୍ତା ଦୀପର ବଳିତା ତେଜୁଥିବା ଛୋଟ କାଠିଟିଏ
ଆଉ କେବେ ଶୋଇଥିବା ଶିଶୁ ପାଇଁ ପ୍ରଭାତର କାଉ ରାବ
ହାତ ଧରି ନେଇ ନେଇ ଅନୌପଚାରିକ ଭାବେ ଶିଖାଏ କେତେ ତଥ୍ୟ
ଅଜାଣତରେ କରେ କେତେ ଭ୍ରମ ସଂଶୋଧନ
ପ୍ରତିଭାପାଇଁ ସାଜେ ଅନୁକୂଳର ତରଣୀଟିଏ
ଆଉ କେବେ ସନ୍ତାନପାଇଁ ଯେପରି ମମତାର ଲୁଗାକାନି
ସ୍ନେହ ପ୍ରେମ ପ୍ରୀତି ମମତା ବୋଳା ଶରଧାର ପଞ୍ଚାମୃତଟିଏ ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ ଥରେ ଚାଖେ ସେ କରେ ଆତ୍ମୀୟତାର ଅନୁଭବ ।

କଳ୍ପନାର ଇନ୍ଦ୍ର ଭୁବନରେ ବିଚରଣ କରୁଥିବା ସୁନ୍ଦରୀ  ପରୀଟିଏ ମୁଁ

ନିଷ୍କପଟ ଭେଦ ଭାବ ଶୁନ୍ୟ ନୁହେଁ କେ ମୋ ପରି

ଯାହାକୁ ଭାବେ ମୋ ପ୍ରେମ ପ୍ରଣାୟିନୀ

ବିନା ଦ୍ୱିଧାରେ ଅନାବିଳ ପ୍ରେମ ଦିଏ ସେ ଅଜାଡି

ଉତ୍ସାହ ପ୍ରୋତ୍ସାହନ ର ମନ୍ତ୍ର ଜପୁଥିବା କୁନି ସାଧକଟିଏ ମୁଁ

ତୋଷମଦ କୁ ଦେଇଥାଏ ଜୀବନ୍ନୁ ମାରି

ମୋ ପ୍ରେମର ଛୁଆଁ ସଫଳତାର ଶୀର୍ଷ ଛୁଉଁ

ଅନ୍ତରରେ ଭାବୁଥିବା ପ୍ରିୟ ମତଟିଏ ମୁଁ

ରହିଛି ରହିବି ଚିରଦିନ ପାଇଁ

ଉନ୍ନତିର ସ୍ୱପ୍ନକୁ ଜାବୁଡି ।

ଜମ୍ବୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଅବଦାନ



ଆଦରମଣି ପ୍ରଧାନ

ତୁମରି ପ୍ରେମକୁ ଭଲପାଏ ବୋଲି
ନିଜ ସତ୍ତା ଭୁଲିଯାଏ
ସବୁଠାରୁ ତୁମେ ଅନ୍ତରଙ୍ଗ ବୋଲି
ସଦା ମୁଁ ଯେ ଝୁରୁଥାଏ । ୧

ଜୋଛନା ପରଶେ ହସିଉଠେ ଯେବେ
ସରୋବର ମଧ୍ୟେ କଇଁ
ମନ ଆନନ୍ଦରେ ତୁମକଥା ଭାବେ
ଏ କଥା କି ବୁଝ ନାହିଁ । ୨

ନବ ମୁକୁଳିତ ଚ୍ୟୁତଡାଳ ମଧ୍ୟୁ
କୋକିଳର ମୃଦୁ ତାନେ
ସ୍ନେହଁ ସରାଗର ରାଗିଣୀ ତୋଳି
ତୁମେ ଉଭା ହୁଅ ମନେ । ୩

ସରତ ସନ୍ଧ୍ୟାରେ ଶେଫାଳି ଫୁଲଟି
ସଙ୍ଗୀତମୁଖର ହୁଏ
ମୋ ଅନ୍ତର ମଧ୍ୟେ ତୁମ ପାଇଁ ମୁଁ ଯେ
ପ୍ରେମର ସୌଧ ତୋଳିଥାଏ । ୪

ପବନ ପରଶେ ପୁଷ୍ପରାଜି ଯେବେ
ମୃଦୁ ମୃଦୁ ଝୁଲି ହସେ
କୁସୁମ ସୌରଭ ମଧ୍ୟରୁ ମୁଁ ଅବା
ତୁମ ସତ୍ତା ଖୋଜି ବସେ । ୫

ସିଙ୍ଗିଟି, ମତୋ, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ଡଃ ମାଙ୍ଗଳିକା
ମହାପାତ୍ର

ବର୍ଷା ...
ତୁମେ କେତେବେଳେ
ଅଦିନିଆ ହେଇ ଆସ
ପୁଣି କେତେବେଳେ ଖବର
ଦେଇକି ମଧ୍ୟ ଆସନି
କେତେବେଳେ ତନୁ ମନ
ଓଦା କରିଦିଅ...
ପୁଣି କେତେବେଳେ ଶୁଷ୍କତାର
ପରିଭାଷା ବୁଝାଇଦିଅ...
ବର୍ଷା...
ତୁମେ ସତରେ କଣ
ଆକାଶ ଓ ଧରଣୀ ମଝିରେ
ସମ୍ପର୍କ ର ଏକ ସେତୁ
ନା ଆକାଶର ବେଦନାସିକ୍ତ ଅଶ୍ରୁ
ନା ଧରିତ୍ରୀର ପିପାସା
ମେଣ୍ଟାଇବାର ଏକ ପ୍ରୟାସ
ବର୍ଷା...
ତୁମେ କଣ ସତରେ କବିର ମନୋରମା
ନା ଚାଷୀର କଳ୍ପନାର ପେନୋରମା
ତୁମେ ଅବିରତ ଧାରା
ନା କିଛି ସମୟର  ଦିଗହରା...
ବର୍ଷା
ତୁମକୁ ନେଇ ଏତେ ସନ୍ଦେହ କାହିଁକି
ତୁମକୁ ନେଇ ଏତେ କଳ୍ପନା କାହିଁକି
କାହିଁକି ତୁମେ କାହା ପାଇଁ ଛଳନା
କାହିଁକି ଏ ସୃଷ୍ଟି ତୁମ ପାଇଁ ଏକ ଖେଳନା
ବର୍ଷା ବର୍ଷା ବର୍ଷା...
ବୁଝିପାରେ ମୁଁ,
ତୁମେ କେବଳ ତୁମେ
କେଉଁ ରୂପରେ କିଏ ପାଇବ ତୁମକୁ
ସେ ତ ତା ନିଜ ମନର ଭାବନା...

ରେଭେନସା ବିଶ୍ୱବିଦ୍ୟାଳୟ, ୯୪୩୭୮୬୧୯୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତରେ ମାଁ ଶାରଦା



ଦିନେଶ୍ ମେହେର

ଶରତର ଆଗମନେ

ଶତ ଶତଦଳ ମୁଖରିତ ହୁଏ

ପଙ୍କ ପୁଷ୍କରିଣୀ ଖେଳିଉଠେ

ଆନନ୍ଦ ଉଲ୍ଲାସ ରେ ।

ଧରଣୀ ରାଣୀ ମଥା ଭରିଯାଏ

ସବୁଜ ଶସ୍ୟ ଧନ୍ୟ ମୁକୁଟରେ

ଚଉଦିଗ ପାର୍ବଣର ଋତୁରେ

ଭକ୍ତି ଭିତରେ ହଜିଯାଏ ।

ଶରତ ଶୁକ୍ଳପକ୍ଷ ସପ୍ତମୀ ତିଥିରେ

ମାଁ ସିଂହବାହିନୀ ଧରାବତରଣ କରେ

ଦୟାମୟୀ ମାଁ ଆଗମନି

ଧରାପୃଷ୍ଠେ ପାପୀ ନାଶି, ଦୁଃଖୀ ଦୁଃଖ ହରେ ।

କେତେ ରୂପେ କେତେ ନାମେ

ମହୀମଣ୍ଡଳେ ପୂଜା ପାଏ

ଦୁଃଖୀ ହୃଦୟ ର ଦୁଃଖ ଲାଘବ କରି

ନୂଆ ଜୀବନର ପଥ ଦେଖାଏ ।

କିଏ କହେ ଦୁର୍ଗା, କିଏ କହେ ଦଶଭୁଜା

ପୁଣି ମାଁ ସାରଦା

କିନ୍ତୁ !

ମୂଳ ଅକ୍ଷର ଯେ ମାଁ,

ସେ ବା ଜଗତର ମାଁ ଜଗତ୍ ଜନନୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦଶମୀରେ ମାଁ ମୃଣ୍ମୟୀ ବେଶେ
ଦର୍ଶନ ଦିଏ କୋଟି ଭକତ ନୟନେ
ଉଗ୍ର ରୂପ ଦର୍ଶନ ଅଭିଳାଷେ
କୋଟି ଭକତ ଚାହେଁ ଲକ୍ଷେ ଆନନ୍ଦେ ।

ଦୁଃଖର ନଈଁ ଶୁଖେଇ ଦେଇ
ସୁଖ ଦେବ ମାଁ ଢାଳି
ଏତିକି ନୀତି ମାଗୁଛି ମୁହିଁ
ବେନି ହାତ ପାତି ।

ପଳାସ,କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଏକ ଅଲଗା ପ୍ରକାର



ରଶ୍ମୀବାଳା
ଶତପଥୀ

ଯେତେ ଭୁଲିବାକୁ ଚେଷ୍ଟା କରେ
'ଏ ମନ ମାନେନା',
ସବୁବେଳେ ଭାବେ ମୁଁ ଯେ
'ମୋ କୋଳ ତୋ ଝୁଲଣା' ।

ବୁଝିବାକୁ ମୋତେ ଥରେ ଚେଷ୍ଟା
କର ମୋ 'ସାଥୀରେ',
ଓଠ ଖୋଲି ଥରେ କହିଦିଅ ମୋତେ
'ଆଇ ଲଭ୍ ୟୁ' ପ୍ରିୟାରେ ।

ତୁମ ପାଇଁ ଛାତିରେ ମୋର
'ସମଥିଙ୍ଗ ସମଥିଙ୍ଗ' ହୁଏରେ,
'ଛାତିରେ ଲେଖିଛି ତୋରି ନାଁ'
ଏ କଥା ଥରେ ବୁଝି ଯାଅରେ ।

'ମୁଁ ପ୍ରେମୀ ମୁଁ ପାଗଳ' ତୁମ ପାଇଁ
ଜାଣେନା କାହିଁକି
ତୋ ପାଇଁ ଜାଣିପାରୁନି ଆଜି ମୋ
ମନ 'ଆକାଶେ କି ରଙ୍ଗ ଲାଗିଲା' ।

'ରହିଛି ରହିବି ତୋରି ପାଇଁ' ପ୍ରିୟାରେ
ଆମ ଏ ବନ୍ଧନ ଯୁଗ ଯୁଗର,
'କଥା ଦଉଛି ତୁମ ମଥା ଛୁଇଁ'
'ପାରିବେନି କେହି ଅଲଗା କରି' ।

'ବାଳୁଙ୍ଗା ଟୋକା' ଥିଲି ମୁଁ କଲ
ତମେ ମୋତେ ସୁନା ପିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଡହରା ଟୋକା' ବୋଲି ସବୁ ଡାକୁଥିଲେ

ଏବେ କହୁଛନ୍ତି ଭଲ ପିଲା ।

'ରୋମିଓ ଦ ଲଭର୍ ବୟ୍' ହେଲି

ତୁମ ପ୍ରେମରେ ପଡ଼ିଲା ପରେ,

'ଇସ୍କ ତୁ ହି ତୁ' କହୁଛି ଏବେ ମୋ

ହୃଦୟ ସବୁ ସମୟରେ ।

'ମୁଁ ସପନର ସୌଦାଗର' ସାଜି

ଚୋରି କଲି ତୁମ ସପନ,

'ତୋ ବିନା ଭଲ ଲାଗେନା' ସତରେ

ତୁମ ସ୍ପର୍ଶେ ଆସେ ଶିହରଣ ।

'ପାଗଳ କରିଛି ପାଉଁଜି ତୋର' ଲୋ

ଏ ମନ ତତେ ହିଁ ଝୁରେ,

କେବେ ଆସିବ ମୋ ଜୀବନେ ତମେ

କହି ଦିଅନା ତୁମେ ଥରେ ।

ସ୍ଥାନ - ଯାଜପୁର ଟାଉନ୍, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପାହାଚ



ଝରଣା ବାରିକ

ଜୀବନ ସାରା ଅକ୍ଲାନ୍ତ ପରିଶ୍ରମ କରି
ଥକି ପଡ଼ିଲେ ବି ମୁଁ ଠିକ୍ ଅଛି
କହି ପୁଣି ନିଜ କାମରେ
ବାହାରି ଯାଆନ୍ତି ଯିଏ
ସିଏ ବାପା ।

ଝାଲୁଆ ବାସ୍ନାର ମଳି ଧୂଳି ଜାମାକୁ
ସଫା କରି ପିନ୍ଧି ଦେଇ ମୋର
ଆଉ ଦୁଇ ବର୍ଷ ଚଳିଯିବ
ନୂଆ ଜାମାର ଆବଶ୍ୟକ ନାହିଁ
ବୋଲି ଯିଏ କହୁଥାନ୍ତି
ସିଏ ବାପା ।

ପିଲାମାନଙ୍କୁ ସାଙ୍ଗରେ ବସେଇ
ବଳେଇ ବଳେଇ ପେଟ ପୁରା
ଖୋଇ ସାରି ବଳକା ଖାଇବାକୁ ଖାଇ
ଯିଏ ଆତ୍ମ ସନ୍ତୋଷ ଲାଭ କରନ୍ତି
ସିଏ ବାପା ।

ନିଜ ପକେଟ୍ ଖର୍ଚ୍ଚରୁ ବଞ୍ଚେଇ
ଯିଏ ପିଲାଙ୍କ ପାଇଁ ଖେଳଣା
କିଣି ଘରକୁ ଆଣି
ଆମ ଓଠରେ ହସ ଦେଖି ଯିଏ
ଖୁସି ହେଇ ଯାଆନ୍ତି
ସିଏ ବାପା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଃଖ ବେଳେ ଆଖିର ଲୁହକୁ ଲୁଚେଇ

ଛାତିର କୋହକୁ ସମ୍ଭାଳି

ଯିଏ ପରିବାରକୁ ସାହାସ ଦିଅନ୍ତି

ସିଏ ବାପା ।

ଆକଟ କରି ନାଲି ଆଖି ଦେଖେଇ

ଯିଏ ଅବାଟ ରୁ ବାଟ କୁ ଆଣନ୍ତି

ଛାତିରେ ଭଲ ପାଇବାକୁ

ଲୁଚେଇ ଯିଏ ସବୁ ବେଳେ ଆମ

ଭଲ ଚିନ୍ତା କରି ଗାଳି ଦିଅନ୍ତି

ସିଏ ବାପା ।

ଜୀବନ ଆରମ୍ଭ ର ପ୍ରଥମ ପାହାଚ

ଚଢିବା ପାଇଁ ଯିଏ ଆମ ହାତ ଧରି

ଛାତ ପର୍ଯ୍ୟନ୍ତ ନେଇ ଯାଆନ୍ତି

ସିଏ ବାପା ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଛକୁ ଦେଖିବା ମନା



ବିନୟ ମହାପାତ୍ର

ପଛକୁ ଦେଖିବା ମନା

ଅତୀତ କାଳେ ଦୁଃସ୍ୱପ୍ନଟିଏ,

ଇତିହାସ କାହା ପାଇଁ

ଭଗ୍ନ କୋଣାର୍କର ଉଜୁଡା ମୁଖଶାଳା

କାହା ପାଇଁ ଭୂତକୋଠି,

କାହା ପାଇଁ ପରିତ୍ୟକ୍ତ ପାନ୍ଥଶାଳା ।

ପଛକୁ ଦେଖିଲେ, କେବେ ଛାତି ଥରି ଯାଏ

କେବେ ଆଖି ଭରି ଯାଏ ଅସରା ଲୁହରେ

କେବେ ପୁଣି ମନ ହୁଏ ଲେଉଟି ଯିବାକୁ

ଆଉ ଥରେ ସେଇ ଉଜାଣି ସୁଅରେ,

ହେଲେ, ମନ ଡରି ଯାଏ

କେଉଁ ଏକ ଅଜଣା ଭୟରେ ।

କେବେ ମନ ହୁଏ

ଅତୀତରୁ ସାଉଁଣ୍ଟି ଆଣିବାକୁ

କିଛି ଅଧା ଦେଖା ସ୍ୱପ୍ନ,

ଗୋଟେଇ ଗାଟେଇ ଚାଙ୍ଗୁଡି ଭରିବାକୁ

ଅଦିନରେ ଝରି ଯାଇଥିବା

କିଛି ଚିହ୍ନା ଅଚିହ୍ନା ମହକର ଫୁଲ ।

କେବେ ପୁଣି ମନ ହୁଏ,

ବନ୍ଦ ହାତ ମୁଠାରେ ଭରି ନେବାକୁ

ଆଉ ମୁଠାଏ ସମୟର ଚୋରାବାଲି,

ଆଉ କିଛି ମିଠା ମିଠା ହସ

କିଛି ଅଭୁଲା ମୁହୂର୍ତ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧା ବାଟେ ହଜି ଯାଇଥିବା

କିଛି ସ୍ମୃତି, କିଛି ପ୍ରୀତି

ଆଉ କିଛି ପ୍ରଣୟର ଅଭୂଲା ଅତୀତ ।

ଆଗକୁ ଦେଖିବା ମନା

ସାମ୍ନାରେ ଅନିଶ୍ଚିତ, ଅଜଣା ଭବିଷ୍ୟତ

କିଏ ଜାଣେ, ଆଗକୁ କଣ ରହିଛି,

ଚାଳିଶ ଚୋରଙ୍କ ବନ୍ଦ ଗୁମ୍ଫାରେ

ଅଜସ୍ର ସମ୍ପତ୍ତି ଅବା

ମୃତ୍ୟୁ ସେଠି ଅପେକ୍ଷା କରିଛି ।

ପଟିଆ, ଭୁବନେଶ୍ୱର, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ବୋଉ କଥା ଆଜି ଭାବୁଛି ମୁହିଁ



ଜୟନ୍ତ କୁମାର ମଲ୍ଲିକ

କେଡ଼େ ଯତନରେ ଆରିସା ପିଠାକୁ
ତିଆରି କରଇ ବୋଉ
ପିଲା ବେଳେ ତାକୁ ଖାଇବା ପାଇଁକି
ଆମେ ଯେ ପାଗଳ ହଉ
ଖାଇଲେ ସେ ପିଠା ସୁଆଦ ଲାଗଇ
ଲାଗଇ ତ ଭାରି ମିଠା
ସେହି ପିଠା ଆଉ ପାଉନି ଲୋ ବୋଉ
ପାଟି ମାରିଯାଏ ଅଠା
ଆଜି ତୋଓ ପାଇଁ ଅନ୍ତର କାନ୍ଦୁଛି
ଆଖିରୁ ଝରୁଛି ଲୁହ
ଏଇ ଦୁନିଆରେ କେମିତି ବଞ୍ଚିବି
ସରଗରେ ଥାଇ କହ
ଆଜି ସିନା ବୋଉ ପର କରି ମତେ
ରହିଗଲୁ କାହିଁ ଦୂରେ
ମୁଉଁ ଆଜି ଏଠି ତୋ କଥା ଭାବୁଛି
ଭାବୁଥିବି ନିରନ୍ତରେ ।

ଶୂରଡିହ , ନନ୍ଦିପୁର , ଯାଜପୁର
ଆଳାପ:-୯୪୩୭୮୭୫୭୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ହଜିଗଲା



ନିରଞ୍ଜନ ପାଣ୍ଡେ

ଶିକ୍ଷାରୁ ଚରିତ୍ର,
କର୍ମ ଅପବିତ୍ର,
ସମାଜର ହିତ ହଜିଗଲା;
ଉଚ୍ଚ ଶିକ୍ଷା ନେଇ,
ବଡ଼ ପଦ ପାଇ,
ମାନବତା କାଇଁ ହଜିଗଲା ?

ସ୍ୱାଭିମାନୀ ହୋଇ,
ଶାଗ ପେଜ ପିଇ,
ଆନନ୍ଦେ ଚଳିବା ହଜିଗଲା;
ଦରମା ଗୋଟେଇ,
ଉପୁରି କମେଇ,
ଆହୁରି ନିଅଣ୍ଟ ରହିଗଲା ।

ପରିବାର ପାଇଁ,
ରାତିଦିନ ଧାଇଁ,
ସପନର ଘର ଗଢ଼ି ଥିଲା;
ବାପାକୁ ଦୂରେଇ,
ମାଆକୁ ଦୂରେଇ,
ବୃଦ୍ଧାଶ୍ରମେ ପୁଅ ଛାଡ଼ିଦେଲା ।

ଝିଣ୍ଟିକା ମାରଇ,
ବଣିକୁ ପୋଷଇ,
ଅଜ୍ଞାନ ଅନ୍ଧାରେ ହଜିଗଲା;
ଧର୍ମକୁ ଅନେଇ,
ମାନବ ବୋଲାଇ,
ସତ୍ୟ ନ୍ୟାୟ କାହିଁ ହଜିଗଲା ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରକା



ସନାତନ ମହାକୁଡ଼

ଝରକା ଖୋଲାଥାଉ

ଭରି ଯାଉ

ମନ ଆଉ ଘରେ

ସୁଚିନ୍ତା ଆଲୋକ ପବନ ଦୃଶ୍ୟ ଅନୁପମ ,

ସଞ୍ଚାରୁ ନୂଆ ଆଶା ଅସୁମାରୀ ସମ୍ଭାବନା

ଦିଗନ୍ତ ପର୍ଯ୍ୟନ୍ତ ,

ତଥାପି ଅଛି ସ୍ୱାଧୀନତା

ବନ୍ଦ କରିବାକୁ

ଅଯାଚିତ ଅଲୋଡା ଅକୁହା ଅନଧିକାର

କାହାଣୀ ସବୁକୁ

ଘଉଡାଇ ଦେବାକୁ

ମନ ଅଗଣା

ଆଉ


ଘର ଭିତରରୁ ।

*ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨, ଓଡ଼ିଶା ।
ଦୂରଭାଷ:୦୯୩୩୯୭୧୦୧୭୮
ଇ-ମେଲ-sanmahakud@gmail.com
ୱେବସାଇଟ: www.sanatanmahakud.in

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ପାଇଁ



ବର୍ଷାରାଣୀ ଦାଶ

ସୁନ୍ଦର ଦୁନିଆ ଦେଖିଲି
ମା, ତୁମ ପାଇଁ
ବାଟ ଚାଲିବା ଶିଖିଲି
ବାପା, ତୁମ ପାଇଁ...||

ପ୍ରଥମ ସ୍ୱର୍ଣ ପାଇଲି
ମା, ତୁମ ପାଇଁ
ପ୍ରଥମ ପରିଚୟ ମୋର
ବାପା, ପାଇଲି ତୁମ ପାଇଁ ...||

ପ୍ରଥମେ ସ୍ନେହରେ ଚୁମା
ମା, ତୁମେ ଦେଇଥିଲ
ବାପା, ତୁମେ ଛାତିରେ ଆଉଜି
କେତେ ଗେହ୍ଲା କରୁଥିଲ..||

ଛୋଟ ବେଳେ କେତେ
ମା ତୁମେ ଅଳିଅଝଟ ସହିଲ
କେତେ ନୂଆ କଥା ପୁଣି
ବାପା, ମୋତେ ଶିଖାଇଲ....||

ଭୂଲ ମୁଁ କଲେ ଲୋକେ
ତୁମ ଦୁହିଁଙ୍କୁ କୁହନ୍ତି
ଯଦି ଭଲ କରେ ପୁଣି
ଦୁହିଁଙ୍କୁ ପ୍ରଂଶସା କରନ୍ତି...||

ମା'ଙ୍କ ପଣତ ଛତ୍ର ଛାୟା
ବାପାଙ୍କ ଆର୍ଶୀବାଦର ହାତ
ଯାହା ମଥାରେ ରହିବ ପୁଣି
ଜୀବନ ହୋଇବ ଶ୍ରେଷ୍ଠ....||

ବାପାଙ୍କ ପରିଚୟେ ମୋର
ଆରମ୍ଭ ଶିକ୍ଷା ଦିକ୍ଷ୍ୟା
ମା'ଙ୍କ ଭାଗବତ ପୁଣି
କରେ ମୋତେ ରକ୍ଷା...||

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲିନାହିଁ କେବେ ନ ଭୁଲିବି କେବେ



ପ୍ରତିମା ମେହେର

ଭୁଲିନାହିଁ କେବେ  ନ ଭୁଲିବି କେବେ
ଅଳପ ଦିନର ଗଳ୍ପ
ହୃଦୟ ମୋ କହେ  ଆସିବ ମୋ ପାସେ
ହେଉ ସମୟଟି ସ୍ୱଳ୍ପ ।।

ବୋଳି ଦେଲ ଯେଉଁ  ଗୋଲାପି ର ରଙ୍ଗ
ଋତୁ ବିନା ଲାଗେ ହୋରି
ମହକେ ଅଗଣା  ପାଇ ତୁମ ସଙ୍ଗ
କେହି ନାହିଁ ତୁମ ପରି ।।

ନୀରବେ ଗୁମୁରି  ପାହୁଥିଲା ରାତି
ହୋଇ ଉଭା ଦେବଦୂତ
ଅକାରଣେ ପୁଣି  ଭୁଲି ଗଲ ସାଥି
ନାମ ଦେଲ ମନ ମିତ ।।

ବଳି ପଡୁଥିବା  ସମୟ ଯେତକ
କାହା ନାମେ ଦେଲ ଢ଼ାଳି
ସୁରଭି ବିହୀନ  ନାହିଁ ମୋ ମହକ
ଶୁଷ୍କ ଚୋରା ଚଇତାଳି ।।

ହାରିଥିଲେ ରାଧା  ପ୍ରେମର ସାଗରେ
ସ୍ନେହ'ର ବୁଡ଼ ପକାଇ
ସାତ ତାଳ ପଙ୍କ  ପଦ୍ମ ସରୋବରେ
ମନଟା ପନ୍ଧ ପକାଇ ।।

ହଜିଗଲେ ଥରେ  ଫେରେନାହିଁ ମନ
ରହିଯାଏ ଖାଲି ସ୍ମୃତି
ପ୍ରତାରଣା ଭରା  ଶୁଭେ ବଂଶୀ ସ୍ୱନ
ଛାତି ତଳେ ଚୋରା ପ୍ରୀତି ।।

ପାଟଣାଗଡ଼, ଜି. ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ସହ ପଦେ କଥା



ଡଃ ହିତେଶ୍ ମହାପାତ୍ର

ବର୍ଷାର ପାଣିରେ
ଲୁଚି ଯାଉଛି ମୋ ଲୁହ
ଜୀବନର ବ୍ୟସ୍ତତା ଭିତରେ
ହଜି ଜାଉଛି ମୋ କୋହ । ୧

ଦର୍ପଣ ଦେଖିଲେ ପାରୁନାହିଁ
ମୁଁ ମୋ ନିଜକୁ ଚିହ୍ନି
କି ଏକ ଘଣ୍ଟା ବାନ୍ଧିଲି, ମୋ କଟିରେ
ସମୟ ଏବେ ମୋ ପଛ ହିଁ ଛାଡୁନି । ୨

ଏକ ସ୍ଥାୟୀ ଘର ବନାଇ
ଭାବିଥିଲି, ପଚାରିବି ସମୟର ଖବର
ସେଇ ଏକ ସ୍ୱପ୍ନ
କରିଦେଲା ମୋତେ, ଭିତରୁ ବାହାର ଯାଏଁ ଯାଯାବର । ୩

ଥକିଯାଇ ବସିଥିଲି
ସେଇ ଭଡା ଘରର, ଝରକା ପାଖରେ
ନା, ଆଉ କେଉଁ ସ୍ୱପ୍ନ ଥିଲା ନା ଆଶା
ଖାଲି, ଯାହା, ବର୍ଷା ହିଁ ଥିଲା ମୋ ପାଖରେ । ୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବହୁତ ସମୟର ନୀରବତା ପରେ
ବର୍ଷା କହିଲା, ପଦେ
ଯାହା ସବୁ ତୁ ଗୋଟାଇଛୁ
ସଂସାରୁ ଗଲାବେଳେ, ନେଇଁ ପାରିବୁକି ସେଥିରୁ ଅଧେ ।୫

ମୋହ ମାୟାର ଏ ସଂସାରେ
ମିଛ ତୋର ଏ ସ୍ୱପ୍ନର ଘର
ଆସିଥିଲୁ ଯେମିତି, ଯିବୁ ବି ସେମିତି
ତା ପାଇଁ, କାହିଁ ପାଇଁ ଏତେ ବେପାର ।୬

ଜଳଚକ୍ରରେ ଯେମିତି
କେବେ ମେଘ ତ କେବେ ଖୋଲା ଆକାଶ
ଏ ଜୀବନ ଚକ୍ରେ ମଧ୍ୟ
କେବେ ଆଶା ତ କେବେ ନିରାଶ ।୭

ବର୍ଷା କହିଲା,
ଏମିତି ନ ହେଉ, କାଲି ହଜି ଯିବ ଆଜି ପାଇଁ
ଆଜି ହଜି ଯିବ କାଲି ପାଇଁ
କେବେ ନ ପାରିବୁ ବଞ୍ଚି, ଆଜିରେ
ଜୀବନ କଟିଯିବ କାଲି, ଆଜି ଆଉ କାଲି ପାଇଁ ।୮

ପିଏଚ୍‌ଡି (ସିଏସଇ),
ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଯେବେ ଗୋବିନ୍ଦ କରେ ଭାବ



ଗୁପ୍ତେଶ୍ୱର ଚାନ୍ଦ

ଆରେ ବାୟା ମନ ! ଘେନ ମୋ' ବଚନ
ନ ହୁଅ ତୁ ଅମାନିଆଁ ।
ହେବୁ ତୁ ମହାନ ମାନ ଗୁରୁ ଜ୍ଞାନ
ଏ ରଙ୍ଗ ଦୁଇ ଦିନିଆଁ ।।୧

ମନେ ପକା ଥରେ ତୁ ମାତୃ ଗର୍ଭରେ
କରିଥିଲୁ କି ଶପଥ ?
ଛାଡି ମନ୍ଦ କର୍ମ କରିବୁ ସୁକର୍ମ
ଧରିବୁ ବୋଲି ସୁପଥ ।।୨

ମାୟାରେ ମୋହିତ ଚିତ୍ତ ତୋ' ଭ୍ରମିତ
ଅସତ୍ୟ ସାଥେ ପୀରତି ।
ଜୀବନ ରଥରେ କି ଚିନ୍ତି ମନରେ
ପାପକୁ କରୁ ସାରଥୀ ।।୩

ବ୍ରାହ୍ମଣ କୁଳରେ ଜନମ ଲଭିଣ
ଅଜାମ୍ବିଳ ହେଲା ପାପୀ ।
ଦସ୍ୟୁ ରତ୍ନାକର ହୋଇଲେ ବାଲ୍ମିକୀ
ପ୍ରଭୁଙ୍କର ନାମ ଜପି ।।୪

ଦାନବ ବଂଶ ରେ ହୋଇ ଉତପତି
ଖ୍ୟାତ ଧ୍ରୁବ ପ୍ରହଲ୍ଲାଦ ।
ଜଗତେ ପ୍ରସିଦ୍ଧି ଲଭିଛି କହ କେ
ପ୍ରଭୁ ସାଥେ ରଚି ବାଦ ।।୫

ମାନବ ଜୀବନ ହୋଇବରେ ଧନ୍ୟ
ଶ୍ରୀ ପଦେ ପଶ ଶରଣ ।
ତାରି ଦେବେ ତୋତେ ଏ ଭବ ସାଗରୁ
ଅରଜିବୁ ଯେବେ ପୁଣ୍ୟ ।।୬

ସେ ମହାପୁରୁଷ ଜଗନ୍ନାଥ ଦାସ
କହିଛନ୍ତିରେ ମାନବ ।
ପାଇବୁ ମୁକତି ଗୋବିନ୍ଦ ସାଥିରେ
କରିବୁ ଯେବେ ତୁ ଭାବ ।।୭

ଗ୍ରାମ/ପୋଷ୍ଟ:-ସମାସିଙ୍ଗା,
ଭାୟା:କୋଲାବିରା, ଜିଲ୍ଲା:ଝାର୍ ସୁଗୁଡା,
୭୬୮୨୧୩.
ମୋ:-୭୬୮୩୮୪୧୦୬୪.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଟିଘର



ବାଲାଜୀ ସେଠୀ

ଏଇ ମାଟିଘର   ନଡ଼ାର ଛପର
ଉଛୁନା ପଡିଛି ନଇଁ
ଟିକି ଆକାଶଟି  ଓହ୍ଲେଇ ଆସିଛି
ସରାଗେ ଛୁଇଁବ ଭୂଇଁ  ।
ଝାଟି ମାଟି କାନ୍ଥ  ଉଭା ଅବିଶ୍ରାନ୍ତ
କାନ୍ଧେଇ ଛପର ଛାତ
ବାଉଁଶ ଫଡାରେ ମାଟି ଲେସା ଭାଡ଼ି
ମୋ ଘର ଅମାର ବିତ୍ତ  ।
କାନ୍ଥ ଚୁନ ଖସି ହୋଇଯାଏ ଲେସି
ଘଷି ଦେଲେ ଥରେ ପିଠି
ସେ କାନ୍ଥ ବକ୍ଷରେ ଆଉଜି ଶାନ୍ତିରେ
କ୍ଳାନ୍ତି, କ୍ଲିଷ୍ଟ ଯାଏ ମେଣ୍ଟି  ।
ଗୋମୟରେ ଲିପା ଆୟତ କୋଠରୀ
ମମତାର ଗନ୍ତାଘର
ଗେରୁ ଧାର କଟା ଝୋଟି ଚିତା କୁଟା
ଦିଶଇ କେଡେ ସୁନ୍ଦର  ।

ବାପା, ବୋଉ, ଜେଜେ ଦାଦାଖୁଡି ସାଥେ
ଭାଇଭଉଣୀଙ୍କ ମେଳ
ସମସ୍ତେ ଏକାଠି   ଆନନ୍ଦେ ଚଳନ୍ତି
ନ ଆଚରି ମନେ ଖଳ  ।
ଏ ଘରେ ସଭିଏଁ  ଏକତାରେ ବନ୍ଧା
ଏକକ ବିଚାର ବୋଧ
ସ୍ନେହ, ସନମାନ, ସଂସ୍କାର ଚରିତ୍ର
ଜୀବନର ମୂଲ୍ୟବୋଧ  ।
ଯୌଥ ପରିବାର ଯୁଝେ ବାରିବାର
ବନ୍ଧା କାଠିବିଡ଼ା ସମ
ଗୋଠୁ ଗଲେ ଖସି ଏକ ଧେନୁ, ରାଶି
ଅବାଟେ ହୁଅଇ ଭ୍ରମ  ।
ବତୁରା ମାଟିର   ଭିଦୁର ବିଶ୍ୱାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମମତାର କଳ୍ପତରୁ

ଏନ୍ତୁଡ଼ିର ବାସ୍ନା କୋଣେକୋଣେ ମିଶି

ମନ୍ଦିରଠୁ ମହା ଗରୁ ।

ମାଟିର ମଣିଷ ମାଟିର ପରସ

ମାଟିର ଅତୁଟ ଭାବ

ଏ ଜୀବନ ଛାର ମୁଠାଏ ମାଟିର

ଶ୍ମଶାନରେ ମିଶି ଯିବ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାର୍ବଣ କବିତା



ପୁଷ୍ପାଞ୍ଜଳୀ ପଣ୍ଡା

**କାଶତଣ୍ଡୀ (ଏକ)**

ଶରତର ଏଇ  ଅମୃତବେଳାରେ
ନିର୍ମଳ ଆକାଶ, ନଈପଠାଧାରେ
ମୁକୁଳି ପଡିଛି ପବନେ ହଲୁଛି
ଶୁଭ୍ର କାଶତଣ୍ଡୀ ବନ
ଆବାହନୀ ସୁର ତାନ
ମରତ କୁ ଦିଏ ସରଗ ସୁଷମା
ମନ୍ତ୍ରମୁଗ୍ଧ ହୁଏ ମନ ।

**ଦୁର୍ଗା (ଦୁଇ)**

ଦୁର୍ଗମ ଦୁର୍ଗତି
ଦୁର କରିବାକୁ ।।

ପାର୍ବଣରେ  ଆସ
ଧରଣୀ ପୃଷ୍ଠକୁ ।।

ଶହସ୍ର ମହିଷା
ରକ୍ତରେ ମାଟିକୁ
ଭିଜାଇ ଦେବାକୁ ।।


ମୃଣ୍ମୟୀ ପ୍ରତିମା
ଜଗତ କଲ୍ୟାଣୀ
ମହିଷା ମର୍ଦ୍ଦିନୀ
ସିଂହ ବାହିନୀ
ଦଶଭୂଜା ଧରି ଆସ
ପୃଥିବୀ ଭାରା ଉଶ୍ୱାସ ।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାର୍ବଣ ଋତୁ ଆଶ୍ୱିନ



ଗୌରୀ ପଣ୍ଡା

ଦିଶିଲାଣି ଆକାଶ ନିର୍ମଳ
ଶୁଭିଲାଣି କେତେ କୋଳାହଳ ।
ଆସିଲା ପୂଣ୍ୟ ମାସ ଆଶ୍ୱିନ
ହୁଏ ମାଆଙ୍କର ଆଗମନ ।
ଏହି ମାସେ କରନ୍ତି ସ୍ମରଣ
ପୂର୍ବ ପୁରୁଷ ଙ୍କ ଶ୍ରାଦ୍ଧ ଦିନ ।
ମହାଳୟା ନାମରେ ବିଖ୍ୟାତ
ଅପର ପକ୍ଷ ହୁଏ ପାଳିତ ।
ହୁଏ ବଜ୍ରମହାକାଳୀ ପୂଜା
ମାନସିକ ପିଠା ହୁଏ ସଜା ।
ସନ୍ତାନ ଆରୋଗ୍ୟ କାମନା ରେ
ମାଆ ରହିଥାଏ ଉପାସରେ ।

ଧୀରେ, ଧୀରେ ଆସେ ଦଶହରା
ବାଇଦ ବଜା ରେ କମ୍ପେ ଧରା ।
କୁଆଁରୀ ମନର କେତେ ଆଶା
ପାଳେ କୁଆଁରପୂନେଇ ଓଷା ।
ପାର୍ବଣ ଋତୁ ମଧ୍ୟରେ ସାର
ଏ ଋତୁ  ଯେ ଦୀପ, ଆଲୋକ ର ।
ମହାଲକ୍ଷ୍ମୀ, ଦଶଭୁଜା, କାଳୀ
ସେମାନଙ୍କ ପାଇଁ ଦୀପାବଳୀ ।
ଆଶ୍ୱିନ ମାସ, ଋତୁ ଶରତ
ହର୍ଷ ଚିତ୍ତ ରେ ପ୍ରାଣୀ ଜଗତ ।
ଆସୁଥାଅ ଆଶ୍ୱିନ ଏମନ୍ତେ
ଖୁସି ମନେ ରୁହନ୍ତୁ ସମସ୍ତେ ।

ଜୟପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁଣିଆର ଗୁଳିକାଣ୍ଡ



ଯଚିନ୍ଦ୍ର ସ୍ୱାଇଁ

ସ୍ମୃତିରେ ସ୍ମୃତିରେ କେଉଁ ଦିଗନ୍ତରେ
ରହିଲ ହେ ମହା ନାୟକ,
ସ୍ୱାଧୀନତା ପାଇଁ ଆତ୍ମବଳି ଦେଇ
ରଖିଲ ମାଟିର ଟେକ ।(୧)

ଆଜି ସେପ୍ଟେମ୍ବର ବାଇଶି ତାରିଖ
ଲୁଣିଆ ଗ୍ରାମର ବୁକ,
ରକ୍ତ ଛିଟାରେ ଭୂମି ଭିଜିଥିଲା
ଟଳିଲେ ନେତା ଅନେକ ।(୨)

ବର୍ବରତା ପୂର୍ଣ୍ଣ ଆଚରଣ କଲେ
ବେଇମାନ୍ ବ୍ରିଟିଶ୍ ଯାକ,
ସରଳ ଭାରତବାସୀ ଙ୍କ ହୃଦୟେ
ଦେଲେଯେ ଅନେକ ଦୁଃଖ ।(୩)

ଖପରପଦାର ଗଛ ଉହାଡରେ
ରହିଲେ ପୁଲିସ ଯାକ,
ଅତର୍କିତ ଭାବେ ସଂଗ୍ରାମୀ ଉପରେ
ଛାଡିଲେ ଗୁଳି ଅନେକ ।(୪)

ଆତଙ୍କିତ ହୋଇ ଛତ୍ରଭଙ୍ଗ ଦେଲେ
ନିରିହ ଜନତା ଯାକ,
କ୍ଷଣିକ ମଧ୍ୟରେ ଧରାଶାୟୀ ହେଲେ
ଯୁବ ନିଧି ମହାଳିକ ।(୫)

ଅଗଣି ସାହୁ ଓ ଗୋପିନାଥ ଜେନା
କୃଷ୍ଣ, ଶ୍ୟାମ ମହାଳିକ,
ଚିନ୍ତାମଣି ଦାସ, ଶଙ୍କର ବେହେରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବ କିଶୋର ନାୟକ ।(୬)

ଗୌରୀ ଜେନା ମିଶି ନବ ସଂଗ୍ରାମୀ ଙ୍କ
ଗୁଳିରେ ଫାଟିଲା ବୁକ,
ପୁରୁଣା ବଜାର ଗୋଶାଳା ନିକଟେ
ଶ୍ମସାନରେ ହେଲା ମୋକ୍ଷ ।(୭)

ଲୁଣିଆର ଗୁଳିକାଣ୍ଡର ସ୍ଥାନଟି
ଶହିଦ ନଗର ଡାକ,
ରକ୍ତର ସ୍ୱାକ୍ଷର ବହନ କରିସେ
ନେଲା ରକ୍ତ ତୀର୍ଥ ଡାକ । (୮)

ଶ୍ରଦ୍ଧାଞ୍ଜଳି ଘେନ ହେ ମହାନାୟକ
ଦେଶ ବାସୀଙ୍କର ଟେକ,
ପ୍ରତି ବରଷ ରେ ଏହି ଦିବସରେ
ଝୁରିବେ ତୁମକୁ ଲୋକ ।(୯)

ଭା:ପ୍ରା:ପ୍ରଧାନ ଶିକ୍ଷକ, ଡାଇକ ଥ୍ରୀ
ବାଲିମେଳା, ମାଲକାନଗିରି, ଓଡ଼ିଶା
ଦୂରଭାଷ :୭୬୮୨୮୬୪୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷା ବନ୍ଧନ



ସରୋଜ କୁମାର ଜେନା

ଭଉଣୀ ଭାଇକୁ ବାନ୍ଧିଣ ରାକ୍ଷୀକୁ
ଆଶୀର୍ବାଦ କରେ ଭିକ୍ଷା ,
ସଦା ସରବଦା ଭାଇର ବରଦା
ଭଗିନୀ କୁ କରେ ରକ୍ଷା ।
ପବିତ୍ର ବନ୍ଧନ ହିନ୍ଦୁ ଧର୍ମେ ଜାଣ
ପୁରାଣେ ଅଛି ବର୍ଣ୍ଣିତ ,
ପବିତ୍ର ସମ୍ପର୍କ ଫୁଟାଏ ମହକ
ଜାଣିଛି ସାରା ଜଗତ ।।

ଦରଦୀ କବି - ସରୋଜ କୁମାର ଜେନା
ବାଲିଝରୀ, ନରସିଂହପୁର, କଟକ
ମୋ -୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଞ୍ଜୟ



ସ୍ମୃତିରଞ୍ଜନ ବାରିକ

ଧନ୍ୟ ସେହି ପୁଣ୍ୟ,
ଚକ୍ଷୁ ଲଭେ ଦିବ୍ୟ ଦ୍ରଷ୍ଟା ।
ନଜାଣଇ କ୍ଷୁଦ୍ର ରୂପ,
ବଖାଣଇ ବିଶ୍ୱରୂପ ।
ଧୃତରାଷ୍ଟ୍ର ସଙ୍ଗେ ଧରି,
ସୁଖ ଯାତ୍ରା ରଥେ କରି ।
ଅଧିରଥ ବାଣୀ ଶୁଣି,
ପିତାମହ ରଖେ ଟାଣି ।
ସଞ୍ଜୟର କାର୍ଯ୍ୟେ ଦେଖି,
ବିଶ୍ୱସ୍ତର ପୃଷ୍ଠା ଲେଖି ।
ଅଧର୍ମର ରଥେ ବସି,
ଅଙ୍କକସେ ଧର୍ମ ହସି ।
ସବୁ ଜାଣି ଧ୍ୟାନେ କାର୍ଯ୍ୟ,
ପରିଚୟ ଦିଏ ଧୈର୍ଯ୍ୟ ।
ଧୃତରାଷ୍ଟ୍ର ପ୍ରିୟ ଜନ,
କାର୍ଯ୍ୟ କରେ ଦେଇ ମନ ।

ସତ୍ୟପ୍ରତି ଦିଏ ନିଷ୍ଠା,
ବଞ୍ଚିରହେ ହୋଇ କାଷ୍ଠା ।
ମହାରାଜା ପାଶେ ରହି,
କୁହେ ବାଣୀ ଦେଇ ଦ୍ୱାହି ।
ସଞ୍ଜୟର ରାଜସେବା,
ବିମୋହିତ କରେ ସଭା ।
ଦୃଢ଼ ବାର୍ତ୍ତା ରଖେ ମୁଖେ,
ନଡରେ କେବେ ନିଜ ସୁଖେ ।
ବାସୁଦେବ ଆଶିର୍ବାଦ,
ସଞ୍ଜୟର ଧର୍ମବାଦ ।
ଧୃତରାଷ୍ଟ୍ର ଚକ୍ଷୁ ସାଜେ,
ମହାରାଜା ଦେଖେ ନିଜେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁରୁକ୍ଷେତ୍ରେ ମହାଯୁଦ୍ଧ,

ବଖାଣଇ ସଞ୍ଜୟ ସୁତ ।

ଦିବ୍ୟ ଚକ୍ଷୁ ପାଏ ସିଏ,

ବାସୁଦେବ ହୁୟେ ପ୍ରିୟ ।

ମହାଯୁଦ୍ଧ ଦେଖେ ବସି,

ବର୍ଣ୍ଣନଇ ହୋଇ ବଂଶୀ ।

ଆଦ୍ୟଠାରୁ କୁହେ ଅନ୍ତ,

ନିଜେ ଦେଖେ ସବୁ ପ୍ରାନ୍ତ ।

କୁରୁବଂଶ ଲୋପ ପାଇ,

ଧୃତରାଷ୍ଟ୍ର ଶୁଣେ ରହି ।

ଦର୍ଶନଇ ବିଶ୍ୱରୂପ,

ସଞ୍ଜୟ ଯେ ଦୂର ଦୀପ ।

ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,

ଜିଲ୍ଲା:-ଜଗତସିଂହପୁର,

smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଚନ୍ଦ୍ରବଦନୀ



ରିଭୂ ଆଭୁଷଣ
ପଣ୍ଡା

ଯୌବନ ଆସିଛି ତୁମ ଶରୀରେ
ନିଜ ସୌନ୍ଦର୍ଯ୍ୟର ପରିଚୟ ପାଇଁ
ତୁମ ଗଠନ ଏକ ସ୍ୱପ୍ନସାଗର
ଲାଗେ ଆକାଶେ ଫୁଟିଛି କଇଁ । ୧

ତୁମ ତ୍ୱଚା ରଙ୍ଗ, ଓଠ ତରଙ୍ଗ
ଶିହରୀତ କରେ ଏ ମନକୁ
ଅପୂର୍ବ ଚାହାଣୀ, ଲାବଣ୍ୟ ଠାଣି
ଆକର୍ଷିତ ହୁଏ ବିଚାରା ବୁକୁ । ୨

ଅଲିଭା ହସ ତୁମ, ଭାଙ୍ଗିଦିଏ ତପସ୍ୟା
ମୋହିନୀ କଥାରେ କର ତୁମେ ମାୟା
ରସ ଲାବଣ୍ୟରେ ଗଢ଼ା ତୁମ ଶରୀର
ଥରେ ଦେଖିଲେ ହଟେନା ଏ ନଜର । ୩

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନା କହିବା ଉତ୍ତାରୁ



ରଞ୍ଜିତ ସାହୁ

ତୁମେ ନା କହିବା ଉତ୍ତାରୁ
ଚାଲି ଆସିଛି ମୁଁ ଚନ୍ଦ୍ରଭାଗା କୂଳକୁ,
ଦେଖୁଚି ଭଗ୍ନାଂଶ କୋଣାର୍କ
ଆଉ ଅନିଚ୍ଛୁକ ତଥା ସମୁଦ୍ରେ ଲୀନ ଚନ୍ଦ୍ରଭାଗାକୁ ।
ମୁଁ ସୂର୍ଯ୍ୟ ନୁହେଁ, କି
ଇନ୍ଦ୍ର ଚନ୍ଦ୍ର ଅନ୍ୟ ଦେବତା ନୁହେଁ
ମୁଁ ମଣିଷକୁ ପ୍ରାଣଦେଇ ଭଲ ପାଉଥିବା ମଣିଷ..
ନ ପାଇ ବି ମନେ ତୃପ୍ତି ଆଣେ ।
ମୋତେ ଡର ଲାଗେ,
ମୋର ମନରେ ଶଙ୍କା ପଶେ,
ବାଧ୍ୟ କଲେ କାଳେ ଝାସ ଦେଇ ଦେବ କେଉଁ ମୁହାଣେ;
ତା ଡାଇରୀ, ହ୍ୱାଟସପରେ ଥିବ ମୋର କେତେ ଡାଟା
ଯଦି ଖୋଜି ଖୋଜି ପୋଲିସ ପହଞ୍ଚେ ମୋ ଦୁଆରେ
ସୂର୍ଯ୍ୟ ପରି ହେବନି କି ମୋର ଅବସ୍ଥା ! !
ପୁଣି ଭାବି ସାନ୍ତ୍ୱନା ପାଏ, ପାଇବାରେ ଘାରି ହେବା କେବଳ ପ୍ରେମ ନୁହେଁ
ତ୍ୟାଗରେ ବି ପ୍ରେମ ଅଛି ,
ଏଇ ଦେଖ୍ ଅଭିଶପ୍ତାର ନାୟିକା କେମିତି ବଞ୍ଚୁଚି !
ସେଇ ତ୍ୟାଗ ଏକା ତ  ହିଁ ଅସଲ ପ୍ରେମ ।

ବିଜେପୁର, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବତା



ଡା ନୀଳମାଧବ କର

ଜୀବନର

ବେଳ ଅବେଳରେ

ବାଟ ଭାଙ୍ଗି ପଶି ଆସେ

ନୀରବତା

ଏଠି ସେଠି

ଅଚିହ୍ନା ଗଳିରେ

.

ଶୁନ୍ୟତାଟେ ସୃଷ୍ଟି ହୁଏ

ହୃଦୟରେ, ଓ

ବଢ଼ିଚାଲେ ଧୀରେ ଧୀରେ

ମନ ଉହାଡ଼ରେ

ମୋତି ପରି

ଶାମୁକା ଭିତରେ

.

ଛୋଟ ଛୋଟ ଶୁନ୍ୟତାସବୁ ଯୋଡ଼ି ହେଇ

ଅସହ୍ୟ ହେଇଯାଏ ସମୟ

ଅଣନିଶ୍ୱାସୀ ଲାଗେ

ଆଉ ଘଡ଼ିକେ

ବନ୍ଧ ଡେଇଁ ଉଛୁଳି ପଡିବାପରେ

ଅନ୍ତରାଳରେ ସତ୍ତା ବୁଡ଼ିଯାଏ

.

ବାଟ ସରି ଗଲାପରେ

ଭାଙ୍ଗିଯାଏ ଶାମୁକାର ଖୋଳ

ସ୍ଥିର, ଦେହାତୀତ ଅବସ୍ଥାରେ ଏବେ

ଏକାଏକା ବିଜନ ବେଳାରେ

ନିରବ ମୋତିରେ, ସେମିତି ଝଟକୁଥାଏ

ଅବିନାଶୀ ଆତ୍ମା

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ ଫୁଟିବାର ଋତୁ



ମଞ୍ଜୁରାଣୀ ମିଶ୍ର

ସାତ ତାଳ ପାଣି ତଳେ ନଅର
ଫରୁଆ ଭିତରେ ଭଅଁର
ପକ୍ଷୀରାଜ ଘୋଡା ଚଢି ଆସେ
ସପନର ସୌଦାଗର
ଫୁଲ ଫୁଟିବାର ଋତୁପରା ଇଏ
ନୂଆ ନୂଆ ଲାଗେ
ପୁରୁଣା ଗଳ୍ପର ସଂଳାପ
ରାଧିକାର ମାନଭଂଜନ
ନିଛାଟିଆ କଦମ୍ବବନ
ଫୁଲ ଗନ୍ଧେ ଅମୋଦିତ
ପ୍ରୀତିର ପାର୍ବଣ
ଫୁଲ ଫୁଟିବାର ଋତୁପରା ଇଏ
ଝୋଟି ପକା ଅଗଣାରେ
କଙ୍କିର ଗୁଡ଼ି ଉଡା
ଚିତାକୁଟା ତରୁଣୀ ଦେହରେ
ବୟସର ଶୋଷ

ପ୍ରଜାପତିର ଦୁଷ୍ଟାମୀ
ପବନର ନିବିଡ ପରସ
ପରାଗରେ ଭିଜିଯାଏ
ମହୁମାଛିର ଉଆସ
ନଇତୁଠରେ
ଛାଇ ଆଲୁଅର
ହେମ ହରିଣୀ  ଖେଳ
ଫୁଲ ଫୁଟିବାର ଋତୁ
କେଶ ପଖାଳେ
ହଳଦୀରେ ଦେହ ମାଜେ
ମୁଗ୍ଧ ଚେତନାରେ ହଜେ
ମନର ମାନଚିତ୍ର ଖୋଜେ
ଫୁଲ ଫୁଟିବାର ଋତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଜି ପଡେ ଝରକାରେ

ବାଲକୋନିରେ ଗପ କରେ

ନିରୋଳା ସନ୍ଧ୍ୟାରେ

ଝୁମିଯାଏ

ଆଉ କାହା ଓଠ ଚିବୁକରେ

ଜହ୍ନକୁ ଚିଠି ଲେଖେ

ମଖମଲି ବଗିଚାରେ

ମେଘକୁ ଠିକଣା ମାଗେ

ଚଲାପଥରେ ଅଟକିଯାଏ ମନ

ଅଚାନକ ସାଥିଟିଏ

ଭେଟ ହୁଏ

ଫୁଲ ଫୁଟିବାର ଋତୁପରା ଇଏ

ହାଇଦ୍ରାବାଦ

୭୩୮୧୭୬୫୭୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଭାଲେଣ୍ଟାଇନ୍ ଡେ...



ଶୁଭମ୍ କୁମାର ସାହୁ

ସେଦିନ କେତେଦିନ ପରେ ଦେଖାହେଲା

ଭାଗ୍ୟ ଏମିତି ଥିଲା ସେଦିନ ଭାଲେଣ୍ଟାଇନ୍ ଡେ

ମନେମନେ ଭାବୁଥିଲି

ଗୋଲାପ ଫୁଲଟେ

ତୁମ ହାତରେ ଧରେଇବା ପାଇଁ

କହିଲି ମୁଁ ,

ଏଇଠି ରୁହ

ଅପେକ୍ଷା କର ସଙ୍ଗେସଙ୍ଗେ ଆସୁଛି

ସତେଜ ଗୋଲାପ ଫୁଲଟେ

ବଜାରରୁ ଆଣିଲା ବେଳକୁ

ତମେ ନଥିଲ ,

ଖୋଜିଲି . . . . .

ଖୋଜି ବୁଲିଲି ପାଗଳଙ୍କ ପରି

ତୁମ ପାଦ ଚିହ୍ନକୁ

ତୁମ ସନ୍ଧାନରେ ଆଗେଇ ଚାଲିଲି ବହୁଦୂର

ସାଗର ବେଳାରେ ଝାପ୍ସା ଝାପ୍ସା କଣ ଦିଶୁଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଡି ଚାଲିଲି ଆଗକୁ

ଶେଷରେ ଦେଖିଲି ସେ ହିଁ ତୁମେ

ଯାହାକୁ ମୁଁ ସବୁବେଳେ ନିଜ ଆଖି ଆଗରେ

ଦେଖିବା ପାଇଁ ଚାହୁଁଥିଲି

କିନ୍ତୁ ,

ହଠାତ୍ ଆଖି ଖୋଲି

ବାସ୍ତବରେ ଦେଖିଲା ବେଳକୁ

ସେଠି ତୁମେ ନଥିଲ

ସେ ତ ଥିଲା କେବଳ ଗୋଟେ ସ୍ୱପ୍ନ ମାତ୍ର

ସା : ପଦାପଡ଼ା, ପୋ : ଗୁଡ଼ିଖାଳ

ଜିଲ୍ଲା : ବାଲେଶ୍ୱର, ୭୫୬୦୩୦

ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ମା ମହାଶକ୍ତି



ଅନସୂୟା ପଣ୍ଡା

ଦାନବର  ହା.... ହା.... କାର ବିଦୀର୍ଣ୍ଣ ପାଇଁ ତୁମେ ସୃଷ୍ଟ
ମାନବୀର ଦେହ ଧରି,ଏ ଧରା ପୃଷ୍ଠରେ ,
ସକଳ ତେଜର ସମାବୃତ ତୁମେ
ଗୋଟି ଗୋଟି ଦେବଗଣ ତେଜୋଦୀପ୍ତ କରି ଗଢିଲେ  ।
ସୁଦୀର୍ଘ, ସୁନ୍ଦର, ସୁପୃଷ୍ଟ  ସୁଶୋଭିତ ଶରୀର
ନୂଆ ଏକ ସମୁଜ୍ଜ୍ୱଳ ସକାଳର ପ୍ରତିଷ୍ଠା ପାଇଁ
ଶିବଙ୍କ ତେଜରୁ ମୁଖ, ଅଗ୍ନିଙ୍କ ତେଜରୁ ତ୍ରିନୟନ
ନାସିକା କୁବେର ଦେଲେ, ବିଷ୍ଣୁ ଦେଲେ ହସ୍ତ,
କେଶ ଦେଲେ ଯମ, ଚନ୍ଦ୍ର ଦେଲେ ସ୍ତନଯୁଗଳ ।
ଶରୀରର ମଧ୍ୟ ଭାଗ ଗଢିଦେଲେ ଇନ୍ଦ୍ର ତାଙ୍କରି ତେଜରୁ
ସୂର୍ଯ୍ୟ, ବ୍ରହ୍ମା ତିଆରିଲେ ପଦ ଓ ଅଙ୍ଗୁଳି
ପୃଥିବୀ ଦେଲେ ନିତମ୍ବ
ଗଢାହେଲ ମା ଦୈତ୍ୟର ବିନାଶ ପାଇଁ  ।
ଲୋକବନ୍ଦ୍ୟା ତ୍ରିଲୋକ ମୋହିନୀ, ଅସ୍ତ୍ର ଶସ୍ତ୍ର ଭରିଦେଲେ ସାରା ଦେବ ଗଣ
ଶିବଙ୍କ ତ୍ରିଶୂଳ, ପବନଙ୍କ ଧନୁଶର ବିଶ୍ୱକର୍ମା କୁଠାର ଦେଲେ ,
ଇନ୍ଦ୍ର ଦେଲେ ବଜ୍ର, ଐରାବତ ଘଣ୍ଟା ଘଣ୍ଟି ପୁଣି ବ୍ରହ୍ମାଙ୍କ କମଣ୍ଡଳୁ
ଯମ କାଳଦଣ୍ଡ ଦେଲେ, ବରୁଣ ଶଙ୍ଖରେ ସୁଶୋଭିତ କଲେ  ।
ସମୁଦ୍ର ଦେଲେ  ପଦ୍ମ ,ବିଷ୍ଣୁ ଦେଲେ ଚକ୍ର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖଡ୍ଗ ଢାଲ କାଳଦେବତା ଦେଲେ

ଅଜସ୍ର ଶକ୍ତି ଆଉ ସାମର୍ଥ୍ୟରେ ଭରିଦେଲେ ନାରୀର ଶରୀର

ଜନନୀରୁ ଜଗତ୍ ଜନନୀ କରିଦେଲେ ଦୁଷ୍ଟର ବିନାଶ ପାଇଁ ।

ସହ ସହ ଚିକ୍ଷ୍ୟୂରାକ୍ଷ ଶିରଚ୍ଛେଦ ପାଇଁ,

ବାସୁକି ଦେଲେ କାଳ ସର୍ପ ଗଳା ବିମଣ୍ଡନ ପାଇଁ

ତୁମେ ଦୂର୍ଗା, ତୁମେ କାଳୀ, ତୁମେ ଲକ୍ଷ୍ମୀ

ତୁମେ ସରସ୍ୱତୀ, ଦୈତ୍ୟ ବିନାସିନୀ ମା ।

ମହାମାୟା, ମହାଶକ୍ତି ହେ ମା ଦୁର୍ଗତିନସିନୀ

ଦାରିଦ୍ର୍ୟ ହାରିଣୀ ତୁମେ, ତୁମେ ଅନ୍ନପୂର୍ଣ୍ଣା

ଅନ୍ଧାରରେ ଆଲୋକ ବର୍ତ୍ତିକା ତୁମେ

ସକଳ ଦୁଃଖ ନିପାତିନୀ ମା ଚିଦାନନ୍ଦମୟୀ ।

ସାରା ବିଶ୍ୱରୁ ମହିଷାସୁର ବଧକରି

ଯେତେ ସବୁ ଶୁମ୍ଭ ନିଶୁମ୍ଭ ପରାହତ କରି

ସୁଶୋଭିତ କର ନୂଆ ସକାଳ ନୂଆ ବିଭାକର

ସନ୍ତାପିତ ଆର୍ତ୍ତସ୍ୱରରେ ଜିଜୀବିଷା ଭରିଦିଅ ଜଗଦ୍ଧାତ୍ରୀ ମା ମୋର ।

ଯୁଗରୁ ଯୁଗକୁ ,ପିଢି ପରେ ପିଢି,

ସମାଜର ଦଶ ଦିଗରେ ଗୁଞ୍ଜରଣ ହେଉ

ପୁରୁଷର ସାମର୍ଥ୍ୟରେ, ସମର୍ଥନରେ, ଊର୍ଜାରେ ନାରୀ ସର୍ବ ଶକ୍ତିମାନ୍

ଯେବେ ଯେବେ ପୁରୁଷ ବିମଣ୍ଡିତ କରିବ,

ନାରୀ ହେବ ମହାଶକ୍ତି, ଧରା ପରି ସର୍ବଂସହା ।

ଇଞ୍ଜିନିୟରିଂ କଲେଜ, ବୁର୍ଲା, କଲୋନୀ, ୯୪୩୯୭୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିବକି ଗାନ୍ଧୀ ଥରେ ?



ସୁସ୍ମିତା ମହାପାତ୍ର

ବାପୁଜୀ ଆହ୍ୱାନ ସମ୍ପ୍ରତି ସପନ
ମିଛ ବଳେ ସତ ଭୋଗେ ନିର୍ବାସନ
ହିଂସା ଖେଳଇ ହୋରି,
ଅହିଂସା ଭାବନା ଆଜି ଆନମନା
ପରାଣେ ପରାଣେ ଦ୍ୱେଷ ଆଉ ଘୃଣା
ନିଷ୍ଠା ହେଉଛି ଘାରି ।।

ଶାସନ ନାଆଁରେ ଶୋଷଣ କଷଣ
ନିରୀହ ବରଇ ଅକାଳ ମରଣ
ଧୈର୍ଯ୍ୟ ଯାଇଛି ହାରି,
ଗଣତନ୍ତ୍ର ତା' ମନ୍ତ୍ର ଭୁଲିଛି
ଯନ୍ତ୍ର ପରି ଏ ଦେଶ ଚଳୁଅଛି
ନ୍ୟାୟ ଛାଡୁନାହିଁ ଝୁରି ।।

ଦୟା, କ୍ଷମା ତଥା ସହନଶୀଳତା
ବାପୁ ଚିତା ଦେହେ ଲୀନ ତା'ର ସତ୍ତା
ବନ୍ଧୁ ସାଜିଛି ଅରି,
ବନ୍ଧା ପଡିଛି ସଶକ୍ତିକରଣ
ସୂରୁଜ କିରଣେ ଇଜ୍ଜତ ହରଣ
ଜୀଅନ୍ତା ଜଳୁଛି ନାରୀ ।।

କ୍ରାନ୍ତି ନାମରେ ଭ୍ରାନ୍ତି ବିରାଜେ
ଶାନ୍ତି ଶୋଇଛି ଗହନ ରାଇଜେ
ମାଥେ ପରାଜୟ ବରି,
କ୍ଷାନ୍ତି ଲଭିଛି ତ୍ୟାଗରୁ ସଇନ
ମୁକ୍ତି ମଶାଲ ଜାଳୁନି ଯବାନ
ଅନ୍ଧାର ପଥ ଚିରି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟାଗ୍ରହ ସତ ହୋଇଛି ଅତୀତ

ପରମାଣୁ ଅସ୍ତ୍ର କରୁଛି ବ୍ୟଥିତ

ଶତ୍ରୁ ହେଉନି ବାରି,

ମିଥ୍ୟା ଛଳନା ଆଭୂଷଣେ ସିନା

ଅଧୁନା ମଣିଷ ପଡେନାହିଁ ଚିହ୍ନା

ହୃଦ ହେଇଯାଏ କୋରି ॥

ଆପଣା ରକତ ବିଦେଶେ ଖଟାଇ

ବିମାତା ଲଲାଟେ ତିଳକ ଲେପଇ

ଭିଟାମାଟି ପର କରି,

ଜଠର ଜଳଇ ଜନନୀ ଝୁରଇ

ଅନ୍ତର ଲହୁ ନିରତ ଝାରଇ

ରାଜଘାଟ ଛାଡି ଆସ ଥରେ ମାଡି

ଦେଖିବାକୁ ଦେଶ ଶିରୀ,

ଗାନ୍ଧୀ ହେ ଆସ ଫେରି,

ଶାସ୍ତ୍ରୀ ସହିତେ ଏ ମାଟି ମରତେ

ଜୈତ୍ରୀ କେତନ ଧରି,

ଗାନ୍ଧୀ ହେ ଆସ ଫେରି ॥

ରାଉରକେଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗନ୍ନାଥ ସଂସ୍କୃତି



ରାଧାମୋହନ
ପୂଜାହାରୀ

ଆହେ ଜଗନ୍ନାଥ ଜଗତର ନାଥ
ଘେନ ମୋ ଜୁହାର ଥରେ,
ବିଶ୍ୱେ ତୋ ବିଚିତ୍ର ସଂସ୍କୃତିକୁ ଦେଖି
ହୃଦୟୁ ପ୍ରଣାମ କରେ ।

କି ଗୁଣ ଗାଇବି ତୋହରି କାଳିଆ
ସାମାନ୍ୟ ମୁଁ ଜୀବଟିଏ,
ସାମାନ୍ୟ ଚାଉଳ ତୋର କୃପା ବଳେ
ନିର୍ମାଲ୍ୟର ରୂପ ନିଏ ।

ମରଣ ପୂର୍ବରୁ ସେହି ନିର୍ମାଲ୍ୟକୁ
ପାଇ ଶାନ୍ତ ହୁଏ ମନ,
କହୁଛି ଶୁଣ ସେ ନିର୍ମାଲ୍ୟ ବିଷୟେ
ଦେଇ ମନ ସୁଧିଜନ ।

କାଳିଆର ରୋଷ ଘରେ ରନ୍ଧା ପାଇଁ
ଯେଉଁ "ଚାଉଳ"କୁ ଆଣୁ,
ସେହି ଚାଉଳକୁ "ଅମୁଣିଆ ଅନ୍ନ"
ନାମରେ ସଭିଏଁ ଜାଣୁ ।

ରୋଷେଇ ଶାଳରେ ରନ୍ଧା ସରିଗଲେ
ନାମ ତା' ବଦଳି ଯାଏ,
ତା' ପରେ କେବଳ ରୋଷ ଘରେ ସିଏ
"ଅନ୍ନ" ନାମେ ଶୋଭା ପାଏ ।

ସେହି ରନ୍ଧା ଅନ୍ନ ରୋଷ ଘରୁ ଯେବେ
ବାହାରୁଛି ବାହାରକୁ,
ଭକତ ଜାଣଇ "ଛେକ"ର ନାମରେ
ସେ ସ୍ୱାଦିଷ୍ଟ ଆହାରକୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଭୈରବୀ ଚକ୍ରରେ ଯେତେବେଳେ ଏହା
କିଛି କ୍ଷଣ ରହୁଅଛି,
ସେତେବେଳେ ଏହା ଭକତ ଗହଣେ
"ଭୋଗ" ନାମ ବହୁଅଛି ।

ଏହି ଭୋଗ ଯେବେ ତିନି ଠାକୁରଙ୍କ
ପାଖରେ ଲାଗି ହଉଛି,
ସେତେବେଳେ ତା'କୁ "ନୈବେଦ୍ୟ" ବୋଲିଣ
ଭକ୍ତିରେ ଭକ୍ତ କହୁଛି ।

ଏ ନୈବେଦ୍ୟ ଠାକୁରାଣୀ ବିମଳାଙ୍କ
ପାଖେ ଲାଗି ହୁଏ ଯେବେ,
"ମହାପ୍ରସାଦ"ର ନାମରେ ତାହାକୁ
ଭକ୍ତ ପାଇଥାଏ ତେବେ ।

ଏ ମହାପ୍ରସାଦ ରହେ ଯେବେ ପଞ୍ଚ
ପରମେଶ୍ୱରଙ୍କ ଆଗେ,
ଭକତ ସ୍ୱୀକାରେ "କୈବଲ୍ୟ" ନାମରେ
ତାକୁ ଭକତିର ଭାବେ ।

ସେହି କୈବଲ୍ୟକୁ ଖାଏ ଯେବେ ଭକ୍ତ
"ଅଭଡ଼ା" ସେ ହୋଇଥାଏ,
କିଛି ଖାଇ କିଛି ନିଜଙ୍କ ପାଇଁ ସେ
ପୁଟୁଳିରେ ଥୋଇଥାଏ ।

ଅଭଡ଼ାର ଶେଷ ଅଂଶକୁ ଖରାରେ
ଶୁଖାଇ ଯେବେ ରଖନ୍ତି,
ଶୁଖି ଯାଇଥିବା ସେ ଅବଶେଷକୁ
"ନିର୍ମାଲ୍ୟ" ବୋଲି କହନ୍ତି ।

ଜୀବନର ଶେଷ ସମୟେ ଭକତ
ସେହି ନିର୍ମାଲ୍ୟକୁ ଖାଏ,
ମରଣ ପୁର୍ବରୁ କାଳିଆ ନାମକୁ
ତୁଣ୍ଡେ ଧରି ମୁକ୍ତି ପାଏ ।

ବୀରମହାରାଜପୁର (ସୁବର୍ଣ୍ଣପୁର)
ଦୂରଭାଷ : ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘର



ପ୍ରହ୍ଲାଦ ସାହୁ

କେତେ ଯତନେ ସାଇତି ରଖିଛି ମୋ ସପନର କାଚଘର
ଅଧା ଛାଇ ଆଲୁଅରେ ଝଲିମିଲି ଦିଶେ ମୋ ମନର ମନ୍ଦିର ।
ବର୍ଷା, ବସନ୍ତ, ବୈଶାଖ ମୋ ଲାଗି ଥିଲା ନିମିତ୍ତ ମାତ୍ର
ଗଢିଅଛି ତାକୁ ନ ମାନି ଶୀତ, ହେମନ୍ତ ଅବା ଶିଶିର ।
ସେ ଘରେ -
ସାଇତିଛି ମୁଁ ମୋ ଜୀବନର କେତେଯେ ଅଭୁଲା ସ୍ମୃତି
ସଞ୍ଜ ନଇଁଗଲେ ବୃନ୍ଦାବତୀ ପାଶେ ପ୍ରୀୟା ମୋ ବାଢେ ପ୍ରଣତି ।
ସେ ଘରେ -
ପ୍ରୀୟା ହାତରନ୍ଧା ଖାଇ ମନେ ମନେ ପାଏ ମୁଁ ତୃପ୍ତି
ସକାଳରୁ ସଞ୍ଜ ଯାଏ ଲେଖୁଥାଏ ମୁଁ ଦାଣ୍ଡ ଦୁଆରେ ବସି ।
ସେ ଘର କାଚ ଅଇନାରେ ନିତି ଦେଖୁଥାଏ ସପନ ଅନେକ
ସେ ସପନେ ହଜି ପାଇଛି ମୁଁ ଆଜି ଜୀବନର ଶାନ୍ତି ଅଶେଷ ।
ସେ ଘରକୁ ପାଇବାର ମୋହରେ ମୁଁ ଯେ ହାରିଛି ଅନେକ
ଭଂଗା ଗଢା ଦୁନିଆରେ ସେହି ଏକା ଆଶ୍ରୟ ଜୀବନ ଯାକ ।
ସେ ମୋ ଘର - ମୋ ମନର ମନ୍ଦିର ............ !

ଚିଫ୍ ଏଡିଟର
ଆକାଶ ଇନଶ୍ଟିଚ୍ୟୁଟ୍, ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୨୮୬୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିତୃପକ୍ଷ



ଦଣ୍ଡାସି ପ୍ରଧାନ

ଆଶ୍ୱିନ କୃଷ୍ଣରେ ଶ୍ରାଦ୍ଧର ସରାଗେ
ପିତା ପୂରୁବ ପୁରୁଷେ;
ପୁଅ ବୋହୁ ହାତ ରନ୍ଧା ପରସାକୁ
ଅନାଇ ଥା'ନ୍ତି ହରଷେ ।।୦୧

ପଣସ ପତରେ ତେନ୍ତୁଳି ଚୁଇଁରେ
ତିଳ ସାରୁ କନ୍ଦମୂଳ ;
ଖମ୍ବଆଳୁ ମହୁ କଞ୍ଚା କଦଳୀକୁ
ସରୁ ଅରୁଆ ଚାଉଳ ।।୦୨

ରଙ୍ଗମାଟି ଚକି ଅନ୍ନ ଚୂର୍ଣ୍ଣ ଛକି
ମଝି କୋଠାର ଆସ୍ଥାନେ ;
ପୀଢେ ପୁରୋହିତ ଶୌଚେ ଶୁଦ୍ଧ ପୂତ
ଧୂପ ଦୀପ କୁମ୍ଭପୂର୍ଣ୍ଣେ ।।୦୩

ପଞ୍ଚାମୃତ ଗଙ୍ଗା- ଜଳେ କୁଶ ଘେନି
ପିଣ୍ଡ ପିତଳ ପାତ୍ରରେ ;
କୁଳବୋହୂ ହାତ- ପାତି ପୁଅ ନାତି
ଅରପେ ମନ୍ତ୍ର ପାଠରେ ।।୦୪

ଅନ୍ନ, ବସ୍ତ୍ର ,ଗୁଡ, ଆଖୁ, କୁଶ-ଜଳ
ଦୀପ ଝୁଣାର ସୁଗନ୍ଧେ ;
ପିତା ପିତୃଲୋକ ସଭାବେ କୁଟୁମ୍ବ
ରକ୍ତର ବନ୍ଧନ ବାନ୍ଧେ ।।୦୫

ନିର୍ମଳ ଶରତେ ମହାଳୟା ଆସେ
ସରବ ମଙ୍ଗଳାଧୀଶ ;
ଶୁଦ୍ଧ ପୂତ ମନେ ସଦାଚାର ଘେନି
ସାକା ଅନ୍ନ ସୁନିବାସ ।୦୬

କାହିଁ କେଉଁ କାଳୁ କରିଛ ପ୍ରବନ୍ଧ
ବ୍ୟବସ୍ଥିତ ସୁବିଚାର ;
ଜୁହାରୁଛି ଜନେ ମହତ୍ତ ବିଜ୍ଞାନେ
ପଦ ପଦ୍ମେ ନମସ୍କାର ।।୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅହୋ ଭାଗ୍ୟବାନ ଶ୍ରାଦ୍ଧର ତର୍ପଣ
ଶରଧା ଅନ୍ତରେ ବହି;
କୁଟୁମ୍ବ ସାଦରେ ମାତା ପିତା ସ୍ମରି
କୁଳ ଉଦ୍ଧାରଣ ସେହି । । ୦୮

ମହାଳୟା ଠାରୁ ଦୀପାବଳି ଯାଏଁ
ଘରେ କରନ୍ତି ନିବାସ;
ଅନ୍ଧାରରେ ଆସି ଉଜ୍ଜ୍ୱଳେ ଗମନ୍ତି
ସୁଖେ ଅରପି ଆଶିଷ । । ୦୯

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଦପୁର, ଗଞ୍ଜାମ,ଓଡିଶା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେପଡ଼େ ଆଜି ସେଦିନ କଥା



ଅଭିଜିତ ସାହୁ

ନା କାଉର କର୍କଶ ରାବ ନା କୁମ୍ଭାଟୁଆ ବଣି,
କୋଇଲିର କୁହୁକୁହୁ ସ୍ୱର, ଆଉ ତ ଶୁଭୁନି ।

ଶୁଭୁ ନାହିଁ ଆଉ ଗୋରୁ ଗୋଠ ହମା ରଡି,
ନାହିଁ ଯେ ବସନ୍ତ, ନା ଅଛି ଶୀତର କୁହୁଡି ।

ନା ବସନ୍ତର ଆମ୍ବ ବଉଳ ନା ଗ୍ରୀଷ୍ମର ଆମ୍ବତୋଟା,
ନାହିଁ ଯେ ଚାଳ ଛପର ସବୁଆଡେ ଖାଲି ବଡ କୋଠା ।

ଖାଇଲାଣି ନଦୀ ଆଉ ନାହିଁ ଯେ ପୋଖରୀ
ମିଳୁନି ଆଉ ତାଳ ସଜ, ନା ମିଳୁଛି ଖଜୁରୀ ।

ନାହିଁ ପୂଜା, ନାହିଁ ଓଷା ନାହିଁ ଯେ ହୁଳହୁଳି,
ନାହିଁ ପିଠାପଣା ଆଉ ନା ରଜର ଦୋଳି ।

ମିଳୁନି ଯେ ଗାଈ କ୍ଷୀର, ନା ଦହି ଲହୁଣି
ନା ବାଟି ଖେଳ ଆଉ ହାରିଲେ କହୁଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନା ପାହାନ୍ତିଆ ରବି,  ନା ସକାଳୁ ଗାଧୁଆ,
ଅତର ଲଗାଇ ପୁଅ ଆଜି ମିଛୁଆ ରାଧୁଆ ।

ନାହିଁ ବରଗଛ ତଳ ସଂଧ୍ୟା ତାସର ଖଟି,
ନାହିଁ ଆଉ ଭାଇଚାରା  ଲୋକେ ଦେଖି ଯାନ୍ତି ଉଠି ।

ନାହିଁ ବୋହୂଚୋରି ନା ଖୋଖୋ ଓ ବାଗୁଡି
ପବଜି ଫିଫା ଖେଳି ପିଲା ଗଲେଣି ବିଗିଡି ।

ନା ଚାଲିଛି ଶଗଡ ନା ଅଛି ମାଟି ରାସ୍ତା
ସବୁଆଡେ ପକ୍କା, ପିଚୁ ଗାଡି ହେଲାଣି ଯେ ଶସ୍ତା ।

ନାହିଁ କେଉଟର ଜାଲ ନା ଚାଲୁଛି ଆଉ ଡଙ୍ଗା,
ଇନ୍ଦିରା ଆବାସ ଆଜି ଆଉ ଘର ନାହିଁ ଭଙ୍ଗା ।

ନାହିଁ ଚୁଲି ପୋଡା ଆଳୁ ନା କନ୍ଦମୂଳ ସିଝା,
ଖାଉଛନ୍ତି ଲୋକେ ଆଜି ବର୍ଗର ଆଉ ପିଜା ।

ଆରିସା, ଏଣ୍ଡୁରି, ମଣ୍ଡା, ପୋଡ ଓ କାକରା ,
ମୋମସ୍, ଚାଉମିନ୍ ଆଉ ସୋଡା ଦିଆ ବରା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାହିଁ ବାଇଗଣ ପୋଡା ଆଉ ଅରୁଆ ଟମାଟୋ
ସ୍ପ୍ରିଗି, ଓବର୍ ଇଟସ୍, ଫୁଡ ପାଣ୍ଡା ଓ ଜମାଟୋ ।

ବଡିଚୁରା, ଶୁଖୁଆ ଓ ସେ କାଳ ପଖାଳ,
କର୍ଣ୍ଣଫ୍ଲେକ୍ସ, ବ୍ରେଡରେ ଆଜି କଟୁଛି ସକାଳ ।

ବହୁଦୂରୁ ଦିଶୁଥିଲା ଗାଁ ମନ୍ଦିରର ନେତ,
ଚାରିଆଡେ କୋଠାଘର ଭାଗ ଲାଗେ କ୍ଷେତ ।

ନା ଦୀପାଳିରେ ଦୀପ ନା ଫଗୁଣରେ ଫଗୁ,
ନା କାର୍ତ୍ତିକରେ ଡଙ୍ଗା ନା ନିର୍ଜଳାରେ ସାଗୁ ।

ଯୁଗ ସାଙ୍ଗେ ଚାଲିଗଲେ ଗେଣ୍ଡାଳିଆ ଉଡି,
ନା ସାମ୍ବରେ ଖିରୁଡି ନା ମକରରେ ଗୁଡି ।

ନାହିଁ ଆଉ ପରମ୍ପରା ନା ଅଛି ଯେ ସଂସ୍କୃତି,
ଯେତେ ଭାଇ ସେତେ ଘର ନା ପ୍ରେମ ଆଉ ପ୍ରିତି ।

ବଦଳୁଛି ଗାଁ ମୋର ହେଉଛି ସହର,
ନାହିଁ ଆଉ ପ୍ରେମ ଏଠି କେହି ନୁହେଁ କାହାର ।

ଖଣ୍ଡଗିରି, ଭୁବନେଶ୍ୱର, ମୋବାଇଲ- ୮୯୧୭୫୦୦୯୩୪, ଇମେଲ୍- sabhijit05@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ



ଦୁଷ୍ମନ୍ତ ଖଟୁଆ

ଅତୀତ ପ୍ରେମ ନା ପ୍ରେମରେ ଅତୀତ କିଏ ସେ କହି ପାରିବ,
ପ୍ରେମର ଆରମ୍ଭ କେବେ ହେଲା ପୁଣି କେଉଁଠାରେ ତାର ଅନ୍ତ ?

ଜନମ ଆଗରୁ ମାତୃ ପିତୃ ପ୍ରେମ ଅମୃତ ପରଶେ ମିଳେ,
ବାଲ୍ୟକାଳେ ପ୍ରେମ ସଖା ସହୋଦର କେତେ ଅବା କିଏ ଢାଳେ ।

କିଶୋର କାଳରେ ପାଦ ଥାପୁ ଥାପୁ ପ୍ରେମର ମହକ ମିଳେ,
ପ୍ରେମର ମହକ ପ୍ରେମର ମହତ ଖୋଜେ ଜୀବନର ତରୁ ଡାଳେ ।

ଭ୍ରାତୃ ଭଗ୍ନୀ ପ୍ରେମ ଶୁଭେଚ୍ଛା କାମନା ରକ୍ଷା ବନ୍ଧନର ବେଳେ,
ଜଗତ ଦେଖୁଛି ଏହି ପ୍ରେମ ଭାବ ଓଡିଆ ବଡ ଦେଉଳେ ।

ବୃଦ୍ଧ ବୟସରେ ପ୍ରଭୁଙ୍କ ପୟରେ ପ୍ରେମ ନିବେଦନ କରେ,
ମୁକ୍ତ କର ପ୍ରଭୁ ଏ ଭବ ସଂସାରୁ ସ୍ଥାନ ମିଳୁ ଶ୍ରୀପୟରେ ।

ପ୍ରେମରୁ ଉତ୍ପତି ଏ ସାରା ସଂସାର, ଅବିନାଶୀ ପୁଣି ପ୍ରେମ
କେ କରି ପାରିବ ବ୍ୟାଖ୍ୟା ଯେ ପ୍ରେମର ଏ ମୂଢ ଅଧମ।

୭୭୪୨୦୦୪୪୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋହିତ ବଂଶୀ



ଦିଲ୍ଲିପ କୁମାର ଜେନା

ତୁମରି ତୃଷ୍ଣା ଆତୁର ମାୟାରେ
ମୋହିତ ହେ ନୀଳଅଂଶୀ
ଭାବର ଦରିଆ ପାରି କରିଦିଅ
ଶୁଭୁଥାଉ ତୁମ ବଂଶୀ □

ବିସ୍ତୀର୍ଣ୍ଣ ନୀଳ ଗଗନରେ ମିଶି
କିରଣରେ ଭେଦିଯାଇ
ବିଚ୍ଛୁରିତ ହୋଇ ଖେଦିଯିବି ଧିରେ
ମୁକ୍ତିର ଆଶା ନେଇ □

ଅସୀମର ଦିଗ ଦିଗାନ୍ତରେ ଭେଟି
ଭକ୍ତିର ଗୀତ ଗାଇ
ଶରଣରେ ତୁମ ଚରଣରେ ବସି
ନିରିଖି ରହିବି ଚାହିଁ □

ଆଖିର ଲୋତକ ସ୍ରୋତରେ ଭସାଇ
ଭାସିବି ତୁମରି ପାଇଁ
ଶରଧାରେ ଧରି ତୁମରି ହାତକୁ
ତୁମକୁ ଭେଟିବା ପାଇଁ □

ରତୁରଙ୍ଗ ଧୀର ହଳଦୀର ଧାର
ପିତାମ୍ବରୀ ଧ୍ୱଜା ଧରି
ଜୀବନର ଡୋରି ବାନ୍ଧିଦେଇ ଧିରେ
ଉଡିଯିବି ପକ୍ଷୀ ପରି □

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆକାରର କେତେ ପ୍ରକାରରେ ମିଶି
ଅଲେଖରେ ଲେଖି ହୋଇ
ମିଶିଯିବି ଧିରେ ନଦୀର ସମାନ
ହୃଦୟ ସାଗରେ ଯାଇ ▯

ସପନରେ ଗଢି ତୁମରି ମୂରତି
ସଜେଇ ହୃଦୟେ ରଖି
ତୁମରି ଆଶିଷ ପରଶର ମନେ
ଭାବର ଚନ୍ଦନ ମାଖି ▯

ଅରୂପରେ ତୁମ ଆକାରର ରୂପ
ଶ୍ୟାମଳ ମୋହନ ଛାଇ
ତୁମରି ପ୍ରକାଶେ ପଥକ୍ରାନ୍ତ ଶେଷେ
ଡେଇଁଯିବି ପୁଣ୍ୟ ନଇ ▯

ତୁମରି ଅଶ୍ରାରେ ଅଶ୍ରିତ ପଥିକ
ଚାଲୁଛି ତୁମରି ପାଇଁ
ଭେଟିବି ତୁମକୁ କହିବି ତୁମକୁ
ମନେ ଯାହା ତୁମ ପାଇଁ ▯

ବସିଛି ଅନାଇ ତୁମରି ବାଟକୁ
ତୁମକୁ ଦେଖିବା ପାଇଁ
ଦେଖିଦେଲେ ତୁମ ମୋହନ ସ୍ୱରୂପ
ପରିତ୍ରାଣ ମୁକ୍ତି ପାଇଁ ▯

ମୁକ୍ତିର ପଥରେ ଶାନ୍ତିର ନିଃଶ୍ୱାସ
ଭାସିଯାଏ ତୁମ ପାଇଁ
ମିଶିଯିବ କେବେ ତୁମରି ସାଥିରେ
ଗୋଲକ ଧାମରେ ଯାଇ ▯

( କଳା ଶିକ୍ଷକ )
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ରାୟଗଡ଼ , ଗଜପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ତ୍ତମାନକୁ ବିଗାଡ଼ି ଦେଇଥିବା କିଛିଲୋକ



ସୁଧର୍ମା ଡାଙ୍ଗୁଆ

ବର୍ତ୍ତମାନ କୁ ବିଗାଡି ଦେଇଥିବା କିଛିଲୋକ
ବସିଛନ୍ତି ସେଇଠି ।
ଜରାଜୀର୍ଣ ଅବସ୍ଥାରେ ,
ଅଳ୍ପ ସମୟର ସମ୍ପତି ନେଇ
ବୋଧେ ମୃତ୍ୟୁର ଅପେକ୍ଷାରେ ।
ଇଛା ହୁଏ
ଗୁଡିଏ ପ୍ରଶ୍ନର ପୋଥି
ରଖିଦେବାକୁ ତାଙ୍କର ସାମ୍ନାରେ ,
ଆଉ ଚୁପଚାପ
ବସିଯିବି ବୟସର ଶେଷ ପ୍ରାନ୍ତରେ ଥିବା
ପଥର ପାଖରେ ।
ଶୁଣିବାକୁ
କାହିଁକି ? କେଉଁଠି ? ଓ କିପରି ?
ବୋଧେ ଭୁଲିଯାଇଥିବେ ଇତିହାସ ।
ଲିଭିଯାଇଥିବା
ସେହି କାଳିବୋଳା ଅଧ୍ୟାୟ ଗୁଡିକ
ଯାହାକୁ
ଅତିକ୍ରାନ୍ତ କରି ସେମାନେ
ଏଠି ଅଟକିଛନ୍ତି ।
ହଁ
ଉତ୍ତର ତ ଖୋଜିବେ ,
ସେହି ବିଲୁପ୍ତ ଇତିହାସରୁ
କିନ୍ତୁ !
ଉତ୍ତରରେ କଣ
ଭବିଷ୍ୟତ ସଜାଡି ହୋଇଯିବ ?
ନା
ବାକିଥିବା ବର୍ତ୍ତମାନ ହିଁ ଚାଲିଯିବ
ସେଇଠି ବସିବସି ?

କଳା ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଲିଙ୍ଗିପୁର
ଗୋସାଣି , ପାରଳାଖେମୁଣ୍ଡି , ଗଜପତି
ମୋବାଇଲ୍ – ୯୦୪୦୪୩୯୮୦୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରଥମ ଦେଖା



କଲ୍ୟାଣୀ ଦାଶ

ମନେ ଅଛି ସେ ହି ଆଜି ବି ମୋହର
ରଙ୍ଗୀନ ପ୍ରଥମ ଦେଖା
ଦେଖି ବି ନଥିଲ ଛୁଇଁ ବି ନଥିଲ
ଟାଣିଥିଲ ପ୍ରୀତି ରେଖା
ଆଜି ବି ସେ ରେଖା ଡେଇଁ ମୁ ପାରିନି
ତୁମର ସେ ପ୍ରେମ ପାଇଁ
ଆଖି ବି ଚଞ୍ଚଳ, ଓଠ ବି ନିଶ୍ଚଳ
ମନ ରେ ମୋ କାବୁ ନାଇଁ ।

ଆଖିରେ ତ ଥିଲା ନିଆରା ଚମକ
ଓଠେ ଥିଲା ପ୍ରୀତି ସୁର
ପ୍ରେମର ଗଳିରେ ହଜିଳି ସେଦିନୁ
ମୁଁ ଆଉ ନାହି ମୋର

ମନେ ଉଠିଥିଲା ପ୍ରୀତିର ଜୁଆର
ଶାନ୍ତ ପଡିଗଲା ଧୀରେ
ମନ ମୋର କାଳେ ଭାଙ୍ଗି ଦେଇପାର
ଏକଥା ଜାଣିଲା ପରେ ।

ପ୍ରଥମ ସେଦିନ ମନରେ ମୋହର
ପ୍ରୀତି ମଧୁ ଥିଲ ସିଞ୍ଚି
ପ୍ରଥମ ଦେଖା ମୋ ଅମର ରହିବ
ଯୁଗ ଯୁଗ ଥିବ ବଞ୍ଚି ।

୭୩୭୧୨୧୭୨୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଶ୍ରୀ ଜଗନ୍ନାଥ



ପ୍ରଦୀପ କୁମାର ଜିଲିକାରା

... { ରାଗ – କାମୋଦୀ }

କଳାକର ଶ୍ରୀ ମୁଖ କମଳଜିତ ଅକ୍ଷ
କଉଣପ କୁଳ ନାଶକ
କର ପତ୍ରକୁ ଯୋଡ଼ି କଞ୍ଜ ଚରଣେ ପଡ଼ି
କହଇ କରୁଣେ ମୋ ଦୁଃଖ, ହେ କଳାନିଧି
କହନ୍ତି ତୋତେ ଦୀନ ବନ୍ଧୁ
କେମନ୍ତେ ଦୀନ ଜନେ ବଧୁ
କୃପା ସରିତ ପତି କହଇ ହୀନମତି
କର ସୁଦୟା ପଦ୍ମା ବନ୍ଧୁ । ୧

କୋଟି କାମକୁ ନିନ୍ଦି କଳା ଶ୍ରୀ ମୁଖ ନିଧି
କୋଟି ଜନେ କୈବଲ୍ୟ ଦାତା
କୁରୁ ସଭାର ତଳେ କୃଷ୍ଣା ଡାକୁ ବିକଳେ
କୁରୁ କୁଳ ବଳ ହୀନତା , ହେ କଳାନିଧି
କରୀ ମିରିଗ ଆର୍ତ୍ତ ଶୁଣି
କଲ ଉଦ୍ଧାର ସେହି କ୍ଷଣି
କହିବି କିସ ଅବା କହ ବିଷ୍ଟରଶ୍ରବା
କର୍ଣ୍ଣେ ତୁଳା ଦେଲ କି ବୁଣି ! ୨


କରୁଣ ବାଣୀ ଶୁଣି କରି ବିମୁଖ ପୁଣି
କରୁଣା କଟାକ୍ଷ ନଢାଳି
କୋପ କରିଲା ପରା କରିଲୁ ଦିଗହରା
କମଳା ପତି ମହା ବଳୀ , ହେ କଳାନିଧି
କହଇ କନ୍ଧ ଶୋକ ଚିତ୍ତେ
କର ତୁ ବିଚାର ଯେମନ୍ତେ
କର କଷ୍ଟ ଲାଘବ କହେ କମଳାଧବ
କମଳ ମନ ଦେଲି ତୋତେ । ୩

ଠିକଣା- ହାଡ଼ଶିଙ୍ଗୁଲା, ଚାଟିକୋଣା, ବିଷମକଟକ,
ରାୟଗଡ଼ା, ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନ୍ଧ ଆଇନ



ନିରୁପମା ପାଣି

କିଏସେ ଗଢିଛି ଆଇନି ଖସଡା
ଗରିବ ଲାଗି କେବଳ
ବଡଲୋକ ଲାଗି ଲାଗେନି ଆଇନି
ଅଛି ତା ପାଖରେ ବଳ
ନେତା ମନ୍ତ୍ରୀ ଲାଗି ଲାଗୁହୁଏନାହିଁ
କେବେ ବି କିଛି ଆଇନି
ପୋଲିସିର ଇଛା ଯାହା ସେ କରିବ
ତା ଦୋଷ କେହି ଦେବେନି
ଯଦି କିଏ ଥରେ ମୁହଁ ଦେଲାଖୋଲି
ମିଛ କେଶରେ ଫସେଇ
ହାଜତରେ ଭରି ଚମଡା ଉତାରି
ରହିବେ ନିର୍ଦ୍ଦୋଷୀ ହୋଇ

ଡାକ୍ତର କରିଲେ ଦୋଷ ଯେତେଯାହା
ନଥାଏ ତାହାର ଦୋଷ
କୁଜିନେତା ତାକୁ କରନ୍ତି ସପୋଟ
କିଏ ବା କରିବ କିସ
ଦରମା ପାଇବେ ସରକାରଠାରୁ
ରୋଗୀସେବା ବାହାନାରେ
କ୍ଲିନିକିରେ ବସି ସେବାଯୋଗାଇବେ
ମୁଣ୍ଡ ପିଛା ଦୁଇଶହରେ
ନଦେଲେ ପଇସା କରି ଫରୁଖାଡ୍
ଦୂରକୁ ପଠେଇ ଦେବେ
ଗରିବଲୋକର ଗରିବିବଢେଇ
ନିଜେ ଭଲରେ ରହିବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ଦେଖିଶୁଣି ନୀରବ ରହିବା
ଅନ୍ଧ ଆଇନିର କାମ
ଗରିବର ଲାଗି ଲାଗୁ ଏ ଆଇନି
ସେମାନେ ମାନିବେ ଜାଣ
ନମାନିଲେ ସିଏ କୋଟ କଚେରି
ତାଙ୍କଲାଗି ଅଛି ଖୋଲା
ଶେଷରେ ହାରିବ ନହେଲେ ମରିବ
ଆଜିର ଆଇନି ଢିଲା
ବାବୁ ବାବୁଙ୍କ ଜନମ ସାର୍ଥକ
ଆଇନ ଲାଗେନା ତାଙ୍କୁ
ଆଜିର ଆଇନି  ସୁରକ୍ଷା ଦେଉଛି
ସବୁ ଯେତେ ବାବୁ ବଦଳରେ

ନିରୁପମା ପାଣି
ଚାନ୍ଦବାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଇଟା ଅକ୍ଷର



ସତ୍ୟନାରାୟଣ ମିଶ୍ର

ଶତ୍ରୁ ହେଲେ ବି ବିଶ୍ରବା ଋଷିର୍ ପୁଅ ରାବନକେ ଗୁଟେ ବାମହାନ୍ ହିସାବେ ନିଉତା ଦେଇଥିଲେ ରାମ, ସେତୁବନ୍ଧକେ ପ୍ରତିଷ୍ଠା କରବା ବୋଲି । ରାବନ ବଡା ଉସତ୍ ମନେ ଆସିକରି ପ୍ରତିଷ୍ଠା କାମ ବି କରିଦେଲା ସୁନ୍ଦର ଭାବେ । କାମ ସରଲା ଉତୁରୁ ତାର୍ କର୍ମ ଦକ୍ଷିଣା ମାଗଲା ହାତ ପତେଇ କରି ରାମ ସାମନେ । ରାମ ତାହାକେ ଯାହା ମାଗଲେ ମୁଇଁ ତମକେ ଦେବାର ଲାଗି ଘୁଚେ ନାଇଁ । ସତ କରି କହେଲି ତମେ କାଁଏ ଜିନିଷ ମାଗୁଛ ଯେ ମାଗ ।

ରାବନ କହେଲା "ହଁ, ମୁଇ ଜାନୁଛେ ତମେ ସତ ରକ୍ଷା କର୍ସ । ପିତାସତ୍ୟ ରକ୍ଷାର୍ ଲାଗି ଚଉଦ ବରଷ ବନବାସ ଆସିଛ । ତମକେ ମୁଇ ଅବିଶ୍ୱାସ ନି କର୍ବାର । ମୁଇ ଖାଲି ଗୁଟେ ଦୁଇ ଅକ୍ଷରର୍ ଜିନିଷଟେ ମାଗମି । ସେଟା ଫୁନି ତମେ ଏକେଲା ଥିବ । ସବୁ ମର୍କଟ ଭାଲୁକେ ଇନୁ ଟିକେ ହଟେଇ ଦିଅ । ଲଖନ୍ କେ ବି ।

ଶୁନି କରି ଲକ୍ଷନ୍ ସହିତେ ସଭେ ଯାକ ଚିନ୍ତାନେ ପଡିଗଲେ । ଇ ବଦମାସ ରାବନ ସୀତା କେ ଦେଇଦିଅ ବୋଲି ଦକ୍ଷିଣା ମାଗି ନେବା । ରାମ ତ ସତ କରିଛନ୍ । ସୀତା କେ ଦେଇ ଦେବେ ଜରୁର୍ ।

ଯେନ୍ ସୀତା ର୍ ମୁକ୍ତି ଲାଗି ଏତେ ଦୂର୍ । ଆଜି ସବୁ ଯାକ ପରିସରମ୍ ମହେଲିଆ ଯିବା । ଲକ୍ଷ୍ମନ ତ ରସୋ ରସୋ କାନ୍ଦୁଥିଲେ । ରାମ ତାକେ ବୁଝେଇ ସୁଝେଇ କରି ସଭେଟିକେ ଦୁରେ ରହ ବୋଲି ରାମ ମିନତୀ କଲେ ସମକେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାଗା ଛିନା ହେଲା କେ ରାବନ କେ କହେଲେ “ମାଗ ରାବନ୍ ! ତମେ କେଁନ୍ ଦୁଇଟା ଅକ୍ଷର ର୍ ଦକ୍ଷିଣା ମାଗୁଛ ମାଗ । ସୀତା, ପ୍ରାନ୍, ଯାହା ମାଗିପାର ମାଗ ।” ରାବନ୍ ହାତ ଜୁରି କରି କହେଲା "ହେ ପ୍ରଭୁ ! ଯାନୀ ଯାନୀ କେତେ ଅଜନା ହଉଛ ?”

ତମର ଦ୍ୱାରପାଲ୍ ଜୟ୍ ମୁଇଁ । ହେତେଦିନ ହେଇଗଲା ଇନେ ମୁଇ ରହିଗଲି ନ ଅସୁର ହେଇକରି, ଇଥର ତମେ ଦୁଇ ଅକ୍ଷର ର୍ ଶବଦ୍ "ମୁକ୍ତି" ଦିଅ । ମତେ ମୁକ୍ତି ଦିଅ ରାମ ।

ଦିବ୍ୟ ଚିନ୍ତନ୍ କରି ରାମ୍ ତାହାକେ କହେଲେ "ଆରେ ଜୟ୍! ତତେ ମୁକ୍ତି ଦେବାର ଲାଗି ତ ମୋର୍ ରାଜପଦ ଛାଡି ବନବାସ । ତର ପାଖେ ଅମରିମି ବୋଲି ତ ସେତୁ ବନ୍ଧର୍ ତିଆରି । ଆରୁ ଯହ ଦିନ ନାଇଁ ଲାଗେ । ବଡା ଜଲଦି ତମେ ଜୟ୍ ବିଜୟ୍ ଦୁଇଭାଇ ମୁକ୍ତି ପାଇ କରି ବୈକୁଣ୍ଠକେ ଯିବ । ତମର ପଛେ ପଛେ ମୁଇ ବି ।

ଧଏଁନ୍ ହେଲି ନାରାୟନ ବୋଲି ଭାବ ର୍ ଭୁଲେ କାନ୍ଦି ପକାଲା ରାବନ । ତାର ଯିବାର ବାଟକେ ଦେଖି ଦେଖି ରାମର୍ ଆଖିନୁ ବୁହି ଯାଉଥାଏ ଆଖଲ୍ । ସେନୁ ରାବନ ନାଟକ୍ ଚାଲୁ କରି ଦେଲା ରାମ ରିଶିମି ହଉ ଆରୁ ମୋର୍ ସଂଗେ ଜୁଧ କରୁ । ରଡି ରଡି କହେଲା "ଆରେ ଏ ଜଟାଧାରୀ । ଆରେ ତୁଇ ଇ ମାକର ଭାଲୁ ଥୁରେ ଆଣି କରି କାହିଁ ଯୁଝି ପର୍ବୁ ଅସୁର ସଙ୍ଗେ । ମୋର୍ ଶର ଥି ମର୍ବ ସଭେ ,ସଭେ ମର୍ବ ..........

ସତ୍ୟନାରାୟଣ ମିଶ୍ର, ସିଂଧେକେଲା, ବଲାଙ୍ଗିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରନ୍ ଥି ମାହୋଲ୍



ବିଶ୍ୱନାଥ ଭୁଏ

ମରନ୍ ଥି ମାହୋଲ୍ ଭି
ମରନ୍ ଲେଖେ ବାସୁଥିସି
ଚାର୍'ହିକୁତି ସଥେ ଦୁଖର୍ ପର୍'ଦାଟା
ଉଷତର୍ ମହକ୍ ଢାପିଦେସି.... !

ଆଏଁଖ୍ ଭିତ୍'ରେ ସମ୍'କିରର୍
ଦୁଖ୍ ମନାର୍ ଧାର୍ ଦିଶୁଥିସି
ହୃରୁଦ୍ ଭରା ସତ୍ ପିର୍'ତୀ
ପାଏନ୍ ବାଗିର୍ ଉବ୍'ଜୁଥିସି.... !

ଗୁଟ୍ ଗୁଟ୍ କଥା ସୁର୍'ତା କରି
ଭାବ୍'ନାର୍ ନଦୀ ମନ୍ ତଁରୁଥିସି
ସଥେ ଯେନ୍ତା ଇ ସମିଆଁ ଥି
ମରନ୍ ଚେହେରା ଝଲ୍'ସୁଥିସି... !

ଯେତେ ଥିଲେ ଭି ଗେଲ୍ ଝଗର୍
ସବୁକିଛି ତ ଭୁଲେଇଦେସି
ଭାଲି ବସ୍'ଲେ ସବୁକଥାକେ
ଭୋକ୍ ଶୋଷ୍ ଭି ଦୁରେଇ ଯାଏସି.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜିଇଁ ଦେଖ ଦୁଇଘଡ଼ି



ମନୋରଞ୍ଜନ
ସୁରୁଜାଳ

ଥରକେ ଥର ଆର କେତେଯେ ଥର
ଆଇଛୁ ମନେଇପୁର
ଚଉରାଶି ଚକରି କିନ୍ଦିରି ବୁଲି
ଶେଷେଁ ଥୁଆ ଯମଘର ।
କେତେ ଜନମର ପୁଇନ କେ ଯୁରି
ପାଏଲୁ ମୁନୁଷ ଜନମ
ଛୁଛେଁ ବାଇ ହେଇ ସାରୁଛୁ ଦିନକେ
ଛୁଛା ସପନ ଭରମ ।
ମାୟା ନାଇଁ ଛାଡେ ଧରେ ବରକସ
ତାର ଫାନ୍ଦେ ଗୁରମୁସି
ରୁଷିର ମନ ଭି ମିରିଗ ଛୁଆନେ
ସରାଗେ ଗଲା କେଁ ଫସି ।

ବାଏବିଛୋ ମନ ଛାଡଲା ପରାନ
ମିରିଗ ଛୁଆକେ ନୁରି
ମୁନି ରୁଷି ଭିଲ ଫାନ୍ଦେ ଗେରମେଟି
ମାୟା ପାଖେଁ ଗଲେ ହାରି ।
ସଭୁ କଲା କରମ ଛୁଛା ହେବା କେଁ
ବେଲସୁଁ ଅରଜି ଧରମ
ନାଇଁ ମିଲେ ଫେର ବହିଁକି ଗଲେତ
ଇହାଛିନିର ଇ ଜନମ ।
ମାୟା ମୋହୋ ଜାଲ ଯାରନୁ ଭିଆନ
ତାର ପାହାଁ ତଲେ ପଡି
ପୁରନି ପତରେ ଯେନତା ପାଏନ
ଜିଇଁ ଦେଖ ଦୁଇ ଘଡି ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋର୍ ସୁନା ରାଏଜର୍ ପରୀ



ରାଧାମୋହନ
ପୂଜାହାରୀ

ଅଛୁ କାହିଁ କେତେ ଦୂରେ ମନ୍ ଝୁରେ
ମୋର୍ ଆଁଖି ଲୁହୁ ପଡ଼େ ଝରି,
ତୋର୍ ବିନେ ଧନ୍ ନାଇଁ ଲାଗେ ମନ୍
ମୋର୍ ସୁନା ରାଏଜର୍ ପରୀ । (୧)

ତୋତେ ଭାଲି ଭାଲି ରହୁଛେଁ ଲୋ ଖାଲି
ତୋର୍ ସ୍ମୃତି ସବୁ ସୋର୍ କରି,
ଫିରି ଆ ଲୋ ତୁଇ ଡାକୁଛେଁ ଲୋ ମୁଇଁ
ତୋର୍ ପୀରତି ପସରା ଧରି । (୨)

ତୋର୍ ବିନେ ଧନ୍ କେତେ ଦିନ୍ ଆର୍
ମୁଇଁ ରହୁଥିମି ଡରି ଡରି,
ବାଟ୍ ଦେଖା ମୋର୍ ଅବୁଝା ମନ୍ କେ
ମୋର୍ ଦୁଃଖ୍ ନେଇ ଯା ଲୋ ହରି । (୩)

ଚାଲ୍ ଚଲନ୍ ଆର୍ ଗୁନ୍ ଗ୍ରାମ୍ କେ
ଆଲୋ କିଏ ହେବା ତୋର୍ ସରି !
ମୋର୍ ପାଖେ ଫିରି ଆ ତୋର୍ ରାଏଜୁ
ମୋର୍ ସୁନା ରାଏଜର୍ ପରୀ । (୪)

ବୀରମହାରାଜପୁର (ସୁବର୍ଣ୍ଣପୁର)
ଦୂରଭାଷ : ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଉତୁକ୍



ସନ୍ତୋଷ କୁମାର ଅଦାବର

ପିଛାଲୁ ୟୁଆନ୍ ଶାଶ୍ ଘରୁ ତାର୍
ମାଗିଥିଲା ଗୁଟେ ଫଟ୍‌ଫଟି,
ପେଟ୍ରୋଲ୍ ଭରି ଭରି ଇହାଦେ ସେ
ହେଇଗଲା ନ ତ ଚୁର୍‌ମୁଟି ।୧ ।

ଫିରିଜ୍,କୁଲର୍,ପଁଖା ପାଇଥିଲା
ଆରୁ ପାଇଥିଲା ଗେରେଣ୍ଡର୍,
ଲାଇନ୍ ବିଲ୍ ସେ ବୁଝେଇ ବୁଝେଇ
କଲା ନ ନିଜ୍‌କେ ସରେଣ୍ଡର୍ ।୨ ।

ଟି.ଭି. ଥି ଡିସ୍ ଲଗେଇଥିଲା ସେ
ଟଁକା ବୁଝେଇ ବୁଝେଇ ଅଥା,
ଛ' ଟଁକାର୍ ଘୁଡା କେ ନ' ଟଁକାର୍ ଦାନା
ହଜିଗଲା ନ ତାର୍ ଚେତା ।୩ ।

ଯେତ୍‌କି ଦେବେ ତତେ ସେଥି ଖୁସ୍ ରହ
ରୁଙ୍ଗି ରୁଙ୍ଗି ମାଗୁ ଯଉତୁକ୍,
ଯେତେ ବାଉଁଶ୍ କେ ସେତେ ପୁଲା ଥିସି
ଇ କଥା କେ ଭଲ୍ ସେ ବୁଝ୍ ।୪ ।

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୬୭୭୬୧୦୬୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଞ୍ଚେତ



କେଶବ ନାଏକ

ଗାଁର ପଞ୍ଚେତ ଗାଁ ତି ନାଇନ
ଯାଇସୂ ଦୂର୍ କେ ଚାଲି
ଖରା ମାସେ ତ ଝାଉ ପିଟୁଥିଲେ
ବର୍ଷା ମାସେ ଗୋଡ଼ ଜାଇସୀ ଶର୍ଲୀ ।

ଚାଏର କୋଷ ଯିବାକେ ପଡୁଛେ
ଚାଉଳ ୫ କେଜି ର ଲାଗି
ଆମେ ସିନା ଜୀମୁ ବି ହେଲେ
ବୁଢ଼ାବୁଢ଼ୀ କେଂତା ଯିବେ ଚାଲି ।

ଭାତା ଛିନବା ର ଦିନ ଖେଟଲା
ବୁଢ଼ାବୁଢ଼ୀ ଅଛନ ଜଗି
ଭାତା ଛିନାବେ  ବୁଢ଼ାବୁଢ଼ୀ
ପେଟ ପୁଶ୍ ବାର ଲାଗି  ।

ବୁଢ଼ାବୁଢ଼ୀ ର କିଏ ନାଇନ ସଖା
ଏତେ ଦୁନିଆ ତି ବୁଢ଼ାବୁଢ଼ୀ
ସଞ୍ଜ ପାଂହରୁ ଉଠଲା ବୁଢ଼ୀ
ସବୁ କାମ କେ ଦେଲା ସାରି
ବୁଢ଼ା କହେଲା ଚାଲଗୋ ବୁଢୀ
ପଞ୍ଚେତ୍ କେ ଜିମା ଜଲଦି କରି
ସାଙ୍ଗେ ଧର କାର୍ଡ ଜରିତି ଭରି
ବୁଢ଼ାବୁଢ଼ୀ ତ ଚାଲ ଲେ ବାଟେ
ଗଲାବେଳେ ବାଟେ ଧସି ଫୁଟେ ।
ବେଲଜେଗଲାନହତେକ୍ ଡେଙ୍ଗା ଲମି
ତକର୍ ଅଗୁ ଆର୍ ଲୋକ ଅଛନ୍ ଜଗି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରପ୍ ଟି କରି ଖେଟଲେ ଦୁହି
ହେଲେ ସପ୍ କର ମୁହାଁ ମୁହିଁ
କାର୍ଡ ଯେ ରଖିଛନ୍ ଧଡ଼ିକେ ଧାଡ଼ି
ଦେଖିକରି ବୁଢୀ ର ହୋସ ଗଲା ଉଡି

ରଖି କରି ଦୁହେଁ ବସ ଲେ ଥକି
ତାକର୍ ନାଁ ଆସ ବା ଆଗୁ
ଆର୍ ୫ ଧାଡ଼ି ଅଛେ ତା ବାକି । ।

ଦଇବର କଥା କିଏ ଜାଣିଛି
କାହାର କପାଳେ  କାଣା ହେଇଛେ
ଭାତା ଛିନି କରି ଆସୁଛନ୍ ଦୁହୀ
ଦୁଃଖର ସୁଖର କୁହା କୁହି
ଛନ୍ କେ ଛନ୍ ଶୋସ୍ ଲାଗୁଛେ
ଟାଏଁ ଟାଏଁ କରି ଖରା କରୁଛେ
ବୁଢ଼ୀ ପଢ଼ ଲା ଭୋକର୍ ବେଳେ
ବୁଢ଼ା କାନ୍ଦି କାନ୍ଦି କରି କହୁଛେ
କିଏ କେନେ ଅଛ ଅସବୋ ପିଲେ ।

ବୁଢ଼ା ରଡ଼ି ରଡ଼ି କରି ସବକୁ ଡାକେ
କିଏ ବି ନାଇନ ଆଖେ ପାଖେ
ହେତେ ଦୁରେ ଥାଇ ଦେଖ୍ ଲା ଜନେ
ରପଟି ଆସିଲା ଦେହେ ପରାନେ
ଶିଟଲା ତଳ କେ ନେଲେ ଶୁଆଇ ପାନ୍ ପୁନା
ଟିକେ ଦେଲେ ପିଆଇ ।
ପିଲା Ambulance କେ କଲ୍ କରି
ଆସ ବାଇ ଲା ଜଲଦି କରି
ହସ୍ପିଟାଲ୍  କେ ନେଲେ ଦୂହି
ଡାକ୍ତର କହିଲା ବେଶୀ କିଛି ନି ହେଇ
ବୁଢ଼ାବୁଢ଼ୀ ଦୁହେଁ ବସ୍ ଲେ ଛନେ ଭଗବାନ
ବାଗିର୍ ସେ ପିଲା ଅମକେ
ଜୀବନ ବଁଚାଲା ବଲି ଭାବଲ ମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭେ ଘର ଆସବେ କେନ୍ତା କରି
ସବୁ ପଇସା ଔଷଧ ନେ ଗଲା ସରି
କଲେ କଲେ କରି ଆସ ଲେ ଘର
ନାଇନ ନ ତାକର ଅତି ନିଜର ।

ଘରେ ବସିକରି ଭାବଲେ ଦୁହି
କେନ୍ତା ଚଲବେ ହେଲେ କୁହା କୁହୀ
ବୁଢ଼ା କହିଲା, ବଳ ସକତ୍ ଯେନାଇ
ଦେହେ ଭୂତି ଗଲେ କିଏ ନାଇଲଗାଏ
ବୁଢ଼ୀ କାନ୍ଦି କାନ୍ଦି କହିଲା ,
ତୁମେ କାହିଁ ଗଲେ ନାଇ ବାଚେ ମୁଇ
ଏବେ କେନ୍ତ କରବେ ଇ ଦୁହି
ତୁମେ ହେଲେ କୁହ ହୋ ଭାଇ ।
ବହୁ ଚିନ୍ତା ରେ ରହିଛି ମୁଇ

ବୋରିଙ୍ଗ ପଦର, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ³ମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୮ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୮ମ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଅଷ୍ଟମ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୨୪ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଷ୍ଟମ ସ୍କନ୍ଧ - ୨୪ ଟି ଅଧ୍ୟାୟ (ମନ୍ୱନ୍ତର)        ଭାଗବତର ୬ଷ୍ଠ ଲକ୍ଷଣ

ସଂଖ୍ୟା    ଅଧ୍ୟାୟ    ବିଷୟ ବସ୍ତୁ

୧    ପ୍ରଥମ    ମନ୍ୱନ୍ତର ବର୍ଣ୍ଣନା ଓ ମନୁବଂଶ ଚରିତ– ସ୍ୱାୟମ୍ଭୁବ, ସ୍ୱାରୋଚିଷ, ଉତ୍ତମ ଓ ତାମସ ପ୍ରଭୃତି ୪ ମନୁର କଥା ।

୨    ଦ୍ୱିତୀୟ    ବରୁଣ ହ୍ରଦରେ ଗଜରାଜର ସ୍ନାନ ଓ କୁମ୍ଭୀର ସଙ୍ଗେ ଯୁଦ୍ଧ ।

୩    ତୃତୀୟ    ଗଜେନ୍ଦ୍ର ସ୍ତୁତି ଓ ଗଜ ଉଦ୍ଧାରଣ ।

୪    ଚତୁର୍ଥ    ଗଜ କୁମ୍ଭୀରର ପୂର୍ବଜନ୍ମ ବୃତ୍ତାନ୍ତ ।

୫    ପଞ୍ଚମ    ମନ୍ୱନ୍ତର ବର୍ଣ୍ଣନା; ଦେବଗଣଙ୍କର ବ୍ରହ୍ମାଙ୍କ ନିକଟକୁ ଗମନ ଏବଂ ବ୍ରହ୍ମାକୃତ ଭଗବତ୍ ସ୍ତୁତି ।

୬    ଷଷ୍ଠ    ଭଗବାନଙ୍କ ଆବିର୍ଭାବ ଓ କ୍ଷୀରସାଗର ମନ୍ଥନ ପାଇଁ ପ୍ରସ୍ତୁତି ତଥା ମନ୍ଦର ପର୍ବତ ଆନୟନ ।

୭    ସପ୍ତମ    ସମୁଦ୍ର ମନ୍ଥନ, ବିଷ୍ଣୁଙ୍କର କୂର୍ମରୂପେ ପୃଷ୍ଠେ ମନଦର ପର୍ବତ ଧାରଣ ଏବଂ ଶିବଙ୍କର ବିଷପାନ ।

୮    ଅଷ୍ଟମ    ସମୁଦ୍ରରୁ କାମଧେନୁ, ଅଶ୍ୱ, ଗଜ, ପାରିଜାତ ପୁଷ୍ପ, ଅପସରାଗଣ, ଲକ୍ଷ୍ମୀ, ଅମୃତ ଆଦିର ଉତ୍ପତ୍ତି, ବିଷ୍ଣୁଙ୍କର ମୋହିନୀରୂପ ଧାରଣ ।

୯    ନବମ    ମୋହିନୀରୂପଧାରୀ ଭଗବାନଙ୍କ ଦ୍ୱାରା ଅମୃତ ପରିବେଷଣ – ରାହୁଙ୍କୁ ଗ୍ରହମଣ୍ଡଳେ ରହିବା ବରଦାନ ।

୧୦    ଦଶମ    ଦେବାସୁର ସଂଗ୍ରାମ ।

୧୧    ଏକାଦଶ    ଦେବାସୁର ସଂଗ୍ରାମ - ନମୁଚି ବଧ, ନାରଦଙ୍କ ଦ୍ୱାରା ଦେବ ସାନ୍ତ୍ୱନା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁକ୍ରଙ୍କ ସଞ୍ଜିବନୀଦ୍ୱାରା ଦୈତ୍ୟମାନଙ୍କ ପୁନଃ ଜୀବନପ୍ରାପ୍ତି ।

୧୨ ଦ୍ୱାଦଶ ମୋହିନୀରୂପ ଦେଖି ଶିବଙ୍କ ମୋହ ।

୧୩ ତ୍ରୟୋଦଶ ଶେଷ ଅଷ୍ଟ ମନ୍ୱନ୍ତର ବର୍ଣ୍ଣନା – ବୈବସ୍ୱତ, ସାବର୍ଣ୍ଣି, ଦକ୍ଷସାବର୍ଣ୍ଣି, ବ୍ରହ୍ମସାବର୍ଣ୍ଣି, ଧର୍ମସାବର୍ଣ୍ଣି, ରୁଦ୍ରସାବର୍ଣ୍ଣି, ଦେବସାବର୍ଣ୍ଣି ଓ ଇନ୍ଦ୍ରସାବର୍ଣ୍ଣି ।

୧୪ ଚତୁର୍ଦ୍ଦଶ ମନ୍ୱନ୍ତର ଧର୍ମବର୍ଣ୍ଣନ - ମନୁ ପ୍ରଭୃତିଙ୍କର ପୃଥକ୍ ପୃଥକ୍ କର୍ମ ନିରୂପଣ ।

୧୫ ପଞ୍ଚଦଶ ଦାନବରାଜ ବଳିର ସ୍ୱର୍ଗବିଜୟ ।

୧୬ ଷୋଡଶ ଅଦିତିଙ୍କୁ ପୟୋବ୍ରତ ପାଳନ ନିମନ୍ତେ କଶ୍ୟପଙ୍କର ଉପଦେଶ ।

୧୭ ସପ୍ତଦଶ ଅଦିତିଙ୍କ ପୟୋବ୍ରତ ପାଳନ - ଅଦିତିଙ୍କ ପୁତ୍ର ହୋଇ ଜନ୍ମିବାକୁ ଭଗବାନଙ୍କର ପ୍ରତିଶ୍ରୁତି ଓ ଅଦିତିଙ୍କ ଗର୍ଭୋଦୟ ।

୧୮ ଅଷ୍ଟାଦଶ ବାମନ ଜନ୍ମ ଓ ବଳି ଯଜ୍ଞଶାଳାରେ ବାମନଙ୍କ ପ୍ରବେଶ ।

୧୯ ଉନବିଂଶ ବାମନଙ୍କ ତ୍ରିପାଦ ଭୂମି ଯାଚନା ଓ ବଳିର ସତ୍ୟ ପ୍ରତିଜ୍ଞା, କିନ୍ତୁ ଶୁକ୍ରଙ୍କ ବଳିକୁ ବାରଣ ।

୨୦ ବିଂଶ ବାମନଙ୍କର ବିରାଟରୂପ ଧାରଣ ଓ ଦୁଇପାଦରେ ମର୍ତ୍ତ୍ୟ ଓ ସ୍ୱର୍ଗ ମାଗିବା ।

୨୧ ଏକବିଂଶ ବଳି ନିବନ୍ଧନ - ବାମନ ବଳିକୁ ୩ୟ ପାଦରେ ଭୂମିତଳେ ଚାପିଲେ ।

୨୨ ଦ୍ୱାବିଂଶ ବଳିର ସ୍ତୁତି ଓ ଭଗବାନଙ୍କ ଅନୁଗ୍ରହ – ବଳି ମୋକ୍ଷଣ ।

୨୩ ତ୍ରୟୋବିଂଶ ବନ୍ଧନ ମୁକ୍ତ ହୋଇ ବଳିର ସୁତଳ ଗମନ ।

୨୪ ଚତୁର୍ବିଂଶ ଭଗବାନଙ୍କ ମତ୍ସ୍ୟ ଅବତାର ଚରିତ ବର୍ଣ୍ଣନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଷ୍ଟମ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ବିଭିନ୍ନ ମନ୍ୱନ୍ତର ବର୍ଣ୍ଣନା କରାଯାଇଛି । ପଦ୍ମଯୋନି ତନୁ ସ୍ୱାୟମ୍ଭୂବ ମନୁ ଜାତ ହେଲେ । ତାଙ୍କ ପତ୍ନୀ ଶତରୂପା । ସ୍ୱାୟମ୍ଭୂବ ମନୁ ତପସ୍ୟାରେ ସମାଧି ପ୍ରାପ୍ତି ହେବା ସମୟରେ ଅସୁର ଯାତୁଧାନଗଣେ ତାଙ୍କୁ ଭକ୍ଷିବା ପାଇଁ ଗଲେ । ତେଣୁ ବିଷ୍ଣୁ, ଯଜ୍ଞପୁରୁଷ ରୂପ ଧରି ତାଙ୍କୁ ନେଇ ସ୍ୱର୍ଗରେ ପାଳିଲେ ।

ସ୍ୱୟମ୍ଭୂବ ମନୁଙ୍କର ଅନ୍ତେ ୨ୟ ମନୁ ସ୍ୱାରୋଚିଷ । ସ୍ୱାରୋଚିଷ ଅଗ୍ନିର ପୁତ୍ର । ସ୍ୱାରୋଚିଷର ୧୦ ପୁତ୍ର - ଦ୍ୟୁମନ, ସୁଷେଣ, ରୋଚିଷ ଇତ୍ୟାଦି । ସ୍ୱାରୋଚିଷ ମନୁଙ୍କ ସମୟରେ ସୁରନାଥ ଥିଲେ ରୋଚନ । ରୋଚନ ଦେବପତି ଥିବା ସମୟରେ ଦେବତାମାନେ ଦୂଷିତ ନାମରେ ଖ୍ୟାତ ଥିଲେ । ଉର୍ଜସ୍ତମ୍ଭ ଆଦି ସପ୍ତରଷିଙ୍କ ମଧ୍ୟରେ ବେଦଶିରା ମୁନିଙ୍କ ପତ୍ନୀଙ୍କ ନାମ ତୁଷିତା । ତୁଷିତା ଗର୍ଭରେ ବିଭୂ ନାମରେ ବିଷ୍ଣୁ ଜନ୍ମ ହେଲେ । ଏମାନଙ୍କର ଉତ୍ତରାଧିକାରୀମାନେ ବ୍ରହ୍ମଚାରୀ ଥିଲେ ।

୩ୟ ମନୁ ନାମ ଉତ୍ତମ । ସେ ମନୁପୁତ୍ର ପ୍ରିୟବ୍ରତର ୨ୟ ପତ୍ନୀର ପୁତ୍ର । ଉତ୍ତମଙ୍କ ପୁତ୍ର ସୃଞ୍ଜୟ, ବଳବନ୍ତ ଇତ୍ୟାଦି । ସେ ସମୟର ସପ୍ତର୍ଷି ଜନ ବଶିଷ୍ଠ ଋଷିଙ୍କ ନନ୍ଦନ । ପ୍ରମଦ ପ୍ରଭୃତି ସପ୍ତସୁତ । ଇନ୍ଦ୍ର ବା ଦେବରାଜଙ୍କ ନାମ ସତ୍ୟଜିତ । ସୁନୃତା ଧର୍ମପତ୍ନୀ ଗର୍ଭରୁ ସତ୍ୟସେନ ଜନ୍ମ ହେଲେ । ସେ ଧର୍ମ ରକ୍ଷା କରିଥିଲେ ।

୪ର୍ଥ ମନୁ ତାମସ ଯିଏ କି ଉତ୍ତମଙ୍କ ଭ୍ରାତା । ତାମସଙ୍କର ୧୦ଟି ସନ୍ତାନ - ପୃଥୁ, କେତୁ, ଖ୍ୟାତି, ନର ପ୍ରଭୃତି । ସେ ସମୟର ସୁରେଶ୍ୱର ନାମ ତ୍ରିଶିଖ । ଦେବତାମାନେ ସତ୍ୟକ, ହରି, ବୀର ଆଦି ନାମରେ ପ୍ରସିଦ୍ଧ । ମୁନିମାନେ ଜ୍ୟୋତିର୍ଦ୍ଧାମ ନାମରେ ପ୍ରସିଦ୍ଧ । ବୈଧୃତି ନାମେ ଦେବଗଣ ନାଶ ଯାଉଥିବା ବେଦକୁ ରକ୍ଷାକଲେ । ତାମସ ମନୁଙ୍କ ଅନ୍ତରେ ଅଚ୍ୟୁତ ହରିଣୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଦରେ ସମ୍ଭୂତ । ତେଣୁ ହରି ନାମ ହେଲା । ସେ କୁମ୍ଭୀର କବଳରୁ ଗଜକୁ ରକ୍ଷା କଲେ ।

ଦ୍ୱିତୀୟ ଅଧ୍ୟାୟରେ କୁମ୍ଭୀର କବଳରେ ପଡ଼ି ଗଜେନ୍ଦ୍ରର ଦୁଃଖ ବିଷୟ ବର୍ଣ୍ଣିତ । ତ୍ରିକୁଟ ନାମେ ପର୍ବତ କ୍ଷୀର ସମୁଦ୍ର ବେଷ୍ଟିତ । ଏହି ଅଧ୍ୟାୟର ଶ୍ଳୋକ ୧୦ ରୁ ୧୯ ମଧ୍ୟରେ ବିଭିନ୍ନ ବୃକ୍ଷର ନାମ ଉଲ୍ଲେଖ ଅଛି । ତ୍ରିକୁଟ ନାମକ ପର୍ବତର ବରୁଣ ହ୍ରଦରେ ଗଜକୁ କୁମ୍ଭୀର ଗ୍ରାସୁଥିଲା । ଗଜ କୁମ୍ଭୀର ଯୁଦ୍ଧ ସହସ୍ର ବରଷ ଚାଲିଲା ।

ତୃତୀୟ ଅଧ୍ୟାୟରେ ଗଜେନ୍ଦ୍ର ଦ୍ୱାରା ଭଗବାନଙ୍କୁ ସ୍ତୁତି ଓ ତାହାର ସଂକଟମୋଚନ ବିଷୟ ବର୍ଣ୍ଣିତ । ଗଜରାଜ ଭଗବାନଙ୍କୁ ଏକ ଧ୍ୟାନରେ ସ୍ତୁତି କରିବାରୁ ଭଗବାନ ଗରୁଡ଼ ପୃଷ୍ଠରେ ଆସି ତା ଠାରେ ଉପସ୍ଥିତ ହୋଇ ଗଜେନ୍ଦ୍ର ସହ କୁମ୍ଭୀରକୁ ମଧ୍ୟ ପାଣିରୁ ବାହାରକୁ ଟାଣି ଆଣିଲେ । ତା ପରେ ସବୁ ଦେବତାଙ୍କ ସମ୍ମୁଖରେ ହିଁ ଭଗବାନ ଶ୍ରୀହରି ଚକ୍ରଦ୍ୱାରା କୁମ୍ଭୀରର ମୁହଁ ଫାଡ଼ିଦେଇ ତା କବଳରୁ ଗଜେନ୍ଦ୍ରକୁ ମୁକ୍ତ କରିଦେଲେ ।

ଚତୁର୍ଥ ଅଧ୍ୟାୟରେ ଗଜେନ୍ଦ୍ର ଓ କୁମ୍ଭୀରର ପୂର୍ବଜନ୍ମ ବୃତ୍ତାନ୍ତ ତଥା ସେମାନଙ୍କର ଉଦ୍ଧାର ବିଷୟ ବର୍ଣ୍ଣନା କରାଯାଇଛି । ଏକଦା ସ୍ତ୍ରୀମାନଙ୍କ ସହିତ ପୁଷ୍କରିଣୀରେ କ୍ରୀଡ଼ା କରୁଥିବା ହୁହୁ ନାମକ ଗନ୍ଧର୍ବ ସେହି ଜଳରେ ସ୍ନାନ କରିବାକୁ ପ୍ରବିଷ୍ଟ ଦେବଳ ମୁନିଙ୍କ ପାଦଧରି ଟାଣନ୍ତେ ମୁନି କ୍ରୁଦ୍ଧ ହୋଇ "ତୁ କୁମ୍ଭୀର ହୁଅ" ବୋଲି ଶାପ ଦେଲେ । ଗନ୍ଧର୍ବ ତାଙ୍କୁ ବିନୟଭାବରେ ପ୍ରସନ୍ନ କରାଇବାରୁ ମୁନି କହିଲେ, "ତୁ ଗଜେନ୍ଦ୍ରର ପାଦ ଆକର୍ଷଣ କଲେ ଗଜେନ୍ଦ୍ରକୁ ଉଦ୍ଧାର କରିବା ପାଇଁ ଭଗବାନ ଆସି ତୋତେ ମଧ୍ୟ ଶାପମୁକ୍ତ କରିବେ ।"

ଦ୍ରାବିଡ଼ ଦେଶରେ ପାଣ୍ଡ୍ୟ ନାମରେ ଇନ୍ଦ୍ରଦ୍ୟୁମ୍ନ ନାମକ ରାଜା ବିଷ୍ଣୁ ଭକ୍ତ ଥିଲେ । ସେ ତପସ୍ୟାରେ ବସିଥିବା ସମୟରେ ଅଗସ୍ତି ମୁନି ବିଜେ କରିବାରୁ ତାଙ୍କୁ ସମ୍ମାନ ନ ଜଣାଇବାରୁ ତାଙ୍କୁ ପରଜନ୍ମରେ ଗଜ ଜନ୍ମ ପାଇବ ଏବଂ ଏହାକୁ ଗ୍ରାହ ଗ୍ରାସିବ ବୋଲି ଅଭିଶାପ ଦେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଞ୍ଚମ ଅଧ୍ୟାୟରେ ୫ମ ଓ ୬ଷ୍ଠ ମନୁ (ରୈବତ ଓ ଚାକ୍ଷୁଷ ମନୁ)ଙ୍କ ବିଷୟ ତଥା ବ୍ରହ୍ମାଙ୍କ ନିକଟକୁ ଦେବଗଣଙ୍କ ଗମନ ଏବଂ ଭଗବାନଙ୍କୁ ବ୍ରହ୍ମାଙ୍କର ସ୍ତୁତି ବିଷୟ ବର୍ଣ୍ଣନା କରାଯାଇଛି ।

୪ର୍ଥ ମନୁ ତାମସଙ୍କର ସାବତ ଭାଇ ରୈବତ, ୫ମ ମନୁ ନାମେ ଖ୍ୟାତ । ତାଙ୍କର ଅର୍ଜୁନ, ବଳି, ବିନ୍ଧ୍ୟ ଆଦି ଅନେକ ପୁତ୍ର ଥିଲେ । ସେହି ମନ୍ୱନ୍ତରରେ ଇନ୍ଦ୍ରଙ୍କ ନାମ ଥିଲା ବିଭୁ ଏବଂ ଭୂତରୟ ପ୍ରମୁଖ ଥିଲେ ପ୍ରଧାନ ଦେବଗଣ । ସେତେବେଳେ ହିରଣ୍ୟରୋମା, ବେଦଶିରା, ଉର୍ଦ୍ଧବାହୁ ଆଦି ଥିଲେ ସପ୍ତର୍ଷି । ସେମାନଙ୍କ ମଧ୍ୟରୁ ଶୁଭ୍ର ଋଷିଙ୍କ ପତ୍ନୀଙ୍କର ନାମ ଥିଲା ବିକୁଣ୍ଠା । ତାଙ୍କରି ଗର୍ଭରୁ ବୈକୁଣ୍ଠ ନାମକ ଶ୍ରେଷ୍ଠ ଦେବତାମାନଙ୍କ ସହିତ ନିଜ ଅଂଶ ଧରି ସ୍ୱୟଂ ଭଗବାନ ବୈକୁଣ୍ଠ ନାମକ ଅବତାର ଧାରଣ କଲେ । ବିକୁଣ୍ଠା ନାମକ ନାରୀ ଗର୍ଭରୁ ଜନ୍ମ ହେବାରୁ ନାମ ବୈକୁଣ୍ଠ ହେଲା ।

ଷଷ୍ଠ ମନୁ ଚାକ୍ଷୁଷ, ଚକ୍ଷୁଷଙ୍କ ସୁତ । ଚାକ୍ଷୁଷର ୩ଟି ମୁଖ୍ୟ ପୁତ୍ର- ପୁରୁ, ପୁରୁଷ ଓ ସୁଦ୍ୟୁମ୍ନ । ଚାକ୍ଷୁଷ ମନୁଙ୍କ ସମୟର ଇନ୍ଦ୍ରନାମ ମନ୍ତ୍ରଦ୍ରୁମ । ସେ ସମୟରେ ପ୍ରଧାନ ଦେବଗଣଙ୍କ ନାମ ଅପ୍ୟା ଇତ୍ୟାଦି । ସେହି ମନ୍ୱନ୍ତରରେ ହବିଷ୍ୟମାନ୍ ଓ ବୀରକ ଆଦି ଥିଲେ ସପ୍ତର୍ଷି । ସେ ମନୁ କାଳେ ଭଗବାନ ବୈରାଜଙ୍କ ପତ୍ନୀ ସମ୍ଭୂତିର ଉଦରେ ଅଜିତ ନାମେ ଜନ୍ମ ହେଲେ । ସେ ହିଁ ସମୁଦ୍ର ମନ୍ଥନ କରି ଦେବତାମାନଙ୍କୁ ଅମୃତ ପିଆଇଲେ ଓ କଚ୍ଛପରୂପ ଧାରଣ କରି ମନ୍ଦରାଚଳରୂପୀ ମନ୍ଥନଦଣ୍ଡର ଆଧାର ହୋଇଥିଲେ ।

ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ, ଏକଦା ଦୁର୍ବାସା ମୁନି ବୈକୁଣ୍ଠରୁ ଫେରୁଥିବା ବେଳେ ମାର୍ଗରେ ଐରାବତ ପୃଷ୍ଠରେ ଆରୂଢ଼ ଇନ୍ଦ୍ରଙ୍କୁ ଭେଟିବାରୁ ଭଗବାନଙ୍କ ଛଡ଼ାମାଳ ନିଜ କଣ୍ଠରୁ କାଢ଼ି ତାଙ୍କୁ ଦେଲେ । କିନ୍ତୁ ଇନ୍ଦ୍ର ଐଶ୍ବର୍ଯ୍ୟ ମଦରେ ମାଳଟିକୁ ଆଦର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ କରି ଐରାବତର କୁମ୍ଭସ୍ଥଳରେ ପକାଇଦେଲେଏବଂ ଐରାବତ ମଦମତ୍ତ ଥିବାରୁ ତାହାକୁ ଶୁଣ୍ଡରେ ଉଠାଇ ନେଇ ପାଦରେ ଦଳି ପକାଇଲା । ଏହା ଦେଖି ଦୁର୍ବାସା କୁପିତ ହୋଇ ଇନ୍ଦ୍ରଙ୍କୁ ଅଭିଶାପ ଦେଲେ- "ତ୍ରିଲୋକ ସହିତ ତୁ ଅତି ଶୀଘ୍ର ଶ୍ରୀହୀନ ହୋଇଯିବୁ" । ଫଳରେ ଇନ୍ଦ୍ରପୁରୀ ସହ ସମସ୍ତ ଲୋକ ଶ୍ରୀହୀନ ହୋଇଯିବାରୁ ଇନ୍ଦ୍ର ସମେତ ସମସ୍ତ ଦେବତା ବ୍ରହ୍ମାଙ୍କ ନିକଟକୁ ଗଲେ ଏବଂ ପରେ ସମସ୍ତେ ମିଶି ବିଷ୍ଣୁଙ୍କ ନିକଟକୁ ଗଲେ । ଭଗବାନଙ୍କୁ ବ୍ରହ୍ମା ସମେତ ସମସ୍ତେ ସ୍ତୁତି କଲେ । ସେମାନେ ଭଗବାନଙ୍କୁ ଶରୀରତତ୍ତ୍ୱ (ଅଷ୍ଟପ୍ରକୃତି - ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅଂହକାର; ଦଶ ଇନ୍ଦ୍ରିୟ, ପପ୍ରାଣ) ତଥା ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଦଜ ଆଦି ପ୍ରାଣୀମାନଙ୍କର ଶରଣଦାତା କହି ସ୍ତୁତି କଲେ  ।

ଷଷ୍ଠ ଅଧ୍ୟାୟରେ ସମୁଦ୍ରମନ୍ଥନ କରିବାକୁ ଦେବତା ଓ ଦୈତ୍ୟମାନଙ୍କର ମିଳିତ ଉଦ୍ୟମ ବିଷୟ ବର୍ଣ୍ଣନା କରାଯାଇଛି । ଅମ୍ଳ ଔଷଧି ଗୁଳ୍ମ ପଥରରେ ଛେଚି କ୍ଷୀରସାଗରରେ ପକାଇ ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ କରି ବାସୁକି ନାଗକୁ ରଜ୍ଜୁ କରି, ଦେବତା ଓ ଅସୁରମାନେ ମନ୍ଥିଲେ । କ୍ଷୀର ସାଗର କାହିଁକି ମନ୍ଥନ କଲେ କି ଯେ ଦୁର୍ବାସା ଋଷିଙ୍କ ଶାପରେ ଦେବପୁର ଶ୍ରୀ ଧ୍ୱଂସ ହୋଇଥିଲା ଓ ଦେବତାମାନେ ନିସ୍ତେଜ ହୋଇଥିଲେ  । ଅମୃତ ପ୍ରାପ୍ତି ପାଇଁ କ୍ଷୀରସାଗର ମନ୍ଥନ କଲେ  ।

ସପ୍ତମ ଅଧ୍ୟାୟରେ ସମୁଦ୍ରମନ୍ଥନ ଆରମ୍ଭ ଓ ଶିବଙ୍କର ବିଷପାନ ବିଷୟ ବର୍ଣ୍ଣନା କରାଯାଇଛି । ବାସୁକି ଏକ ରୂପରେ ପୃଥିବୀ ଧରିଲା । ଅନ୍ୟ ରୂପରେ ସେ ସମୁଦ୍ର ମନ୍ଥନ ନିମନ୍ତେ ରଜ୍ଜୁ ହେଲା । ଦେବତାମାନେ ଫଣା ଧରିବାକୁ ଓ ଅସୁରମାନେ ପୁଚ୍ଛ ଧରିବାକୁ ବିଷ୍ଣୁ କହିବାରୁ ଅସୁରମାନେ ନାରାଜ ହେବାରୁ ଦେବତାମାନେ ପୁଚ୍ଛ ଧରିଲେ । ମନ୍ଥନ ଆରମ୍ଭ କଲାବେଳେ ମନ୍ଦର ଗିରି ଢ଼ଳି ପଡ଼ିବାରୁ ଭଗବାନ କୂର୍ମରୂପରେ ଗିରିକୁ ପିଠି ଉପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରିଲେ ।

ଯେ କରେ ଦାନ ଉପକାର । ସେ ଧର୍ମଜ୍ଞାନୀଙ୍କର ସାର । ।
ଦୁଃଖୁଁ ଯେ ପରିତ୍ରାଣ କରେ । ସଂକଟୁ ପ୍ରାଣୀଙ୍କି ଉଦ୍ଧରେ । ।
ତା ଜନ୍ମ ଧନ୍ୟ ଏ ସଂସାରେ । ଯେ ରହେ ପର ଉପକାରେ । ।
ସାଧୁଜନଙ୍କର ଏ ଗତି । କେବେହେଁ ଧର୍ମ ନ ଛାଡ଼ନ୍ତି । ।
କ୍ଷଣଭଙ୍ଗୁର ଏ ଶରୀର । ସୁଦୃଢ଼ ପର ଉପକାର । ।

ସମୁଦ୍ରୁ ଉତ୍ପନ୍ନ ବିଷକୁ ବିଷ୍ଣୁଙ୍କ ଅନୁରୋଧ କ୍ରମେ ଶିବ ପାନ କଲେ । ଶିବ ବିଷ ପାନ କଲାପରେ କୂଳରେ ଥିବା ବିଷକୁ ବିଛା ଓ ଦନ୍ଦଶୂକ(ସାପ)ମାନେ ଭକ୍ଷିଲେ ।

ଅଷ୍ଟମ ଅଧ୍ୟାୟରେ ସମୁଦ୍ରରୁ ଅମୃତର ଉତ୍ପତ୍ତି ଏବଂ ଭଗବାନଙ୍କର ମୋହିନୀରୂପ ଧାରଣ ବିଷୟ ବର୍ଣ୍ଣିତ । ସମୁଦ୍ର ମନ୍ଥନରେ ଜାତ କାମଧେନୁକୁ ଯଜ୍ଞ ନିମନ୍ତେ ବ୍ରାହ୍ମଣମାନଙ୍କୁ ଦିଆଗଲା । ଉଚ୍ଚୈଃଶ୍ରବା ଅଶ୍ୱକୁ ଭଗବାନଙ୍କର ସନ୍ମତିକ୍ରମେ ଇନ୍ଦ୍ରଙ୍କୁ ଦିଆଗଲା । ଐରାବତ ହସ୍ତୀ ଇନ୍ଦ୍ର ପ୍ରାପ୍ତ ହେଲେ । କୌସ୍ତୁଭ ମଣିକୁ ଭଗବାନ ବକ୍ଷରେ ଧାରଣ କଲେ । ପାରିଜାତ ଫୁଲ ଇନ୍ଦ୍ରଙ୍କ ଉଦ୍ୟାନ ମଣ୍ଡିତ କଲା । ଅପସରାଗଣ ଇନ୍ଦ୍ରର ଭୁବନ ମଣ୍ଡନ କଲେ । ଲକ୍ଷ୍ମୀ ଆବିର୍ଭାବ ହେଲେ । ଲକ୍ଷ୍ମୀ ବିଷ୍ଣୁଙ୍କ କୋଳେ ବସିଲେ । ବାରୁଣୀ ସୁନ୍ଦରୀକୁ ଅସୁରମାନେ ପ୍ରାପ୍ତ ହେଲେ । ଆୟୁର୍ବେଦ ଗୁରୁ ଧନ୍ୱନ୍ତରୀଙ୍କ ଆବିର୍ଭାବ ହେଲା ଯାହାଙ୍କ ହାତରେ କି ଅମୃତଭାଣ୍ଡ ଥିଲା । ସେ କଳସୀକୁ ଅସୁରମାନେ ଛଡ଼ାଇ ଧାଇଁଲେ । ଅସୁରମାନଙ୍କୁ ମୋହିତ କରି ଅମୃତ କଳସକୁ ଛଡ଼ାଇ ଆଣିବାକୁ ବିଷ୍ଣୁ ମୋହିନୀରୂପ ଧାରଣ କଲେ ।

ନବମ ଅଧ୍ୟାୟରେ ମୋହିନୀରୂପୀ ବିଷ୍ଣୁ ଓ ଅସୁରମାନଙ୍କର କଥୋପକଥନ । ବିଷ୍ଣୁ ମୋହିନୀ ରୂପରେ ଅସୁରଙ୍କୁ ବଶ କରି ଅମୃତ ଆଣି ଦେବତାମାନଙ୍କୁ ଦେଲେ । ବିଷ୍ଣୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋହିନୀ ରୂପରେ ଅସୁରଙ୍କୁ ବଶ କରି ଅମୃତ ଆଣି ଦେବଙ୍କୁ ଦେବା ବେଳେ ରାହୁ ଗୁପ୍ତଭାବେ ଦେବଙ୍କ ମେଳେ ରହି ଅମୃତ ଭକ୍ଷିଲା । ତାହା ଦେଖି ସୂର୍ଯ୍ୟ ଓ ଚନ୍ଦ୍ର ଚକ୍ଷୁରେ ଠାରି ବିଷ୍ଣୁକୁ ଏ କଥା ଜଣାଇବାରୁ ବିଷ୍ଣୁ ତାକୁ ଚକ୍ରରେ ଛେଦନ କରିବାରୁ ସେ ଦୁଇ ଖଣ୍ଡ ହୋଇ ଅମୃତ କଳସୀରେ ପଡ଼ିଲା । ରାହୁ ଓ କେତୁ ରୂପରେ ରହିଲା । ପରେ ବିଷ୍ଣୁଙ୍କୁ ବର ମାଗି ଗ୍ରହମଣ୍ଡଳେ ରହି ରାହୁ ଓ କେତୁ, ରବି ଚନ୍ଦ୍ରଙ୍କୁ ଗ୍ରାସ କରିଆସୁଛନ୍ତି ।

ଦଶମ ଅଧ୍ୟାୟରେ ଦେବାସୁର ସଂଗ୍ରାମ ବର୍ଣ୍ଣିତ । ଏହି ଅଧ୍ୟାୟର ଶ୍ଳୋକ ୧୯ ରୁ ୨୨ ମଧ୍ୟରେ ଅସୁରମାନଙ୍କ ନାମ ତଥା ସେମାନଙ୍କ ସାରଥି ମାନଙ୍କ ନାମ ଉଲ୍ଲେଖ ଅଛି । ଶ୍ଳୋକ ୨୮ ରୁ ୩୪ ମଧ୍ୟରେ ସମୁଦ୍ର ମନ୍ଥନ ପରେ କେଉଁ ଦେବତା ସହ କେଉଁ ଅସୁର ଯୁଦ୍ଧ କଲେ ତାହା ଓ ଅସୁର ମାନଙ୍କର ବାହାନମାନଙ୍କର ନାମ ଉଲ୍ଲେଖ । ଶ୍ଳୋକ ୩୫ ରୁ ୫୨ ମଧ୍ୟରେ ଦେବ ଓ ଅସୁର ମଧ୍ୟରେ ହୋଇଥିବା ଘୋର ସଂଗ୍ରାମ ତଥା ସେହି ଯୁଦ୍ଧର ଭୟାବହ ପରିଣାମ ଓ କ୍ଷୟକ୍ଷତି ବର୍ଣ୍ଣିତ । ଶ୍ଳୋକ ୫୩ ଠାରୁ ୫୫ ମଧ୍ୟରେ ଭଗବାନ ବିଷ୍ଣୁଙ୍କୁ ସ୍ତୁତି, ତାଙ୍କର ଆବିର୍ଭାବ ତଥା ତାଙ୍କର ମହିମା ଗାନ ବିଷୟ ବର୍ଣ୍ଣନ । ଶ୍ଳୋକ ୫୬ ଓ ୫୭ ମଧ୍ୟରେ କାଳନେମି ଦୈତ୍ୟ(ପରବର୍ତ୍ତୀ କାଳର କଂସ) ଏବଂ ମାଳୀ ଓ ସୁମାଳୀ ଦୈତ୍ୟଙ୍କୁ ଭଗବାନ କିପରି ବଧ କରିଥିଲେ ତାହା ବର୍ଣ୍ଣନା କରାଯାଇଛି ।

ଏକାଦଶ ଅଧ୍ୟାୟରେ ଦେବାସୁର ସଂଗ୍ରାମ ସମାପ୍ତ ହୋଇଛି । ଦେବରାଜ ଇନ୍ଦ୍ର ଓ ଦାନବରାଜ ବଳି ମଧ୍ୟରେ ଯୁଦ୍ଧର ଆଭାସ । ପ୍ରତ୍ୟେକେ କାଳର ବଶ ଅଟନ୍ତି । ଯୁଦ୍ଧରେ ଏକ ପକ୍ଷର ଜୟ ତ ଅନ୍ୟର ପରାଜୟ; ଏହା ସୁନିଶ୍ଚିତ । ଯଥା -

କାଳର ବଳେ ଏ ସଂସାର । ଯୁଦ୍ଧେ ମିଳନ୍ତି ଯେତେ ବୀର ।।
ଜୟ ଅଜୟ ମୃତ୍ୟୁ ଯଶ । ଯେବା ରହଇ ଅବଶେଷ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁଦ୍ଧେ ମାରିଣ ଜୟ ଘୋଷି । ମରଣେ ସ୍ୱର୍ଗେ ଯେଣୁ ବସି ୮/୧୧/୭

ଏଣୁ ଶୟଳେ ଯେତେ ଜନ । କାଳ ଗରାସେ ନିବନ୍ଧନ । ।

ପଣ୍ଡିତ ଜନ ଏହା ଜାଣି । ଧର୍ମ ଅଧର୍ମ ପରିମାଣି । ।

ଶୋକ ହରଷ ପଥେ ମନ । କେବେହେଁ ନ କରନ୍ତି ଛନ୍ନ । ।୮/୧୧/୮

ବଳିକୁ ଇନ୍ଦ୍ର ତଳେ ଗଡ଼ାଇଦେବାରୁ ବଳିର ଘନିଷ୍ଠ ମିତ୍ର ଜମ୍ଭାସୁର ସିଂହ ଉପରେ ବସି ଇନ୍ଦ୍ର ଆଡ଼କୁ ମାଡ଼ି ଆସି ଐରାବତକୁ ଗଦା ପ୍ରହାରରେ ଲେଉଟାଇ ଦେଲା । କିନ୍ତୁ ଇନ୍ଦ୍ରଙ୍କ ସାରଥି ମାତଳୀ ତୁରନ୍ତ ଇନ୍ଦ୍ରଙ୍କ ନିକଟକୁ ରଥ ନେଇ ଆସିଲେ । ଜମ୍ଭ ମାତଳୀକୁ ଆଘାତ କଲା ସତ କିନ୍ତୁ ତତ୍ କ୍ଷଣାତ୍ ଇନ୍ଦ୍ର ଜମ୍ଭକୁ ସେଠାରେ ହିଁ ଶିରଚ୍ଛେଦନ କରି ବଧ କରିଦେଲେ ।

ନାରଦଠାରୁ ଜମ୍ଭ ହତ୍ୟା ସଂବାଦ ଶୁଣି ତାର ଭାଇ ନମୁଚି, ବଳ ଓ ପାଳ ଅବିଳମ୍ବେ ରଣଭୂମିକୁ ମାଡ଼ିଆସିଲେ । ଶ୍ଳୋକ ୨୦ ରୁ ୨୮ ମଧ୍ୟରେ ସେମାନଙ୍କ ମଧ୍ୟରେ ଯୁଦ୍ଧର ଗତି ଓ ପ୍ରକୃତି ତଥା ବଳ ଓ ପାଳ ଅସୁରର ନିଧନ ବର୍ଣ୍ଣନ । ଶ୍ଳୋକ ୨୯ ରୁ ୪୦ ମଧ୍ୟରେ ନମୁଚି ଓ ଇନ୍ଦ୍ର ମଧ୍ୟରେ ଯୁଦ୍ଧ (ନମୁଚିର ମୃତ୍ୟୁ ରହସ୍ୟ ଉନ୍ମୋଚନ ଇତ୍ୟାଦି ବିଷୟ) ବର୍ଣ୍ଣନ । ଜଳଫେନ ମାରି ନମୁଚିକୁ ଇନ୍ଦ୍ର ବଧ କଲେ । ବ୍ରହ୍ମାଙ୍କ ନିର୍ଦ୍ଦେଶକ୍ରମେ ନାରଦ ଯାଇ ସେମାନଙ୍କୁ ବୁଝାଇଲେ ଏବଂ ନାରଦଙ୍କ ଉପଦେଶକ୍ରମେ ଦେବାସୁର ସଂଗ୍ରାମ ସମାପ୍ତ ହେଲା ।

ଦ୍ୱାଦଶ ଅଧ୍ୟାୟରେ ବିଷ୍ଣୁଙ୍କର ମୋହିନୀରୂପ ଦେଖି ଶିବଙ୍କର ମୋହ ବିଷୟ ବର୍ଣ୍ଣନା କରାଯାଇଛି ।

ସଦ ଅସଦ ପରେ ସ୍ଥିତି । ପରମ ପୁରୁଷେ କେ ଚିନ୍ତି । ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପ୍ରକୃତି ପୁରୁଷ ରୂପର । କେ ସାଂଖ୍ୟେ କରନ୍ତି ବିସ୍ତର ।।
ଅନ୍ୟେ ବଦନ୍ତି ନବଶକ୍ତି । ଯେ ଅବା ଛନ୍ତି ପାରାତ୍ରି ।।
ଅବ୍ୟୟ ଆତ୍ମତନ୍ତ୍ରରୂପୀ । ତୁ ନାଥ ଠୂଳ ଶୂନ୍ୟ ବ୍ୟାପୀ ।। ୮/୧୨/୯
ଏମନ୍ତ ହରିର ମହିମା । କେ କହିପାରେ ଗୁଣସୀମା ।। ୮/୧୨/୪୫

ତ୍ରୟୋଦଶ ଅଧ୍ୟାୟରେ ଅବଶିଷ୍ଟ ୮ଟି ମନୁ ବିଷୟରେ ବର୍ଣ୍ଣନା କରାଯାଇଛି । ସପ୍ତମ ମନୁ ବୈବସ୍ୱତ ବା ଶ୍ରାଦ୍ଧଦେବ । ବୈବସ୍ୱତ ମନୁଙ୍କ ୧୦ ପୁତ୍ର ଇକ୍ଷ୍ୱାକୁ, ନଭଗ, ଶର୍ଯ୍ୟାତି, ଧୃଷ୍ଟ, ନରିଷ୍ୟନ୍ତି, ନାଭାଗ, ଦିଷ୍ଟ, କରୂଷ, ପୃଷଧ୍ର ଓ ବସୁମାନ । ଏହି ମନୁଙ୍କ ସମୟରେ ଦେବଗଣ ଆଦିତ୍ୟ, ବସୁ, ରୁଦ୍ର, ବିଶ୍ୱ, ଅଶ୍ୱିନୀ, ଋଭୂ, ଅଣତ୍ତ୍ୱଷ (ମରୁଦ୍ଗଣ) । ଏହି ଦେବଗଣ ମଧ୍ୟରେ ଇନ୍ଦ୍ରର ନାମ ପୁରନ୍ଦର । ଏହି ସମୟର ସପ୍ତଋଷି – କଶ୍ୟପ, ଅତ୍ରି, ବଶିଷ୍ଟ, ଗୌତମ, ବିଶ୍ୱାମିତ୍ର, ଜମଦଗ୍ନି, ଭରଦ୍ୱାଜ । ଏହି ସମୟରେ ଭଗବାନ ବାମନ ରୂପରେ ଅଦିତି ଗର୍ଭରେ କଶ୍ୟପଙ୍କ ଘରେ ଜନ୍ମିଲେ ।

ବିଶ୍ୱକର୍ମାର ୨ କନ୍ୟା – ସଂଜ୍ଞା ଓ ଛାୟା, ସୂର୍ଯ୍ୟଙ୍କୁ ବାହା ହେଲେ । ସଂଜ୍ଞା ଅଶ୍ୱିନୀ (ଘୋଟକୀ ରୂପରେ) ସୂର୍ଯ୍ୟଙ୍କୁ ରମିବାରୁ ଅଶ୍ୱିନୀକୁମାର ଜନ୍ମ ହେଲେ । ସଂଜ୍ଞାଙ୍କର ୨ ପୁତ୍ର - ଯମ ଓ ଶ୍ରାଦ୍ଧଦେବ ଏବଂ କନ୍ୟା - ଯମୁନା । ଛାୟାର ପୁତ୍ର, ସାବର୍ଣ୍ଣି ଓ ଶନୈଶ୍ଚର ଏବଂ କନ୍ୟା ତପତି ।

ଅଷ୍ଟମ ମନୁ (ସୂର୍ଯ୍ୟ ଓ ଛାୟାର ସୁତ) ସାବର୍ଣ୍ଣି । ସାବର୍ଣ୍ଣିଙ୍କ ୨ ପୁତ୍ର ନିର୍ମୋକ ଓ ବିରଜସ୍କ । ଏ ସମୟରେ ଦେବଗଣ ନାମ ବିରଜ । ଏହି ସମୟରେ ବିଷ୍ଣୁ ବାମନ ରୂପେ ବଳିକୁ ଚାପିଲେ । ସାବର୍ଣ୍ଣିଙ୍କ ସମୟରେ ସପ୍ତମୁନି – ଗାଲବ, ଦୀପ୍ତିମାନ, ରାମ, କୃପାଚାର୍ଯ୍ୟ, ଦ୍ରୋଣନନ୍ଦନ, ଋଷ୍ୟଶୃଙ୍ଗ ଓ ବ୍ୟାସ । ଏହି ସମୟେ ବିଷ୍ଣୁ ଦେବଗୁହ୍ୟ ଘରେ ସରସ୍ୱତୀର ଗର୍ଭୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାର୍ବଭୌମ ନାମେ ଜନ୍ମ ହୋଇ ବଳିକି ଇନ୍ଦ୍ରପଦ ଦେଲେ ।

ନବମ ମନୁ ଦକ୍ଷସାବର୍ଣ୍ଣି । ତାର ପୁତ୍ର – ଭୂତକେତୁ ଓ ଦୀପ୍ତକେତୁ । ଦେବତାଙ୍କ ନାମ - ପାରା ମରୀଚିଗର୍ଭ । ଇନ୍ଦ୍ର ନାମ ଅଦ୍ଭୁତ । ଋଷିମାନେ - ଦ୍ୟୁତିମାନ ପ୍ରଭୃତି । ଆୟୁଷ୍ମାନ ଘରେ ଅମ୍ବୁଧାରୀର ଗର୍ଭରେ ବିପ୍ର ଜନ୍ମ ହୋଇ ଋଷଭ ନାମେ ଖ୍ୟାତ ହେବେ ।

ଦଶମ ମନୁ ବ୍ରହ୍ମସାବର୍ଣ୍ଣି । ତାର କୁମରମାନେ ଭୂରିଷେଣ ଇତ୍ୟାଦି । ଋଷିମାନେ ସୁକୃତି, ସତ୍ୟ, ହବିଷ୍ମାନ, ଜୟ, ମୂର୍ତ୍ତି ପ୍ରଭୃତି । ଦେବତା ନାମ ବିରୁଦ୍ଧ ସୁବାସନ । ଇନ୍ଦ୍ରର ନାମ ଶମ୍ଭୁ । ବିଶ୍ୱସୃଜର ଘରେ ଭଗବାନ ବିଷୁଚି ଗର୍ଭରେ ବିଶ୍ୱକେସନ ନାମରେ ଜନ୍ମ ହେବେ । ବିଶ୍ୱକେସନ, ଶମ୍ଭୁ ସଙ୍ଗତରେ ସତ୍ୟଯୁଗରେ ମିତ୍ର ହେବେ ।

ବିଶ୍ୱକେସନ, ଏକାଦଶ ମନୁ ଧର୍ମସାବର୍ଣ୍ଣି ହୋଇ ପୃଥିବୀ ପାଳିବେ । ଏ ମନୁଙ୍କର ସମୟରେ ଦେବଙ୍କ ନାମ ନିର୍ବାଣରୁଚି ବିହଙ୍ଗମ କାମଗମ ହେବ । ଇନ୍ଦ୍ରଙ୍କ ନାମ ବଇଧୃତ ହେବ । ଋଷିମାନେ ଅରୁଣ ଇତ୍ୟାଦି ନାମରେ ଖ୍ୟାତ ହେବେ । ନାରାୟଣ ଅଂଶରେ ଧର୍ମକେତୁ ଜନ୍ମ ହେବେ ।

ରୁଦ୍ରସାବର୍ଣ୍ଣି ଦ୍ୱାଦଶ ମନୁ । ଦେବତାମାନେ ଦେବବାନ, ଉପଦେବ, ହରିତ ପ୍ରଭୃତି । ଇନ୍ଦ୍ର ନାମ ଋତଧାମ । ତପସ୍ୱୀ, ତପୋମୂର୍ତ୍ତି, ଅଗ୍ନୀଧ୍ରକ ପଭୃତି ସପ୍ତଋଷି । ଏହି ମନୁଙ୍କ ସମୟରେ ସ୍ୱଧାମା ନାମେ ଦେବହରି ସୁନୃତା ଗର୍ଭେ ଜନ୍ମ ହେବେ ।

ତ୍ରୟୋଦଶ ମନୁ ଦେବସାବର୍ଣ୍ଣି । ଦେବସାବର୍ଣ୍ଣି ପୁତ୍ରମାନେ ବିଚିତ୍ର, ଚିତ୍ରସେନ । ଦେବତାମାନେ ସୁକର୍ମ, ସୁତ୍ରାମ । ଇନ୍ଦ୍ର ନାମ ଦିବସ୍ପତି । ସପ୍ତଋଷିମାନେ ନିର୍ମୋକ, ତତ୍ତ୍ୱଦର୍ଶ ଇତ୍ୟାଦି । ଦେବହୋତ୍ରଙ୍କ ଔରସରେ ବୃହତୀ ଗର୍ଭରୁ ହରିର ଅଂଶରେ ଯୋଗେଶ୍ୱର ଜନ୍ମ ହେବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚତୁର୍ଦ୍ଦଶ ମନୁ ଇନ୍ଦ୍ରସାବର୍ଣ୍ଣି । ଇନ୍ଦ୍ରସାବର୍ଣ୍ଣିଙ୍କ କୁମରମାନେ ଉରୁ ଓ ଗମ୍ଭୀରବୁଦ୍ଧି । ସେହି ସମୟରେ ଦେବତା ନାମ ଚାକ୍ଷୁସ । ଇନ୍ଦ୍ର ନାମ ଶୁଚି । ସପ୍ତଋଷିମାନେ ଅଗ୍ନି, ବାହୁ, ଶୁଚି, ଶୁଦ୍ଧ ଓ ମାଗଧ ପ୍ରଭୃତି । ଏହି ମନ୍ୱନ୍ତରରେ ବୃହଦଭାନୁ ଅବତାରେ ସତ୍ରାୟଣଙ୍କ ପତ୍ନୀ ବିତାନ ଉଦରେ ବିଷ୍ଣୁ ଜନ୍ମ ହେବେ ।

ଚତୁର୍ଦ୍ଦଶ ଅଧ୍ୟାୟରେ ମନୁ ଆଦିଙ୍କର ପୃଥକ୍ ପୃଥକ୍ କର୍ମ ନିରୂପଣ କରାଯାଇଛି । ମନୁ, ମନୁପୁତ୍ର, ସପ୍ତର୍ଷି, ଇନ୍ଦ୍ର ଓ ଦେବତା – ଏ ସମସ୍ତଙ୍କୁ ସ୍ୱୟଂ ଭଗବାନ ହିଁ ନିଯୁକ୍ତ କରନ୍ତି । ଭଗବାନଙ୍କର ଯେଉଁ ଯଜ୍ଞପୁରୁଷ ଆଦି ଅବତାର ଶରୀର ବିଷୟରେ ବର୍ଣ୍ଣନା କରାଗଲା, ତାଙ୍କରି ପ୍ରେରଣାରେ ମନୁ ଆଦି ବିଶ୍ୱବ୍ୟବସ୍ଥା ସଂଚାଳନ କରନ୍ତି । ଚତୁର୍ଯୁଗୀ ଶେଷରେ ସମୟର ପରିବର୍ତ୍ତନ ଫଳରେ ଶ୍ରୁତିସବୁ ନଷ୍ଟପ୍ରାୟ ହୋଇଯାଆନ୍ତି; ସେତେବେଳେ ସପ୍ତର୍ଷିଗଣ ନିଜ ତପସ୍ୟାବଳରେ ପୁନର୍ବାର ସେସବୁର ଯଥାବତ୍ ସାକ୍ଷାତ୍କାର କରିଥାଆନ୍ତି । ସେହି ଶ୍ରୁତିମାନଙ୍କ ଦ୍ୱାରା ହିଁ ସନାତନ ଧର୍ମ ସୁରକ୍ଷିତ ହୁଏ । ଏହିପରି ମହାକଳ୍ପ ଓ ଅବାନ୍ତର କଳ୍ପର ପରିମାଣ ନିରୂପିତ ଏବଂ ସେ ସବୁର କାର୍ଯ୍ୟ ନିର୍ଦ୍ଧାରିତ ଅଟେ । ପ୍ରତ୍ୟେକ ଅବାନ୍ତର କଳ୍ପରେ ଚଉଦଟି ମନ୍ୱନ୍ତର ହୁଏ ।

ପଞ୍ଚଦଶ ଅଧ୍ୟାୟରେ ରାଜା ବଳିଙ୍କର ସ୍ୱର୍ଗ ବିଜୟ ବିଷୟ ବର୍ଣ୍ଣିତ । ଇନ୍ଦ୍ର ବଳିକୁ ପରାସ୍ତ କରି ତାଙ୍କର ସମ୍ପତ୍ତି ଛଡ଼ାଇନେଲେ ଓ ତାଙ୍କୁ ବଧ କଲେ । କିନ୍ତୁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସଞ୍ଜିବନୀ ପ୍ରୟୋଗ କରି ବଳିକୁ ପୁନର୍ଜୀବିତ କରିଦେଲେ । ଏହି ଅଧ୍ୟାୟର ଶ୍ଳୋକ ୧୨ ରୁ ୨୨ ମଧ୍ୟରେ ଇନ୍ଦ୍ରପୁର ଶୋଭା ବର୍ଣ୍ଣନ । ଦାନବରାଜା ବଳି ଇନ୍ଦ୍ରପୁରୀ ଅମରାବତୀକୁ ଚତୁର୍ଦ୍ଦିଗରୁ ଘେରିଗଲା । ବଳିର ଯୁଦ୍ଧ ଆୟୋଜନ ଚମତ୍କାର ଥିଲା । ଇନ୍ଦ୍ର ଡ଼ରିଯାଇ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ ନେଲେ । ଦେବତାମାନେ ବୃହସ୍ପତିଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରାମର୍ଶକ୍ରମେ ରୂପ ବଦଳାଇ ଲୁଚିପଡ଼ିଲେ । ବଳି ଅମରାବତୀକୁ ନିଜ କବଳକୁ ନେଇଗଲା ଓ ତା'ପରେ ତିନି ପୁରକୁ ଜିଣିଗଲା । ଏପରି ଭାବରେ ବଳି ସ୍ୱର୍ଗବିଜୟ କରିପାରିଲା ।

ଷୋଡ଼ଶ ଅଧ୍ୟାୟରେ ପୟୋବ୍ରତ କରିବା ନିମନ୍ତେ ଅଦିତିଙ୍କୁ କଶ୍ୟପର ଉପଦେଶ ଦେବା ବିଷୟ ବର୍ଣ୍ଣନା କରାଯାଇଛି । ବଳି ସ୍ୱର୍ଗ ଅଧିକାର କରିନେବାରୁ ଦେବମାତା ଅଦିତି ମନରେ ଦୁଃଖ କଲେ । ବହୁଦିନ ପରେ ସମାଧି ଭାଙ୍ଗିବାରୁ କଶ୍ୟପ ଅଦିତିଙ୍କ ଆଶ୍ରମରେ ପହଞ୍ଚିଲେ । ତା ପରେ ସେ ପତ୍ନୀ ଅଦିତିଙ୍କର କୁଶଳ ସମାଚାର ପଚାରି ନିମ୍ନ ପ୍ରକାରେ କିଛି ବାଣୀ କହିଲେ -

କାଳର ବଶ ଏ ସଂସାର । କେ ଭୃତ୍ୟ କେ ଅବା ଈଶ୍ୱର । ।
ଭୋଗ ସମ୍ପଦ ଅର୍ଥ ଗୃହେ । ପ୍ରାଣୀ ସାଧନ୍ତି ଅତି ମୋହେ । ।
ଏ ଭାବେ ସଂସାର ରଚିତ । କିବା ହୋଇଲା ଆଚମ୍ବିତ । ।୮/୧୬/୫
ଯା ଘରୁ ଅତିଥି ବାହୁଡ଼େ । ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ । ।
ତାର ସଞ୍ଚିତ ପୁଣ୍ୟ ଯେତେ । ଗମନ୍ତି ଅତିଥି ସଙ୍ଗତେ । ।୮/୧୬/୭
ଅର୍ଜିଲା କର୍ମର ଆୟତ୍ତେ । ଜନ୍ତୁ ସରନ୍ତି ଜଗତେ । । ୮/୧୬/୧୪

ଏହି ଅଧ୍ୟାୟର ଶ୍ଳୋକ ୨୫ ରୁ ୨୮ ମଧ୍ୟରେ ବର୍ଣ୍ଣନା କରାଯାଇଛି ଯେ ବଳିର ଅତ୍ୟାଚାରରେ ଦେବଗଣ ଶ୍ରୀହୀନ ହୋଇଥିବାରୁ ଦେବମାତା ଅଦିତି କଶ୍ୟପଙ୍କୁ ଏହାର ସମାଧାନ ନିମନ୍ତେ ପଚାରିବାରୁ କଶ୍ୟପ ହରିତୋଷଣ ବ୍ରତ ବା ପୟୋବ୍ରତ ପାଳନ କରିବାକୁ ଅଦିତିଙ୍କୁ କହିଲେ । ଫାଲଗୁନ ଶୁକ୍ଳ ପ୍ରତିପଦାଠାରୁ ଦ୍ୱାଦଶୀ ଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ କରିବ । ଅମାବାସ୍ୟା ପ୍ରାତରୁ ହିଁ ବରାହ ଦନ୍ତ ଖାତକୁ ଯାଇ ମାଟି ମନ୍ତ୍ରି ଅଙ୍ଗେ ଲେପିବା ଇତ୍ୟାଦି ବିଧି କହିଛନ୍ତି । ଶ୍ଳୋକ ୨୯ ରୁ ୩୭ ମଧ୍ୟରେ କଶ୍ୟପ ଅଦିତିଙ୍କୁ ଭଗବତ୍ ସ୍ତୁତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ପୟୋବ୍ରତ ସମୟର ସମ୍ପୂର୍ଣ୍ଣ ସ୍ତୁତି) କହିଛନ୍ତି । ଶ୍ଳୋକ ୩୦ ରେ ବର୍ଣ୍ଣନ ଅଛି ଯେ, ଚତୁର୍ବିଂଶତି ଗୁଣ – ସାଂଖ୍ୟ ମତାନୁସାରେ – ମୂଳପ୍ରକୃତି, ମହତ୍ତ୍ୱ, ଅହଂକାର, ପଞ୍ଚତନ୍ମାତ୍ରା (ଶବ୍ଦ, ସ୍ପର୍ଶ, ରୂପ, ରସ. ଗନ୍ଧ), ପଞ୍ଚଭୂତ (ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ), ଦଶଇନ୍ଦ୍ରିୟ (ପଞ୍ଚଜ୍ଞାନେନ୍ଦ୍ରିୟ – ଶ୍ରୋତ୍ର, ତ୍ୱକ୍, ଚକ୍ଷୁ, ରସନା, ନାସିକା; ପଞ୍ଚ କର୍ମେନ୍ଦ୍ରିୟ – ହସ୍ତ, ପାଦ, ମୁଖ, ଜନନେନ୍ଦ୍ରିୟ, ଗୁହ୍ୟଦ୍ୱାର) ଓ ମନ -

ମୂଳ ପ୍ରକୃତିର ବିକୃତିର୍ମହଦାଦ୍ୟାଃ ପ୍ରକୃତି ବିକୃତୟଃ ସପ୍ତ ।

ଷୋଡଶକସ୍ତୁ ବିକାରୋ ନ ପ୍ରକୃତିର୍ନ ବିକୃତିଃ ପୁରୁଷଃ । ।

(ସାଂଖ୍ୟ ପ୍ରବଚନ ଭାଷ୍ୟ, ୧ମ ଅଧ୍ୟାୟ) ବୈଶେଷିକ ମତାନୁସାରେ – ରୂପ, ରସ, ଗନ୍ଧ, ସ୍ପର୍ଶ, ପରତ୍ୱ, ଅପରତ୍ୱ, ଗୁରୁତ୍ୱ, ଦ୍ରବତ୍ୱ, ସ୍ନେହ, ବେଗ, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ପ୍ରଯତ୍ନ, ଧର୍ମ, ଅଧର୍ମ, ଭାବନା, ଶବ୍ଦ, ସଂଖ୍ୟା, ପରିମାଣ, ପୃଥକ୍ତ୍ୱ, ସଂଯୋଗ ଓ ବିଭାଗ –

ରୂପ ରସ ଗନ୍ଧ ସ୍ପର୍ଶ ପରତ୍ୱାପରତ୍ୱ ଗୁରୁତ୍ୱ ଦ୍ରବତ୍ୱ ସ୍ନେହବେଗା ମୂର୍ତ୍ତଗୁଣାଃ ।

ବୁଦ୍ଧି ସୁଖ ଦୁଃଖେଚ୍ଛା ପ୍ରଯତ୍ନ ଧର୍ମାଧର୍ମ ଭାବନା ଶବ୍ଦା ଅମୂର୍ତ୍ତଗୁଣାଃ ।

ସଂଖ୍ୟା ପରିମାଣ ପୃଥକ୍ତ୍ୱ ସଂଯୋଗ ବିଭାଗା ଉଭୟଗୁଣାଃ ।

କିନ୍ତୁ 'ତର୍କ ସଂଗ୍ରହ'ରେ ସଂକଳିତ ଚତୁର୍ବିଂଶତି ଗୁଣ କଥନରେ ଉପରୋକ୍ତ ଗୁଣଗୁଡ଼ିକ ମଧ୍ୟରୁ 'ବେଗ' ଓ 'ଭାବନା' ପରିବର୍ତ୍ତେ 'ଦ୍ୱେଷ' ଓ 'ସଂସ୍କାର' ଗୁଣ ଦୁଇଟିର ନାମୋଲ୍ଲେଖ ମିଳେ ।

ଶ୍ଳୋକ ୩୧ ରେ ବର୍ଣ୍ଣନା

"ଦ୍ୱିଶିର ତ୍ରିଚରଣ ତୁହି । ଚତୁର ସୃଙ୍ଗ ତନ୍ତୁ ଦେହୀ । ।
ସପତହସ୍ତ ଯଜ୍ଞରୂପୀ । ଆତ୍ମା ତୋ ତିନିବେଦ ବ୍ୟାପି । ।"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅର୍ଥାତ୍ ଯଜ୍ଞରୂପୀ ଭଗବାନଙ୍କର ପ୍ରାୟଣୀୟ ଓ ଉଦୟନୀୟ କର୍ମ - ଦୁଇଟି ଶିର; ପ୍ରାତଃ, ମଧ୍ୟାହ୍ନ ଓ ସଂଧ୍ୟା (ସବନ ତ୍ରୟ) – ତିନୋଟି ଚରଣ; ବେଦ ଚତୁଷ୍ଟୟ – ଚାରୋଟି ଶୃଙ୍ଗ; ଗାୟତ୍ରୀ ଆଦି ସପ୍ତ ଛନ୍ଦ - ସାତଟି ହସ୍ତ । ସ୍ୱୟଂ ଭଗବାନ ହିଁ ଏହି ବେଦ ପ୍ରତିପାଦିତ ଧର୍ମମୟ ବୃଷଭରୂପୀ ଯଜ୍ଞର ଆତ୍ମା । ଶ୍ଲୋକ ୩୮ ରୁ ୫୭ ମଧ୍ୟରେ ପୟୋବ୍ରତ ପାଳନର ସମ୍ପୂର୍ଣ୍ଣ ପୂଜାବିଧି ବର୍ଣ୍ଣିତ ।

ସପ୍ତଦଶ ଅଧ୍ୟାୟରେ ଅଦିତିଙ୍କ ବ୍ରତ, ପୁଜା ଅର୍ଚ୍ଚନା ଓ ପ୍ରାର୍ଥନା ଯୋଗୁଁ ଭଗବାନ କଶ୍ୟପ ଶରୀରରେ ପ୍ରବେଶ ହୋଇ ଅମରଗୁରୁ ଲଗ୍ନରେ ଅଭିଜିତ ନାମକ ମୂହୂର୍ତ୍ତରେ ବାମନ ରୂପରେ ଅଦିତି ଗର୍ଭରେ ସଞ୍ଚାର ହେଲେ ।

ଅଷ୍ଟାଦଶ ଅଧ୍ୟାୟରେ ବାମନଜନ୍ମ ଓ ବଳିଙ୍କ ଯଜ୍ଞଶାଳାକୁ ବାମନଙ୍କ ଗମନ ବିଷୟ ବର୍ଣ୍ଣନା କରାଯାଇଛି । ଭଗବାନ ବାମନ ଶ୍ରବଣା ନକ୍ଷତ୍ରର ଅଭିଜିତ୍ ମୁହୂର୍ତ୍ତେ ଜନ୍ମ ଗ୍ରହଣ କରିଥିଲେ ଓ ସେ ଦିନ ଥିଲା ଭାଦ୍ରବ ଶୁକ୍ଳପକ୍ଷର ଦ୍ୱାଦଶୀ । ଏହି ତିଥିକୁ ବିଜୟା ଦ୍ୱାଦଶୀ ବୋଲି କୁହାଯାଏ ।

ଭଗବାନ ବାମନଙ୍କୁ ସବିତା (ସୂର୍ଯ୍ୟ) ସାବିତ୍ରୀମନ୍ତ୍ର କର୍ଣ୍ଣେ କହିଲେ, ଅବନୀ କୃଷ୍ଣାଜିନ ଦେଲେ, ଶଶାଙ୍କ - ଦଣ୍ଡ, ଅଦିତି – କଉପୀନ, କଶ୍ୟପ - କଟିସୂତ୍ର, ଆକାଶ – ଛତ୍ରଦାନ, ମିନିମାନେ - କୁଶ, ବେଦଗର୍ଭ – କମଣ୍ଡଳୁ, ଶାରଦା - ଅକ୍ଷମାଳା, ଯକ୍ଷରାଜା – ଭିକ୍ଷାପାତ୍ର, ଅମ୍ବିକା – ଭିକ୍ଷା ଓ ମୁନିମାନେ ବ୍ରହ୍ମତେଜ ଦେଲେ ।

ସମସ୍ତ ପ୍ରକାର ଶୋଭା ମଣ୍ଡିତ ହୋଇ ବାମନ ନର୍ମଦା ନଦୀର ଉତ୍ତର ତଟରେ ଥିବା ଭୃଗୁକଚ୍ଛ ନାମକ ସ୍ଥାନ ଯେଉଁଠି ବଳି ଯଜ୍ଞ କରୁଥିଲେ ସେଠାକୁ ଚାଲିଲେ । ଭଗବାନ ବାମନଙ୍କୁ ଦେଖି ସମସ୍ତଙ୍କ ତେଜ ନିସ୍ତେଜ ହୋଇଗଲା । ନିଜ ମାୟାରେ ଛଦ୍ମବେଶୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ରହ୍ମଚାରି ବାମନକୁ ଦେଖି ବଳି ଓ ସମସ୍ତ ଉପସ୍ଥିତ ବ୍ରାହ୍ମଣ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ସତ୍କାର କଲେ । ବହୁତ ଆନନ୍ଦିତ ହୋଇ ବଳି ବାମନଙ୍କୁ ଯାହା ଇଚ୍ଛା ଦାନ ମାଗିବାକୁ କହିଲେ ।

ଊନବିଂଶ ଅଧ୍ୟାୟରେ ବାମନଙ୍କର ବଳିକୁ ତିନିପାଦ ଭୂମି ଯାଚନା, ଭୂମିଦାନ କରିବାକୁ ବଳିଙ୍କର ସତ୍ୟପ୍ରତିଜ୍ଞା ଓ ତାଙ୍କୁ ଶୁକ୍ରାଚାର୍ଯ୍ୟଙ୍କର ବାରଣ ବିଷୟ ବର୍ଣ୍ଣନା କରାଯାଇଛି । ଏଠାରେ ବଳିର ପୂର୍ବୋଜଙ୍କ ଉତ୍ପତ୍ତି ଓ କର୍ତ୍ତୃତ୍ୱ ବା ମହିମା ବର୍ଣ୍ଣନ ଅର୍ଥାତ୍ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ - ପ୍ରହ୍ଲାଦ - ବିରୋଚନ - ବଳି ପଭୃତିଙ୍କ ବିଷୟ ବର୍ଣ୍ଣନ । ବଳିର ପିତା ବିରୋଚନକୁ ଦେବତାମାନେ ଛଦ୍ମ ବ୍ରାହ୍ମଣ ବେଶରେ ଆୟୁ ଭିକ୍ଷା ମାଗିଥିଲେ । ସେମାନଙ୍କର କପଟ ଜାଣିପାରିବା ସତ୍ତ୍ୱେ ବିରୋଚନ ନିଜର ଆୟୁ ପ୍ରଦାନ କରିଥିଲେ । ଶ୍ଳୋକ ୧୫ ରୁ ୧୭ ବାମନ ବଳିକୁ ତିନି ପାଦ ଭୂମି ମାଗିଲେ । ଶ୍ଳୋକ ୩୦ ରୁ ୩୪ ମଧ୍ୟରେ ଦାନ ନ ଦେବା ପାଇଁ ବଳିକୁ ଶୁକ୍ରାଚାର୍ଯ୍ୟ ଉପଦେଶ ଦେଲେ । ତେଣୁ ବଳି ଶୁକ୍ରାଚାର୍ଯ୍ୟଙ୍କୁ କହିଲେ -

ସଂକଳ୍ପ କରି ଦାନ ଅର୍ଥେ । ପଛେ ନ ଦ୍ୟନ୍ତି ଯେ ଜଗତେ । ।
ସେ କାହିଁ ଥିବେ ଏ ସଂସାରେ । ପଡ଼ନ୍ତି ଅନ୍ଧତମ ଘୋରେ । ।

ତା ପରେ ବଳି କହିଲେ -

ଯେ ଦାନେ ବୃତ୍ତି ଯାଏ ନାଶ । କୁଳ ସମ୍ପଦ କର୍ମ ଯଶ । ।
ସେ ଦାନ କେବେହେଁ ନ କରି । ଯଶ ସମ୍ପଦ ଧର୍ମ ହରି । ।
ଧର୍ମ ଅର୍ଥ ଯେ ଯଶ କାମ । ଆବର କୁଟୁମ୍ବ ପୋଷଣ । ।
ଏଥକୁ ରଖି ଦାନ କଲେ । ଆନନ୍ଦ ଲଭେ ପ୍ରାଣୀ ଭଲେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିହାସରେ ନାରୀ ସଙ୍ଗେ । ବିବାହେ କନ୍ୟାବର ଯୋଗେ । ।

ବୃତ୍ତ୍ୟର୍ଥେ ପ୍ରାଣର ସଂକଟେ । ଗୋରୁ ବ୍ରାହ୍ମଣଙ୍କର କଷ୍ଟେ । ।

ମିଥ୍ୟା କହିଲେ ଯେବେ ତରେ । ଏ କଥା କେ ଅବା ନ କରେ । ।

"ରାମାଦିବତ୍ ବର୍ତ୍ତିବ୍ୟଂ ନ ତୁ ରାବଣାଦିବତ୍ ।"

ବିଂଶ ଅଧ୍ୟାୟରେ ବାମନଙ୍କର ବିରାଟରୂପ ଧାରଣ ଏବଂ ଦୁଇ ପାହୁଣ୍ଡରେ ମର୍ତ୍ତ୍ୟ ଓ ସ୍ୱର୍ଗ ମାପିନେବା ବିଷୟ ବର୍ଣ୍ଣନ । ଶୁକ୍ରାଚାର୍ଯ୍ୟଙ୍କ ଉପଦେଶ ଶୁଣି ବଳି କହିଲେ -

ରଣେ ଝାସନ୍ତି ଯେଉଁ ବୀର । ସମରେ ତ୍ୟଜନ୍ତି ଶରୀର । ।

ତହୁଁ ଅଧିକ ପାତ୍ରେ ଦାନ । ଯେ କରେ ସେହି ମହାଜନ । ।

ଯେ ସତପାତ୍ରେ ଦ୍ୟନ୍ତି ଦାନ । ସେ ସର୍ବେ ସାତ୍ତ୍ୱିକ ଜୀବନ । ।

ବଳିର ପତ୍ନୀ ବିନ୍ଧ୍ୟାବଳୀ, ବଳି ଦାନ ଦେବା ସମୟରେ ବାମନଙ୍କୁ ଭକ୍ତି ଓ ଶ୍ରଦ୍ଧା ସହ ସତ୍କାର କଲେ । ଶ୍ଳୋକ ୨୧ ରୁ ୩୪ ମଧ୍ୟରେ ବାମନ ସ୍ୱର୍ଗ ଓ ମର୍ତ୍ତ୍ୟ, ଦୁଇ ପାଦରେ ନେଇଗଲେ ।

ଏକବିଂଶ ଅଧ୍ୟାୟରେ ବଳି ନିବନ୍ଧନ ବିଷୟ ବର୍ଣ୍ଣିତ । ବଳି ଅସୁରଗୁରୁ ଶୁକ୍ରାଚାର୍ଯ୍ୟଙ୍କ କଥା ନ ଶୁଣିବାରୁ ସେ ବଳିକୁ ଅଭିଶାପ ଦେଲେ । ଅନ୍ୟ ଅସୁରମାନେ ଭଗବାନଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଦେଲେ । ଭଗବାନଙ୍କ ପାର୍ଷଦମାନେ ସମସ୍ତ ଅସୁରଙ୍କୁ ଧୂଳିସାତ୍ କରିଦେଲେ । ବଳିପୁର ଶ୍ରୀହୀନ ହୋଇଗଲା । ଭଗବାନ ବାମନ ଦୁଇ, ପାଦ ସ୍ୱର୍ଗରୁ ମର୍ତ୍ତ୍ୟ ପର୍ଯ୍ୟନ୍ତ ପ୍ରସାର କରି ତୃତୀୟ ପାଦରେ ବଳିକୁ ପାତାଳକୁ ଚାପିଦେଲେ ।

ଦ୍ୱାବିଂଶ ଅଧ୍ୟାୟରେ ବଳି ଭଗବାନଙ୍କୁ ସ୍ତୁତି କରିଛି ଏବଂ ଭଗବାନ ତା ପ୍ରତି ଅନୁଗ୍ରହ କରିଛନ୍ତି । ଏଠାରେ ଭଗବାନ ବୁଝାଇବା ଭାଗବତର ମହତ ବାଣୀ ଅନୁସାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁହାଯାଇଛି -

କେବା ଜନନୀ ଭ୍ରାତା ତାତ । କିବା ସମ୍ପଦ ଏ ଜଗତ । ।
ପତ୍ନୀ ତନୟ କେହି ନୋହେ । ସର୍ବେ ଯନ୍ତ୍ରିତ ମାୟାମୋହେ । ।
ଏ ଯେତେ ସଂସାର ଦେଖଇ । ଜନ୍ମେ ମରଣେ ହେତୁ ତୁହି । ।
ମୁଁ ଯାକୁ ଅନୁଗ୍ରହ କରେ । ସର୍ବ ସମ୍ପଦ ବେଗେ ହରେ । ।
ଯେ ଅର୍ଥ ମଦେ ଅନ୍ଧ ହୋଇ । ପର ଅପର ନ ଜାଣଇ । ।
ମୁଁ ଯେ ବସଇ ସର୍ବଭୂତେ । ମୋତେ ନ ମାନେ ଗର୍ବଚିତ୍ତେ । ।
ଏ ଜୀବଆତ୍ମା କାମ୍ୟ କର୍ମେ । ମାୟାରେ ସର୍ବଭୁତେ ଭ୍ରମେ । ।
ନାନା ଯୋନିରେ ଜନ୍ମ ହୋଏ । ଜ୍ଞାନ ନ ଲଭେ ମାୟାମୋହେ । ।
ଜନ୍ମ କରମ ବୟ ରୂପ । ବିଦ୍ୟା ଐଶ୍ୱର୍ଯ୍ୟ ଧନାଧିପ । ।
ଏ ଭାବେ ଯାର ଗର୍ବ ନାହିଁ । ମୋହର ଅନୁଗ୍ରହ ତହିଁ । ।
ଯେ ଜନ ମାନ ଗର୍ବ ବହେ । ଧନ ସମ୍ପଦ ରୂପ ଦେହେ । ।
ସେ ମୋତେ ଜାଣିବ କେମନ୍ତେ । ମାୟା ମୋହିତ ଅବିରତେ । ।

ପରିଶେଷରେ ଭଗବାନ ବଳିଙ୍କ ଉଦ୍ଦେଶ୍ୟରେ କହିଲେ ଯେ, ବଳି ହେଉଛନ୍ତି ଏକ ମହାନ୍ ସତ୍ୟପ୍ରିୟ ଦାନୀ ରାଜା । ତେଣୁ ବଡ଼ ବଡ଼ ଦେବତାମାନଙ୍କୁ ଯେଉଁ ସ୍ଥାନ ମିଳେ ସେହି ସ୍ଥାନ ବଳିକୁ ମିଳିବ । ବଳି ହେଉଛନ୍ତି ଭଗବାନଙ୍କର ପରମ ଭକ୍ତ । ତେଣୁ ତାଙ୍କୁ ସାବର୍ଣ୍ଣି ମନ୍ୱନ୍ତରରେ ଇନ୍ଦ୍ରପଦ ମିଳିବ ଏବଂ ସେ ପର୍ଯ୍ୟନ୍ତ ସେ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ସୁତଳଲୋକରେ ବାସ କରିବେ । ତା'ପରେ ଭଗବାନ ବଳିକୁ ତାଙ୍କ ନିଜ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନଙ୍କ ସହ ସୁତଳ ଲୋକକୁ ଯାଇ ଅତି ଆନନ୍ଦରେ ଭୋଗବିଳାସରେ ରହିବାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଦେଶ ଦେଇଥିଲେ ।

ତ୍ରୟୋବିଂଶ ଅଧ୍ୟାୟରେ ବଳିର ବନ୍ଧନମୁକ୍ତି ଓ ସୁତଳଲୋକ ଗମନ ବିଷୟ ବର୍ଣ୍ଣିତ । ଏହି ଅଧ୍ୟାୟରେ ଆହୁରି ମଧ୍ୟ ବର୍ଣ୍ଣନା କରାଯାଇଛି ଯେ, ବଳିକୁ ସୁତଳଲୋକ ପ୍ରେରଣ କଲାପରେ ଭଗବାନ ପ୍ରହ୍ଲାଦଙ୍କୁ ମଧ୍ୟ ସୁତଳଲୋକକୁ ଯାଇ ତାଙ୍କ ନାତି ସହ ସ୍ୱଚ୍ଛନ୍ଦରେ ସୁଖଭୋଗ କରି ସୁଖରେ କାଳାତିପାତ କରିବାକୁ କହିଲେ । ଫଳରେ ପ୍ରହ୍ଲାଦ ବି ସୁତଳଲୋକକୁ ଯାଇ ନିଜ ନାତି ସହ ସୁଖ ଜୀବନ ବାହିତ କଲେ । ଭଗବାନ ବି ନିଜ ଲୀଳା ସ୍ୱରୂପ କିଛିକାଳ ସୁତଳଲୋକର ଦ୍ୱାରପାଳ ହୋଇ ରହିଥିଲେ ।

ଚତୁର୍ବିଂଶ ଅଧ୍ୟାୟରେ ବିଗତ କଳ୍ପର ସୃଷ୍ଟି ଅନ୍ତକାଳେ ବ୍ରହ୍ମା କୂଳରେ ବେଦ ଥୋଇ ସଂନ୍ଧ୍ୟା କରିବାକୁ ଜଳରେ ପଶନ୍ତେ ସେହି ବେଦକୁ ହୟଗ୍ରୀବ ଅସୁର ହରଣ କରି ନେଇଗଲା । ସେତେବେଳଏ ବ୍ରହ୍ମା ବିଷ୍ଣୁଙ୍କୁ ସ୍ମରିବାରୁ ବିଷ୍ଣୁ ଶଫରୀ ରୂପ ଧରି ଅସୁର ହୟଗ୍ରୀବକୁ ବିନାଶ କଲେ । (ଷଷ୍ଠ ମନୁ ଚାକ୍ଷୁଷ ମନୁ ଅନ୍ତକାଳର ଘଟଣା) ଉକ୍ତ କଳ୍ପ ଅନ୍ତ କାଳେ ଦୈନନ୍ଦିନ ବା ନୈମିତ୍ତିକ ନାମକ ପ୍ରଳୟ ଉପଗତ ସମୟେ ସତ୍ୟବ୍ରତ ନାମକ ରାଜା ସିନ୍ଧୁ ତଟେ ରାଜୁତି କରୁଥିଲେ ଯିଏ କି ସେହି କଳ୍ପ ଅନ୍ତେ ଶ୍ରାଦ୍ଧଦେବ ମନୁ ନାମରେ ବିଦିତ ।

ସେହି ସତ୍ୟବ୍ରତ ରାଜା କୃତମାଳା ନାମକ ନଦୀ କୂଳରେ ସ୍ନାନ କଲାବେଳେ ଜଳ ଅଞ୍ଜଳି କଲାବେଳେ ଭଗବାନ ମୀନ ରୂପ ଧରି ତାଙ୍କର ହସ୍ତରେ ରହିଲେ । ବଡ଼ ମାଛ ଖାଇଯିବା ଭୟରେ ନଦୀରେ ନ ରହିବାକୁ ଅନୁରୋଧ କରିବାରୁ ରାଜା ତାକୁ ନେଇ କମଣ୍ଡଳୁ ମଧ୍ୟରେ ରଖିଲେ ।

ପ୍ରାଣୀ ଜୀବନ ରକ୍ଷା କଲେ । ଆପଣେ ରକ୍ଷା ପାଇ ଭଲେ ।।

ମୀନର ଅନୁରୋଧ କ୍ରମେ ରାଜା ମୀନକୁ କମଣ୍ଡଳରୁ କଳସକୁ, ତାପରେ କୂପକୁ, ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାତ ଜଳକୁ, ତା ପରେ ସରୋବରକୁ, ସେଠାରୁ ହ୍ରଦକୁ ଏବଂ ଶେଷରେ ସମୁଦ୍ରକୁ ନେଇଗଲେ । ରାଜା ସତ୍ୟବ୍ରତ ଜାଣିପାରିଲେ ଯେ ସେହି ମୀନ ସାଧାରଣ ମୀନ ନୁହେଁ, ନିଶ୍ଚୟ ଏହା ଭଗବାନଙ୍କର ଲୀଳା । ତେଣୁ ସେ ତାଙ୍କୁ ସ୍ତୁତି କରିବାକୁ ଲାଗିଲେ ।

ଅଜ୍ଞାନୀ ଜନ ଏ ଜଗତେ । ବନ୍ଧନ କର୍ମର ଆୟତେ । ।
ସୁଖର ଲୋଭେ ଦୁଃଖେ ପଡ଼େ । ଯାବତ ଭକ୍ତିମାର୍ଗ ହୁଡ଼େ । ।
ତାବତ ସୁଖ ନାହିଁ ତାର । ଲଭଇ ଦୁଃଖ ମହାଘୋର । ।
ଯାବତ ନ ଜାଣଇ ତୋତେ । ତାବତ ଭ୍ରମଇ ଜଗତେ । ।
ମୂର୍ଖକୁ ମୂର୍ଖ କଲେ ଗୁରୁ । ତରି କି ପାରେ ତମଘୋରୁ । ।

ରାଜା ସତ୍ୟବ୍ରତ ଏପରି ପ୍ରାର୍ଥନା କରିବାରୁ, ମତ୍ସ୍ୟରୂପଧାରୀ ଭଗବାନ ପ୍ରଳୟ ଜଳରେ ବିହାର କରି କରି ତାହାଙ୍କୁ ଆତ୍ମତତ୍ତ୍ୱ ଉପଦେଶ ଦେଲେ । ସତ୍ୟବ୍ରତଙ୍କୁ ଭଗବାନ ନିଜ ସ୍ୱରୂପର ସମ୍ପୂର୍ଣ୍ଣ ରହସ୍ୟ ବର୍ଣ୍ଣନା କରିବା ସହିତ ଉପଦେଶ ଛଳରେ ଜ୍ଞାନ, ଭକ୍ତି ଓ କର୍ମଯୋଗରେ ପରିପୂର୍ଣ୍ଣ ଦିବ୍ୟ ପୁରାଣ ଶୁଣାଇଲେ । ସେହି ପୁରାଣକୁ ମତ୍ସ୍ୟପୁରାଣ କୁହାଯାଏ । ନୌକା ଉପରେ ବସି ସତ୍ୟବ୍ରତ ଭଗବାନଙ୍କର ସନାତନ ବ୍ରହ୍ମସ୍ୱରୂପ ଆତ୍ମତତ୍ତ୍ୱକୁ ଶ୍ରବଣ କଲେ । ପ୍ରଳୟ ଶେଷ ହୋଇଯିବାରୁ ଏବଂ ବ୍ରହ୍ମାଙ୍କ ନିଦ ଭାଙ୍ଗିବାରୁ ହୟଗ୍ରୀବ ଅସୁରକୁ ବଧ କରି ଭଗବାନ ତା ଠାରୁ ବେଦ ଛଡ଼ାଇ ଆଣିଲେ ଏବଂ ତାହା ବ୍ରହ୍ମାଙ୍କୁ ପ୍ରଦାନ କଲେ । ଭଗବାନଙ୍କ କୃପାରୁ ରାଜା ସତ୍ୟବ୍ରତ ଜ୍ଞାନ ଓ ବିଜ୍ଞାନରେ ସମ୍ପନ୍ନ ହୋଇ ଏହି କଳ୍ପରେ ବୈବସ୍ୱତ ମନୁ ହେଲେ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଅଷ୍ଟମ ସ୍କନ୍ଧଃ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।

ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।।

ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।

ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ ।।

ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ ।।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ

ମୋବାଇଲ୍ ନଂ – ୭୩୭୨୧୩୩୭୩୫

e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଗବତ



ଶାନ୍ତିଲତା ସାହୁ

'ଭାଗବତ' – ଏହି ଚାରିଟି ଅକ୍ଷରର ଅର୍ଥ ହେଲା – 'ଭା' ଅର୍ଥାତ୍ 'ଭାବ', ଅର୍ଥାତ୍ ସମସ୍ତଙ୍କ ସହ ଭଲ ସଂପର୍କ ରଖିବା । 'ଗ' ଅର୍ଥାତ୍ 'ଜ୍ଞାନ' ଅର୍ଥାତ୍ ପଠନ ମାଧ୍ୟମରେ ନିଜର ଜ୍ଞାନ ବିତରଣ କରିବା । 'ବ' ଅର୍ଥାତ୍ 'ବୈରାଗ୍ୟ' ଅର୍ଥାତ୍ କୌଣସି ଜିନିଷକୁ ଲୋଭ ନ କରିବା । 'ତ' ଅର୍ଥାତ୍ 'ତତ୍ତ୍ୱ' ଅର୍ଥାତ୍ ଏହାର ଅର୍ଥ ବୁଝି କାର୍ଯ୍ୟ କରିବା । ଏହା ଚାରୋଟି ଅଧ୍ୟାୟରେ ବର୍ଣ୍ଣିତ ଗ୍ରନ୍ଥ । ଏହାକୁ 'ନବାକ୍ଷରୀ' ଗ୍ରନ୍ଥ ମଧ୍ୟ କୁହାଯାଏ ।

ଭାଗବତକୁ ପ୍ରଥମେ ସଂସ୍କୃତରେ ବ୍ୟାସଦେବ ଲେଖିଥିଲେ । ବ୍ୟାସଙ୍କ ସଂସ୍କୃତ ଭାଗବତ ସମସ୍ତେ ପଢ଼ି ପାରୁନଥିଲେ । ସେହି ସମୟରେ ପୁରୀ ଜିଲ୍ଲାର କପିଳେଶ୍ୱରପୁର ଶାସନରେ ସ୍ୱର୍ଗତଃ ଭଗବାନ ଦାସଙ୍କ ଔରସରୁ ପଦ୍ମାବତୀଙ୍କ ଗର୍ଭରୁ ଜନ୍ମଲାଭ କରିଥିଲେ ମହାନ୍‌କବି ଜଗନ୍ନାଥ ଦାସ । ପଦ୍ମାବତୀ ପ୍ରତିଦିନ ବଡ଼ଦେଉଳକୁ ଯାଇ ଶ୍ରୀ ଶ୍ରୀ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ମୁକ୍ତି ମଣ୍ଡପରେ ପଣ୍ଡିତମାନଙ୍କ ଠାରୁ ସଂସ୍କୃତ ଭାଗବତ ଶୁଣୁଥିଲେ । କିନ୍ତୁ ଭଲଭାବେ ବୁଝିପାରୁ ନଥିଲେ । ମାଆ ମନ ଦୁଃଖ କରି ରହୁଥିଲେ । ପୁତ୍ର ଜଗନ୍ନାଥ ଦାସ ମାତାଙ୍କ ମନର ଦୁଃଖ ଦୂର କରିବାକୁ ଚିନ୍ତା କରିଲେ । ଏହାପରେ ବଡ଼ଠାକୁରଙ୍କୁ ପ୍ରଣିପାତ କରି ଓଡ଼ିଆ ମଠରୁ ସଂସ୍କୃତ ଭାଗବତ ଆଣି ପ୍ରଥମେ ଏକ ତାଳପତ୍ର ପୋଥିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଭାଗବତ'ର ପ୍ରଥମ ସ୍କନ୍ଧ ଓଡ଼ିଆ ଭାଷାରେ ରଚନା କଲେ ଏବଂ ପ୍ରତିଦିନ ନୀଳାଚଳନାଥ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରି ବେଢ଼ା ଭିତରେ ଥିବା ବଟଗଣେଷଙ୍କ ପାଖରେ ଅତି ସୁଲଳିତ କଣ୍ଠରେ ଭାଗବତକୁ ପାଠକଲେ । ଏହାକୁ ଭାଗବତପ୍ରେମୀ ଭକ୍ତମାନେ ମହାଆନନ୍ଦରେ ଶୁଣିଲେ ଏବଂ ଗାଁ ଗାଁ ରେ ଭାଗବତ ଟୁଙ୍ଗୀକରି ପ୍ରତିଦିନ ସକାଳ ସନ୍ଧ୍ୟାରେ ଓଡ଼ିଆ ଭାଗବତ ପାଠକଲେ । ଭାଗବତର ଆଦର ଘରେ ଘରେ ବଢ଼ି ଚାଲିଲା । ଭାଗବତ କର୍ତ୍ତବ୍ୟ କରିବାକୁ ଶିଖାଏ । ମନରେ ଦୃଢ଼ତା ରଖିବା ଶିଖାଇବା ସହିତ ବିଚାର ଶକ୍ତି ବଢ଼ାଏ । ତେଣୁ ପ୍ରତ୍ୟେକଦିନ ସନ୍ଧ୍ୟାରେ ଭାଗବତ ଅଧ୍ୟାୟ ଲେଖାଏଁ ପଢ଼ିବା ଉଚିତ୍ ।

କଟକ, ଓଡ଼ିଶା

ଭ୍ରାମ୍ୟଭାଷ : ୭୩୮୧୩୪୧୦୦୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com

 Magazine Downloaded from www.aahwaan.com

# ଅର୍ଥନୀତି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ



ଅସିତ ମହାନ୍ତି

ଅର୍ଥନୀତି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଆମର କର୍ତ୍ତବ୍ୟ

ସମ୍ପ୍ରତି ୨୩୪ ବୈଜ୍ଞାନିକ ଜାତିସଂଘ ପାଇଁ ଆଇପିସିସି (Intergovernmental Panel on Climate Change) ଜଳବାୟୁ ରିପୋର୍ଟ ଲେଖିଛନ୍ତି(ଦି ହିନ୍ଦୁ ପତ୍ରିକା) । ପ୍ରାୟ ୨୦୦ ଦେଶ ଏହାର ପ୍ରାସଙ୍ଗିକତା ଏବଂ ରିପୋର୍ଟରେ ଥିବା ତିକ୍ତ ସତ୍ୟକୁ ସ୍ୱୀକାର କରିଛନ୍ତି । କିନ୍ତୁ ଆମେ ଏବିଷୟରେ ଏତେ ଯତ୍ନବାନ ନୁହେଁ । କିନ୍ତୁ ଯେତେବେଳେ ଜଳବାୟୁ ପରିବର୍ତ୍ତନ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ଏବଂ ଆପଣଙ୍କ ଆୟକୁ ମଧ୍ୟ ପ୍ରଭାବିତ କରିବ... ଆପଣ ଯତ୍ନବାନ ହେବେ । ଯଦି ଏହା ହୁଏ ତେବେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଏବଂ ପୃଥିବୀକୁ ବଞ୍ଚାଇବା ପାଇଁ ଆମେ କଣ କରିପାରିବା ? ପାଗଳ ପରି ପୃଥିବୀର ତାପମାତ୍ରା ବଢୁଛି । ବର୍ତ୍ତମାନର ତାପମାତ୍ରା ପୂର୍ବ ଶିଳ୍ପ ତାପମାତ୍ରା ଠାରୁ ୧.୧ ଡିଗ୍ରୀ ଅଧିକ । ୨୦୧୫ ପ୍ୟାରିସ୍ ଚୁକ୍ତିନାମା ଅନୁଯାୟୀ ୨୦୪୦ ସୁଦ୍ଧା ୧.୫ ସୀମା ଉଲ୍ଲଂଘନ ହେବାର ସମ୍ଭାବନା ରହିଛି । ଏହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ କାରଣ ଏହା ଆହୁରି ବଢିପାରେ । ୨୧୦୦ ସୁଦ୍ଧା ଏହା ୨.୭ ଡିଗ୍ରୀ ସୀମା ଉଲଙ୍ଘନ ହୋଇପାରେ । ଭାରତରେ ଏହି ବୃଦ୍ଧି ଅଧିକ ଖରାପ ହୋଇପାରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳବାୟୁ ପରିବର୍ତ୍ତନ, ଜଳର ଅଭାବ ଏବଂ ଦୈନିକ ଉତ୍ପାଦନରେ ହ୍ରାସ ଭଳି ଭୟଙ୍କର ପ୍ରଭାବ ପକାଇପାରେ । ଆଇ ଏଲ୍ ଓ ଅନୁଯାୟୀ, ଗ୍ଲୋବାଲ ୱାର୍ମିଂ ଯୋଗୁଁ ଭାରତ ୩୪ ନିୟୁତ ଚାକିରି ହରାଇପାରେ । ସରକାରୀ ଡିସେମ୍ବର ୨୦୧୯ ରୁ ରିପୋର୍ଟ ଅନୁଯାୟୀ, ପିଆଜ ମୂଲ୍ୟ ବୃଦ୍ଧିରେ ଜଳବାୟୁ ପରିବର୍ତ୍ତନର ହାତ ଅଛି(ଦି ହିନ୍ଦୁ ପତ୍ରିକା) । କାରଣ ଜଳବାୟୁ ପରିବର୍ତ୍ତନ ସମଗ୍ର ଭାରତରେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଘଟାଇଥାଏ ଯେପରି ଶୁଖିଲା ସ୍ଥାନ ଗୁଡିକରେ ହଠାତ୍ ବନ୍ୟା ଏବଂ ଆର୍ଦ୍ରତା ସ୍ଥାନଗୁଡିକରେ ମରୁଡ଼ି ପରି ପରିସ୍ଥିତି ସୃଷ୍ଟି ହୁଏ । ତାପମାତ୍ରାରେ ପ୍ରତି ୨ ଡିଗ୍ରୀ ବୃଦ୍ଧି ସହିତ ଫସଲ ଅମଳ ୧୫ - ୧୭% ହ୍ରାସ ହୁଏ (Scroll.in) । ତେଣୁ ଗହମ ଏବଂ ଚାଉଳର ମୂଲ୍ୟ ବୃଦ୍ଧି ହେବ । ଅର୍ଥାତ କମ୍ ସଞ୍ଚୟ ! ଜର୍ମାନ ୱାଚ୍ ଅନୁଯାୟୀ, କେବଳ ୨୦୧୮ ରେ ଭାରତ ୩୭ ବିଲିୟନ ଡଲାରର କ୍ଷତି ସହିଛି (Scroll.in) । ଆଗାମୀ ଦଶନ୍ଧିରେ ଜଳବାୟୁ ଭାରତର ଜିଡିପି ୫ % ହ୍ରାସ କରିପାରେ । ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ପାଇଁ ଅନେକ ପଦକ୍ଷେପ ଅଛି । ଯଦି ଲୋକମାନେ ଭାବନ୍ତି ଯେ ସେମାନେ ଜଳବାୟୁ ପରିବର୍ତ୍ତନ ସହିତ ଆଡଜଷ୍ଟ ହେବେ, ଏପ୍ରକାର ଚିନ୍ତା ବିପଦପୂର୍ଣ୍ଣ ହେବ । ଜଳବାୟୁ ପରିବର୍ତ୍ତନ ତମାଖୁ ପରି ମାରାତ୍ମକ । ୨୦୦୦ ରୁ ୨୦୧୯ ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନ ର ସିଧାସଳଖ ଫଳାଫଳ ଭାବରେ ୪୭୫୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଲେ (ହିନ୍ଦୁସ୍ତାନ ଟାଇମ୍ସ) । ୨୦୧୯ରେ ଫନି ବାତ୍ୟା ୨୮ ନିୟୁତ ଲୋକଙ୍କୁ ପ୍ରଭାବିତ କରି ଦେଶକୁ ୮ ବିଲିୟନ ଡଲାରର କ୍ଷତି ଘଟାଇଥିଲା (ହିନ୍ଦୁସ୍ତାନ ଟାଇମ୍ସ) । ଏତିକି ପଇସାରେ ୭୨ ମିଲିୟନ୍ ପିଲାଙ୍କୁ ବଂଚାଇବା ଏବଂ ଶିକ୍ଷିତ କରାଯାଇ ପାରିଥାନ୍ତା । ତେଣୁ ଉପଶମ ଅପେକ୍ଷା ସତର୍କତା ଭଲ । ବାସ୍ତବରେ ଆମର ଅଧିକାଂଶ ଜଳ ଗ୍ଲେସିଅର ତରଳିବା ତରଳରୁ ଆସିଥାଏ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଏହାକୁ ତ୍ୱରାନ୍ୱିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବ ଏବଂ ଏହା ସମୁଦ୍ର ପତ୍ତନରେ ବୃଦ୍ଧି ଘଟାଇବ । ତେଣୁ, ବଢୁଥିବା ଜଳଚାପ ପ୍ରାୟ ୫୦୦୦ ହିମାଳୟ ହ୍ରଦକୁ ବିସ୍ଫୋରଣ କରିପାରେ ଯାହା ବହୁ ଜନସଂଖ୍ୟା ବିଶିଷ୍ଟ ଗାଙ୍ଗେଟିକ୍ ସମତଳ ଭୂମି (ଟାଇମ୍ସ ଟ୍ରାଭେଲ ପତ୍ରିକା) କୁ ପ୍ରଭାବିତ କରିବ । ତେଣୁ ଆପଣ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ବିଷୟରେ ଚିନ୍ତା କରୁଥିବେ ... ବର୍ତ୍ତମାନ ପ୍ରଶ୍ନ ହେଉଛି ପରିବେଶ ସଙ୍କଟରୁ ନିଜକୁ କିପରି ରକ୍ଷା କରାଯାଇ ପାରିବ ? ମିଳିତ ଜାତିସଂଘ କହିଛି ଯେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇରେ ଭାରତ ଏକ ବିଶ୍ୱ ଶକ୍ତି ହୋଇପାରେ । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ୫ ଟି ସମାଧାନ ଅଛି | #୧ - ଗଛ ଲଗାନ୍ତୁ | ବୃକ୍ଷ ଏକ ମୂଲ୍ୟବାନ ଉତ୍ସ | ଏକ ପରିପକ୍ୱ ଗଛ ବାର୍ଷିକ ୪୮ ପାଉଣ୍ଡ (୨୨ କିଲୋ) କାର୍ବନ ଡାଇଅକ୍ସାଇଡ୍ ଗ୍ରହଣ କରିପାରିବ (ଆମେରିକାର କୃଷି ବିଭାଗ କହିଛି) | ସେହି କାର୍ବନ ଡାଇଅକ୍ସାଇଡ୍ ଯାହା ବିଶ୍ୱ ତାପମାତ୍ରା ପାଇଁ ଦାୟୀ | ତେଣୁ ବୃକ୍ଷ ରୋପଣ ଏହାର ପରିମାଣ ହ୍ରାସ କରିବାରେ ସାହାଯ୍ୟ କରିବ | #୨ - ନବୀକରଣ ଯୋଗ୍ୟ ଶକ୍ତି ହେଉଛି ଭବିଷ୍ୟତ | ଏହା ଜଣା ଯେ କୋଇଲା ଶୀଘ୍ର ହ୍ରାସ ହେଉଛି ଏବଂ ଏହାର ଜଳିବା ପରିବେଶକୁ ମଧ୍ୟ ପ୍ରଦୂଷିତ କରେ | ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ କରିବା ପାଇଁ ଜଣେ ନିଜର ଟେରେସ ରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବ | ଛାତର ସୋଲାର ପ୍ୟାନେଲ ପାଇଁ ସରକାର ୩୦% ସବସିଡି ପ୍ରଦାନ କରୁଛନ୍ତି । ଆପଣ ଇକୋ-ଫ୍ରେଣ୍ଡଲି ବିଦ୍ୟୁତ୍ ହାସଲ କରିବା ସହିତ ଅତିରିକ୍ତ ଶକ୍ତିକୁ ବିକ୍ରୟ କରିପାରିବେ (ଇକୋନୋମିକ୍ ଟାଇମ୍ସ) |#୩- ଜଳ ସଞ୍ଚୟ କରିବାକୁ ହେବ | ଜଳ ସଞ୍ଚୟ କରିବା ଦୀର୍ଘ ସମୟ ମଧ୍ୟରେ ସହାୟକ ହେବ | ଏହା କେବଳ ଜଳ ନୁହେଁ ଅନେକ କିଲୋୱାଟ ମୂଲ୍ୟର ବିଦ୍ୟୁତ୍ ସଞ୍ଚୟ କରିବାରେ ଏବଂ ବିଶ୍ୱ ତାପମାତ୍ରା ହ୍ରାସ କରିବାରେ ସାହାଯ୍ୟ କରିବ | #୪ - ପ୍ଲାଷ୍ଟିକକୁ ନା କୁହ- ଭାରତ ପ୍ରାୟ ୫.୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପାଦନ କରେ । ଏହା ସତ୍ୟ ଯେ ଆଜିର ସମୟରେ ପ୍ଲାଷ୍ଟିକ୍ ବ୍ୟାଗ୍ ଛାଡିବା ଅତ୍ୟନ୍ତ କଷ୍ଟସାଧ୍ୟ, କିନ୍ତୁ ଯାହା ବି ହେଉ, ପ୍ଲାଷ୍ଟିକ ସ୍ଥାନରେ ଏକ କପଡା ବ୍ୟାଗ ବ୍ୟବହାରର ଅଭ୍ୟାସକୁ ଆପଣାଇବାକୁ ହେବ । ସ୍ଥାୟୀ ଜୀବନଶୈଳୀ ପୃଥିବୀକୁ ବଞ୍ଚାଇବାର ଚାବି ଅଟେ । #୫ - ରାଜନେତାମାନଙ୍କୁ ଉତ୍ତରଦାୟୀ କରନ୍ତୁ । ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ସେମାନେ କଣ କରୁଛନ୍ତି ? ନିକଟସ୍ଥ ଲୋକମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନ ବିଷୟରେ ଅବଗତ କି ? ଜଳବାୟୁ ପରିବର୍ତ୍ତନ କେତେ ମାରାତ୍ମକ ହୋଇଛି ତାହା ଆମ ପ୍ରିୟ ଲୋକଙ୍କୁ ଜଣାନ୍ତୁ । ଜଳବାୟୁ ପରିବର୍ତ୍ତନ ଏକ ପୌରାଣିକ କଥା ନୁହେଁ, ଏହା ବିଜ୍ଞାନର ଏକ ସତ୍ୟ ଏବଂ ଏହାର ପ୍ରଭାବ ବର୍ତ୍ତମାନ ଅଧିକରୁ ଅଧିକ ଦୃଶ୍ୟମାନ ହେଉଛି ଏବଂ ବିଶ୍ୱ ସ୍ତରରେ ସତର୍କ ଘଣ୍ଟି ଶୁଣାଉଛି । ତେଣୁ, ଜଳବାୟୁ ପରିବର୍ତ୍ତନକୁ ହାଲୁକା ଭାବେ ଗ୍ରହଣ କରିବା ନାହିଁ ଏବଂ ବିଳମ୍ବ ହେବା ପୂର୍ବରୁ ପୃଥିବୀକୁ ରକ୍ଷା କରିବା । କାରଣ ମନୁଷ୍ୟ ଏବଂ ଜୀବଜଗତକୁ ରହିବା ପାଇଁ ଅନ୍ୟ କୌଣସି ଗ୍ରହ ନାହିଁ । ଜଳବାୟୁ ପରିବର୍ତ୍ତନ ଦିଗରେ ପ୍ରତ୍ୟକ ବ୍ୟକ୍ତି ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ୍ ।

ଅସିତ ମହାନ୍ତି
ସୁଜନପୁର, ଯାଜପୁର
୯୦୩୮୭୬୮୮୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଓଡ଼ିଶା ରଙ୍ଗମଞ୍ଚର ବିକାଶ : ଏକ ଅଧ୍ୟୟନ



ସୁବାଷ ବାରିକ

ପ୍ରାଚୀନ କାଳରୁ ନାଟକର ଏକ ମୁଖ୍ୟ ଉପାଦାନଭାବେ "ରଙ୍ଗମଞ୍ଚ" ପରିଗଣିତ । ମୁଁ "ନାଟକ" ଓ "ରଙ୍ଗମଞ୍ଚ"କୁ ମୁଦ୍ରାର ଦୁଇ ପାର୍ଶ୍ୱଭାବେ ଗ୍ରହଣ କରେ କାରଣ ନାଟକ ମଞ୍ଚସ୍ଥ ନ ହେଲା ପର୍ଯ୍ୟନ୍ତ ତାର ବାସ୍ତବିକ ଗୁଣାତ୍ମକ ଓ ପ୍ରରିଣାତ୍ମକ ମାନ ନିର୍ଦ୍ଧାରଣ କରାଯାଇନପାରେ ନାଟକ ସ୍ୱତଃ ସମ୍ପୂର୍ଣ୍ଣ ଅଭିନୟ ଉପରେ ନିର୍ଭର କରିଥାଏ  ଓ ଏହି ଅଭିନୟ ପାଇଁ ମଞ୍ଚର ଅବଶ୍ୟକତା ଅନୁଭୂତ ହୁଏ । ନାଟକ ତା'ର କଳ୍ପନା ବିଳାସ ଚିନ୍ତା ଚେତନା ରୂପନିଏ । ଏହି ରଙ୍ଗମଞ୍ଚରେ ତା'ର ଭିତରେ ଦର୍ଶକର ମୋହିତ ପାଇଁ ବୁଣେ ଏକମାୟା ଜାଲ । ନାଟକ ସଫଳତା ପାଇଁ ରଙ୍ଗମଞ୍ଚର ସାଜସଜ୍ୟ । ଉପରେ ଗୁରୁତ୍ୱାରୋପ ଦେଇଥାଏ । ଏହି ରଙ୍ଗମଞ୍ଚ ହିଁ ତାକୁ ସଫଳତା ଆଡକୁ ଟାଣିନିଏ । ତେଣୁ ମନେ ହୁଏ ନାଟକର ବିକାଶରେ ରଙ୍ଗମଞ୍ଚର ଭୂମିକା ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ ମନେହୁଏ  ।

ଭାରତ ବର୍ଷରେ ରଙ୍ଗମଞ୍ଚର ପରିକଳ୍ପନା ସ୍ଥାନ, କାଳ, ପାତ୍ର, ନିୟମ ଉପରେ ଆଧାରିତ । ମୁଁ ପ୍ରଥମେ ରଙ୍ଗମଞ୍ଚ ସମ୍ପର୍କରେ ଆଲୋଚନା କରୁଛି । ରଙ୍ଗମଞ୍ଚ ବା ପ୍ରେକ୍ଷାଗୃହ ହେଉଛି ଏକ ସ୍ଥାନ ଯେଉଁଠି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ ଏଠି ଦର୍ଶକ ଓ ଶ୍ରୋତା ବସି ଆନନ୍ଦ ଉପଲବ୍ଧି କରିଥାନ୍ତି । ଏହି ପ୍ରେକ୍ଷାଗୃହ କହିଲେ ସାଧାରଣତଃ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗେଜ ବା ରଙ୍ଗସ୍ଥଳ, ଏବଂ ପ୍ରେକ୍ଷାସ୍ଥଳ କହିଲେ ଦର୍ଶକ ବସିବା ସ୍ଥାନକୁ ବୁଝାଏ ତେଣୁ ଏହି ପ୍ରେକ୍ଷାଗୃହ ବା ଅଡିଟରିୟମ୍ ବିଭିନ୍ନ ସ୍ୱରୂପ ଦେଖାଯାଏ, ସିନେମାହଲ, ଷ୍ଟୁଡିଓ, ରଙ୍ଗଶାଳା ଆଖଡା ଘର, ନାଟଶାଳା,ସଭାଘର ଓ ରଙ୍ଗ ମଣ୍ଡଳ ଇତ୍ୟାଦି । ପ୍ରାଚୀନ କାଳରେ ଚାରି ପ୍ରକାର ପ୍ରେକ୍ଷାଗୃହ ଦେଖିବାକୁ ମିଳେ ଯଥା: ଚତୁରସ୍ର, ବିକୃଷ୍ଟ, ତକ୍ଷସ୍ର ଏବଂ ଏବଂ ବର୍ତ୍ତଣକାର ଅର୍ଥାତ ବର୍ଗାକାର, ଆୟତକାର, ତ୍ରିକୋଣକାର ଏବଂ ଗୋଲାକାର । ସର୍ବ ପ୍ରଥମେ ଦେଖିବାକୁ ମିଳେ । ନାଟ୍ୟ ଶାସ୍ତ୍ରରେ ତିନିଶ୍ରେଣୀ ପ୍ରେକ୍ଷାଗୃହ ଉଲ୍ଲେଖ ଥିଲାବେଳେ ଶାରଦୀତନୟ କୃତ ଭାବପ୍ରକାଶ ଗ୍ରନ୍ଥରେ "ବୃତ୍ତ" ପ୍ରକାର ପ୍ରେକ୍ଷା ମଣ୍ଡପର ଉଲ୍ଲେଖ ରହିଛି । ମହାଭାରତରେ ବର୍ଣ୍ଣିତ କଂସର ରଙ୍ଗପୀଠ ଆଜିର ଷ୍ଟାଡିୟମକୁ ବୁଝାଇଥାଏ । ପ୍ରଥମତଃ ରଙ୍ଗମଞ୍ଚ ପ୍ରକାର ଭେଦରେ ପ୍ରଥମେ ଚତୁରସ୍ରକୁ ଆଲୋଚନା ପରିସରକୁ ଆଣୁଛି । ୧. ଚତୁରସ୍ର- ଶବ୍ଦ-କଳ୍ପଦ୍ରୁମ ଗନ୍ଥରେ କୁହାଯାଇଛି "ଚତସ୍ରୋଡଗ୍ରୟମ କୋଣାଃ ଅସ୍ୟ" ପ୍ରାକ କାଳରୁ ବର୍ଗାକାର ମଣ୍ଡପର ନିର୍ମାଣ ପରମ୍ପରା ରହିଛି । ପୁନଶ୍ଚ "ମୀମାଂସ" ଗ୍ରନ୍ଥରେ ମଧ୍ୟ ବର୍ଗାକାର ବା ଚତୁରାସ୍ର ଆକାରରେ ସଙ୍କେତ ମିଳେ । କୁହାଯାଏ ଚାରିବେଦ, ଚାରିବର୍ଣ୍ଣ, ଚାରିଆଶ୍ରମ, ଚାରି ଅବସ୍ଥା ଜୀବନର ପ୍ରତୀକ ପୁନଶ୍ଚ ଚାରିକୋଣର ମହତ୍ତ୍ୱକୁ ବସ୍ତୁଶାସ୍ତ୍ର ଗୁରୁତ୍ୱ ଦିଏ । ତେଣୁ ଏହି ପ୍ରେକ୍ଷାଗୃହ ନିର୍ମାଣ ଚତୁରାସ୍ର ଆକାର ପ୍ରେକ୍ଷାଗୃହ ନିର୍ମାଣ ପରମ୍ପରା ଅତିପ୍ରାଚୀନ ଏହା ପୃଥିବୀର ପ୍ରାୟ ଅନେକ ଦେଶରେ ଦେଖା ଦେଇଥାଏ, ଦ୍ୱିତୀୟତଃ ବିକୃଷ୍ଟ କାବ୍ୟ "ଶବ୍ଦ କଳ୍ପଦ୍ରୁମ"ରେ କୁହାଯାଇଛି- ବିଭାଗେନ କୃଷ୍ଣ ଦୀର୍ଘ ଇତି ବିକୃଷ୍ଟ "ଅର୍ଥାତ ଯାହା ବିଭିନ୍ନ ପ୍ରକାର ଦୈର୍ଘ୍ୟ ଓ ପ୍ରସ୍ଥକୁ ବୁଝାଏ" ପୁନଶ୍ଚ ଜୈନ ସାହିତ୍ୟରେ ମଧ୍ୟ ଏହି ଧରଣ ପ୍ରସାଦ ନିର୍ମାଣରେ ପରମ୍ପରା ଦେଖାଯାଏ । ପ୍ରେକ୍ଷାଗୃହକୁ ବିକୃଷ୍ଟ ଆୟତକାର କରିବାର ବର୍ଣ୍ଣିତ ନାଟ୍ୟ ଶାସ୍ତ୍ରରୁ ସୂଚନା ମିଳିଥାଏ । ତୃତୀୟତଃ ତ୍ରୟସ୍ର-

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆକାର ପ୍ରେକ୍ଷାଗୃହ ଏହା ତ୍ରିକୋଣାକାର ସାଧାରଣତଃ ପ୍ରାଚୀନ କାଳରେ ସାହିତ୍ୟରେ ତ୍ରୟସ୍ତ କହିଲେ । ପ୍ରାସାଦର ଆକାରକୁ ବୁଝାଉଥିଲା ନାଟ୍ୟ ଶାସ୍ତ୍ରର "ତ୍ରୟସ" ପ୍ରେକ୍ଷାଗୃହକୁ ତିନିଭାଗରେ ବିଭକ୍ତ କରାଯାଇଛି ୧.ବଡ ତ୍ରୟସ, ୨.ମଧ୍ୟ ତ୍ରୟସ, ୩.ଛୋଟ ତ୍ରୟସ । ଚତୁର୍ଥ ବୃତ୍ତାକାର ପ୍ରାଚୀନ କାଳରୁ ଅଦ୍ୟବଧି ଏ ପ୍ରକାର ପ୍ରେକ୍ଷାଗୃହ ବହୁଳ ପରିମାଣଦୃଷ୍ଟି ଗୋଚର ହୁଏ । ଏହା ମୁକ୍ତାକାଶ ଏବଂ ଆଚ୍ଛାଦିତ ଏପରି ଦୁଇ ଭାଗରେ ପ୍ରେକ୍ଷାଗୃହ ଥିଲା । ମହାଭାରତର ଅଦ୍ୟପର୍ବରେ ବର୍ଣ୍ଣିତ ସ୍ୱୟଂମ୍ବର ମଣ୍ଡପ ବୃତ୍ତକାର ଥିବା ଜଣାଯାଏ । ଏହି ବୃତ୍ତାକାର ମଧ୍ୟଭାଗରେ ବହୁତ ଗୋଲାକାର ଚଟାଣ ଉପରେ ଷ୍ଟେଜ ଥିଲା । ମଞ୍ଚର ଚର୍ତୁଦିଗରେ ସୋପାନ ଆକୃତି ଆସନ ରହୁଥିଲା । ଏଥିରେ ଥିବା ସ୍ତମ୍ଭଗୁଡିକର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଥିଲା, ଏହି ପ୍ରେକ୍ଷାଗାର ତିନିଦିଗରେ ଦର୍ଶକ ବସନ୍ତି ଏବଂ ଗୋଟିଏ ଦିଗରେ ସଙ୍ଗୀତ ବାଦ୍ୟକାର ବସିଥାନ୍ତି, ରଙ୍ଗପୀଠ ଗୁଡିକ ବା ଷ୍ଟେଜ ବେଳେ ବେଳେ ଦର୍ଶକ ବସିବା ସ୍ଥାନରୁ ଉଚ୍ଚ ହୋଇଥାଏ, ଏହିଭଳି ଭାବେ ପ୍ରାଚୀନ କାଳରୁ ଆଦ୍ୟବଧି ବିଭିନ୍ନ ପ୍ରକାର ପ୍ରାୟୋଗିକ ସାଜସଜ୍ୟ ବ୍ୟବହାର କରି ସମସାମୟିକ ପରିସ୍ଥିତ ବିଭିନ୍ନ ବାଧା ବନ୍ଧନ ସତ୍ତ୍ୱେ, ଆଜିର ରଙ୍ଗମଞ୍ଚ ଭିନ୍ନରୂପ ଧାରଣ କରିଛିଏହା ବିନା ଦ୍ୱିଧାରେ ଗ୍ରହଣ କରିବାକୁ ପଡିଥାଏ ।

ଭାରତ ବର୍ଷର ତତ୍କାଳୀନ ସମସାମୟୀକ, ରାଜନୈତିକ, ସଂସ୍କୃତିକ ପରିବେଶ ଭିତରେ ଅନେକ ଉତ୍ଥାନପତନ ଦେଇ "ନାଟକ" ରଙ୍ଗମଞ୍ଚ ଗୁଡିକ ଆଗେଇ ଆସିଛି ମୋର ମନେହୁଏ ସପ୍ତମ ଶତାବ୍ଦୀବେଳକୁ ପ୍ରାଚୀନ ଭାରତର ପ୍ରେକ୍ଷାଗୃହ ଗୁଡିକ କ୍ରମଶଃ ହ୍ରାସପାଇ ଏକ ସୀମିତସ୍ତର ଦେଇ ପହଞ୍ଚିଥିଲା । ତ୍ରୟଦଶ ଶତାବ୍ଦୀ ବେଳକୁ ପୁଣିଥରେ ରଙ୍ଗଶାଳା ମୁଣ୍ଡ ଟେକିବାକୁ ଆରମ୍ଭ କଲା ଅଷ୍ଟଦଶ ଶତାବ୍ଦୀରେ ୟୁରୋପୀୟମାନେ ଆଗମନରେ ରଙ୍ଗମଞ୍ଚ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜଗତରେ ଏକ ନୂତନ ବିପ୍ଳବ ଆଣିଥିଲା ଏହିବିକାଶ ଫଳରେ ପ୍ରେକ୍ଷାଗୃହ ଦୁଇଟି ରୂପ ଧାରଣ କରିଥିଲା ୧. ଅଭିନୟ ପାଇଁ ରଙ୍ଗମଞ୍ଚ ଓ ଦିତୀୟଟି ନିର୍ଜୀବ ଚିତ୍ର ପାଇଁ ସିନେମାହଲ । ତତ୍କାଳୀନ ସମୟରେ ପ୍ରେକ୍ଷାଗୃହ ମଧ୍ୟରେ, ଭାରତଭବନ (ଭୋପାଳ) ରବିନ୍ଦ୍ରଲାୟ ପ୍ରେକ୍ଷାଗୃହ ଲକ୍ଷ୍ନୌ (୧୯୯୪) ଭାଳେରାଓ ପ୍ରେକ୍ଷାଗୃହ ମୁମ୍ବାଇ (୧୯୭୪) ପ୍ରତିରକ୍ଷା ମଣ୍ଡପ ଦିଲ୍ଲୀ (୧୯୭୧) ବିରଯା ମାତୃଶ୍ରୀ ସଭାଘର ମୁମ୍ବାଇ, ମିରାଟ ବିଶ୍ୱବଳୟ ପ୍ରେକ୍ଷାଗୃହ ରୁରୁକୀ- ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଗୃହ, ବଙ୍ଗଳା ରଙ୍ଗମଞ୍ଚ, ମରାଠୀ ରଙ୍ଗମଞ୍ଚ ଇତ୍ୟାଦି ।

ବର୍ତ୍ତମାନ ଓଡିଶାର ରଙ୍ଗମଞ୍ଚ ଆଡକୁ ଆପଣଙ୍କ ଦୃଷ୍ଟି ଟାଣିନେଉଛି । ଓଡିଶା ସାସ୍କୃତିକ ନାଟ୍ୟ ପରିବେଶରେ ବିକାଶ କଥା ଯେତେବେଳେ ପଡେ ମନରେ ଏକ ଶିହରଣ ଉନ୍ମାଦନା ଖେଳିଯାଏ । ଓଡିଶାର ରାଜା ମହାରାଜାମାନେ ଥିଲେ କଳାର ପୂଜାରୀ, ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ରଙ୍ଗଶାଳା ନିର୍ମାଣ କରୁଥିଲେ, ରାଜଙ୍କର ସ୍ଥାୟୀ ରଙ୍ଗଶାଳା ଥିବା ସ୍ଥଳେ ଧନୀ ଜମିଦାର ମାନଙ୍କର ଅସ୍ଥାୟୀ ରଙ୍ଗଶାଳା ଥିଲା, ଏଗୁଡିକ ପର୍ବପର୍ବାଣୀ ମାନଙ୍କରେ ନାଟକ ଅଭିନୟ ପ୍ରଦର୍ଶନ କରାଯାଉଥିଲା । ବିଭିନ୍ନ ଆଲୋଚକ ସାହିତ୍ୟକାର ମତବ୍ୟକ୍ତ କରନ୍ତି ଯେ, ଓଡିଶା ପ୍ରଥମ ରଙ୍ଗମଞ୍ଚ ମାହାଙ୍ଗାର ଅସ୍ଥାୟୀ ରଙ୍ଗମଞ୍ଚ, (ରାଧାକାନ୍ତମଞ୍ଚ) ୧୮୭୭ରେ ନାଟ୍ୟକାର ଜଗମୋହନ ଲାଳଙ୍କ "ବାବାଜୀ" ପ୍ରଥମେ ମଞ୍ଚସ୍ଥ ହୁଏ । ୧୮୮୧ ମସିହା ଅକ୍ଟୋବର ସାତ ତାରିଖରେ ରାମାଶଙ୍କରଙ୍କ କାଞ୍ଚି କାବେରୀ ନାଟକ ମଞ୍ଚସ୍ଥ ହୁଏ । ଏହି ସମୟରେ ୧୮୮୧ -୧୮୮୩ ମସିହାରେ ପୂର୍ବ ଓଡିଶାରେ ସ୍ଥାୟୀ ମଞ୍ଚ ଦୃଷ୍ଟି ଗୋଚର ହୁଏ ନାହିଁ । ୧୮୮୫ ଉମାଶଙ୍କର "ବିଶ୍ୱାସ" କଟକରେ ସ୍ଥାୟୀମଞ୍ଚ ସ୍ଥାପନ କରିଥିଲେ । ଏହିବର୍ଷ କଟକରେ ସତୀଶଚନ୍ଦ୍ର ସରକାର "ମାଗ୍ନେଟିକ" ଥିଏଟର ଗଠନକରି ବଙ୍ଗଳା ନାଟକ ଅଭିନିତ କରଯାଇଥିଲା । ୧୮୮୭ରେ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭିକ୍ଟୋରିଆ ଆମେଚର ଥିଏଟସ ପ୍ରତିଷ୍ଠିତ ହୁଏ, ଶ୍ୟାମ ସୁନ୍ଦର ମୁଖିଆଙ୍କ ପ୍ରଚେଷ୍ଟା କଟକ ଠାରେ ବୀଣାପାଣି ଥିଏଟସ ୧୯୯୮ ପ୍ରତିଷ୍ଠିତ ହୁଏ । ୧୮୯୭ ମସିହାର ପାରଳାଖେମୁଣ୍ଡି ଠାରେ ଏକମିନ୍ଦିର ପ୍ରତିଷ୍ଠା ହୋଇଥିଲା ମାତ୍ର ବିଭିନ୍ନ କାରଣରୁ ବନ୍ଦହେବାକୁ ଯାଉଥିବା ବେଳେ ରାଜାସାହେବ ପଦ୍ମନାଭ ନାରାୟଣ ଦେବଙ୍କ ପ୍ରଚେଷ୍ଟା ଫଳରେ ଏକନୂତନ ଢଙ୍ଗର ୧୯୦୫ ଏହା ପଦ୍ମନାଭ ରଙ୍ଗାଳୟ ଭାବେ ପରିଚିତ ହେଲା, କଟକର ଜମିଦାର କୁଞ୍ଜବିହାରୀ ବୋଷଙ୍କ ପ୍ରଚେଷ୍ଟାର ମହେନ୍ଦ୍ରଗିରି ଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହୋଇଥିଲା (୧୯୧୦) ଏହାର ନମଥିଲା ବାସନ୍ତୀ ଥିଏଟର । ମାରୱାଡି ପଟିର ଜମିଦାର ରଜନୀକାନ୍ତ ବିଶ୍ୱାସଙ୍କ ଉଦ୍ୟମରେ ବାଙ୍କବଜାର ଠାରେ ୧୯୧୩ ଉଷାଥିଏଟର ସ୍ଥାପନହୁଏ, ବର୍ତ୍ତମାନ ଏହିଠାରେ ଜନତା ରଙ୍ଗମଞ୍ଚ ଥିଏଟର ଥିବାର ଦେଖାଯାଏ । ଜମିଦାର ସର୍ବେଶ୍ୱରଙ୍କ ଉଦ୍ୟମ ଫଳରେ କଟକ ଚୌଧୁରୀ ବଜାରରେ ୧୯୧୨ରେ ଫ୍ରେଣ୍ଡ ଡ୍ରାମାଟିକ କ୍ଲବ ପ୍ରତିଷ୍ଠା ହୁଏ । ପୁରୀ ଜିଲ୍ଲା ବଳଙ୍ଗାର ବନମାଳୀ ପତିଙ୍କ ଉଦ୍ୟମରେ ପ୍ରଥମ ବ୍ୟବସାୟୀକ ରଙ୍ଗମଞ୍ଚର ଆବିର୍ଭାବ ଘଟିଥିଲା ୧୯୧୧ରେ, ଯାହାର ନାମ ରଖାଗଲା "ରାଧାକୃଷ୍ଣ ଥିଏଟର୍ସ" । ସମୟାନୁକ୍ରମେ ଦୀର୍ଘ ୧୬ ବର୍ଷର ଯାତ୍ରା ଅତିବାହିତ କରି ଏହି ସଂସ୍ଥା ପତିଙ୍କ ମୃତ୍ୟୁ ପରେ ଅଶ୍ୱିନ କୁମାର ଏହାକୁ କ୍ରମକରି ୧୯୨୮ରେ ଏହାର ନାମ ବନମାଳୀ ଆର୍ଟ୍ ଥିଏଟର ରଖିଥିଲେ । ବ୍ରହ୍ମପୁର ଠାରେ ସାରଥି ସାହୁଙ୍କ ପ୍ରଚେଷ୍ଟାରେ ୧୯୩୫ ସାରଥି ଥିଏଟର ଆବିର୍ଭାବ ଘଟିଥିଲା । ସୋମନାଥ ଦାସଙ୍କ ପ୍ରଚେଷ୍ଟା ଗଠିତ (୧୯୩୩) ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ ନିଜର ସଦସ୍ୟଙ୍କ ଅନ୍ତଃ କଳହ ଯୋଗୁଁ ଭାଙ୍ଗି ଯାଇଥିଲା ଏବଂ ଏକ ନୂତନ ରଙ୍ଗମଞ୍ଚ ଗଠନ କରାଯାଇଥିଲା । ସୋମନାଥଙ୍କ ପ୍ରଚେଷ୍ଟା ପୁରୀଠାରେ ଅନ୍ନପୂର୍ଣ୍ଣା "A" ଏବଂ ଲିଙ୍ଗରାଜଙ୍କ ପ୍ରଚଷ୍ଟାରେ ଅନ୍ନପୂର୍ଣ୍ଣାର "B" ନାଟ୍ୟମନ୍ଦିର ସ୍ଥାପିତ ହୋଇଥିଲା । ପୁନଶ୍ଚ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ଳାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ତାଙ୍କ ନନ୍ଦିଗ୍ରାମରେ ତାଳପଡାଠାରେ "ଗୋପୀନାଥ ନାଟ୍ୟ ସମାଜ" ପ୍ରତିଷ୍ଠା କରିଥିଲେ ।

ବର୍ତ୍ତମାନ ଓଡିଶାର କିଛି ସାଂସ୍କୃତିକ ସଚେତନ ଜିଲ୍ଲାମାନଙ୍କରେ ପ୍ରତିଷ୍ଠିତ କରି ପ୍ରେକ୍ଷାଳୟକୁ ଆଲୋଚନା ପରିସରକୁ ଆଣୁଛି । ପ୍ରଥମେ ଦେଖାଯାଉ ବାଲେଶ୍ୱର ସହରରେ ଥିବା ମିର୍ଜା ପୋଖରୀ ପୂର୍ବ ପାର୍ଶ୍ୱରେ ୧୮୯୮ "ରାଧା ଗୋବିନ୍ଦ" ଥିଏଟର ପ୍ରତିଷ୍ଠାଲାଭ କରିଥିଲା ପ୍ରଥମେ, ଦିତୀୟରେ ନାଟ୍ୟାଚାର୍ଯ୍ୟ ଶ୍ରୀ ଶଚିନ୍ଦ୍ର ଦେଓ ଓ ଅନ୍ୟ ବ୍ୟକ୍ତିତ୍ୱଙ୍କ ଉଦ୍ୟମରେ ୧୯୧୬ ଜୁଭେନାଇଲ ଥିଏଟର ଅନ୍ୟତ୍ର ୧୮୧୮ ମସିହାରେ ଜଗନ୍ନାଥ ତ୍ରିପାଠୀ ଓ ଅନ୍ୟାନ୍ୟ ସଂସ୍କାରପ୍ରେମୀଙ୍କ ଉଦ୍ଦେଶ୍ୟରେ ୧୮୧୮ରେ ଗୌରହରି ରଙ୍ଗାଳୟ ପ୍ରତିଷ୍ଠା ହୋଇଥିବାର ଶୁଣାଯାଏ । ରାଜା ପଦ୍ମନାଭ ସିଂହ ଦେଓଙ୍କ ପିତା ବ୍ରଜକିଶୋର ସିଂହଙ୍କ ପୃଷ୍ଠପୋଷକତାରେ ଧରାକୋଟଠାରେ ଓଡିଶାର ପ୍ରଥମ ମହିଳା ରାସଦଳ ଗଠିତ ହୋଇଥିଲା, "ଶ୍ରୀ କିଶୋର ଚନ୍ଦ୍ର ନାଟ୍ୟ ସିଂହ" ଭାବରେ ବେଶ ଜଣାଶୁଣା ଥିଲେ ।

ପୁନଶ୍ଚ ଦେଖିବାକୁଗଲେ ପଶ୍ଚିମ ଓଡିଶାରେ ଦ୍ୱିତୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବରେ ଭବାନୀପାଟଣା ବେଶ ପରିଚିତ ହୁଏ । ୧୯୩୦ ମସିହାରେ ରାଜା ବ୍ରଜମୋହନ ଦେଓ ତାଙ୍କର ପୁତ୍ର ପ୍ରତାପ କେଶରୀ ଦେଓଙ୍କ ଶାସନବଳରେ ବ୍ରଜମୋହନ ସାହିତ୍ୟ ସମିତି ପ୍ରତିଷ୍ଠା ଲାଭ କରିଥିଲା । ଏହା ଥିଲା କଳାହାଣ୍ଡି ଜିଲ୍ଲାର ସର୍ବ ପ୍ରଥମ ରଙ୍ଗ ମନ୍ଦିର ଯେଉଁଥିରେ କି ପ୍ରଥମ ନାଟକ "ପ୍ରକୃତ ବନ୍ଧୁ" ମଞ୍ଚସ୍ଥ ହୋଇଥିଲା (୧୯୧୭) । ଅନ୍ୟତ୍ର ଦେଖିବାକୁ ଗଲେ ଅଭିନେତା ଅସରଫଅଲ୍ଲୀ ଖାଁ ପିତା ଆଲିଦ ଖାଁ ପୃଷ୍ଟପୋଷକତାରେ "ଆଦିଲ ଥିଏଟର" ଗଢି ଉଠିଥିଲା । ୧୯୫୦ ମସିହାରେ ଉଦୟନାଥଙ୍କ ଉଦ୍ୟମ ଫଳରେ "ଉଦୟନାଟ୍ୟ ସଂସ୍ଥା" ପ୍ରତିଷ୍ଠା ହୋଇଥିଲା ବୋଲି ମନେହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୃତୀୟ କୋରାପୁଟ ଜିଲ୍ଲା କଥା ବିଚାରକୁ ନେଉଛି ଆଦିବାସୀ ବହୁଳ ଗ୍ରାମ୍ୟ ଜୀବନ ହୋଇଥିଲା ମଧ୍ୟ ଆମୋଦ ପ୍ରମୋଦ ମୁଖ୍ୟ ମାଧ୍ୟମ ହୋଇଥିଲା ନାଟକ । ରାଜାମାନନଙ୍କ୍ ପୃଷ୍ଠପୋଷକତା ଲାଭକରି ତତ୍କାଳୀନ ସମୟରେ ସାଂସ୍କୃତିକ ସଚେତନର ପରିଚୟ ବେଶ ଦେଖାଇ ପାରିଥିଲା । କୁହାଯାଏ ୧୯୩୧ ମସିହା ସର୍ବପ୍ରଥମ ନାଟକ "ବାଣାସୁର ବଧ" ମଞ୍ଚସ୍ଥ ହୋଇଥିଲା । ରାଜା ବିକ୍ରମଦେବା "ଜଗନ୍ନମିତ୍ର କଳାମନ୍ଦିର" ନାମରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିଥିବା ଦୃଷ୍ଟିଗୋଚର ହୁଏ । ଅନ୍ୟ ଏକ ସାଂସ୍କୃତିନାଟ୍ୟ ପ୍ରେମୀତଥା ଚନ୍ଦ୍ର ମୋହନ ସିଂଙ୍କ ତତ୍ୱାବଧାନରେ ୧୯୩୬ର "ଜଗନ୍ନ ମୋହନ ନାଟକ ସମାଜ" ଆଦି ନାଟ୍ୟସଂସ୍ଥା ପ୍ରତିଷ୍ଠା ଲାଭକରିଥିବା ଦୃଷ୍ଟି ଗୋଚର ହୁଏ ।

ପଶ୍ଚିମ ଓଡିଶାର ସାଂସ୍କୃତିକ କେନ୍ଦ୍ର ସମ୍ବଲପୁର ରଙ୍ଗମଞ୍ଚର ଜଗତକୁ ଅନେକ ଅବଦାନ ରହିଛି । ତାର ଇତିହାସ ପୃଷ୍ଠାକୁ ଦେଖିବାକୁ ଗଲେ ମନେହୁଏ ପ୍ରଥମେ "ଚିତ୍ରୋତ୍ପଳା ନାଟ୍ୟ ସଂଘ" ପ୍ରଥମେ ଦୃଷ୍ଟି ଗୋଚର ହୁଏ । ଏହି ଥିଏଟର ପ୍ରଥମେ ରକ୍ଷଣଶୀଳ ପରିବାର ଝିଅମାନେ ଅଂଶଗ୍ରହଣ କରି (୧୯୫୨) "ଉତ୍ତରା" ନାଟକ ମଞ୍ଚସ୍ଥ କରିଥିଲେ । ସମୟାନୁକ୍ରମେ ୧୯୫୩ ବେଳକୁ ନାମପରିବର୍ତ୍ତନ ହୋଇ "ଚିତ୍ରୋତ୍ପଳା କଳା ପରିଷଦ"ରେ ରୂପାନ୍ତରିତ ହୁଏ, ପୁନଶ୍ଚ, ଶିଳ୍ପୀ, ସୁରେଶ୍ୱରୀ ସାଂସ୍କୃତିକ ପରିଷଦ, ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ, ପ୍ରଗତି ସଂଘ ରଙ୍ଗମଞ୍ଚ ଆଦି ରଙ୍ଗମଞ୍ଚ ପ୍ରତିଷ୍ଠାଲାଭ କରିଥିଲା ।

ଚତୁର୍ଥ ସାଂସ୍କୃତିକ ପରିବେଶରେ ମଣ୍ଡିତ ଗଡଜାତ ରାଜା ତଥା ବାମଣ୍ଡା ବା ଦେବଗଡର ରଙ୍ଗମଞ୍ଚ ଆଲୋଚନାକୁ ଆଣୁଛି । ୧୯୧୨ ବେଳକୁ ଦିବ୍ୟଶଙ୍କର ପ୍ରଚେଷ୍ଟାରେ "ଗାଙ୍ଗେୟ ରଙ୍ଗମଞ୍ଚ" ପ୍ରତିଷ୍ଠାଲାଭ କରିଥିଲା । ୧୯୨୫ ଶଶିଭୂଷଣଦେବଙ୍କ ପ୍ରଚେଷ୍ଟାରେ "ରାମ ଗୋପାଳ ନାଟ୍ୟ ସଂଘ" ସ୍ଥାପିତ ହୋଇଥିଲା । ପୁନଶ୍ଚ ୧୯୩୩ରେ "ଗୋପିକିଶୋର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଂଘ" ସ୍ଥାପନ ହୋଇଥିବାର ଅନୁମାନ କରାଯାଉଛି ।

ପଞ୍ଚମତଃ, ବଲାଙ୍ଗିର ଜିଲ୍ଲାରେ ରଙ୍ଗମଞ୍ଚ ଗୁଡିକ ଦେଖିବାକୁ ମିଳିଥାଏ, ତଥା "କବି ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବ" ଏହି ନାଟ୍ୟସଂସ୍ଥା ମହାରାଜ ପୃଥିରାଜସିଂହଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିବା ଶୁଣାଯାଏ । ପାଟଣା ଷ୍ଟେଟ ଦେୱାନ ବାଳ ମକୁନ୍ଦ ବହିଦାର ନେତୃତ୍ୱରେ ପୃଥୀରାଜ ହାଇ ସ୍କୁଲରେ ଜି.ଏଲ.ଏସ କ୍ଲବରୁ ପ୍ରତିଷ୍ଠିତ ହୋଇଥିଲା । ସେହି ସମୟରେ ଅନ୍ୟ ଏକ ରଙ୍ଗମଞ୍ଚ ସେମିତି ପ୍ରତିଷ୍ଠା ଲାଭ କରିଥିଲା ତଥା- "କଳିଙ୍ଗ ସାହିତ୍ୟ ସମିତି" ଓ "ନବନୀ ସାହିତ୍ୟ ସାଂସଦ" ୧୯୪୬ରେ "କୋଶଳ କଳାମଣ୍ଡପ" ଓ ୧୯୫୫ରେ "ନୃତ୍ୟ ସଙ୍ଗୀତ କଳାପରିଷଦ" ଆଦି ପତିଷ୍ଠା ଲାଭ କରିଥିଲା ।

ପ୍ରାକୃତିକ ଖଣିଜ ପଦାର୍ଥରେ ଭରପୁର କେନ୍ଦୁଝର ଜିଲ୍ଲା ମଧ୍ୟ ସାଂସ୍କୃତି ପରିବେଶରେ ବିରଚ ହୋଇଥିଲା ପ୍ରଥମେ ଚମ୍ପୁଆଠାରେ "ବଳଭଦ୍ର ସଂସ୍ଥା" ପ୍ରତିଷ୍ଠା ଲାଭ କରିଥିଲା ପୁନଶ୍ଚ ୧୯୩୩ ଆନନ୍ଦପୁର ଠାରେ "ନରସିଂହ ନାରାୟଣ ରାସ ନାଟ୍ୟ ସଂସ୍ଥା", ୧୯୩୮ ପ୍ରାଣ ବଲ୍ଲଭ ପାଠାଗାର, ୧୯୩୭ କେନ୍ଦୁଝର ଅମଳା କ୍ଲବ, ୧୯୬୮ ଜିଲ୍ଲା କଲେକ୍ଟର ଡ୍ରାମାଟିକ କ୍ଲବ, ୧୯୭୨ ସେବା ମଙ୍ଗଳ ସଂସ୍ଥା, ୧୯୭୪ ମିଳନ ସାହିତ୍ୟ ସାଂସଦ, ୧୯୭୫ "ଗୋପାଳଜୀଉ ପାଠାଗାର" ଏତଦ ବ୍ୟତୀତ ଜିଲ୍ଲାରେ ଆହୁରୀ ଅନେକ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା ଲାଭ କରିଥିବା ଶୁଣାଯାଏ ।

ଶେଷରେ କେନ୍ଦ୍ରାପଡା ଜିଲ୍ଲାର ରଙ୍ଗମଞ୍ଚକୁ ଆଲୋଚନା ପରିସରକୁ ଆଣୁଛି, ୧୯୧୧ରେ ଲକ୍ଷ୍ମୀ ନାରାୟଣ ଜଗଦେବଙ୍କ ଉଦ୍ୟମରେ ସର୍ବ ପ୍ରଥମେ କେନ୍ଦ୍ରାପଡା ମଞ୍ଚ ସ୍ଥାପନ ହୋଇଥିଲା । ପ୍ରଥମ ବଙ୍ଗଳା ନାଟକ "ଆଲିବାବା" ମଞ୍ଚସ୍ଥ ହୋଇଥିଲା । ୧୯୧୭ରେ ମହନ୍ତ ରାମ ପ୍ରସନ୍ନ ରାମାନନ୍ଦ ଦାସ ଓ ଅମ୍ବିକା ପ୍ରସାଦ ଉଦ୍ୟମରେ "ବଳଦେବ ଡ୍ରାମା କ୍ଲବ"

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୯୨୫ରେ ଦଳ ଗୋବିନ୍ଦ ମହାନ୍ତି ପ୍ରଚେଷ୍ଟାରେ "ୟୁନିୟନ ଡ୍ରାମାଟିକ କ୍ଲବ" ୧୯୩୪ ରେ "ଗୋବିନ୍ଦ ଡ୍ରାମାଟିକ କ୍ଲବ" ୧୯୩୫ରେ "ବନଦୁର୍ଗା ନାଟ୍ୟ କାଳସଂସଦ", ୧୯୪୮ "ମହାବୀର ଡ୍ରାମାଟିକ କ୍ଲବ" ୧୯୪୩ରେ "ହରପାର୍ବତୀ ଡ୍ରାମାଟିକ କ୍ଲବ" ୧୯୪୪ରେ "ବନଦୁର୍ଗା ଡ୍ରାମାଟିକ କ୍ଲବ" ୧୯୪୭ରେ ଗୋବିନ୍ଦଥିଏଟରସ ଆଦି ମଞ୍ଚ ପ୍ରତିଷ୍ଠା ଲାଭ କରିଥିବା ଶୁଣାଯାଏ ।

ବାସ୍ତବିକ ଓଡିଶାର ରଙ୍ଗମଞ୍ଚର ବିକାଶ ଆଲୋଚନା ପ୍ରସଙ୍ଗରେ ମୋର ସମ୍ୟକ ଅନୁଭବରୁ କିନ୍ତୁ ଅବତରଣ କରିଛି ଓ କିଛି ମୋର ଦୃଷ୍ଟିବାହାରେ ବି ରହିଯାଇଛି । ଯାହା ଆଲୋଚନା ପରିସରକୁ ଆଣିପାରୁନାହିଁ, ତେଣୁ ପାଠକ ବନ୍ଧୁମାନଙ୍କୁ ମୁଁ କ୍ଷମା ଯାଚନା କରୁଛି ।

"ଅଧ୍ୟାପକ ସୁବାଷ ବାରିକ"
ଆଞ୍ଚଳିକ ଗ୍ରା.ପ ମହାବିଦ୍ୟାଳୟ +୩ (କଳା) ଘଣ୍ଟାପଡା
ମୋ:- ୭୭୪୯୮୦୨୯୧୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମାଜର ରୀତି



ମହେଶ୍ୱର ସାହୁ

ଏହି ପୃଥିବୀ ପୃଷ୍ଠରେ କେଉଁ ଆବାହମାନ କାଳରୁ ଜୀବଜଗତର ସୃଷ୍ଟି ହୋଇ ଅଛି ତାହା ସେଇ ପରଂବ୍ରହ୍ମଙ୍କୁ ହିଁ ଜଣା । ଜୀବଜଗତରେ ଶ୍ରେଷ୍ଠ ଜୀବ ନାମରେ ମାନବ ଜାତି ଆଜି ସମ୍ପୂର୍ଣ ଧରାଧାମକୁ ନିଜ କରାୟତ କରି, ନିଜକୁ ଶ୍ରେଷ୍ଠ ଓ ମହାମହିମର ଆଖ୍ୟା ଦେଇ ପାରୁଛି । ଜନ୍ମ ଥିଲେ ମୃତୁ ମଧ୍ୟ ରହିଛି । ସକଳ ପ୍ରାଣୀ ଓ ଉଦ୍ଭିଦ ଜନ୍ମ ନିଅନ୍ତି, ଶରୀରର ବୃଦ୍ଧି ହୋଇଥାଏ, ବଂଶ ବୃଦ୍ଧି ହୋଇଥାଏ ଓ ଶେଷରେ ଦେହତ୍ୟାଗ କରିଥାନ୍ତି ।

ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ହୋଇ ପାରିଛି କେବଳ ନିଜର ବୁଦ୍ଧି ଓ ବିବେକ ପାଇଁ । ହାତୀ, ବାଘ, ସିଂହ ଭଳି ହିଂସ୍ର ଓ ବଳିଷ୍ଠ ପ୍ରାଣୀ ମାନେ ମଧ୍ୟ ଏହି ମାନବର ଦାସତ୍ୱ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ମାନବର ବୁଦ୍ଧି ଓ ବିବେକ ପାଇଁ,ସେ ନିଜକୁ ଶୃଙ୍ଖଳିତ କରିବାକୁ ସମାଜ ସୃଷ୍ଟି କରିଛି । ଏହି ସମାଜରେ ସଂସ୍କୃତି, ସଂସ୍କାର, ଶିକ୍ଷା ଓ ଦୀକ୍ଷା ଭଳି କେତେକ ମୌଳିକ ଆଧାର ରହିଥିବାରୁ ମାନବ ଆଜି ଶୃଙ୍ଖଳିତ ହୋଇପାରିଛି ।

ମାନବ ସମାଜରେ ଆମେ ସାଧାରଣତଃ ତିନୋଟି ଭିନ୍ନ ଭିନ୍ନ ପ୍ରକୃତିର ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି । କିଛି ଦାନବ ପ୍ରକୃତିଧାରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବା ବେଳେ ଅନ୍ୟ କେତକ ମାନବ ପ୍ରକୃତି ଧାରୀ ହୋଇଥାନ୍ତି । କିଛି ମଧ୍ୟ ଦେବତ୍ୱ ପ୍ରକୃତି ଧାରଣ କରି ଏହି ଜଗତର କଲ୍ୟାଣ କରିଥାନ୍ତି ।

ଦାନବ ପ୍ରକୃତି ଧାରଣ କରିଥିବା ବ୍ୟକ୍ତି ସମୂହ, ନିଜର ପ୍ରକୃତି ଅନୁସାରେ ରାବଣ ଓ ମହିଷାସୁର ଭଳି ଅନୈତିକ କାର୍ଯ୍ୟ ତଥା; ଲୁଣ୍ଠନ, ଚୋରି, ହତ୍ୟା, ଧର୍ଷଣ, ବ୍ୟଭିଚାର, ଅତ୍ୟାଚାର ଆଦି କାର୍ଯ୍ୟରେ ଲିପ୍ତ ରୁହନ୍ତି । ସେମାନେ କେବଳ ନିଜର ଓ ନିଜ ପରିବାରର ମଙ୍ଗଳ ପାଇଁ କାର୍ଯ୍ୟରତ ରୁହନ୍ତି । ନିଜ ଧନ ନିଜ ସମ୍ପତ୍ତିର ଉନ୍ନତ୍ତି ଓ ନିଜର ପ୍ରତିପତ୍ତିର ଉନ୍ନତି ପାଇଁ ସର୍ବଦା ଅନ୍ୟାୟର ପନ୍ଥା ଅବଲମ୍ବନ କରନ୍ତି । ସେମାନଙ୍କର ପ୍ରକୃତି ଯେ "ନିଜେ ବଞ୍ଚିଲେ ବାପାଙ୍କର ନାମ" । ଏହି ପ୍ରକୃତିର ଲୋକ ମାନେ ସମାଜର ଭିତ୍ତିଭୂମିକୁ ଦୁର୍ବଳ କରେଇ ଦିଅନ୍ତି । ସରଳ ପ୍ରକୃତିର ଲୋକ ମାନଙ୍କର ଅଭିଶାପର ପାତ୍ର ହୋଇଥାନ୍ତି ।

ମାନବ ପ୍ରକୃତି ଧାରୀ ବ୍ୟକ୍ତି ଯଥା ; ଗୋପବନ୍ଧୁ ଦାସ, ମଦର ଟରେସା ଭଳି ଲୋକ ମାନେ ସର୍ବଦା ସମାଜ ମଙ୍ଗଳ ପାଇଁ କାର୍ଯ୍ୟରତ ରୁହନ୍ତି । ଦୁଃଖୀ, ଦରିଦ୍ର ଓ ରୋଗୀମାନଙ୍କର ଦୁଃଖ ଦେଖି ନିଜ କୋମଳ ହୃଦୟକୁ ସନ୍ତାପିତ କରାଇଥାନ୍ତି । ଅନ୍ୟର ଦୁଃଖ ଓ ଯନ୍ତ୍ରଣାର କୋହକୁ ନିଜ ନୟନର ଅଶ୍ରୁ ମାଧ୍ୟମରେ ପରିପ୍ରକାଶ କରାଇଥାନ୍ତି । ଯଥା ସକ୍ଷମ ସାହାଯ୍ୟର ହାତ ବଢ଼ାଇ ଥାନ୍ତି । ନିଜେ ଉପବାସ ରହି ମଧ୍ୟ କ୍ଷୁଦାର୍ଥର କ୍ଷୁଧା ନିବାରଣ କରନ୍ତି । ଏଇ ପ୍ରକୃତି ଧାରୀ ଲୋକମାନଙ୍କୁ ସମାଜ ରକ୍ଷକର ଆଖ୍ୟା ଦିଆଯାଇଥାଏ ।

ଦେବତ୍ୱ ପ୍ରକୃତିଧାରୀ ଲୋକମାନେ ଯଥା : ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଆଦି ଲୋକମାନେ, ଏହି ସମାଜର କଲ୍ୟାଣ ପାଇଁ ଓ ସମାଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ନିଜର ତ୍ୟାଗ ଓ ବ୍ରହ୍ମତ୍ୱର ପରିପ୍ରକାଶ କରିଯାଇଛନ୍ତି । ସମାଜର ହିତପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କର ତପସ୍ୟା ଓ ତ୍ୟାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଈଶ୍ୱର ପ୍ରକୃତିଧାରୀ ବ୍ୟକ୍ତିଙ୍କର ମୁଖ୍ୟ ଚିନ୍ତନ ହୋଇଥାଏ "ଜିବେ ଦୟା ପରମ ଧର୍ମ" । ସେମାନଙ୍କର ସମାଜ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସମାଜରେ ଗୁରୁଜନଙ୍କ ପ୍ରତି ଭକ୍ତି, ଲଘୁଜନଙ୍କ ପ୍ରତି ସ୍ନେହର ଆଦର୍ଶ, ଏହି ସମାଜକୁ ଏକ ନୂତନ ଦିଗ୍ଦର୍ଶନ ଯୋଗାଇଥାଏ ।

ଆଜିର ସମାଜରେ ବଧୂ ନିର୍ଯାତନା, ଧର୍ଷଣ, ଲାଞ୍ଚ କାରବାର, ସନ୍ଦେହରୁ ବିଚ୍ଛେଦ, ବୃଦ୍ଧ ବୃଦ୍ଧାଶ୍ରମ ବିଚ୍ଛେଦ, ଛାଡ଼ ପତ୍ର, ହତ୍ୟା ଆଦି ଅମାନବୀୟ କାର୍ଯ୍ୟ ଏହି ସମାଜକୁ ଦୁର୍ବଳ ଓ ଅବହେଳିତ କରୁଅଛି ।

ବଧୂ ନିର୍ଯାତନା କେବଳ ସେଇ ପରିବାରରେ ହୋଇଥାଏ ଯେଉଁଠି ପାରିବାରିକ ଲୋଭ, ମୋହ ଓ ହିଂସା ଭରି ରହିଥାଏ । ସେଇ ପରିବାରର ଲୋକ ମାନେ ଅର୍ଥ ଲୋଭି ହୋଇଥାନ୍ତି ଓ ସୌନ୍ଦର୍ଯ୍ୟ ଲୋଭି ହୋଇଥାନ୍ତି । ସେମାନଙ୍କ ପାଖରେ ଦୟା, କରୁଣା, ସ୍ନେହ ଓ ମମତାର କାଣିଚାଏ ମଧ୍ୟ ଛାପ ନଥାଏ । ଯେତେ ଆଧୁନିକା, ରକ୍ଷଣଶିଳା, ଓ ସୌନ୍ଦର୍ଯ୍ୟବତୀ କନ୍ୟା ହୋଇଥିଲେ ମଧ୍ୟ ଦାନବ ପ୍ରକୃତିର ପାରିବାରିକ ଲୋକ ମାନଙ୍କ ଠାରୁ ବର୍ତ୍ତି ପାରିବେ ନାହିଁ । ସେମାନଙ୍କର କଳି, ଝଗଡା, ମାର ପିଟ ଆଦି ପାଶବିକ ଗୁଣ କାରାଗାରକୁ ଟାଣି ନେଇଥାଏ ।

ଧର୍ଷଣ ଏକ ଏମିତି ରୋଗ ଯାହାକି କର୍କଟ ରୋଗଠାରୁ ଭୟଙ୍କର । ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତରେ ନାରୀ ଓ ପୁରୁଷଙ୍କର ସୁବିଚାର ଓ ବୁଝାମଣା ନେଇ ଶାରୀରିକ ସମ୍ପର୍କ ସୃଷ୍ଟି ହେଲେ ତାକୁ ଧର୍ଷଣ କୁହାଯାଇ ନଥାଏ । ବୟସର ତାରତମ୍ୟରେ ଶାରୀରିକ ସମ୍ପର୍କ ବାଧା ସୃଷ୍ଟି କରି ପାରେନାହିଁ ଯେତେବେଳେ ଦୁଇ ହୃଦୟର ମିଳନ ହୋଇଯାଇଥାଏ । ଧର୍ଷଣର ଅନ୍ୟନାମ ଆକର୍ଷଣ । ନାରୀ ପ୍ରତି ପରୁଷର ଆକର୍ଷଣ ସେତେବେଳେ ହୋଇଥାଏ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେତେବେଳେ ଜଣେ ନାରୀ ନିଜର ଅଙ୍ଗ ପ୍ରଦର୍ଶନ କରିଥାଏ । ବେଳେବେଳେ ଅତ୍ୟଧିକ ମଦ୍ୟପାନ ମଧ୍ୟ ଧର୍ଷଣର ମୁଖ୍ୟ କାରଣ ବୋଲି ପରିଲକ୍ଷିତ ହୋଇଥାଏ । ନାରୀ ନିଜେ ନିଜକୁ ସମାଜର ସଂସ୍କାର ମଧ୍ୟରେ ରଖି ପାରିଲେ କେବେ ବି ଧର୍ଷିତା ହୋଇପାରିବେ ନାହିଁ । କାରଣ ଆଧୁନିକତାର ଦ୍ୱାହି ଦେଇ ଅଙ୍ଗ ପ୍ରଦର୍ଶନ କଲା ଭଳି କପଡା ବ୍ୟବହାର କରିବା, ଓଢଣୀ ବ୍ୟବହାର ନ କରିବା, ବାପାମାଆ ଓ ଗୁରୁଜନଙ୍କ ପ୍ରତି ଭକ୍ତି ନ ରଖିବା ମଧ୍ୟ ଧର୍ଷଣର କାରଣ ହୋଇଯାଏ । ହେଲେ ଧର୍ଷଣକାରୀ ଭାବିବା ଦରକାର ଯେ ଧର୍ଷିତା ଯଦି ମୋର ଝିଅ କି ଭଉଣୀ ହୋଇଥାନ୍ତା ତେବେ କଣ ହୋଇଥାନ୍ତା ?

ବୃଦ୍ଧ ବୃଦ୍ଧାଶ୍ରମର ବିଚ୍ଛେଦ କେବଳ ସେଇ ପରିବାରରେ ହୋଇଥାଏ ଯେଉଁମାନେ ସମାଜର ଉର୍ଦ୍ଧ୍ୱରେ ରହିଲା ଭଳି ଅନୁଭବ କରନ୍ତି । ନିଜର ଜନ୍ମଧାତ୍ରୀ ମାଆ ଓ ବାପାଙ୍କ ପ୍ରତି କର୍ତ୍ତବ୍ୟ ହରା ହୋଇଯାଇଥାନ୍ତି । ଶାଶୁଶଶୁର ଓ ସ୍ତ୍ରୀ ହିଁ ନିଜର ବୋଲି ଜଣା ଯାଇଥାନ୍ତି କେବଳ ସେଇମାନଙ୍କ ପରିବାରରେ ବାପା ମାଆ ଅବହେଳିତ । ଦେଖାଯାଇଛି ଆମ ଭାରତରେ କୌଣସି ଏକ କୃଷକର ବାପା ଓ ମାଆ ଆଶ୍ରମରେ ଆଶ୍ରିତ ଓ ଆଶ୍ରିତା ନୁହନ୍ତି । କାରଣ କୃଷକର ଫୁର୍ସତ ବୋଲି କିଛି ନାହିଁ । ନିଜ ଜମିରେ ବାପା ଚାଷ କରୁଥିଲେ, ମୁଁ କରିବି । ବାପା ପାନ ଖଣ୍ଡେ ଭାଙ୍ଗି ଦେ ଓ ନାଶ ଟିକେ ଦେ ! ଚାଲ ବିଲକୁ ଯିବା, ବାପା ତୁ ଯାହା ପାରିବୁ କରିବୁ ନ ହେଲେ ହୁଡାରେ ବସି ମୋତେ ଟିକେ ବତେଇ ଦେବୁ । କାରଣ କୃଷକ ପାଇଁ ବୋଧେ ତା ବାପା ନିହାତି ଜରୁରୀ ଚାଷ କାମ ପାଇଁ ! ଯିଏ ଖଣ୍ଡେ ସରକାରୀ ଚାକିରୀ ପାଇଗଲା ବୋଧହୁଏ ସେ ସମାଜରୁ ବହୁ ଉର୍ଦ୍ଧ୍ୱରେ ହୋଇଗଲା । ଯାହା ହେଲେବି ବାପା ମାଆ ଋଣ କେବେ ବି କେହି ସୁଝି ପାରିବେ ନାହିଁ । ବାପା ବଞ୍ଚିଥିବା ଯାଏ ବାପା" ପିତା ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପ, ପିତରେ ପ୍ରତିମା ପନେ, ପ୍ରିୟନ୍ତେ ସର୍ବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବତାଃ" ମାଆଙ୍କର ତପସ୍ୟା, ସ୍ନେହ, ପ୍ରେମ ଓ ମମତାର ଋଣ କିଏ ବା ସୁଝି ପାରିବ ! ତେଣୁ କୁହା ଯାଇଛି ଜନନୀ ଜନ୍ମ ଭୂମିଶ୍ଚ, ସ୍ୱର୍ଗାଦପି ଗରୀୟସୀ । ଏହି ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଗଳ୍ପ ଯେ "ପୁଅଟି ମାଆକୁ କହିଲା ମା' ମୁଁ ତୁ ମୋତେ ଜନ୍ମ ଦେଇଛୁ ବହୁତ କଷ୍ଟ ମୋ ପାଇଁ ସହିଛୁ ତେଣୁ ମୁଁ ତୋ ଋଣ ସୁଝିବାକୁ ଚାହୁଁଛି । ମାଆ ହସି ଦେଇ କହିଲେ ବାପାରେ ତୁ କଣ ମୋ ଋଣ ସୁଝି ପାରିବୁ ! ମାଆ ଋଣ କଣ କେହି ସୁଝି ପାରେ !

ହଁ ମାଆ ମୁଁ ସୁଝିବି !

ହଉ ବାପା ତୁ ଆଜି ଗୋଟେ ଦିନ ମୋ ପାଖରେ ଶୋଇଯାଆ । ଜାଣିବି ତୁ ମୋ ଋଣ ସୁଝି ପାରିବୁ । ପୁଅ ମାତୃଭକ୍ତ ସାଜି ରାତିରେ ମାଆ ପାଖରେ ଶୋଇବାକୁ ଗଲା । ଦୁଇ ଜଣ ଗୋଟିଏ ବିଛଣାରେ ଶୋଇଲେ । ପୁଅ ରାତ୍ରିର ଗଭୀରତାରେ ସମ୍ପୂର୍ଣ୍ଣ ନିଦ୍ରିତ ହୋଇ ଯାଇଥାଏ । ମାଆ ଡାକ ଦେଲେ "ବାପୁଜି ଉଠିଲୁ ବହୁତ ଶୋଷ ଲାଗିଲାଣି, ତଣ୍ଟି ସୁଖୀ ଯାଉଛି ।"

ବାପୁଜି ଧଡ଼ ପଡ଼ ହୋଇ ଉଠିପଡ଼ିଲା । ନିଜକୁ ମାତୃ ଭକ୍ତିର ପ୍ରଗାଢ଼ତ୍ୟରେ ଗର୍ବିତ କରୁଥାଏ । ପାଣି ଢାଳରେ ଆଣି ମାଆ ହାତକୁ ଭକ୍ତିରେ ଟେକିଦେଲା । ମାଆ ପାଣି ଦୁଇ ଢ଼ୋକ ପିଇ ଦେଇ ବଳକା ପାଣି ବାପୁର ଶୋଇଥିବା ଜାଗାରେ ଢାଳିଦେଲେ । ବାପୁ କହିଲା କଣ କଲୁ ମାଆ ମୋ ବିଛଣାରେ ସବୁତକ ପାଣି ଢାଳି ଓଦା କରିଦେଲୁ ମୁଁ କେମିତି ଶୋଇବି ? ମାଆ କହିଲେ ହଉ ବାବା ଶୋଇପଡ଼ । ବାପୁ ବିଛଣା କଡେଇ ଦେଇ ଶୋଇଗଲା । ବାପୁ ନିଦ୍ରିତ ଅବସ୍ଥାରେ ଥିବାବେଳେ ପୁନଶ୍ଚ ମାଆ ଡାକିଲେ ବାପୁ... ବାପୁ... ଶୋଷ ଲାଗିଲାଣି । ପାଣି ମୁନ୍ଦେ ଆଣିବୁ ଯାଆ । ବାପୁ ଏଇଥର ବହୁତ କଷ୍ଟରେ ଉଠିଲା ହେଲେ ମନରେ ଚିଡା ଆସୁଥାଏ ଆଉ ଭାବୁଥାଏ ନାଆଁ ମାଆ ଆଜି ରାତିକ ଶୋଇବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଛି ତା'ର ସେବା କରିବା ଧର୍ମ । ପାଣି ଆଣି ମାଆଙ୍କର ହାତକୁ ବଢ଼େଇ ଦେଲା । ପୁନଶ୍ଚ ମାଆ କିଛି ପାଣି ପିଇ ବଳକା ବାପୁର ବିଛଣାରେ ଢାଳି ଦେଇଥିଲେ । ବହୁତ କଷ୍ଟରେ ବାପୁ ଚିଡିଚିଡା ହୋଇ ସେବା କରୁଥାଏ ଏମିତି ବାରମ୍ବାର କରିବା ଯୋଗୁଁ ବାପୁ ଅତ୍ୟନ୍ତ ରାଗି ଯାଇଥିଲା । କହିଲା ମାଆ ତୁ ଏ କଣ କରୁଛୁ ମୋତେ କଣ ଶୁଆଇ ଦେବୁ ନାହିଁ । ମୋ ବିଛଣା ତ ଓଦା କରିଦେଉଛୁ ।

ମାଆଙ୍କ ଚକ୍ଷୁରେ ଲୋତକ ଆସିଯାଇଥିଲା । କହିଥିଲେ ବାପୁ ମୋ ଧନ ତତେ ମୁଁ ଜାଣିଶୁଣି ଏମିତି କରୁଥିଲି । ତୁ ଜାଣିବା ଦରକାର ଯେ ମାଆର ଋଣ କଣ ? ତୁ ଏମିତି ରାତି ସାରା ମୋ ଉପରେ ପରିସ୍ରା କରିଦେଉ ଆଉ ମୁଁ ରାତିସାରା ତୋର ଏଇ ମୂତ୍ର ଭରା ମୋ ଭିଜା ଶାଢୀରେ ଶୋଇ ରୁହେ । ରାତି ସାରା ତୁ କେତେଥର ଚମକି ଉଠୁ କାନ୍ଦି ପକାଉ, ଆଉ ମୁଁ ତୋ ବିଛଣା ଚାରି ପାଖରେ ଖୋଜିହୁଏ କାହିଁକି କାନ୍ଦିଲା କହ ଧନ ତୁ କଣ ମୋ ଋଣ ସୁଝି ପାରିବୁ ? ବାପୁ କେବଳ କାନ୍ଦୁଥିଲା ମାଆ ମାଆ କହି ।

ଏହି ପରିପ୍ରେକ୍ଷୀରେ କହିବାକୁ ଗଲେ ସତରେ ବାପା ଆମର ମୂଲିଆ ହେଉ କି କୃଷକ ହେଉ କି ଡାକ୍ତର ହେଉ ସେ ଆମର ବାପା ଆମର ଭଗବାନ ଯିଏ ଆକାଶ ଠାରୁ ବଡ଼ । ବାପା ଥିଲା ପୁଅ କେବେ ସଭାରେ ହାରେ ନାହିଁ । ମାଆ ମଧ୍ୟ ସେମିତି ଜଣେ ଗୃହିଣୀ ହୁଅନ୍ତୁ କି ଚପରାସି ହୁଅନ୍ତୁ କି ଚାକରାଣୀ ହୁଅନ୍ତୁ ସେ ହେଉଛନ୍ତି ମାଆ, ଯିଏକି ଏହି ଦୁନିଆର ଆଲୋକ ଦେଖାଇ ଛନ୍ତି ତେଣୁ ବାପା ଓ ମାଆଙ୍କୁ ଅବହେଳା କରିବା ଉଚିତ ନୁହେଁ ।

ସନ୍ଦେହ ଏକ ଏମିତି ଚିନ୍ତାଧାରା ଯାହା ଦ୍ୱାରା ପ୍ରେମୀ ଯୁଗଳାଙ୍କ ମଧ୍ୟରେ ଫାଟ ସୃଷ୍ଟି କରେ । ହଁ ଏଇଟା ଠିକ ହୋଇ ପାରେ ପୁରୁଷ ହୁଅନ୍ତୁ କି ନାରୀ ଆଜି କାଲି ଦୋମୁହାଁ ନୀତିରେ ପଡୁଛନ୍ତି । ଅନ୍ୟର କଥାରେ ପ୍ରଭାବିତ ହେଉଛନ୍ତି ଯାହା ଦ୍ୱାରା ସନ୍ଦେହ ସୃଷ୍ଟି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଛି । ଅପରପକ୍ଷରେ ଦେଖିବାକୁ ଗଲେ କିଛି ପ୍ରକୃତି ହୀନ ପୁରୁଷ ଓ ନାରୀ ନିଜ ତରଫରୁ ନିଜ ପ୍ରେମୀ ପାଇଁ କିଛିଟା ଅବହେଳା ରଖିଥାନ୍ତି । ନିଜର ସମୟ ଅତିବାହିତ କରିବା ପାଇଁ କାର୍ଯ୍ୟରତ ପ୍ରେମୀର ଅନୁପସ୍ଥିତିରେ ଅନ୍ୟ ପୁରୁଷ ଓ ନାରୀରେ ମନ ଦିଅନ୍ତି । ଏହା ଦ୍ୱାରା ବିଚ୍ଛେଦ ସୃଷ୍ଟି ହୁଏ । ପ୍ରେମ ଦ୍ୱାରା ସୁଖ ଓ ଶାନ୍ତି ମିଳିଥାଏ ହେଲେ ଏଥିରେ ସନ୍ଦେହ ଆସିଗଲେ ଏହି ପ୍ରେମ ପ୍ରଚାର ହୋଇଯାଏ । ଏହି ପ୍ରେମ ପ୍ରଚାର ହୋଇଗଲା ପରେ ଲୋକ ଲୋଚନରେ ବଦନାମ ହେବାକୁ ପଡିଥାଏ । ବଦନାମ ହିଁ ଆତ୍ମହତ୍ୟାର କାରଣ ହୋଇଥାଏ । ଏହା ଚୋରାପିରତିର ଗୁପ୍ତ ରହସ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଛାଡପତ୍ର କଥା କହିବାକୁ ଗଲେ ଆମେ ଭାବିବା ଯେ ସ୍ୱାମୀ ସ୍ତ୍ରୀଙ୍କର ସମ୍ପର୍କର ବିଚ୍ଛେଦ । ହଁ କେବଳ ଏଇ ବିଚ୍ଛେଦର ମୁଖ୍ୟ କାରଣ ଯୌତୁକ ଓ ସନ୍ଦେହ ହୋଇଥଇପାରେ ! କିଛି ଜାଗାରେ ଦେଖିବାକୁ ମିଳେ ଗରିବ ବାପା ଟିଏ ଯୌତୁକ ଦେଇ ପାରେ ନାହିଁ । ଯାହା ଦ୍ୱାରା ତାର କନ୍ୟା ଶଶୁର ଘରେ ନିର୍ଯାତିତ ହୋଇଥାଏ । ଅନ୍ୟ ପକ୍ଷରେ ଏମିତି ଦେଖାଯାଏ ଛାଡ଼ ପତ୍ରର ମୁଖ୍ୟ କାରଣ ସାମାଜିକ ଗଣମାଧ୍ୟମ ଯାହାକି facebook ଓ whatsapp ଆଦି ହୋଇଥାଏ । କୌଣସି ସ୍ୱାମୀ ଚାହେଁ ନାହିଁ ତାର ସ୍ତ୍ରୀ facebook ରେ ସଜେଇ ହେଇ ଏମିତି ଫୋଟୋ ଛାଡୁ ଯାହା ଦ୍ୱାରା ଅଜଣା ଲୋକଟିଏ କୁ ମନ୍ତବ୍ୟ ଦେଉ ! ଯାହା ଦ୍ୱାରା ସ୍ୱାମୀ ସ୍ତ୍ରୀଙ୍କର ବିଚ୍ଛେଦ ସୃଷ୍ଟି ହୋଇଥାଏ । ସ୍ୱାମୀ କର୍ମକ୍ଷେତ୍ରକୁ ଗଲା ପରେ ସ୍ତ୍ରୀ ପୁଅସାଙ୍ଗମାନଙ୍କ ସହିତ ବର୍ତ୍ତାଳାପ କରିବା ମଧ୍ୟ ସମ୍ପର୍କରେ ଫାଟ ସୃଷ୍ଟି କରେ । ଏମିତି କିଛି ଘଟଣା ଆମ ସୁଖ ସ୍ୱଚ୍ଛନ୍ଦକୁ ନଷ୍ଟ କରି ଏହି ସମାଜରେ ଆମକୁ କଳଙ୍କିତ କରିଥାଏ । ଆମେ ଏହିସବୁ ସମସ୍ୟାରୁ ଦୁରେଇ ରହିବା ଆବଶ୍ୟକ । ଯାହାଦ୍ୱାରା ଆମେ ଏକ ସୁରକ୍ଷିତ ଓ ଖୁସିର ସଂସାର ସୃଷ୍ଟି କରି ଏହି ସମାଜରେ ପ୍ରତିଷ୍ଠିତ ହୋଇ ପାରିବା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଞ୍ଚ କଥା ଦେଖିବାକୁ ଗଲେ ଏହାର ମୁଖ୍ୟ କାରଣ ଅତ୍ୟଧିକ ଲୋଭ ହୋଇଥାଏ । ମଣିଷର ହୃଦୟକୁ ଯେତେବେଳେ ଲୋଭ ଗ୍ରାସ କରିଯାଏ ସେତେବେଳେ ସେ ଲାଞ୍ଚୁଆ ଓ ଠକ ପ୍ରବୃତ୍ତି ଧାରଣ କରି ଦାନବତ୍ୱ ସୃଷ୍ଟି କରିଥାଏ । ଏହା ମଧ୍ୟ ଏହି ସମାଜ ପାଇଁ ଅତ୍ୟନ୍ତ କଳଙ୍କିତ ଅଟେ । ଆମେ ବୁଝିବା ଦରକାର ଲାଞ୍ଚ ଦେଇଥିବା ବ୍ୟକ୍ତି ଜଣକ କେତେଦୂର ସକ୍ଷମ ଅର୍ଥ ଦେବା ପାଇଁ । ଲାଞ୍ଚ ନେବା ପାପ ଓ ଦେବା ପାପ ଅଟେ ଏଣୁ ଲାଞ୍ଚ କାରବାର କରିବା ସାମାଜିକ ଅପରାଧ ଅଟେ ।

ହତ୍ୟା ସେତେବେଳେ ହୋଇଥାଏ ଯେତେବେଳେ ମଣିଷ ନିଜର ଦାନବ ପ୍ରକୃତି ଜାଗ୍ରତ କରିଥାଏ । ସେତେବେଳେ ହତ୍ୟାକାରୀର ହୃଦୟ ପଥର ହୋଇ ଯାଏ । ତା'ର ହୃଦୟରୁ ସ୍ନେହ, ମମତା ଦୁରେଇ ଯାଇଥାଏ ।

ସେ କରୁଥିବା ଲୋକଟି ଜଣେ ଅତ୍ୟାଚାରୀ ହୋଇପାରେ, ଜଣେ ପରମ ଶତ୍ରୁ ହୋଇପାରେ ଅଥବା ଜଣେ ଧନୀକ ବ୍ୟକ୍ତି ହୋଇ ପାରେ । କିନ୍ତୁ ହତ୍ୟା କରିବା ମହାପାପ । ଯେତେବେଳେ ଜଣେ ହତ୍ୟାକାରୀ ହୋଇଯାଏ ସେତେବେଳେ ତା'ର ହୃଦୟରେ ପଶୁ ଓ ଦାନବ ପ୍ରବୃତ୍ତି ଜାଗ୍ରତ ହୋଇ ଉଠେ । ହେଲେ ହତ୍ୟା ପରର କରୁଣ ଦୃଶ୍ୟ ସେତେବେଳେ ତାହାର ହୃଦୟକୁ ଛୁଇଁ ପାରେ ନାହିଁ । ଫାଶୀ ହେଉକି ଆଜୀବନ କାରାଦଣ୍ଡ ସେ କେଉଁଥିରେ ଭ୍ରୁକ୍ଷେପ କରେ ନାହିଁ । ହତ୍ୟା କରିବା ପୂର୍ବରୁ ମନୁଷ୍ୟ ହଜାରେ ଥର ଚିନ୍ତା କରିବା ଆବଶ୍ୟକ ଯେ ଏଥିରେ ଆମର ଭବିଷ୍ୟତ କଣ ଓ ବର୍ତ୍ତମାନ ମୁଁ କଣ କରୁଛି ।

ଶେଷରେ ମୁଁ ଏତିକି କହିବାକୁ ଚାହେଁ ଆମେ ଯଦି ଏକ ସୁଦୃଢ଼ ସମାଜ ଗଠନ କରିବାକୁ ଚାହିଁବା ତେବେ ବୁଦ୍ଧିଜୀବୀ, ଜ୍ଞାନୀ ଓ ଗୁଣି ବ୍ୟକ୍ତି ମାନେ ସ୍ୱତଃପ୍ରବୃତ୍ତ ଭାବେ ଯୋଗଦାନ ଦେବା ଆବଶ୍ୟକ । ଏକତା ଓ ସୁବୁଝାମଣା ହିଁ ଏକ ସୁସ୍ଥ ଏକ ସୁସ୍ଥ ସମାଜ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗଠନରେ ମୁଖ୍ୟ ଆଧାର ହୋଇପାରିବ । ମଣିଷ ମଧ୍ୟରେ ନମ୍ରତା ସହିତ ସହନ ଶିଳତା ଗୁଣ ପ୍ରଶଫୁଟିତ ହେବା ଆବଶ୍ୟକ । ଆବଶ୍ୟକ ଅନୁସାରେ ଦୁଖୀ ଦରିଦ୍ର ଓ ରୋଗୀ ମାନଙ୍କୁ ଦାନ କରିବା ଆବଶ୍ୟକ ତେବେ ଯାଇ ଆମେ ଏକ ସୁସ୍ଥ ସମାଜ ଗଠନ କରି ଏହି ବିଶାଳ ଭୂଖଣ୍ଡରେ ଶାନ୍ତିର ପ୍ରଦୀପ ଉନ୍ମୁକ୍ତ କରି ପାରିବା ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାମ୍ପ୍ରତିକ ଜୀବନବୋଧ



ଡଃ ମନୋରଞ୍ଜନ ବିଷୋୟୀ

ସମାଜରେ ଚଳପ୍ରଚଳ କରୁଥିବା ମଣିଷମାନେ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ । ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ- ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି ।

ବସ୍ତୁତଃ କହିବାକୁ ଗଲେ ଚଳନ୍ତି ସମୟର ମଣିଷ ହେଉଛି- କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ଦେଖାଦେଇଛି । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଇଛି । ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଛି । ଅର୍ଥ ଲାଳସା, ପ୍ରବଞ୍ଚନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି । ଶୋଷକମାନେ ସେବକ ବେଶରେ ରାଜନୀତି ମଞ୍ଚରେ ଅନୁପ୍ରବେଶ କରିବା ଫଳରେ ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବଞ୍ଚିଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର  । ଏକ ଦିଗରେ ବିଜ୍ଞାନର ଅଗ୍ରଗତି ହେଲେ ଅପର ପକ୍ଷରେ ରହିଛି ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା  ।

ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଲିଷ୍ଟ  । ଏପରିକି ଆଧ୍ୟାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ  । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ  । ସଫଳତା ଓ ସ୍ୱୀକୃତିର ଘୋଡ଼ା ଦୌଡ଼ରେ ସେ ଅଣନିଃଶ୍ୱାସୀ  । ସଫଳତାର ସିଡ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ  । ଏପରିକି ଆଧ୍ୟାତ୍ମିକ ବିଶ୍ୱାସହୀନତା ମଣିଷ ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା  ।

ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ  । ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ  ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସଂପର୍କ: ୮୮୯୫୧୪୧୭୭୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଏକ ଦୁଃଖଦ ମୁହୂର୍ତ୍ତରୁ...



ପଙ୍କଜ କୁମାର ପାଣିଗ୍ରାହୀ

କିଶୋର, କିଶୋରୀଙ୍କ ସାମ୍ପ୍ରଦାୟିକ, ଦଳଗତ ବିଚାରଧାରାରେ ଭବିଷ୍ୟତ !!

ଶୈଶବର ଆନନ୍ଦମୟ ଅନୁଭୂତି ଗୁଡିକୁ ବିଦାୟ ଦେଇ କିଶୋର ବୟସରେ ପଦାର୍ପଣ କରୁଥିବା ଶିକ୍ଷାର୍ଥୀଙ୍କ ଭବିଷ୍ୟ ଗଠନର ପ୍ରଥମ ସୋପାନ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଥାଏ । ସେହି ସମୟରେ ମଣିଷ ମନରେ ଅଲୌକିକ ଭାବନା ତଥା ନୂତନ ଅନୁଭବ ଗୁଡିଏ ମନକୁ ଆସିଥାଏ ଯାହାର ଗତିବିଧି ଓ ସୀମା ଧାର୍ଯ୍ୟ କରିବା ଅସମ୍ଭବ ହୋଇପଡେ ସେମାନଙ୍କ ପାଖରେ । କିଶୋର ବୟସରେ ଅନେକ ଶିକ୍ଷାର୍ଥୀ କେତେକ ଅବାଟରେ ପରିଚାଳିତ ହୋଇ ପରବର୍ତ୍ତୀ ସମୟରେ ନିଜ ଜୀବନକୁ ଶୋକ ସନ୍ତାପିତ ଅବସ୍ଥାରେ ପରିଚାଳିତ କରୁଥିବା ବିଷୟ ବ୍ୟାଖ୍ୟା କରିବା ଆବଶ୍ୟକ ନାହିଁ, କାରଣ ତାହା ସମସ୍ତେ ଦେଖୁଛନ୍ତି, ଜାଣିଛନ୍ତି । ହେଲେ ସେମାନଙ୍କୁ ଉପଯୁକ୍ତ ରାସ୍ତା ଦେଖାଇବା ଏବଂ ସନ୍ତୁଳିତ, ସରସମୟ ଭବିଷ୍ୟତ ଗଠନ ଦିଗରେ ବ୍ରତୀ କରାଇବା ଦାୟିତ୍ୱ କାହାର ? ନିଶ୍ଚିତ ଭାବେ ସେମାନଙ୍କ ପରିବାର ବର୍ଗ ଏବଂ ଶିକ୍ଷକଙ୍କ ଭୂମିକା ଏଥିପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ହେଲେ ସେମାନେ କ'ଣ ନିଜ ନିଜ କାର୍ଯ୍ୟ ସଠିକ୍ ଭାବେ କରୁଛନ୍ତି ? ନା ! ଆଉ ସେଇଥିପାଇଁ ଆଜି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଶୋର, କିଶୋରୀ ଅବାଟରେ ପଡି ଜୀବନ ସାରା ହନ୍ତସନ୍ତ ହେଉଥିବା ଲକ୍ଷ କଲେ ଜାଣିହେବ ।

ଘରେ ପରିବାର ବର୍ଗ ପିଲାଟିକୁ ବିଦ୍ୟାଳୟକୁ ଛାଡ଼ିଦେଇ ନିଜନିଜ କାର୍ଯ୍ୟରେ ବ୍ୟସ୍ତ । ବିଦ୍ୟାଳୟରେ ଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିବା ଏବଂ ନିଜ ବୃତ୍ତିଗତ ଉତ୍ତରୋତ୍ତର ଉନ୍ନତି ବିଷୟରେ ଭାବୁ ଭାବୁ ସମୟ କ୍ଷୀଣ ! କେମିତି କୌଣସି ପ୍ରକାରେ କିଛି ପୋଥିଗତ ବିଦ୍ୟାକୁ ଗାଇଦେଲେ କର୍ତ୍ତବ୍ୟ ଶେଷ ! ହେଲେ ନୂତନଭାବେ ପ୍ରକୃତିକୁ ଦେଖୁଥିବା ଗଠନ କ୍ରମରେ ଥିବା ମସ୍ତିଷ୍କଟି ପଥ ଅନ୍ୱେଷଣରେ ନିମଗ୍ନ ଉପଯୁକ୍ତ ରାସ୍ତା ପାଇବ କେମିତି ?! ଶିକ୍ଷା ବ୍ୟତୀତ ମନରେ ଉଠୁଥିବା ଆଶାତୀତ ପ୍ରଶ୍ନର ଉତ୍ତର ପାଇବ କେଉଁଠୁ ?! ନିଜକୁ କେଉଁ ପଥର ପଥିକ କରି ଭବିଷ୍ୟତ ଉଜ୍ଜ୍ୱଳ କରିବ, ବୁଝିବ କେମିତି ?! କିଶୋର, କିଶୋରୀଙ୍କ ମନର ଏହିସବୁ ଉଦ୍ୱେେଗ ଜନକ ବିଷୟ ବୁଝି ସେମାନଙ୍କ ଉପଯୁକ୍ତ ଭବିଷ୍ୟତ ଗଠନ ଦିଗରେ ପରି·ଳିତ କରାଯିବା ଲକ୍ଷ ନାହିଁ କାହାର ! କି ସେମାନେ ନିଜେ ବୁଝିପାରି ନିଜକୁ ସୁଗଠିତ କରିବା ସୁଯୋଗ, ପ୍ରେରଣା ଶୂନ୍ୟ ଅମଣିଷ ସମାଜ ଯେ ଦେଶର ଭବିଷ୍ୟ ପିଢିଙ୍କୁ କେବଳ ଅଜ୍ଞାନ କରୁଛି ତା ନୁହେଁ, ବରଂ ଏହି ଘଡ଼ିସନ୍ଧି ମୁହୂର୍ତ୍ତର ସୁଯୋଗ ନେଇ କେତେକ ଦଳୀୟ, ଗୋଷ୍ଠବଦ୍ଧ, ସାମ୍ପ୍ରଦାୟିକ ହେଉକି ଆତଙ୍କବାଦୀ ସଂଗଠନ, ସେମାନଙ୍କୁ ପଥଭ୍ରଷ୍ଟ କରି ନିଜ ସ୍ୱାର୍ଥରେ ବ୍ୟବହାର ପୂର୍ବକ ସେମାନଙ୍କ ଜୀବନକୁ ଅମାନବୀୟତାରେ ଭରିଦେଇ ହନ୍ତସନ୍ତ କରିବା ସହିତ ରାଷ୍ଟ୍ରକୁ ନିମ୍ନଗାମୀ କରୁଥିବା ବୁଝିବା ସାମର୍ଥ୍ୟ ବିହୀନ ମଣିଷର ଗତି କେଉଁଆଡକୁ ବି·ର କରିବା.....

ଶରୀରରେ କେତେକ ହର୍ମୋନ୍‌ଗତ ପରିବର୍ତ୍ତନ ସାଙ୍ଗକୁ ମସ୍ତିଷ୍କରେ ଅଲୌକିକ ଭାବନା ସମୂହକୁ ନେଇ ଗଠନ କ୍ରମରେ ଥିବା ମଣିଷ ମସ୍ତିଷ୍କ ଯେ କେତେବେଳେ କେଉଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଗଗାମୀ ହେବ ତାହାର ସଠିକ ଆକଳନ କରିବା ସହଜ ନୁହେଁ । କେତେକ କ୍ଷେତ୍ରରେ ତାହାର ଜିନ୍‌ଗତ, ଜନ୍ମଗତ ସ୍ୱଭାବ ମଣିଷକୁ ପ୍ରଭାବିତ କରୁଥିବା ବେଳେ ପରିବେଶ ଏବଂ ପରିପାର୍ଶ୍ୱିକ ଅବସ୍ଥିତି, ପରିସ୍ଥିତି ମଧ୍ୟ କିଛି କମ୍ ପ୍ରଭାବ ପକାଇନଥାଏ ସେମାନଙ୍କ ଉପରେ । ତେଣୁ କେତେବେଳେ ପରିବେଶ, ପରିସ୍ଥିତିକୁ ନେଇ କିଏ କେଉଁ ବାଟରେ ପରି·ଳିତ ହେବ ଧାର୍ଯ୍ୟ କରିବା ଅତ୍ୟନ୍ତ ଜଟିଳ । ଆଉ ଯାହାକୁ କୌଣସି ଲଗାମ୍ ନାହିଁକି ନିୟନ୍ତ୍ରଣ, ସେମାନଙ୍କ ଗତିବିଧିର ସମୀକ୍ଷା କରିବା ଯଥେଷ୍ଟ କଷ୍ଟକର । ତେଣୁ ଏହି ମାନସିକ ଭାବଧାରା ନିୟନ୍ତ୍ରଣ ବହିର୍ଭୁତ କିଶୋର, କିଶୋରୀ ମାନେ କେତେବେଳେ କାହା ପ୍ରେମରେ ପଡି କେଉଁ ଦିଗଗାମୀ ହୋଇଥା'ନ୍ତି ତାହା ଆକଳନ କରିହେବ ନାହିଁ ।

ଅନେକ ସମୟରେ ଦେଖିବାକୁ ମିଳେ, କେତେକ କିଶୋର, କିଶୋରୀ ପ୍ରେମରେ ପଡି କେତେବେଳେ କିଏ ନିରୁତ୍ସାହିତ ହୋଇ ନିଜର ଜୀବନ ନଷ୍ଟ କରିଥା'ନ୍ତି ତ ଆଉ କେତେଜଣ ପ୍ରେମରେ କୃତକାର୍ଯ୍ୟ ହୋଇ ନିଜର କ୍ଷମତା ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ କରି ପାରିବାରିକ ମୋହରେ ବାନ୍ଧି ହୋଇଯା'ନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ ଏକ ସଂଖ୍ୟା ଗରିଷ୍ଠ ଦେଖିବାକୁ ମିଳନ୍ତି ଯେଉଁମାନେ କୌଣସି ଦଳୀୟ, ଗୋଷ୍ଠିଗତ କିମ୍ବା ସାମ୍ପ୍ରଦାୟୀକ ବିଚାରବଦ୍ଧତା ସହିତ ନିଜକୁ ସାମିଲ କରି ପରିଶେଷରେ ସେମାନଙ୍କ ପ୍ରେରଣାକୁ ହିଁ ସର୍ବେସର୍ବା ବୋଲି ମନେ କରିଥା'ନ୍ତି । ଖୁବ୍ କମ୍ ସଂଖ୍ୟକ ମଣିଷ କିଶୋର ବୟସରେ ନିଜର ଉଦ୍ବେଗକୁ ସଂକୁଚିତ କରି ନିଜସ୍ୱ ବିଚରବଦ୍ଧତା ମଧ୍ୟରେ ନିଜକୁ ବାନ୍ଧି ଏକ ନିରପେକ୍ଷ ଜୀବନ ପ୍ରସ୍ତୁତ କରିବାରେ ସକ୍ଷମ ହେଉଥିବା ଦେଖିବାକୁ ମିଳୁଛି ଆମ ସମାଜରେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିରପେକ୍ଷ ବିଚାର ରଖୁଥିବା କିଶୋର, କିଶୋରୀଙ୍କ ସଂଖ୍ୟା ଖୁବ୍ କମ୍ ଦେଖିବାକୁ ମିଳୁଥିବା ବେଳେ ପ୍ରେମରେ କୃତକାର୍ଯ୍ୟ ସରସମୟ ଜୀବନ ହାସଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ପାରୁଥିବା ମଧ୍ୟ ଅନୁରୂପ ସଂଖ୍ୟକ ହୋଇଥାଏ । ବିଫଳ ପ୍ରେମିକଙ୍କ ଜୀବନର ଗତିବିଧି କାହାକୁ ଗୋଚର ନଥିବା ବେଳେ ଏହି ଗୋଷ୍ଠିଗତ ବି୍ଚାରଧାରାରେ ନିମଜ୍ଜିତ ସଂଖ୍ୟା ଗରିଷ୍ଠ କିଶୋର, କିଶୋରୀ ନିଜ ଶିକ୍ଷାକ୍ଷେତ୍ର ଠାରୁ ଦୂରେଇଯାଇ କେବଳ ସେହି ଗୋଷ୍ଠିଗତ ବିଚାରଧାରାରେ ଉଦ୍ବୁଦ୍ଧ ନିଜ ଜୀବନକୁ ସେହି ଦିଗଗାମୀ କରାଇଥା'ନ୍ତି ଯାହା ସମ୍ପୃକ୍ତ ଗୋଷ୍ଠୀର ଲକ୍ଷ୍ୟ ଥାଏ । ଏମାନଙ୍କ କ୍ରମବିକାଶମୁଖି ମସ୍ତିଷ୍କରେ ସେହି ଗୋଷ୍ଠିଗତ ବିଚାରଧାରା ଏମିତି ଉଲ୍ଲେଖିତ ହୋଇଥାଏଯେ ସାରାଜୀବନ ସେମାନେ ବାଛିନେଇଥିବା ସମ୍ପୃକ୍ତ ଗୋଷ୍ଠୀଠାରୁ ନିଜକୁ ଦୁରେଇ ନପାରି କେବଳ ସେମାନଙ୍କ ଗୁଣଗାନ କରିଥା'ନ୍ତି । ଭଲ ମନ୍ଦର କୌଣସି ବିଚାରବିହୀନ କିଶୋର ସମୟର ସେହି ସମ୍ମିଳନୀ ଜନିତ ଜୀବନ ଶେଷ ପର୍ଯ୍ୟନ୍ତ ସେହି ଗୋଷ୍ଠୀ ସହିତ ନିଜକୁ ଜଡିତ ରଖି ଜୀବନକୁ ନିଜ ହାତରେ ତଳିତଳାନ୍ତ କରି ନିଜକୁ ନିଜେ ପ୍ରତାରିତ କରୁଥିବା ବିଷୟ କେବେହେଲେ ମନକୁହିଁ ଆସିନଥାଏ ସେମାନଙ୍କର, କାରଣ ସେହି ଗୋଷ୍ଠିଗତ ପ୍ରେରଣାର ଷଡ଼ଯନ୍ତ୍ର ସେହିଭଳି ରହିଥାଏ ! ଗୋଷ୍ଠିଗତ ବିଚାରଧାରା ସମ୍ପୃକ୍ତ ଗୋଷ୍ଠୀର ମୁଖିଆଙ୍କ ବିଚାରଧାରା ଉପରେ ନିର୍ଭର କରିଥାଏ ଯାହା ତାଙ୍କୁ ଯଥେଷ୍ଟ ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ସହାୟକ ହେଉଥିବା ବେଳେ ଏହି ସଦସ୍ୟଙ୍କୁ ମଧ୍ୟ ସେହିମାନଙ୍କ ଦ୍ୱାରା ପ୍ରଦତ୍ତ ଅଂଶରୁ କିଂଚିତ ସ୍ୱାର୍ଥ ପ୍ରଦାନ ପୂର୍ବକ କିଛି ପ୍ରେରଣାଦାୟୀ ବକ୍ତବ୍ୟ ଦିଆଯାଇଥାଏ ଯେଉଁଥିରେ ଅନୁପ୍ରାଣିତ ଏହି ନିର୍ବୋଧ ସେମାନଙ୍କ ସହିତ ଜୀବନସାରା ବାନ୍ଧି ହୋଇ ନିଜ ଜୀବନକୁ ନଷ୍ଟ କରିଥା'ନ୍ତି । ତେଣୁ ଏହି କ୍ରମବିକାଶଶୀଳ ମସ୍ତିଷ୍କ ମାନଙ୍କୁ ନିଜସ୍ୱ ଭବିଷ୍ୟ ଗଠନ କରି ଜ୍ଞାନ ଆହରଣ କରିବାର କୌଣସି ପଥ ପ୍ରଦର୍ଶକ ପରିବେଶ ସୃଷ୍ଟି କରାନଯାଇ କେତେକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତାରିତ କରି ରଖାଯାଉଥିବା ଅନୁଧ୍ୟାନ କଲେ ଜାଣିହେବ । ଏଥିରୁ ନିସ୍ତାର ନାହିଁ, ଯେ ପର୍ଯ୍ୟନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଧାରଣ ଲୋକେ ଏଗୁଡ଼ିକୁ ପ୍ରତିବାଦ ପୂର୍ବକ ନିଜ ସନ୍ତାନ ମାନଙ୍କୁ କୌଣସି ଦଳ, ଗୋଷ୍ଠୀ, ସଂଗଠନ କିମ୍ବା ସାମ୍ପ୍ରଦାୟିକ ମନୋଭାବ ତଥା ସଂଶ୍ଳିଷ୍ଟତା ଠାରୁ ଦୁରେଇ ରଖିବା ପ୍ରୟାସ କରିଛନ୍ତି ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା.....।

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ମାନସ ରଞ୍ଜନ ପାତ୍ର

କୋଟି ଓଡିଆର ମଉଡମଣି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ମୁଣ୍ଡିଆ ଟେ ମାରି ଲେଖା ଆରମ୍ଭ କରୁଛି ।

ବାପା ଶବ୍ଦଟି ହେଉଛି ଦୁଇ ଅକ୍ଷର କିନ୍ତୁ ମାଆ ଶବ୍ଦ ପରି ଶ୍ରୁତିମଧୁର ଅଟେ । ବାପା ଶବ୍ଦଟିକୁ ପାଟିରେ ଧରିବା ମାତ୍ରେ ଆମ ଶରୀରରେ ଏକ ପ୍ରକାରର ଶିହରଣ ସୃଷ୍ଟି ହୋଇଥାଏ । ପିଲାର ପ୍ରଥମ ମୁଖ ନିଃସୃତ ବାଣୀ ହେଉଛି ମା କିନ୍ତୁ ପରେ ପରେ ବାପା ବୋଲି ଉଚ୍ଚାରଣ କରିଥାଏ ।

ପିଲାଟି ଜନ୍ମ ହେବାପରେ ଏଡିକିଟାରୁ ଏଡେ ହେଲା ଯାଏଁ ମା'ର ଭୂମିକା ଯେତିକି ରହିଛି ବାପାଙ୍କ ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ରହିଥାଏ । ମୁଣ୍ଡ ଝାଳ ତୁଣ୍ଡେ ମାରି ସମସ୍ତଙ୍କ ବାପା ଚାହାଁନ୍ତି ମୋ ଛୁଆ କିପରି ଖୁସିରେ ରହୁ, ସେ ଯେପରି କୌଣସି ଅଭାବ ଅସୁବିଧା ଅନୁଭବ ନ କରୁ ।

ସଂସ୍କୃତରେ ଗୋଟେ ପଦ ମନେ ପଡିଯାଉଛି

ପିତା ସ୍ୱର୍ଗଃ ପିତା ଧର୍ମ ପିତା ପରମଂକ ତପ

ପିତରି ପ୍ରୀତିମାପନନେ ସର୍ବାଃ ପ୍ରିୟନ୍ତି ଦେବତାଃ

ବାପା ଶବ୍ଦର ପ୍ରତିଶବ୍ଦ ହେଉଛି ପିତା । ପିତା ଶବ୍ଦଟି ଯେପରି ଆମକୁ ଶୁଣିବାକୁ ଯେପରି, ସେହିପରି ପିତାକୁ ଖାଦ୍ୟ ଭାବରେ ଗ୍ରହଣ କରିବାକୁ ମଧ୍ୟ ଅସ୍ୱାଦକର ହୋଇଥାଏ । ସେହିପରି ଭାବେ ଆଜି ଆମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପରେ ବାପା ହୁଅନ୍ତୁ କି ମାଆ ଟିକେ ଟିକେ ଭୁଲ୍ କଲେ ରାଗନ୍ତି ଓ ତାଗିଦ୍ ମଧ୍ୟ କରନ୍ତି ସେହି କଥା ଟି ଆଜି ଆମକୁ ଖରାପ ଲାଗୁଥାଇପାରେ , ସେହିପରି ଭୁଲ୍ ଭବିଷ୍ୟତରେ ଯେପରି ପୁନର୍ବାର ନ କରିବା ପାଇଁ ଆମକୁ ସଚେତନ କରାଇ ଦେଇଥାନ୍ତି । ପିତା ଙ୍କୁ ଠୁ ବଳି ଭଲ ପରାମର୍ଶ ଦାତା ଦୁନିଆ ରେ ମିଳିବା ଅସମ୍ଭବ ।

ଚାଣକ୍ୟ ନୀତିନୁଯାୟୀ ଛାତ୍ରଛାତ୍ରୀ ଜୀବନରେ ଶିକ୍ଷିତ ହେବା ନିହାତି ଜରୁରୀ । ଛାତ୍ର ଯଦି ଶିକ୍ଷା ଅର୍ଜନ ରେ ଯଦି କୌଣସି ପ୍ରକାର ଅସୁବିଧା ହୁଏ ସେହି ଅସୁବିଧା ପାଇଁ ଦାୟୀ ରହିବେ ପିତା । ପିତାଙ୍କ କର୍ତ୍ତବ୍ୟ ପୁତ୍ରକୁ ଅଧିକରୁ ଅଧିକ ଶିକ୍ଷିତ କରିବା ।

ଯାହା ହାତଧରି ଚାଲିବା ଶିଖିଲେ, ଯାହାପାଇଁ ଆମେ ଏହି ବିରାଟକାୟ ଦୁନିଆ ଦେଖିଲେ, ଯାହା ପରିଚୟରେ ଆମେ ପରିଚିତ ହେଲେ, ଆଜିର ଏହି ଶିକ୍ଷିତ ସମାଜରେ କେତେଜଣ ଶିକ୍ଷିତ ବ୍ୟକ୍ତି ବିଶେଷ ତାଙ୍କ ପିତାମାତାଙ୍କୁ ହତାଦର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ଓ ପଇସା ଲାଳସାରେ ପାଲଟି ଯାଉଛନ୍ତି ସ୍ୱାର୍ଥୀ ।

ଦିନେ ପିତୃସତ୍ୟ ପାଳନ କରି ପ୍ରଭୁ ରାମଚନ୍ଦ୍ର କରିଥିଲେ ୧୪ ବର୍ଷ ବନବାସ, ସେହି ସମୟର ଧିରେ ଧିରେ ଆଗମନ ହେଲାଣି ।

ଶେଷରେ ଏତିକି ମୋର ନିବେଦନ ରହିବ ଯେ ଆମ ପାଇଁ ଯେ ସବୁ କିଛି ତ୍ୟାଗ କରିବାକୁ ପ୍ରସ୍ତୁତ, ଆମଠାରୁ ତା ବଦଳରେ ଆଶା କରିଥାନ୍ତି ଭଲପାଇବା, ସ୍ନେହ, ମଧୁର ସ୍ୱରର ଦୁଇ ପଦ କଥା ଓ ଆମର ଉପସ୍ଥିତ ଆମେ ଯଦି ଏହାକୁ ପୂରଣ କରିବାକୁ ଚେଷ୍ଟା ନ କରିପାରିବା ଆମ ଜନ୍ମ ହେଉଛି ଧିକ୍ ।

ମାନସ ରଞ୍ଜନ ପାତ୍ର
ଜଟଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷା/ବିଦ୍ୟାଳୟରେ ମହାମାରୀ ପ୍ରଭାବ



ଶୈଳବାଳା ସିଂହ

।। ଏହିପରି ଗଲେ ଊନ୍ନବିଂଶ ମାସ ।।

।। ଫିଟିବ ମୋର ବନ୍ଦୀ ନାଗଫାଶ ।।

ଏହି ଉକ୍ତିଟି ଉତ୍କଳମଣି ଗୋପବନ୍ଧୁ ଜେଲ୍‌ରେ ଥିବା ସମୟରେ ଲେଖିଥିଲେ । ଆଉ ୧୯ ମାସ ପରେ ବନ୍ଦୀ ଜୀବନରୁ ମୁକ୍ତି ମିଳିବ । ସେତେବେଳେ ଗୋପବନ୍ଧୁ ସିନା କେବେ ମୁକୁଳିବେ ସେ କଥା ଜାଣିଥିଲେ, ହେଲେ ବର୍ତ୍ତମାନ ସମୟରେ ଯେପରି ଏକ ଅଜଣା ମହାମାରୀ ସାରା ବିଶ୍ୱର ମଣିଷଙ୍କୁ ବନ୍ଦୀ କରି ଦେଇଛି ଯେ ସେଥିରୁ କେବେ ମୁକ୍ତି ମିଳିବ ସେ କଥା ସମସ୍ତଙ୍କ ପାଇଁ ଅଜଣା । ଆଜି ଏମିତି ଏକ ଅଜଣା ଭୟ ଲୋକମାନଙ୍କୁ ଗ୍ରାସ କରିଛି ଯେ ତାହା ଆତଙ୍କର ବାତାବରଣ ସୃଷ୍ଟି କରୁଛି ।

ଏହି ମହାମାରୀ ପାଇଁ ବର୍ତ୍ତମାନ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଲୋକମାନେ ମୃତ୍ୟୁର ଶିକାର ହେଉଛନ୍ତି ଓ ଆକ୍ରାନ୍ତ ମାନଙ୍କ ଚିକିତ୍ସା ଦିଗରେ  ସମସ୍ୟା ସୃଷ୍ଟି ହେଉଛି । ଏପରିକି ସାମାଜିକ ଅସ୍ଥିରତା (ଛୁଆଁ ଅଛୁଆଁ ଭେଦଭାବ) ସୃଷ୍ଟି ବି ହେଉଛି ।

ଏପରି ଏକ ଆତଙ୍କଜନକ ପରିବେଶରେ ବିଦ୍ୟାଳୟଗୁଡିକୁ ବନ୍ଦ ରଖିବା ପାଇଁ କର୍ତ୍ତୃପକ୍ଷ ବା ସରକାର ବାଧ୍ୟ ହେଉଛନ୍ତି । ପାଠ ପଢ଼ା ଏକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକାର ଠପ୍ ହୋଇଯାଇଛି ।

ଯଦି ମହାମାରୀ ସହ ଲଢ଼ିବା ପଦକ୍ଷେପ ଗୁଡ଼ିକ ମଧ୍ୟରୁ ଏହା ଏକ ଅଂଶ ଭାବେ ବିବେଚନା କରାଯାଏ, ତେବେ ବର୍ତ୍ତମାନ ପରିସ୍ଥିତିର ମୁକାବିଲା ଦୃଷ୍ଟିରୁ ପିଲାମାନଙ୍କ ପାଇଁ ଆବଶ୍ୟକ ପରିବେଶର ଅଭାବ ପରିଲକ୍ଷିତ ହୋଇଛି । ବିଶେଷକରି ପିଲାମାନେ ବିଦ୍ୟାଳୟ ଯାଇ ସାଂଗମାନଙ୍କ ସହ ରହିବା ଓ ସେମାନଙ୍କ ନିକଟରୁ ସାମାଜିକ ସମର୍ଥନ ପାଇବାର ସୁଯୋଗକୁ ବନ୍ଦ କରିଦେଇଛି । ଯାହକି ସୁସ୍ଥ ମାନସିକତା ପାଇଁ ନିତାନ୍ତ ଆବଶ୍ୟକ । ବିଚ୍ଛିନ୍ନତା, ଏକାକିତା ଆମକୁ ମାନସିକ କଷ୍ଟ ଦେଇଛି । ଏହା ଅସ୍ୱୀକାର କରି ହେବ ନାହିଁ ଯେ ଏହା ସମସ୍ତଙ୍କ ପାଇଁ ଏକ ଚାପ ଗ୍ରସ୍ତ ସମୟ । ଏ ସମୟରେ ଆମେ କିପରି ରୋଗଠାରୁ ଦୂରେଇ ରହିବା ସମସ୍ତେ ଯଥେଷ୍ଟ ଯତ୍ନବାନ ହେବା ଆବଶ୍ୟକ । ଏଥିପାଇଁ ନିମ୍ନମତେ କେତେକ ନୀତି ନିୟମ ମାନି ଚଳିବା ।

୧- ସାବୁନ, ପାଣି ଦ୍ୱାରା ବାରମ୍ବାର ହାତ ଧୋଇବା କିମ୍ବା ସାନିଟାଇଜର ଦ୍ୱାରା ହାତ ପରିଷ୍କାର କରିବା

୨- ହାତକୁ ମୁହଁଠାରୁ ଦୂରେଇ ରଖିବା

୩- ଯଥା ସମ୍ଭବ ଘରେ ରହିବା

୪- ଭିଡ଼ ବା ଜନଗହଳିଠାରୁ ଦୂରେଇ ରହିବା

୫- ସମସ୍ତ ଅଣଅତ୍ୟାବଶ୍ୟକ ସପିଂ ଏବଂ  ଭ୍ରମଣରୁ ଦୂରେଇ ରହିବା

୬- ପରସ୍ପର ମଧ୍ୟରେ ଅତିକମ୍‌ରେ ୬ ଫୁଟର ଦୂରତା ରଖିବା

୭- ବାହାରକୁ ଗଲା ବେଳେ ପ୍ରତ୍ୟେକ ନିଜ ନିଜର ପାଟି ଓ ନାକ ବନ୍ଦ ପାଇଁ ମୁହଁରେ ମାସ୍କ ପିନ୍ଧିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୮-ପ୍ରତିଦିନ ଗାଢ଼ ନିଦରେ ଶୋଇବା

୯- ନିୟମିତ ଯୋଗ ଓ ଧ୍ୟାନ କରିବା

୧୦- ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସୁପାରିସ ଓ ନୀତିନିୟମ ଗୁଡିକ ଭଲ ଭାବେ ପାଳନ କରିବା ଇତ୍ୟାଦି

ଆମେ ଜାଣୁ ଯେ ଏହି ମହାମାରୀ ଏବେ ନାନା ସମସ୍ୟା ସୃଷ୍ଟି କରିଛି । ସେହିପରି କେତେକ ପ୍ରମୁଖ ସମସ୍ୟା ମଧ୍ୟରେ ରହିଛି

ଅର୍ଥନୈତିକ ଅସ୍ଥିରତା

ଆତଙ୍କିତ ହୋଇ ଅଧିକ ଅତ୍ୟାବଶ୍ୟକ ଜିନିଷ କିଣିବା

ବିଦ୍ୟାଳୟ ଏବଂ କାର୍ଯ୍ୟାଳୟ ବନ୍ଦ ରହିବା ଦ୍ୱାରା ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ରହିବା

ପ୍ରବାସୀ ଶ୍ରମିକମାନେ ବାହାରେ ଅଟକି ରହିବା/ବୃତ୍ତି ହରାଇବା ଇତ୍ୟାଦି ।

ଏ ପରିସ୍ଥିତିରୁ ମୁକୁଳିବାକୁ ହେଲେ ଆମେ  ଅନ୍ୟକୁ ଯଥା ସମ୍ଭବ ସାହାଯ୍ୟ କରିବା ଓ ସମସ୍ୟାକୁ ସମାଧାନ କରିବାରେ ଯତ୍ନବାନ ହେବା ନିହାତି ଆବଶ୍ୟକ । ମଣିଷ ଜୀବନର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଦୟାଳୁ ଓ ପରୋପକାରୀ  ହେବା ହିଁ ଧ୍ରୁବ ସତ୍ୟ ଅଟେ । ଆମ ପରି ଆମ ଛାତ୍ରଛାତ୍ରୀ ମଧ୍ୟ ମହାମାରୀ କୋଭିଡ୍ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନିଶ୍ଚିତତା ଏବଂ ମାନସିକ ଚାପ ମଧ୍ୟ ସେମାନଙ୍କୁ ପ୍ରଭାବିତ କରୁଛି । ସେମାନଙ୍କୁ ଯଥେଷ୍ଟ ସମର୍ଥନ ଦେବାର ଆବଶ୍ୟକତା ରହିଛି । ଯେଉଁଥିରେ ପରିବାର, ପରିବେଶ, ସାଂଗସାଥୀ, ଶିକ୍ଷକ ଇତ୍ୟାଦିଙ୍କର ଗୁରୁଦାୟିତ୍ୱ ରହିଛି ।

ଶିକ୍ଷୟିତ୍ରୀ, କୁସୁପୁର, ମାହାଙ୍ଗା, କଟକ' ମୋ-୯୧୭୮୭୭୭୭୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାରତରତ୍ନ ଗୋବିନ୍ଦ ବଲ୍ଲଭ



ଅକ୍ଷୟ କୁମାର ରାଉତ

ଦିଗ୍ୱଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ । ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର । ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ୍ୟ ଭାଗରେ ଗିରିଶୃଙ୍ଗ ହିମାଳୟ । ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ । କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ । ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବ୍ରତ ଦିନ (ପର ମୂହୁର୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ) ଏହି ଖୁଣଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ । ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଇ । ସେମାନଙ୍କ ପୂର୍ବପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତୀ କୋଙ୍କଣରୁ ତୀର୍ଥଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ । କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲ୍ମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନର ପ୍ରାୟ ସମୟ ଅଲ୍ମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା ।

ଅଲ୍ମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ । ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ । ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ । ବିବାହର ଅଳ୍ପଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା । ସେ ଗମ୍ଭୀର ସ୍ୱଭାବର ହୋଇଗଲେ । ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ । ଦଶମ ଶ୍ରେଣୀ ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ । ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ । ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ । ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ । ଏହ୍ଲାବାଦର 'ମ୍ୟୁର ସେନଟ୍ରାଲ କଲେଜ'ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢାପଢି କଲେ । ଏହି ଛାତ୍ରବାସଟି ପରବର୍ତ୍ତି ସମୟରେ ମାଲବ୍ୟ ଛାତ୍ରବାସରେ ପରିଣତ ହେଲା । ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି 'ଲୁମ୍ସଡେନ୍ ସ୍ୱର୍ଣ୍ଣ ପଦକ' ଲାଭ କଲେ ।

ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲାଦିନରୁ ଜଣା ପଡିଥିଲା । ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉମାନଙ୍କ ରଙ୍ଗ କଳା କାହିଁକି ? ଆଈଙ୍କ ଉତ୍ତର ଥିଲା "ଈଶ୍ୱର ଏକ ପ୍ରକାର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି " । ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର । ଆଈ କିଛି ଉତ୍ତର ଦେଇ ପାରିନଥିଲେ । ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଣା ପଡିଥିଲା । ସେ ନିଜ ଚେଷ୍ଟାରେ 'ବାଲ୍ କ୍ଲବ' ନାମରେ ଏକ ଅନୁଷ୍ଠାନ ଗଢିଥିଲେ । ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖାଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା "ସରସ୍ୱତୀ"ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା । ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ । ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ । ୧୯୦୫ ମସିହାରେ ବନାରସରେ ହେଉଥିବା କଂଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗଦେଲେ । ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ ।

ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ । ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା । ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ । ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ । କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭାଣୋଇଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ । ହଠାତ୍ ଦିନେ ତାଙ୍କ ପିତା ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ । ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା । ପନ୍ଥଜୀ କାଶିପୁରଠାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୈନତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ । ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ । ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ 'ପ୍ରେମ ସଭା' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ । ଏ ଅନୁଷ୍ଠାନ ଦିନେ କାଶିପୁର ଅଚଂଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା । ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ 'ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲା । ପନ୍ଥଜୀ କାଶିପୁର ବିଜ୍ଞାପିତ ଅଚଂଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧ୍ୟତାମୂଳକ କରାଇଥିଲେ ।

ନୈନତାଲରେ ପନ୍ଥଜୀ ପାର୍ବତୀୟ ଅଚଂଳର ବିକାଶ ଲାଗି 'କୁମାୟୁନ୍ ପରିଷଦ' ନାମରେ ଏକ ସଂଗଠନ କରିଥିଲେ । ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ । ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ । ୧୯୧୮ ମସିହା ଦିପାବଳୀ ଦିନ 'ଶକ୍ତି' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ । ଏହି ଶକ୍ତି ଏବେବି ଉଜ୍ଜ୍ୱଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି ।

କଂଗ୍ରେସ ଭିତରେ 'ସ୍ୱରାଜ ପାର୍ଟି' ନାମରେ ଏକ ନୂଆ ଦଳ ଗଢିଲେ ଚିତ୍ତରଞ୍ଜନ ଦାସ ଓ ମୋତିଲାଲ ନେହେରୁ । ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ । 'ସାଇମନ କମିଶନ'ଙ୍କୁ ବିରୋଧ କରି ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା । ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ । ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା । ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୃଷ୍ଟି ହେଲା । ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲଦଣ୍ଡ ଭୋଗ କଲେ । ସେ ଭବାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ । ସେଠାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର (ରାଜା) ପନ୍ଥ । ତାପରେ ତାଙ୍କରେ ୨ଟି କନ୍ୟା ହୋଇଥିଲା । ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ । ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା । ଯୁକ୍ତ ପ୍ରଦେଶ (ଉତ୍ତର ପ୍ରଦେଶରେ) ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା ।  ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା । ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା  । ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ  ।

ମୁସ୍ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା । ୧୯୪୬ ମସିହାରେ ମୁସ୍ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା । କେବଳ କଲିକତାରେ ଦଶ ହଜାର ଲୋକ ମଲେ । ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧ୍ୟହୋଇ ଦେଶ ବିଭାଜନ ସିଦ୍ଧାନ୍ତକୁ ମାନିନେଲା । ଭାରତ ସ୍ୱାଧୀନ ହେଲା । ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଉଁମାନେ ଥିଲେ ସେମାନଙ୍କୁ ମଧ୍ୟ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ । ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉତ୍ତର ପ୍ରଦେଶ ଦେଇଥିଲେ । ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ । ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣ । ସବୁ ଧର୍ମକୁ ଭଲ ପାଉଥିବା ମଣିଷ । ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ' ଭାରତରତ୍ନ' ଉପାଧି ପ୍ରଦାନ କରାଯାଇଥିଲା  ।

୧୯୬୧ ମସିହା ମାର୍ଚ୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ । ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଧ ହୋଇ ରହିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର
ଦୂରଭାଷ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଡ଼ଜାତ



ଦେବେନ୍ଦ୍ର ସାମଲ

ଏପ୍ରିଲ୍ ୫, ୨୦୧୮ ଓଡ଼ିଶା ଇତିହାସ ଦ୍ୱାରା ।

ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ ଓଡିଶା ପ୍ରାଦେଶିକ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ କଂଗ୍ରେସ ବହୁମତ ହାସଲ କରିଥିଲା । ୩ ଏପ୍ରିଲ ୧୯୪୬ରେ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ । ସେହିବର୍ଷ କ୍ୟାବିନେଟ ମିଶନ ଭାରତ ଗସ୍ତରେ ଆସିଥିଲା ଏବଂ ମହତାବ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେ ନୂତନ ଓଡ଼ିଶା ପ୍ରଦେଶ ସହିତ 'ଗଡଜାତ' ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରସଙ୍ଗକୁ ସେମାନଙ୍କ ଦୃଷ୍ଟିରେ ରଖିବେ ।  ଭାରତର ସ୍ୱାଧୀନତା ପରେ ନୀଳଗିରି ଓଡିଶାର ପ୍ରଥମ ଗଡଜାତ ରାଜ୍ୟ ଥିଲା ଯାହା ବିଦ୍ରୋହୀ ଶବ୍ଦ ଶୁଣିଥିଲା । ଅଧିକାରୀମାନେ ନୀଳଗିରିକୁ ଓଡିଶା ସହିତ ମିଶ୍ରଣ କରିବାକୁ ବାଧ୍ୟ ହୋଇଥିଲେ । ଏହା ପରେ, ଆଇରନ୍ ମ୍ୟାନ୍ ସର୍ଦ୍ଦାର ପଟେଲ ଏବଂ ହରେକୃଷ୍ଣ ମହତାବ ଆଦିବାସୀ ରାଜକୁମାରଙ୍କ ସ୍ୱାଧୀନତା ଶେଷ କରିବା ପାଇଁ ମିଳିତ ପ୍ରୟାସ କରିଥିଲେ । ଏହି ରାଜ୍ୟଗୁଡ଼ିକ ପରେ ଓଡିଶାରେ ଅବଶୋଷିତ ହୋଇଥିଲେ ।

## ମିଶ୍ରଣର ଆରମ୍ଭ

ଏହି ପରିପ୍ରେକ୍ଷୀରେ, ହରେକୃଷ୍ଣ ମହତାବଙ୍କ କ୍ୟାବିନେଟ୍ ମିଶନରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଦାବି ଉପସ୍ଥାପନ କରି ସମସ୍ତ ଆଦିବାସୀ ରାଜ୍ୟକୁ ଓଡିଶା ପ୍ରଶାସନରେ ଏକୀକରଣ କରିବାର ପ୍ରକ୍ରିୟା ଆରମ୍ଭ କରିଥିଲେ । ୧୬ ଅକ୍ଟୋବର ୧୯୪୭ରେ, ସେ ସମସ୍ତ ରାଜକୁମାର ରାଜ୍ୟମାନଙ୍କର ସମ୍ବଲପୁରରେ ଏକ ସଭା ଡକାଇଲେ । ସେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ ଶାନ୍ତି, ଅନୁଶାସନ, ଆଇନ ଏବଂ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତଥାପି ଏହି ବୈଠକ ଅତ୍ୟନ୍ତ ସକରାତ୍ମକ ଫଳାଫଳ ଦେଇ ନଥିଲା । ଆଦିବାସୀ ପ୍ରଦେଶର ରାଜାମାନେ ଏହାର ପ୍ରତିବାଦ କଲେ ଯେ ମହତାବଙ୍କ ଚାହିଦାକୁ ମାନିବା ଅର୍ଥ ହେଉଛି ପିଢ଼ି ପରେ ସେମାନେ ଉପଭୋଗ କରିଥିବା ସମସ୍ତ ସୁବିଧା ତ୍ୟାଗ କରିବା । ସାମ୍ପ୍ରତିକ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଭାବକୁ ସେମାନେ ସହଜରେ ଅଣଦେଖା କଲେ ଏବଂ ଏହାର ଭବିଷ୍ୟତ ଆକୃତିର ସମ୍ଭାବନାକୁ ଅଣଦେଖା କଲେ । ଅନ୍ୟପକ୍ଷରେ ମହତାବ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିରାଶ ଅନୁଭବ କରୁଥିଲେ ।

କଟକଠାରେ ପ୍ରଜାମଣ୍ଡଳ ଉପରେ ଆଲୋଚନା

ଦେବେନ୍ଦ୍ର ସାମଲ
୯୪୩୮୯୦୯୪୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ନଭେମ୍ବର ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan